ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୭/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Friday, March 27/2026 | Page 16 | ₹ 7.00

୫୨ଶ ଭାଗ ୧୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 121 | ମୂଲ୍ୟ ₹୭/-

## ବାରବାଟୀରେ ପୁଣି ଅନ୍ତର୍ଜାତୀୟ ଟି୨୦

### ଡିସେମ୍ବର ୨୪ରେ ଭାରତ-ଶ୍ରୀଲଙ୍କା ଲଢ଼େଇ

କଟକ,୨୬।୩ (କୁମାରଶ୍ରୀ)

ବାରବାଟୀକୁ ପୁଣି ଥରେ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଫେରିଛି। ଆସନ୍ତା ଡିସେମ୍ବର ୨୪ରେ ଏଠାରେ ଭାରତ–ଶ୍ରୀଲଙ୍କା ବିପକ୍ଷ ଟି–୨୦ ମ୍ୟାଚ୍ ଖେଳାଯିବ। ଡିସେମ୍ବରରେ ଶ୍ରୀଲଙ୍କା ଦଳ ଏକଦିବସୀୟ ଏବଂ ଟି–୨୦ ସିରିଜ ଖେଳିବାକୁ ଭାରତ ଗସ୍ତରେ ଆସିବ। ୩ ମ୍ୟାଚ୍ ବିଶିଷ୍ଟ ଟି–୨୦ ସିରିଜ୍‌ର ଦ୍ୱିତୀୟ ଲିଗ୍ ମ୍ୟାଚ୍ ବାରବାଟୀରେ ଆୟୋଜନ ହେବ ବୋଲି ବିସିସିଆଇ ପକ୍ଷରୁ ଗୁରୁବାର ସ୍ପଷ୍ଟ କରାଯାଇଛି। ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁ ବାରବାଟୀ ଷ୍ଟାଡିୟମରେ ପୁର୍ନବାର ମ୍ୟାଚ୍ ଫେରିବା ଖବର ଜଣାପଡ଼ିବା ପରେ ଓଡ଼ିଆ କ୍ରିକେଟପ୍ରେମୀଙ୍କ ଭିତରେ ଉତ୍ସାହ ପରିଲକ୍ଷିତ ହୋଇଛି। ପ୍ରକାଶଥାଉକି, ଗତବର୍ଷ ଡିସେମ୍ବର ୯ରେ ବାରବାଟୀରେ ଶେଷଥର ନିମନ୍ତେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିଲା। ଦକ୍ଷିଣଆଫ୍ରିକା ବିପକ୍ଷ ଏହି ଟି୨୦ ମୁକାବିଲାରେ ଘରୋଇ ଭାରତକୁ ବୃହତ୍ ବିଜୟ ମିଳିଥିଲା। ପ୍ରାୟ ଗୋଟିଏ ବର୍ଷ ବ୍ୟବଧାନରେ ପୁର୍ନବାର ଅନ୍ତର୍ଜାତୀୟ ମ୍ୟାଚ୍ କଟକକୁ ଫେରିଛି। ତେବେ ବାରବାଟୀରେ ଏହା ୫ମ ଅନ୍ତର୍ଜାତୀୟ ଟି–୨୦ ମ୍ୟାଚ ହେବ। ପୂର୍ବରୁ ଦକ୍ଷିଣଆଫ୍ରିକା ବିପକ୍ଷରେ ୩ଟି ଏବଂ ଶ୍ରୀଲଙ୍କା ବିପକ୍ଷରେ ଭାରତ ଗୋଟିଏ ଟି୨୦ ମ୍ୟାଚ୍ ଏଠାରେ ଖେଳିଛି।

## ବିଧାୟକଙ୍କ ଦରମା, ପେନ୍‌ସନ ବିଲ୍ ପ୍ରତ୍ୟାହାର ନେଇ ପଦକ୍ଷେପ

ଭୁବନେଶ୍ୱର,୨୬।୩ (ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନରେ ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ଏବଂ ପୂର୍ବତନ ବିଧାୟକଙ୍କ ଦରମା, ଭତ୍ତା ଓ ପେନ୍‌ସନ ବୃଦ୍ଧି ସଂକ୍ରାନ୍ତରେ ଆସିବାକୁ ଥିବା ବିଧେୟକ ପ୍ରତ୍ୟାହାର କରି ନେବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏସଂକ୍ରାନ୍ତରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନୋଟିସ ଦେବା ପରେ ବିଧାନସଭା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଗୁରୁବାର ଗୃହର ସମସ୍ତ ସଦସ୍ୟଙ୍କୁ ଏ ସଂକ୍ରାନ୍ତୀୟ ଚିଠି ପ୍ରଦାନ କରିଛନ୍ତି। ସେଥିରେ ସଚିବ ଦର୍ଶାଇଛନ୍ତି ଯେ, ଡ.ମହାଲିଙ୍ଗ ଏନେଇ ନୋଟିସ ଦେବା ପରେ ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତିଙ୍କ ଦରମା, ଭତ୍ତା ଏବଂ ପେନସନ ବିଧେୟକ–୨୦୨୫ ଏବେ ପ୍ରତ୍ୟାହୃତ ହେବା ପ୍ରକ୍ରିୟାରେ ରହିଛି। ଏହାକୁ ନେଇ ଏବେ ବିଧାୟକଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ଏବଂ ପୂର୍ବତନ ବିଧାୟକଙ୍କ ଦରମା, ଭତ୍ତା ଓ ପେନସନ୍ ବୃଦ୍ଧି ସଂକ୍ରାନ୍ତ ବିଧେୟକ ଡିସେମ୍ବର–୨୦୨୫ରେ ବିଧାନସଭାରେ ଗୃହୀତ ☞ପୃଷ୍ଠା–୭

# ନାଲ୍‌କୋ ନୀତିରେ ଜମି ଦେବୁନାହିଁ




ଜନଶୁଣାଣୀରେ ପୋଲିସର କଡ଼ା ପ୍ରହରା ଓ ଉପସ୍ଥିତ ଜନସାଧାରଣ।

**ଅନୁଗୋଳ ଜିଲା ନାଲ୍‌କୋର ବ୍ରାଉନ ଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଗୁରୁବାର ପ୍ରଶାସନ ପକ୍ଷରୁ ପୁନର୍ବାସ ଓ ଥଇଥାନ ନୀତି ନେଇ ଜନଶୁଣାଣି ସ୍ମେଲଟର କାରଖାନା ଟ୍ରେନିଂ ସେଣ୍ଟରଠାରେ ଅନୁଷ୍ଠିତ ହୋଇଥିଲା। ପୋଲିସ ଛାଉଣି ମଧ୍ୟରେ ଏହା କରାଯାଇଥିବାବେଳେ ଜମିହରାଇବାକୁ ଥିବା ପ୍ରଜାମାନଙ୍କୁ ମେଟାଲ ଡିଟେକ୍ଟର ଓ ବିସ୍ଫୋରକ ସାମଗ୍ରୀ ଯାଞ୍ଚ ମେଶିନ ଦ୍ୱାରା ଯାଞ୍ଚ କରାଯାଇଥିଲା। ପୋଲିସ ଛାଉଣି କରି ଓ ଆତଙ୍କବାଦୀଙ୍କ ପରି ସେମାନଙ୍କୁ ଯାଞ୍ଚ କରାଯାଇ ଡରାଇବାକୁ ଉଦ୍ୟମ କରାଯାଇଥିବା କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ କହିବା ସହ ନାଲ୍‌କୋ ନୀତିରେ ଜମି ଦେବୁ ନାହିଁ ଓ ଜନଶୁଣାଣି ବିଫଳ ହୋଇଥିବା ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ଅନୁଗୋଳ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ଜନଶୁଣାଣି ସଫଳ ହୋଇଥିବା କହିଥିବାବେଳେ ପ୍ରଜାମାନେ ବିଫଳ ହୋଇଥିବା କହିଛନ୍ତି।**

ଅନୁଗୋଳ,୨୬।୩ (ଦିବ୍ୟଶାନ୍ତନୁ ନାଥ)

ଗୁରୁବାର ପୂର୍ବାହ୍ନ ୧୦ଟାରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଆରମ୍ଭ ହୋଇଥିଲା। ମଞ୍ଚରେ ନାଲ୍‌କୋ ଇଡି ସଚ୍ଚିଦାନନ୍ଦ ଜେନାଙ୍କ ସମେତ ନାଲ୍‌କୋ ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ ଜୟଜିତ ଧଳ, ଅନୁଗୋଳ ତହସିଲଦାର ଆଲୋକ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ନାଲ୍‌କୋ ଦ୍ୱାରା ଜମି ହରାଇବାକୁ ଥିବା ଲୋକମାନଙ୍କ ପାଇଁ ଗଢ଼ା ଯାଇଥିବା ପଲିସି ପଢ଼ିଥିଲେ। ଏହାପରେ ଜମିହରା ପ୍ରଜାମାନେ ନିଜ ମତ ରଖିଥିଲେ। ନାଲ୍‌କୋ ଦ୍ୱାରା ପ୍ରସ୍ତୁତ ନୀତି ଜନବିରୋଧୀ ଓ ଏହାକୁ କୌଣସି ଜମିହରା ଗ୍ରହଣ କରିବେ ନାହିଁ ବୋଲି ସଫାସଫା ଶୁଣାଇ ଦେଇଥିଲେ। କାଙ୍ଗୁଲା ମୌଜାର ବିବେକାନନ୍ଦ ରଥ କହିଥିଲେ, ୧୯୮୧–୮୨ ମସିହାରେ ତାଙ୍କ ପୈତୃକ ଜମି ନାଲ୍‌କୋ ଅଧିଗ୍ରହଣ କରିଥିବାବେଳେ ଆଜି ପର୍ଯ୍ୟନ୍ତ ଚାକିରି ମିଳିନାହିଁ। ଏବେ ପୁଣି ଥରେ ଜମି ନେବାକୁ ନାଲ୍‌କୋ ବସିଛି। ହେଲେ ସ୍ଥାୟୀ ନିଯୁକ୍ତି ବେଳକୁ ପଛଘୁଞ୍ଚା ଦେଉଛି। ତେଣୁ ଜମି ଦେବାକୁ ଚାହୁଁନାହିଁ। ଦେବରାଜ ସାହୁ କହିଥିଲେ, ନାଲ୍‌କୋକୁ ଜମି ଦେବାର ନାହିଁ କି ଚାକିରି କିମ୍ବା ଟଙ୍କା ନେବାର ନାହିଁ। ସର୍ବାଧିକ ଜାଗା ହରାଇବାକୁଥିବା କୁଲାଡ଼ ମୌଜାର ହରି ସିଂହ କହିଥିଲେ, କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ମାଓବାଦୀ କି ଆତଙ୍କବାଦୀ ଭାବି ନାଲ୍‌କୋ ସହସ୍ରାଧିକ ସଂଖ୍ୟାରେ ପୋଲିସ ଛାଉଣି କରିଛି। ଏଠାକୁ ଦୁଃଖ ଜଣାଇବାକୁ ଆସିଛୁ। ଚକ୍ରାନ୍ତ କରି ଅନେକ ସମୟରେ ନାଲ୍‌କୋ ଜମି ହଡପ କରିଛି। ତାଙ୍କର ଅଧା ଜମି ନୋଟିଫିକେଶନରେ ଆସିନାହିଁ। କିନ୍ତୁ ସମସ୍ତ ଜମି ଅଧିଗ୍ରହଣ ହେବାକୁ ଯାଉଛି। ଏ ନେଇ ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ କିମ୍ବା ନାଲ୍‌କୋ କର୍ତ୍ତୃପକ୍ଷ କେହି ହେଲେ ଶୁଣୁନାହାନ୍ତି। ରଶ୍ମି ରଞ୍ଜନ ସାହୁ କହିଥିଲେ, ଅତିରିକ୍ତ ଜିଲାପାଳଙ୍କ ପାଖକୁ କିଛିଦିନ ତଳେ ଯାଇଥିଲୁ। ସେ କହିଥିଲେ ଜମି କିସମର କୌଣସି ମାନେନାହିଁ। ଫିଲ୍ଡ ଉପରକୁ ଗଲେ ସବୁ ଜମି ସମାନ। ଗୋଟିଏ କାରଖାନା ଏଠାରେ ହେବାକୁ ଯାଉଛି। ତେଣୁ କୌଣସି କିସମର ପ୍ରକାର ଭେଦ ନାହିଁ। ଯଦି ଘରବାଡ଼ି ଜମି କରି ମଧ୍ୟ ସବୁ ଜମି ସମାନ ରହିବ, ତେବେ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଭେଦଭାବ ନ ରଖି ସମସ୍ତଙ୍କୁ ସମାନ ଭାବେ ଚାକିରି ଦିଆଯାଉ ବୋଲି ରଶ୍ମିରଞ୍ଜନ ମତ ରଖିଥିଲେ। ବେନ୍ତପୁର ଗାଁର ପ୍ରତାପ ନାଥ କହିଥିଲେ, ଜିଲାପାଳ ଲେଖିଥିବା ଚିଠିର ୪୫ଦିନ ବିତିଗଲା ପରେ ମଧ୍ୟ ନାଲ୍‌କୋ ☞ପୃଷ୍ଠା–୭




## ଦିଲ୍ଲୀରେ ଆଜି



ଟ୍ରାନ୍ସଜେଣ୍ଡର ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବାରୁ ଏହାର ପ୍ରତିବାଦରେ ଗୁରୁବାର ବିଭିନ୍ନ ରାଜ୍ୟରୁ ଆସିଥିବା କିନ୍ନରମାନେ ନୂଆଦିଲ୍ଲୀର ଯନ୍ତରମନ୍ତରଠାର ବିକ୍ଷୋଭ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଆଜି ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହେବେ ମୋଦି

**ଯୁଦ୍ଧ ସଙ୍କଟ ବେଳେ ଭାରତର ପ୍ରସ୍ତୁତି ସମୀକ୍ଷା**

ନୂଆଦିଲ୍ଲୀ,୨୬।୩(ପି.ଟି.)

ପଶ୍ଚିମ ଏସିଆରେ ସଂଘର୍ଷ ପରିପ୍ରେକ୍ଷୀରେ ଭାରତର ପ୍ରସ୍ତୁତି ଓ ଯୋଜନା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିବେ। ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ପଶ୍ଚିମବଙ୍ଗ, କେରଳ, ଆସାମ ଓ ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ି ଅନ୍ୟ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ସେ ସମୀକ୍ଷା ବୈଠକ କରିବେ। ଇରାନ୍ ଯୁଦ୍ଧ ଆରମ୍ଭ ହେବା ପରଠୁ ଏହା ପ୍ରଧାନମନ୍ତ୍ରୀଙ୍କ ଏହି ଧରଣର ପ୍ରଥମ ବୈଠକ।

ଇତିମଧ୍ୟରେ ଭାରତରେ ୬୦ ଦିନର ତୈଳ ଏବଂ ୮ ଲକ୍ଷ ଟନ୍ ଏଲ୍‌ପିଜି ମହଜୁଦ ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସବୁ ଗଚ୍ଛିତ ଥାଉ ଥାଉ ଲୋକଙ୍କୁ ଆତଙ୍କିତ କରିବା ପାଇଁ ନିଅଣ୍ଟର ଅପପ୍ରଚାର କରାଯାଉଛି। ଏହାକୁ ନେଇ ଉପଭୋକ୍ତା ଚିନ୍ତିତ ହୁଅନ୍ତୁ ନାହିଁ ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ରର ଏଭଳି ସଫେଇକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଟିଏମ୍‌ସିର ରାଜ୍ୟ ସଭା ସଦସ୍ୟା ସାଗରିକା ଘୋଷ କହିଛନ୍ତି, ମୋଦି ସରକାର ଲୋକଙ୍କୁ ଆତଙ୍କିତ ନ ହେବା ପାଇଁ ଏପରି ପରାମର୍ଶ ଦେଉଛନ୍ତି, ଯେମିତି କି ସେମାନେ ନିଜେ ଏକ ବଡ଼ ଭୁଲ୍ କରିଦେଇଛନ୍ତି। ନିଜ ମୁଣ୍ଡରୁ ଦୋଷ ଖସାଇବା ପାଇଁ ସାଧାରଣ ନାଗରିକଙ୍କୁ ଏଭଳି ପରାମର୍ଶ ଦିଆଯାଉଥିବା ସେ କହିଛନ୍ତି।

## ବାଂଲାଦେଶରେ ନଦୀକୁ ବସ୍ ଖସି ୨୪ ମୃତ

ଢାକା,୨୬।୩(ପି.ଟି.)

ବାଂଲାଦେଶରେ ଏକ ବସ୍ ନଦୀ ମଧ୍ୟକୁ ଖସିପଡ଼ିବାରୁ ଅନ୍ୟୂନ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ନିଖୋଜ ଅଛନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ବୁଧବାର ସନ୍ଧ୍ୟାରେ ବସ୍‌ଟି ରାଜବାରି ଜିଲାର ଦୌଲାଡିଆ ଟର୍ମିନାଲଠାରେ ନିୟନ୍ତ୍ରଣ ହରାଇ ପଦ୍ମା ନଦୀକୁ ଖସିପଡ଼ିଥିଲା। ଢାକା ଯାଉଥିବା ଉକ୍ତ ବସ୍‌ରେ କେତେଜଣ ପିଲାଙ୍କ ସମେତ ୪୦ ଯାତ୍ରୀ ଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଇଦ୍ ଛୁଟି କଟାଇ ରାଜଧାନୀ ଫେରୁଥିଲେ। ବସ୍ ମଧ୍ୟରୁ ୨୪ ମୃତଦେହ ମିଳିଛି। ସେମାନଙ୍କ ମଧ୍ୟରେ ୧୧ ମହିଳା, ୬ ପୁରୁଷ ଏବଂ ୫ ଜଣ ପିଲା ଅଛନ୍ତି।

## ରୁଷିଆ ତୈଳ ବୋଝେଇ ଜାହାଜକୁ ଡ୍ରୋନ୍ ମାଡ଼

ଆଙ୍କାରା,୨୬।୩

ରୁଷିଆରୁ ଅଶୋଧିତ ତୈଳ ନେଇ ଯାଉଥିବା ଏକ ଜାହାଜକୁ ତୁର୍କୀ ଉପକୂଳ କୃଷ୍ଣ ସାଗରରେ ଡ୍ରୋନ୍ ଆକ୍ରମଣ ହୋଇଥିବା ଆଙ୍କାରା ପକ୍ଷରୁ କୁହାଯାଇଛି। ଇସ୍ତାନବୁଲ୍‌ର ବୋସ୍‌ଫରସ୍ ଷ୍ଟ୍ରେଟ୍‌ଠାରୁ ୧୫ ନଟିକାଲ ମାଇଲ୍ ଦୂରରେ ଅଲତୁରା ନାମକ ତୈଳ ଟ୍ୟାଙ୍କରକୁ ଆକ୍ରମଣ କରାଯାଇଥିବାବେଳେ ସେଥିରେ ଥିବା ୨୭ ଜଣ କର୍ମଚାରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ସିଏରା ଲିଓନ୍‌ର ଉକ୍ତ ଜାହାଜ ରୁଷିଆରୁ ନୋଭୋରୋସିସ୍କ ବନ୍ଦରରୁ ୧ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ନେଇ ଯାଉଥିଲା ବୋଲି ଶିପ୍-ଟ୍ରାକିଂ ତଥ୍ୟରୁ ଜଣାପଡ଼ିଛି। ଜାହାଜର ବ୍ରିଜ୍‌ରେ ବିସ୍ଫୋରଣ ହେବାରୁ ଇଞ୍ଜିନ୍ ରୁମ୍ ମଧ୍ୟକୁ ପାଣି ପଶିଥିଲା ବୋଲି ଏକ ଗଣମାଧ୍ୟମ ପ୍ରକାଶ କରିଛି। ତୈଳ ଟ୍ୟାଙ୍କରକୁ ସହାୟତା କରିବା ପାଇଁ ତୁର୍କୀ ତଟସୁରକ୍ଷା ଜାହାଜ ଏବଂ ଏକ ଉଦ୍ଧାରକାରୀ ଜାହାଜକୁ ପଠାଯାଇଛି।

## ବୈଷୟିକ ତ୍ରୁଟି: ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦିଲ୍ଲୀ ଫେରିଲା

ନୂଆଦିଲ୍ଲୀ,୨୬।୩(ପି.ଟି.)

ଲଣ୍ଡନର ହାଥ୍‌ରୋ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ଏ୩୫୦ ବିମାନରେ ଗୁରୁବାର ଅପରାହ୍ଣରେ ବୈଷୟିକ ତ୍ରୁଟି ଦେଖାଦେବାରୁ ପ୍ରାୟ ୭ ଘଣ୍ଟାର ଉଡ଼ାଣ ପରେ ଏହା ନୂଆଦିଲ୍ଲୀ ଫେରିଆସିଛି। ଗତ ୧୫ ତାରିଖରେ ମଧ୍ୟ ଉକ୍ତ ବିମାନରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ଏହା ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବାବେଳେ ବୈଷୟିକ ତ୍ରୁଟି କାରଣରୁ ଆୟର୍ଲାଣ୍ଡର ଶାନୁନ୍ ସହରକୁ ନିଆଯାଇଥିଲା। ଗୁରୁବାର ଲଣ୍ଡନ ଯାଉଥିବା ଏଆଇ୧୧୧ ବିମାନରେ ବୈଷୟିକ ତ୍ରୁଟି ସନ୍ଦେହ କରାଯିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହାକୁ ଦିଲ୍ଲୀ ଫେରାଇ ଅଣାଯାଇଥିବା ଏୟାର ଇଣ୍ଡିଆ ମୁଖପାତ୍ର କହିଛନ୍ତି। ଏହା ନିରାପଦର ସହ ଅବତରଣ କରିଛି। ବିମାନର ବୈଷୟିକ ଯାଞ୍ଚ ପାଇଁ ଅଧିକ ସମୟ ଲାଗିବ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ସୂତ୍ର ଅନୁଯାୟୀ, ବିମାନରେ ଜୋର୍‌ରେ ଶବ୍ଦ ହେବାରୁ ଏହାକୁ ଫେରାଇ ଅଣାଯାଇଥିଲା। ଅପ୍ରତ୍ୟାଶିତ ସ୍ଥିତି ପାଇଁ ଯାତ୍ରୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିବାରୁ ମୁଖପାତ୍ର ଦୁଃଖପ୍ରକାଶ କରିଛନ୍ତି। ଯାତ୍ରୀମାନେ ଯଥାଶୀଘ୍ର ସମ୍ଭବ ଲଣ୍ଡନ ଯିବା ପାଇଁ ଏୟାରଲାଇନ୍ସ ପକ୍ଷରୁ ସମସ୍ତ ଉଦ୍ୟମ କରାଯାଉଥିବା ସେ କହିଛନ୍ତି।

# ହର୍ମୁଜ୍ ଷ୍ଟ୍ରେଟ୍: ଇରାନ୍, ଆମେରିକା କଠୋର

**ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ମିଳିତ ଏୟାର ଷ୍ଟ୍ରାଇକ୍ କରାଯିବାବେଳେ ଯୁଦ୍ଧ ଏତେ ଲମ୍ବିବ ବୋଲି ଦୁଇ ସହଯୋଗୀ ରାଷ୍ଟ୍ର କଳ୍ପନା ମଧ୍ୟ କରି ନ ଥିଲେ। ଇତିମଧ୍ୟରେ ମଧ୍ୟପ୍ରାଚ୍ୟ ସଂଘର୍ଷକୁ ୨୭ ଦିନ ପୂରିଲାଣି। ଏହି ଯୁଦ୍ଧରେ ୧୫୦୦ରୁ ଅଧିକ ଇରାନୀୟଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୪୦ ଲକ୍ଷ ବିସ୍ଥାପିତ ହେଲେଣି। ତେବେ ଯୁଦ୍ଧ ଘନଘଟା କେବଳ ଆମେରିକା-ଇସ୍ରାଏଲ୍ କିମ୍ବା ପଶ୍ଚିମ ଏସିଆରେ ଆଉ ସୀମିତ ହୋଇ ରହିନାହିଁ, ବରଂ ଏହାର ପ୍ରଭାବ ବିଶ୍ୱର ବିଭିନ୍ନ ଭାଗରେ ଅନୁଭୂତ ହେଲାଣି। ବିଶେଷକରି ବିଶ୍ୱକୁ ଯୋଗାଣ ହେଉଥିବା ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପର ଏକ ସିଂହଭାଗ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ଆସୁଥିବାରୁ ଏହି ସଂକୀର୍ଣ୍ଣ ଜଳପଥ ଉପରେ ଯୁଦ୍ଧ ଆରମ୍ଭରୁ ସମସ୍ତଙ୍କ ନଜର ରହିଆସିଛି। କ୍ରୁଡ୍ ଓ ଗ୍ୟାସ୍ ପରିବହନରେ ବାଧା ଯୋଗୁ ଇନ୍ଧନ ମହଙ୍ଗା ହେବାରେ ଲାଗିଛି। ଏଭଳି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏସବୁ ପାଇଁ ଅନେକେ ଦାୟୀ କରୁଥିବାରୁ ସେ ଏବେ ତରବରିଆ ଭାବେ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଛନ୍ତି। କିନ୍ତୁ ଇରାନ୍ ଆମେରିକା ଆଗରେ କେତେକ କଠୋର ସର୍ତ୍ତ ବାଢ଼ିଛି, ଯାହାକୁ ଟ୍ରମ୍ପ ଏତେ ସହଜରେ ଗ୍ରହଣ କରି ନ ପାରନ୍ତି। ଅତି ବିଳମ୍ବ ହେବା ପୂର୍ବରୁ ଇରାନୀୟ ନେତାମାନେ ଆଲୋଚନା ପାଇଁ ଗମ୍ଭୀର ହୁଅନ୍ତୁ। କାରଣ ଏଇଠୁ ଆଉ ପଛଘୁଞ୍ଚା ନାହିଁ ବୋଲି ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରିଛନ୍ତି। ଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇଥିବା ତେହରାନ୍ ମଧ୍ୟ ପରିସ୍ଥିତିରୁ ଲାଭ ଉଠାଇବା ପାଇଁ ହର୍ମୁଜ୍ ପ୍ରଣାଳୀକୁ ନେଇ ନିଜ ଆଭିମୁଖ୍ୟ ଆହୁରି କଠୋର କରିଛି। ତୈଳ ଓ ବାଷ୍ପ ବୋଝେଇ ଜାହାଜଗୁଡ଼ିକର ସୁରକ୍ଷିତ ପରିବହନ ପାଇଁ ଇରାନ୍ ଅଧିକ ଅର୍ଥ ଆଦାୟ କରୁଥିବା ଉପସାଗରୀୟ ସହଯୋଗ ପରିଷଦ ଅଭିଯୋଗ ଆଣିଛି।**

**ଯୁଦ୍ଧବିରତି ପାଇଁ ତେହରାନ୍‌କୁ ଗମ୍ଭୀର ହେବାକୁ କହିଲେ ଟ୍ରମ୍ପ**

**ଅନେକ ହଜାର ଆମେରିକୀୟ ସୈନ୍ୟ ଇରାନ୍‌ର ନିକଟତର**

ଦୁବାଇ,୨୬।୩(ଏ.ପି.)

ଇରାନ୍ ଯୁଦ୍ଧକୁ ମାସେ ପୂରିବାକୁ ବସିଲାଣି। ଯୁଦ୍ଧରତ ପକ୍ଷମାନେ ଅନେକ କ୍ଷତି ସହିଲେଣି। ତେଣୁ ଆଲୋଚନା ହିଁ ଏକମାତ୍ର ବାଟ, ଯଦ୍ୱାରା ଯୁଦ୍ଧାବସାନ ହୋଇପାରିବ। ଉଭୟ ୱାଶିଂଟନ୍ ଓ ତେହରାନ୍ ଏହା ବୁଝିସାରିଲେଣି। ହେଲେ ଟାଣପଣ ଛାଡୁନାହାନ୍ତି ଟ୍ରମ୍ପ ଓ ଇରାନୀୟ ନେତା। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନେଇ ତେହରାନ୍ ନିଜ ଆଭିମୁଖ୍ୟକୁ ଆହୁରି କଠୋର କରିଥିବାବେଳେ ଆମେରିକାର ଅନେକ ହଜାର ସୈନ୍ୟ ଇରାନ୍‌ନିକଟତର ହେଲେଣି। ଇସ୍ରାଏଲ୍‌ରେ ଇରାନୀୟ ମିଶାଇଲ ଖସୁଥିବାବେଳେ ସାଇରନ୍ ବଜାଇ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି।

ଇସ୍ରାଏଲ୍ ମଧ୍ୟ ତେହରାନ୍ ଓ ଅନ୍ୟ ଇରାନୀୟ ସହରଗୁଡ଼ିକୁ ଆକାଶମାର୍ଗରୁ ଆକ୍ରମଣ ଜାରି ରଖିଛି। ସେପଟେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ଦେଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଲୋଚନାର ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ସେ ନିଜ ମହତ୍ତ୍ୱାକାଂକ୍ଷାକୁ ଛାଡ଼ିପାରି ନାହାନ୍ତି। ଇରାନ୍‌ର ମିଶାଇଲ ଓ ଆଣବିକ କାର୍ଯ୍ୟକ୍ରମ ବନ୍ଦ ସହ ମଧ୍ୟପ୍ରାଚ୍ୟରେ ସଶସ୍ତ୍ର ଗୋଷ୍ଠୀଗୁଡ଼ିକୁ ତେହରାନ୍ ସମର୍ଥନ ଶେଷ କରିବା ଭଳି କେତେକ ସର୍ତ୍ତ ଉପରେ ଟ୍ରମ୍ପ ଗୁରୁତ୍ୱ ଦେଉଛନ୍ତି। ଏପରି କି ଇରାନ୍‌ରେ ଧର୍ମୀୟ ଶାସନ ବନ୍ଦ ଉପରେ ମଧ୍ୟ ସେ ଜୋର୍ ଦେଉଛନ୍ତି।

ଆମେରିକା-ଇସ୍ରାଏଲ୍‌ର ସାମରିକ ଅଭିଯାନ ଇରାନୀୟ ସେନା ଓ ସରକାର ଉପରେ ଭାରି ପଡ଼ିଥିବାବେଳେ ତେହରାନ୍ ନିଜ ଶାସନ ବିରୋଧରେ ଯେପରି କେହି ସ୍ୱର ଉତ୍ତୋଳନ କରି ନ ପାରିବେ ତାହା ସୁନିଶ୍ଚିତ କରିବା ଲାଗି ମିଶାଇଲ ଉତ୍‌କ୍ଷେପଣ କରିଚାଲିଛି। ଏଭଳି ସମୟରେ ଟ୍ରମ୍ପଙ୍କୁ ନିଜ ଭାବମୂର୍ତ୍ତି ଚିନ୍ତା ଘାରିଥିବାବେଳେ ଇରାନ୍ ନିଜ ଅସ୍ତିତ୍ୱ ବଜାୟକୁ ଏକ ବଡ଼ ବିଜୟ ମନେକରୁଛି। ତେଣୁ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)ର ବରିଷ୍ଠ ଅଧିକାରୀମାନେ ଏକ ନିଷ୍କର୍ଷରେ ପହଞ୍ଚିବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରଖିବାକୁ ଆଗ୍ରହୀ ଥିବା ମନେହେଉଛି। ଏଥିପାଇଁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନିୟନ୍ତ୍ରଣରେ ରଖିଥିବା ଇରାନ୍ ନିଜ ହାତମୁଠାକୁ ଆହୁରି ଟାଣ କରିବାକୁ ପ୍ରୟାସ ଚଳାଇଛି। ଯେଉଁ ଜାହାଜଗୁଡ଼ିକ ଏହି ଜଳପଥ ଦେଇ ଅତିକ୍ରମ କରୁଛି, ସେଗୁଡ଼ିକଠାରୁ ଇରାନ୍ ପୂର୍ବାପେକ୍ଷା ଅଧିକ ଅର୍ଥ ଅସୁଲ କରୁଛି ବୋଲି ଗଲ୍ଫ କୋଅପରେଶନ୍ କାଉନ୍‌ସିଲ ମହାସଚିବ ଜସେମ୍ ମୋହାମେଦ ଅଲ୍-ବୁଦାଇୱି ଅଭିଯୋଗ ଆଣିଛନ୍ତି। ଅଲ୍-ବୁଦାଇୱି ୬ ଉପସାଗରୀୟ ଆରବ ରାଷ୍ଟ୍ର ବାହାରିନ୍, କୁଏଟ୍, ଓମାନ୍, କାତାର, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ନେଇ ଗଠିତ ଏହି ବ୍ଲକ୍‌ର ବହିର୍ବ୍ୟାପାର ଦାୟିତ୍ୱରେ ଅଛନ୍ତି।

ଉଭୟ ଆମେରିକା ଓ ଇରାନ୍ ପରସ୍ପର ସମ୍ମୁଖରେ ଅନେକ ଦାବି ଉପସ୍ଥାପନ କରିଛନ୍ତି, ଯାହାକି ଅଚଳାବସ୍ଥା ଦୂରକରିବା ପରିବର୍ତ୍ତେ ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି। ଆମେରିକା କହୁଛି, ଇରାନ୍ ତୁରନ୍ତ ଆଲୋଚନାକୁ ଆସୁ; ନଚେତ୍ ଆହୁରି ଆକ୍ରମଣର ଶିକାର ହେବା ପାଇଁ ପ୍ରସ୍ତୁତ ହେଉ। ଇରାନ୍ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନ ଖୋଲିଲେ ଏହାର ଶକ୍ତି ପ୍ରକଳ୍ପଗୁଡ଼ିକୁ ଆମେରିକା ଟାର୍ଗେଟ କରିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଯୁଦ୍ଧବିରତି ପାଇଁ ଟ୍ରମ୍ପ ୧୫ ସୂତ୍ରୀ ସର୍ତ୍ତ ରଖିବା ସହ କହିଛନ୍ତି, ଇରାନ୍ ଡିଲ୍ ପାଇଁ ଆମକୁ ଗୁହାରି କରୁଛି।



## ଇରାନ ନୌସେନା କମାଣ୍ଡର ଅଲିରେଜା ନିହତ: ଇସ୍ରାଏଲ୍

ଜେରୁଜେଲମ୍,୨୬।୩


ଅଲିରେଜା ଟାଙ୍ଗସିରି

ବନ୍ଦର ଆବ୍ବାସ୍ ଉପକୂଳ ଅଞ୍ଚଳରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ନୌସେନା କମାଣ୍ଡର ଅଲିରେଜା ଟାଙ୍ଗସିରି ନିହତ ହୋଇଥିବା ଜଣେ ଇସ୍ରାଏଲୀ ଅଧିକାରୀଙ୍କ ସୂଚନା ଆଧାରରେ ସେଠାର ଗଣମାଧ୍ୟମ ପ୍ରକାଶ କରିଛି। ଟାଇମ୍ସ ଅଫ୍ ଇସ୍ରାଏଲ୍ ରିପୋର୍ଟ ଅନୁଯାୟୀ ଅଲିରେଜା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ କରିବା ପାଇଁ ଦାୟୀ। ତେବେ ଆକ୍ରମଣକୁ ନେଇ ଇରାନ କିମ୍ବା ଇସ୍ରାଏଲୀ ସେନା ପକ୍ଷରୁ କୌଣସି ମତାମତ ଦିଆଯାଇନାହିଁ। ଯଦି ଅଲିରେଜା ନିହତ ଘଟଣା ସ୍ପଷ୍ଟ ହୁଏ, ତେବେ ଚତୁର୍ଥ ସପ୍ତାହରେ ପହଞ୍ଚିଥିବା ଯୁଦ୍ଧରେ ତେହରାନ୍ ଅନ୍ୟ ଜଣେ ହାଇପ୍ରୋଫାଇଲ୍ ଅଧିକାରୀଙ୍କୁ ହରାଇଛି। ୨୦୧୮ରୁ ଇରାନ ନୌସେନା ଦାୟିତ୍ୱରେ ଥିବା ଅଲିରେଜା ଜଣେ ଅଭିଜ୍ଞ କମାଣ୍ଡର। ବିଭିନ୍ନ ଦେଶକୁ ଜାହାଜ ଚଳାଚଳର ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଭାବେ ଜଣାଶୁଣା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ କରିବାରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା। ବିଶ୍ୱର ମୋଟ ଇନ୍ଧନ ପରିବହନର ୨୦ ପ୍ରତିଶତ ଉକ୍ତ ପ୍ରଣାଳୀ ଦେଇ ହୋଇଥାଏ।

## ଇରାନ ଯୁଦ୍ଧରେ ୧୬ ଲଢୁଆ ବିମାନ ହରାଇଲାଣି ଆମେରିକା



ୱାଶିଂଟନ,୨୬।୩

ଇରାନ ବିରୋଧୀ ଯୁଦ୍ଧ ମାସେ ପୂରିବାକୁ ଯାଉଥିବାବେଳେ ଆମେରିକା ୧୬ଟି ଲଢୁଆ ବିମାନ ହରାଇଲାଣି। ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ୍‌ର ନୌସେନା ଏବଂ ବାୟୁସେନା ଯୁଦ୍ଧବିମାନ ତେହରାନ୍ ଉପରେ ଜୋର୍‌ଦାର ଏୟାରଷ୍ଟ୍ରାଇକ୍ କରିଥିଲେ। ତେବେ ଆମେରିକା-ଇସ୍ରାଏଲ୍ ବାୟୁସେନାର ମିଳିତ ସାମର୍ଥ୍ୟ ଅଧିକ ଦିନ ବଳବତ୍ତର ରହିନାହିଁ। ଇରାନ ଆକ୍ରମଣରେ ଇତିମଧ୍ୟରେ ଆମେରିକା ଡ୍ରୋନ୍ ଏବଂ ଜେଟ୍ ସମେତ ଅନ୍ୟୂନ ୧୬ଟି ସାମରିକ ବିମାନ ହରାଇଲାଣି। ଏଥିସହିତ ଏହାର ଅନେକ ରାଡାର ଓ ଅନ୍ୟାନ୍ୟ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଆମେରିକାର ଏଫ୍/ଏ-୧୮ ଫାଇଟର ଜେଟ୍‌କୁ ଖସାଇଦେଇଥିବା ଗୁରୁବାର ଇରାନ ଦାବି କରିଥିବାବେଳେ ପେଣ୍ଟାଗନ୍ ଏହାକୁ ଖଣ୍ଡନ କରିଛି। ପୂର୍ବରୁ ଲିବ୍ୟା ଏବଂ ଇରାକ୍ ବିରୋଧରେ ଆମେରିକା ଏୟାରଷ୍ଟ୍ରାଇକ୍ ବେଳେ ଅନେକ ଯୁଦ୍ଧବିମାନ ହରାଇଥିଲା। ନିକଟରେ ଇରାନ୍ ଆକ୍ରମଣରେ ଆମେରିକାର ଏଫ୍-୩୫ ଯୁଦ୍ଧବିମାନ କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ଆକାଶମାର୍ଗରେ ଯୁଦ୍ଧବିମାନକୁ ତୈଳ ଯୋଗାଉଥିବା ଆମେରିକାର କେସି-୧୩୫ ଷ୍ଟ୍ରାଟୋଟ୍ୟାଙ୍କରକୁ ମଧ୍ୟ ଇରାନ ଖସାଇ ଦେବାରୁ ୬ ଜଣ କ୍ରିଉ ସଦସ୍ୟ ପ୍ରାଣ ହରାଇଥିଲେ।

## ବିଶ୍ୱର ୫୦ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ମଧ୍ୟରେ ୪ ଆଇଆଇଟି, ଜେଏନ୍‌ୟୁ


ଜବାହରଲାଲ୍ ନେହେରୁ ୟୁନିଭର୍ସିଟି

ନୂଆଦିଲ୍ଲୀ,୨୬।୩(ପି.ଟି.)

ବିଭିନ୍ନ ବିଷୟକୁ ନେଇ ବିଶ୍ୱର ଶ୍ରେଷ୍ଠ ୫୦ ଶିକ୍ଷାନୁଷ୍ଠାନ ମଧ୍ୟରେ ଭାରତର ୪ଟି ଆଇଆଇଟି, ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ) ଏବଂ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ବିଆଇଟିଏସ୍), ପିଲାନି ରହିଛି। ବୁଧବାର ଘୋଷଣା ହୋଇଥିବା କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‌ୟାଙ୍କିଙ୍ଗ୍‌ରୁ ଏହା ଜଣାପଡ଼ିଛି। ଲଣ୍ଡନର କ୍ୟୁଏସ୍ କ୍ୱାକ୍ୱାରେଲି ସାଇମଣ୍ଡସ୍ ପକ୍ଷରୁ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‌ୟାଙ୍କିଙ୍ଗ୍‌ର ଷୋଡ଼ଶ ସଂସ୍କରଣ ପ୍ରକାଶ ପାଇଛି। ଶତାଧିକ ଦେଶରେ ଥିବା ୧,୯୦୦ ବିଶ୍ୱବିଦ୍ୟାଳୟର ୨୧,୦୦୦ରୁ ଊର୍ଦ୍ଧ୍ୱ ଶୈକ୍ଷିକ କାର୍ଯ୍ୟକ୍ରମକୁ ନେଇ ର୍‌ୟାଙ୍କିଙ୍ଗ୍ ପ୍ରସ୍ତୁତ ହୋଇଥିଲା। ଭାରତ ବିଭିନ୍ନ ବିଷୟରେ ୨୭ ଶୀର୍ଷ ୫୦ ପୋଜିସନ୍ ରେକର୍ଡ କରିଛି। ମିନେରାଲ ଓ ମାଇନିଂ ଇଞ୍ଜିନିୟରିଂରେ ଇଣ୍ଡିଆନ୍ ସ୍କୁଲ୍ ଅଫ୍ ମାଇନ୍ସ ୟୁନିଭର୍ସିଟି, ଧାନବାଦ ବିଶ୍ୱରେ ୨୧ତମ ର୍‌ୟାଙ୍କ ପାଇଥିବାବେଳେ ଆଇଆଇଟି ଅହମଦାବାଦ ଉଭୟ ବିଜ୍‌ନେସ ଏବଂ ମ୍ୟାନେଜ୍‌ମେଣ୍ଟ ଷ୍ଟଡି ଆଣ୍ଡ ମାର୍କେଟିଂରେ ୨୧ତମ ର୍‌ୟାଙ୍କ୍ ହାସଲ କରିଛି। ଶୀର୍ଷ ୫୦ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଇଆଇଟି ବମ୍ବେ, ଖଡ଼ଗପୁର, ମାଡ୍ରାସ୍, ଜେଏନ୍‌ୟୁ ଏବଂ ବିଆଇଟିଏସ୍ ପିଲାନି ରହିଛନ୍ତି।

## ଯୌତୁକ ମୃତ୍ୟୁ ସମାଜରେ ବଡ଼ କଳଙ୍କ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୬।୩ (ପି.ଟି.)

ଯୌତୁକ ମୃତ୍ୟୁ ସମାଜରେ ଏକ ବଡ଼ କଳଙ୍କ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେବା ସହ ଆଇନଗତ ପ୍ରତିକାର ସତ୍ତ୍ୱେ ଉକ୍ତ ପ୍ରଥା ଜାରି ରହିଥିବା କହିଛନ୍ତି। ଫଳରେ ଅନେକ ହଜାର ମହିଳା ଅସ୍ୱାଭାବିକ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। ଯୌତୁକ ମୃତ୍ୟୁ ମାମଲାରେ ଜଣେ ବ୍ୟକ୍ତିଙ୍କ ଜାମିନକୁ ଜଷ୍ଟିସ୍ ଜେ.ବି. ପର୍‌ଦିୱାଲା ଏବଂ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ପାଟନା ହାଇକୋର୍ଟ ଉକ୍ତ ଅଭିଯୁକ୍ତଙ୍କୁ ଜାମିନ ମଞ୍ଜୁର କରିଥିବାବେଳେ ତାହା ସମ୍ପୂର୍ଣ୍ଣ ଅସମର୍ଥନୀୟ ବୋଲି ଖଣ୍ଡପୀଠ କହିଛନ୍ତି। ଯୌତୁକ ମୃତ୍ୟୁ ଭଳି ଅତ୍ୟନ୍ତ ଗମ୍ଭୀର ଆପରାଧିକ ମାମଲାରେ ହାଇକୋର୍ଟ ନିଜର ବିବେଚନା ଅନୁଯାୟୀ ନିଷ୍ପତ୍ତି ନେବାବେଳେ ଅଧିକ ସତର୍କ ହେବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ମନ ଜିଣିବେ ଅନନ୍ୟା

**ମୁମ୍ବାଇ:** ବଲିଉଡ୍‌ର ଚୁଲ୍‌ବୁଲି ଅଭିନେତ୍ରୀଙ୍କ କଥା ଉଠିଲେ ଅନନ୍ୟା ପାଣ୍ଡେଙ୍କ ନାମ ଅନେକେ ନିଅନ୍ତି। ଏବେ ସେ ନିଜର ଆଗାମୀ ସିନେମାକୁ ନେଇ ଚର୍ଚ୍ଚାରେ। ନୂଆ ସେନ୍‌ସେଶନ ଲକ୍ଷ୍ୟଙ୍କ ସହ 'ଚାନ୍ଦ୍ ମେରା ଦିଲ୍'ରେ ସେ ନଜର ଆସିବେ। ଫିଲ୍ମକୁ ନେଇ ଏକ ବଡ଼ ଅପ୍‌ଡେଟ୍ ସାମ୍ନାକୁ ଆସିଛି। କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ ଏହି ମ୍ୟୁଜିକାଲ ରୋମାଣ୍ଟିକ୍ ଡ୍ରାମାର ରିଲିଜ ତାରିଖ ଜଣାପଡ଼ିଛି।

ନିର୍ମାତାଙ୍କ ଘୋଷଣା ଅନୁଯାୟୀ, ବିବେକ ସୋନିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୨ ମେ ୨୦୨୬ରେ ପରଦା ଉପରକୁ ଆସିବ। ପ୍ରଥମେ ଏହା ଏପ୍ରିଲ ମାସରେ ରିଲିଜହେବାର ଥିଲା, କିନ୍ତୁ ଏବେ ମେ' ମାସ ପାଇଁ ସ୍ଥିର କରାଯାଇଛି। କରନ୍ ଜୋହର ନିଜେ ସୋସିଆଲ ମିଡିଆରେ ଏହି ସୂଚନା ଦେଇ ଫ୍ୟାନ୍ସଙ୍କ ଉତ୍ସାହ ବଢ଼ାଇଛନ୍ତି। ଫିଲ୍ମ 'କିଲ' ମାଧ୍ୟମରେ ବଲିଉଡ୍‌ରେ ପାଦ ଥାପିଥିବା ଲକ୍ଷ୍ୟ, ନିକଟରେ ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ନିର୍ଦ୍ଦେଶିତ ୱେବ୍ ସିରିଜ 'ଦ ବ୍ୟାଡ୍ସ ଅଫ୍ ବଲିଉଡ୍' ରେ ନିଜର ଦମ୍‌ଦାର ଅଭିନୟ ପାଇଁ ବେଶ୍ ପ୍ରଶଂସା ସାଉଁଟିଛନ୍ତି। ତେବେ ନୂଆ ଯୋଡ଼ି ଅନନ୍ୟା- ଲକ୍ଷ୍ୟ ବଡ଼ ପରଦାରେ କିଭଳି କମାଲ କରୁଛି, ତାହା ଦେଖିବାକୁ ବାକି ରହିଲା।

ସେହିଭଳି ଅନନ୍ୟାଙ୍କୁ ଶେଷଥର ପାଇଁ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ସହ 'ତୁ ମେରୀ ମେଁ ତେରା...' ଫିଲ୍ମରେ ଦେଖିବାକୁ ମିଳିଥିଲା। ଫିଲ୍ମଟି ବକ୍ସ ଅଫିସରେ ପ୍ରାୟ ୩୯.୧୪ କୋଟି ଟଙ୍କା କଲେକ୍ସନକରି ମିଶ୍ରିତ ସଫଳତା ପାଇଥିଲା। ଏବେ 'ଚାନ୍ଦ୍ ମେରା ଦିଲ୍' ଜରିଆରେ ସେ ପୁଣି ଥରେ ଦର୍ଶକଙ୍କ ମନ ଜିଣିବେ ବୋଲି ସେ ଆଶାବାଦୀ ଅଛନ୍ତି।


ଅନନ୍ୟା ପାଣ୍ଡେ

ଧରିତ୍ରୀ
DHARITRI
52 Years





ଆନ୍ଧ୍ରପ୍ରଦେଶର ମାର୍କାପୁରମ ଜିଲା ଅନ୍ତର୍ଗତ ରାୟାଭରମ୍‌ଠାରେ ଗୁରୁବାର ଦୁର୍ଘଟଣାରେ ଜଳି ଯାଇଥିବା ବସ୍ ଓ ଡମ୍ପର୍।

# ବସ୍‌ରେ ନିଆଁ ଲାଗି ୧୩ ଯାତ୍ରୀ ମୃତ

**ରାୟାଭରମ୍(ଆନ୍ଧ୍ରପ୍ରଦେଶ),୨୬।୩(ପି.ଟି.)**

ଆନ୍ଧ୍ରପ୍ରଦେଶର ମାର୍କାପୁରମ ଜିଲା ଅନ୍ତର୍ଗତ ରାୟାଭରମ୍‌ଠାରେ ଗୁରୁବାର ଏକ ଘରୋଇ ବସ୍ ଏବଂ ଟିପ୍ପର ମଧ୍ୟରେ ଧକ୍କା ଲାଗିବା ଫଳରେ ବସ୍‌ଟି ଜଳିଯାଇଛି। ଏହି ଦୁର୍ଘଟଣାରେ ବସ୍‌ରେ ଥିବା ଅନ୍ୟୂନ ୧୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ ଜଣ ଆହତ ହୋଇଛନ୍ତି। ସକାଳ ୫ଟା ୩୦ରୁ ୬ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। କଂକ୍ରିଟ୍ ଚିପ୍ସ ବୋଝେଇ ଡମ୍ପରକୁ ବସ୍ ଧକ୍କା ଦେବା ବେଳେ ଏହାର ତେଲଟାଙ୍କି ମାଡ଼ ହେବାରୁ ନିଆଁ ଲାଗିଯାଇଥିଲା। ଦୁର୍ଘଟଣା ସମୟରେ ବସ୍‌ରେ ୪୧ ଜଣ ଯାତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୩ ଜଣ ଜଳିଯାଇଥିଲେ ବୋଲି ରାଜ୍ୟ ଗୃହମନ୍ତ୍ରୀ ଭଙ୍ଗାଲାପୁଡ଼ି ଅନିଥା କହିଛନ୍ତି। ହରିକ୍ରିଷ୍ଣ ଟ୍ରାଭେଲ୍ସ ସଂସ୍ଥାର ଏହି ବସ୍ ତେଲଙ୍ଗାନାର ଜଗତିୟାଲରୁ ନେଲୋର ଜିଲାର କାଲିଗିରିକୁ ଯାଉଥିଲା। ବସ୍‌ର ଲାଇସେନ୍ସ ଓ ଇନ୍ସ୍ୟୁରାନ୍ସ ସମୟସୀମା ୨୦୨୬ ଡିସେମ୍ବର ପର୍ଯ୍ୟନ୍ତ ରହିଛି। ଦୁର୍ଘଟଣାରେ ଏତେ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଶୋକବ୍ୟକ୍ତ କରିଛନ୍ତି। ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ ବସ୍‌ଟି ଭୁଲ୍ ରାସ୍ତାକୁ ମାଡ଼ିଯିବାରୁ ଟ୍ରକ୍‌କୁ ଧକ୍କା ଦେଇଥିଲା ବୋଲି ମାର୍କାପୁରମ୍‌ର ଭାରପ୍ରାପ୍ତ ଏସ୍‌ପି ଭି. ହର୍ଷବର୍ଦ୍ଧନ ରାଜୁ କହିଛନ୍ତି।

# ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

## ନାବାଳିକାଙ୍କୁ ବଳାତ୍କାର, ହତ୍ୟା ଉଦ୍ୟମ

**ବ୍ରହ୍ମପୁର,୨୬।୩(ସୁବାସ ଚନ୍ଦ୍ର ପାଢ଼ୀ)**

ନଭେମ୍ବର ୨୦୨୧ରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଉଦ୍ୟମ ମାମଲାରେ ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ଜଜ୍ ରୋହିତ ଲାଲ ପଣ୍ଡା ଗୁରୁବାର ଏହି ରାୟ ଶୁଣାଇଛନ୍ତି। ଦୋଷୀ ଜଣକ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ମନସିଳା ଗ୍ରାମର କେଶବ ନାହାକ ଓରଫ କେଶା(୩୦)। ସେହିପରି ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ଦେବାକୁ କୋର୍ଟ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜାମ ଜିଲାରେ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇବା ପ୍ରଥମ ଘଟଣା ବୋଲି କୁହାଯାଉଛି। ଆଇନଗତ ଦୃଷ୍ଟିରୁ ଉକ୍ତ ମାମଲାର ହାଇକୋର୍ଟ କନଫରମେସନ ପାଇଁ ଜଣାଇ ଦିଆଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ୧୦ବର୍ଷ ୫ଦିନର ନାବାଳିକା ଜଣକ ତାଙ୍କ ମା'ଙ୍କ ସହିତ ଅଜା ଘରକୁ ଯାଇଥିବା ବେଳେ ୨୦୨୧ ନଭେମ୍ବର ୨୧ରେ ହଠାତ୍ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କୁ ଗାଁ ନିକଟସ୍ଥ ଜଙ୍ଗଲ ରାସ୍ତାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପୀଡ଼ିତାଙ୍କୁ ପ୍ରଥମେ ପୋଲସରା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ☞ପୃଷ୍ଠା-୪

# ଜାତୀୟ ଦଳ ଚାନ୍ଦା: ୧୦ ଗୁଣରୁ ଅଧିକ ପାଇଛି ଭାଜପା

**ନୂଆଦିଲ୍ଲୀ,୨୬।୩(ପି.ଟି.)**

**ଏଡିଆର୍ ରିପୋର୍ଟ**

- ମୋଟ ଚାନ୍ଦା ୬,୬୪୮ କୋଟି
- ଭାଜପା ପାଇଛି ୬,୦୭୪ କୋଟି
- କଂଗ୍ରେସକୁ ମିଳିଛି ୫୧୭ କୋଟି

ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ରେ ଜାତୀୟ ଦଳଗୁଡ଼ିକୁ ୧୬୧ ପ୍ରତିଶତ ଅଧିକ ଚାନ୍ଦା ମିଳିଛି। ମୋଟ ଚାନ୍ଦାର ୯୧ ପ୍ରତିଶତରୁ ଅଧିକ ଶାସକ ଦଳ ଭାଜପା ପାଇଥିବା ଜଣାପଡ଼ିଛି। ଭାଜପା ପାଇଥିବା ଚାନ୍ଦା ଅନ୍ୟ ସମସ୍ତ ଜାତୀୟ ଦଳର ମୋଟ ଚାନ୍ଦାଠାରୁ ୧୦ଗୁଣରୁ ଅଧିକ ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରୁ ଜଣାପଡ଼ିଛି।

ଗୁରୁବାର ପ୍ରକାଶ ପାଇଥିବା ଏହି ରିପୋର୍ଟ ଅନୁଯାୟୀ, ୨୦୨୫ ଆର୍ଥିକ ବର୍ଷ ନିମନ୍ତେ ଜାତୀୟ ଦଳଗୁଡ଼ିକ ଘୋଷଣା କରିଥିବା ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ମୋଟ ଚାନ୍ଦା ପରିମାଣ ୬,୬୪୮.୫୬୩ କୋଟି ଟଙ୍କା, ଯାହା ୧୧,୩୪୩ଟି ସଂସ୍ଥା ବା ବ୍ୟକ୍ତିବିଶେଷଙ୍କଠାରୁ ମିଳିଛି। ସେଥିରୁ କେବଳ ଭାଜପାକୁ ୫,୫୨୨ ଡୋନେଶନ୍‌ରୁ ୬,୦୭୪.୦୧୫ କୋଟି ଟଙ୍କା ମିଳିଥିବାବେଳେ କଂଗ୍ରେସ ୨,୫୦୧ ଡୋନେଶନ୍‌ରୁ ୫୧୭.୩୯୪ କୋଟି ଟଙ୍କା ପାଇଛି। ଭାଜପାର ଚାନ୍ଦା ପରିମାଣ କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି (ଆପ୍), ସିପିଆଇ-ଏମ୍ ଏବଂ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିଇପି)ର ମୋଟ ଚାନ୍ଦାଠାରୁ ୧୦ ଗୁଣରୁ ଅଧିକ। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ କୌଣସି ଚାନ୍ଦା ପାଇ ନ ଥିବା ଘୋଷଣା କରିଛି। ୨୦୨୩-୨୪ ବର୍ଷ ତୁଳନାରେ ୨୦୨୪-୨୫ରେ ଜାତୀୟ ଦଳଗୁଡ଼ିକୁ ସମୁଦାୟ ୪,୧୦୪.୨୮୫ କୋଟି ଟଙ୍କା ଅଧିକ ମିଳିଛି। ପୂର୍ବ ଆର୍ଥିକ ବର୍ଷରେ ଭାଜପାକୁ ୨,୨୪୩.୯୪୭ କୋଟି ଟଙ୍କା ଚାନ୍ଦା ମିଳିଥିବାବେଳେ ୨୦୨୪-୨୫ରେ ତାହା ୧୭୧ ପ୍ରତିଶତ ବଢ଼ିଛି। ସେହିପରି କଂଗ୍ରେସକୁ ମିଳିଥିବା ଚାନ୍ଦା ପୂର୍ବବର୍ଷ ତୁଳନାରେ ୮୪ ପ୍ରତିଶତ ଅଧିକ। ୨୦୨୩-୨୪ରେ କଂଗ୍ରେସ ୨୮୧.୪୮ କୋଟି ପାଇଥିବାବେଳେ ୨୦୨୪-୨୫ରେ ତାହା ୫୧୭.୩୯୪ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଅନ୍ୟ ଜାତୀୟ ଦଳ ମଧ୍ୟରେ ଆପ୍‌କୁ ୨୭.୦୪୪ କୋଟି, ଏନ୍‌ପିଇପିକୁ ୧.୯୪୩ କୋଟି ଟଙ୍କା ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଓଡ଼ିଶାନାଟ୍ୟ ସଂଘ ପକ୍ଷରୁ ସାଂସ୍କୃତିକ ପଦଯାତ୍ରା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସକାଳ ୮ଟା ୩୦।
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ଗୀତିନାଟ୍ୟ 'ଚନ୍ଦ୍ରାବତୀ ହରଣ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- 'ପୂର୍ବ ରଙ୍ଗ' ଜାତୀୟ ନାଟକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ,ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଶ୍ରୀ ଶ୍ରୀଦାରୁ ରଘୁନାଥ ଜୀଉ ଗଦାଧରପୁର ରାମ ନବମୀ ମହୋତ୍ସବ, ସ୍ଥାନ: ଗଦାଧରପୁର, ତିଗିରିଆ, ସମୟ: ସକାଳ ୯ ଟା।
- କଟକ ମହାନଗର ନିଗମ ପକ୍ଷରୁ ଜିଲାସ୍ତରୀୟ ପୁସ୍ତକ ମେଳା 'କଟକ ସାହିତ୍ୟ ସରୋବର'ର ଅଷ୍ଟମ ଦିବସ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- କୈବଲ୍ୟ ସାହିତ୍ୟ ସଂସଦ ପକ୍ଷରୁ ରାମରାଜ୍ୟ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ନ ୩ଟା।
- କଟକ ବୈଶାଖୀ ବାଣିଜ୍ୟ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଥିଏଟର ମୁଭମେଣ୍ଟ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ମନ୍ଦିର, ଗୁରୁଜଙ୍ଗ, ସମୟ: ସକାଳ ୮ଟା।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରଘୁନାଥ ମନ୍ଦିର, ଗଡ଼ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ଶ୍ରୀରାମ ରଥ ପରିକ୍ରମା, ସ୍ଥାନ: ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆ, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀ ଶୋଭାଯାତ୍ରା, ସ୍ଥାନ: ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲିପଦର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱ ନାଟକ ଦିବସ, ସ୍ଥାନ: ସଂସ୍କୃତି ଭବନ ପରିସର, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

**ବାଲେଶ୍ୱର**
- ବାଲିଆପାଳ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ସୁବର୍ଣ୍ଣରେଖା ନଦୀରୁ କଳସ ଶୋଭାଯାତ୍ରା, ସ୍ଥାନ: ହନୁମାନ ମନ୍ଦିର, ବାଲିଆପାଳ, ସମୟ: ସକାଳ ୭ଟା ୩୦।
- ମା' ବାସନ୍ତୀ ଦୁର୍ଗାଙ୍କ ନବମୀ ପୂଜା, ସ୍ଥାନ: ଫୁଲାଡ଼ି ବାସନ୍ତୀ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୮ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ନବମୀ ପୂଜା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ରାମ-ଶଙ୍କରଙ୍କ ପ୍ରତିଷ୍ଠାର ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ୪୫ତମ କଳିନାଶନ ଯଜ୍ଞ, ସ୍ଥାନ: ନହରପାଟଣା ବାରୁଣୀ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ମଥାନୀ ବସ୍‌ଷ୍ଟାଣ୍ଡ, ବସ୍ତା, ସମୟ: ସକାଳ ୯ଟା।
- ସ୍ମୃତିଚାରଣ ସଭା, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାମ ନବମୀ ପାଳନ, ସ୍ଥାନ: ଦୁର୍ଗାମଣ୍ଡପ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଜଉକଣ୍ଢେଇ ନିର୍ମାଣ ଶୁଭାରମ୍ଭ ଉତ୍ସବ-୨୦୨୬, ସ୍ଥାନ: କୁମ୍ଭକ୍ଷେତ୍ର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ପବିତ୍ର ରାମ ନବମୀ ଅବସରରେ ବିଶାଳ ଶୋଭାଯତ୍ରା ଏବଂ ବାଇକ ରାଲି, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ବାଲିଆପାଳ, ସମୟ: ଅପରାହ୍ନ ୨ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ବିଶାଳ ପଦଯାତ୍ରା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ବିଶାଳ ପଦଯାତ୍ରା, ସ୍ଥାନ: ବିଶେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବସ୍ତା, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ଶ୍ରୀରାମ ମେଢ଼ ଶୋଭାଯାତ୍ରା, ସ୍ଥାନ: ପଦ୍ମପୁର, ମିଶ୍ରପୁର, ବାସୁଦେବପୁର, ସମୟ: ସକାଳ ୭ଟା।
- ମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ରାମଚନ୍ଦ୍ରପୁର, ବାସୁଦେବପୁର, ସମୟ: ସକାଳ ୮ଟା।
- ପଞ୍ଚମୁଖି ହନୁମାନ ମନ୍ଦିରରେ ଯଜ୍ଞ, ସ୍ଥାନ: ବାଲିନଗର, ବାସୁଦେବପୁର, ସମୟ: ସକାଳ ୮ଟା।
- ସାର୍ବଜନୀନ ମା' ବାସନ୍ତୀ ମଣ୍ଡପରେ ନବମୀ ପୂଜା, ସ୍ଥାନ: ନାଞ୍ଜିପଦା, ଅଡୁଆଁ, ବାସୁଦେବପୁର, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀରେ କଳସ ଶୋଭାଯାତ୍ରା, ସ୍ଥାନ: ଶ୍ରୀରାମ ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀ ବାର୍ଷିକ ଉତ୍ସବ, ସ୍ଥାନ: ଗିଲୋ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ନଗର ସଂକୀର୍ତ୍ତନ ଓ ମେଢ଼ ଶୋଭାଯାତ୍ରା, ସ୍ଥାନ: ନେହେରୁ ଷ୍ଟାଡିୟମ୍‌ରୁ ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ଦୁର୍ଗା ପୂଜା, ସ୍ଥାନ: ସୁଗୋ, ଅଡୁଆଁ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ବାସନ୍ତୀ ଦୁର୍ଗା ପୂଜା, ସ୍ଥାନ: ରଘୁପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ବାସନ୍ତୀ ଦୁର୍ଗା ପୂଜା, ସ୍ଥାନ: ଜଗନ୍ନାଥପ୍ରସାଦ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ଶ୍ରୀ ରାମ ନବମୀ ଉତ୍ସବ, ପ୍ରବଚନ, ସ୍ଥାନ : ଓରାଳି, ଡ଼ଆଁର, ହାଟଡ଼ିହୀ, ସମୟ : ସକାଳ ୬ ଟା।
- ଦୁର୍ଗାଙ୍କ ମନ୍ଦିରରେ ମହାନବମୀ ଉତ୍ସବ, ସ୍ଥାନ : ଡ଼ଆଁର, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ଢେଙ୍କିକୋଟ ହନୁମାନ ବାଟିକାଠାରେ ଶ୍ରୀରାମ ନବମୀ ପାଳନ, ସ୍ଥାନ: ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ରଘୁନାଥ ଜିୟୁଙ୍କ ଶ୍ରୀ ରାମ ନବମୀ ପୂଜା, ସ୍ଥାନ: ପାଟଣା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶ୍ରୀଦକ୍ଷିଣ ମୁଖୀ ହନୁମାନ ମନ୍ଦିରରୁ ଶୋଭାଯାତ୍ରାରେ ଯାଇ ବିଭିନ୍ନ ମନ୍ଦିରରେ ରାମ ଝଣ୍ଡା ସ୍ଥାପନ, ସ୍ଥାନ: ଯୋଡ଼ା, ସମୟରେ ଅପରାହ୍ନ ୨ଟା।
- ରାମ ନବମୀ ପୂଜା ଓ ରାମ ଝଣ୍ଡା ପତୁଆର ସ୍ଥାନ: ପାଟଣା ବ୍ଲକ୍ ସ୍ୱାମ ହନୁମାନ ମନ୍ଦିର, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**
- ମା'ଭୈରବୀଙ୍କ ପୀଠରେ ବାସନ୍ତିକ ଦଶମୀ ପୂଜା ଓ ପ୍ରସାଦ ସେବନ, ସ୍ଥାନ: ମଧୁବନ ବାରିପଦା, ସମୟ: ସକାଳ ୮ଟା।
- ଶ୍ରୀରାମ ନବମୀ ଉତ୍ସବ ପାଳନ,ସ୍ଥାନ: ବଙ୍ଗାଳିଡାହି, ବୈଁଶିଙ୍ଗା, ବେତନଟୀ, ସମୟ: ସକାଳ ୮ଟା।
- ବାସନ୍ତୀ ଦୁର୍ଗାଙ୍କ ମହାନବମୀ ପୂଜା, ସ୍ଥାନ: ବାଘଡାରୋଡ୍, ବାରିପଦା, ସମୟ: ସକାଳ ୮ଟା।
- ଶ୍ରୀରାମ ନବମୀ ପାଳନ ଓ ପ୍ରସାଦ ସେବନ, ସ୍ଥାନ:ଚିତ୍ରଡ଼ା ସପ୍ଲାଇ ଛକ, ମୋରଡ଼ା, ସମୟ: ସକାଳ ୯ଟା।
- ମା' ବାସନ୍ତୀଙ୍କ ମହାନବମୀ ପୂଜା, ସ୍ଥାନ: ବାସନ୍ତୀ ପୂଜା ମଣ୍ଡପ, ରାଇରଙ୍ଗପୁର, ସମୟ: ସକାଳ ୯ଟା।
- ସବ୍ ଜେଲ୍ ପକ୍ଷରୁ ରାମ ନବମୀ ଉତ୍ସବ ପାଳନ, ସ୍ଥାନ: ସବ୍ ଜେଲ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ନାଟ୍ୟ ଦିବସ ଅବସରରେ ଆଲୋଚନାଚକ୍ର, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀରେ ଶୋଭାଯାତ୍ରା, ସ୍ଥାନ: ମଧୁବନ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୩ଟା।
- ଜାତୀୟ ଥିଏଟର ଫେଷ୍ଟିଭାଲର ପ୍ରସ୍ତୁତି ବୈଠକ, ସ୍ଥାନ: ମା' ଅମ୍ବିକା ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୫ଟା।
- ୩ୟ ଆଦି ସିନେ ମହୋତ୍ସବ, ସ୍ଥାନ: ଇନ୍ଦପାଇ ବ୍ୟାଙ୍କ ଛକ, ଲକ୍ଷ୍ମୀପୋଷି, ବାରିପଦା, ସମୟ: ସନ୍ଧ୍ୟା ୬ଟା।
- ଉଜ୍ଜୟିନୀ ନାଟ୍ୟଶାଳାର ନାଟକ 'ମିଡିଲ କ୍ଲାସ'ର ବହି ପୂଜନ,ସ୍ଥାନ: ଅମ୍ବିକା ମନ୍ଦିର, ବାରିପଦା, ସମୟ: ସନ୍ଧ୍ୟା ୬ଟା।

**ବ୍ରହ୍ମପୁର**
- ଶ୍ରୀରାମ ନବମୀ ଓ ଶିରିଡି ସାଇବାବାଙ୍କ ଜନ୍ମୋତ୍ସବ, ସ୍ଥାନ ବିଜୟ ବିହାର, ସମୟ: ସକାଳ ୬ ଟା।
- ବିଶ୍ୱ ନାଟ୍ୟ ଦିବସରେ ଶୋଭାଯାତ୍ରା, ସ୍ଥାନ: ଗିରିଜା ଛକ, ସମୟ: ପୂର୍ବାହ୍ନ ୧୦ଟା।

**ଗଞ୍ଜାମ**
- ଶ୍ରୀରାମଚରିତମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ:ବୁଗୁଡ଼ା, କଦମ୍ବମଠ, ସମୟ: ସକାଳ ୭ଟା।
- ଶିରିଡି ସାଇନାଥଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ଆସିକା ଶିରିଡି ସାଇ ମନ୍ଦିର, ସମୟ: ସକାଳ ୮ଟା।
- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବାଇକ ଶୋଭାଯାତ୍ରା, ସ୍ଥାନ: ପୁରୁଗେଶ୍ୱରପଲ୍ଲୀ, ରଘୁନାଥ ମନ୍ଦିର, ଆସିକା, ସମୟ: ସକାଳ ୮ଟା।
- ପବିତ୍ର ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ଶ୍ରୀରଘୁନାଥ ମନ୍ଦିର ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା,ସ୍ଥାନ: ବୁଗୁଡ଼ା ମା ମାଳିଖୋଲା ମନ୍ଦିରରୁ ଆରମ୍ଭ, ସମୟ: ଅପରାହ୍ନ ୩ଟା।
- ବିରଞ୍ଚିନାରାୟଣ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ବୁଗୁଡ଼ା,ବୁଦ୍ଧଖୋଲ ରାସ୍ତା,ଆଦିପୁର ଛକ, ସମୟ: ଅପରାହ୍ନ ୫ଟା।

**କନ୍ଧମାଳ**
- ଶ୍ରୀରାମ ନବମୀ ପାଳନ ଓ ଶୋଭାଯାତ୍ରା, ସ୍ଥାନ:ଦାରିଙ୍ଗବାଡି ମାହାଙ୍ଗବିରୁ ହନୁମାନ ମନ୍ଦିର, ସମୟ: ସକାଳ ୯ଟା।
- ବାସନ୍ତିକ ନବରାତ୍ରି ଉଦଯାପନୀ ଓ ରାବଣ ପୋଡି, ସ୍ଥାନ: ଦାରିଙ୍ଗବାଡି ମା'ପଟ୍ଟାଖଣ୍ଡାଙ୍କ ପୀଠ, ସମୟ: ସନ୍ଧ୍ୟା ୭ଟା।

**ଢେଙ୍କାନାଳ**
- ନାଟ୍ୟ ପଦଯାତ୍ରା, ସ୍ଥାନ: ବାଜିଚୌକ, ଢେଙ୍କାନାଳ, ସମୟ: ସକାଳ ୬ଟା ୩୦।
- ଶ୍ରୀରାମ ନବମୀ ଉତ୍ସବ,ସ୍ଥାନ: ଶ୍ରୀଶ୍ରୀ ବଳରାମ ଜୀଉଙ୍କ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ରାମଚରିତ ନବାହ୍ନ ପରାୟାଣ ପୂର୍ଣ୍ଣାହୁତି, ସ୍ଥାନ: କୁଞ୍ଜକାନ୍ତ ପୋଖରୀ, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା।

**ଅନୁଗୋଳ**
- ଶ୍ରୀ ରଘୁନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସର୍ବ ଦେବଦେବୀ ପୂଜା, ଶ୍ରୀରାମଙ୍କ ଷୋଡ଼ଶ ଉପଚାର ପୂଜା, ସର୍ବ ଦେବଦେବୀ ଯଜ୍ଞ, ଶିଖରୀ କଳସ ଓ ଧ୍ୱଜା ସ୍ଥାପନ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ସକାଳ ୮ ଟା ୩୦।
- ରାମ ନବମୀ ଉତ୍ସବ, ସ୍ଥାନ: କିଶୋରନଗର ବ୍ଲକ ବଇଣ୍ଡାର ଶିକ୍ଷକପଡା, ସମୟ: ପୂର୍ବାହ୍ନ ୧୦ଟା।
- ରାମ ନବମୀ ଉତ୍ସବ, ସ୍ଥାନ: ଆଠମଲ୍ଲିକ ବ୍ଲକ ସାନହୁଲାର ଘୋଡ଼ାବାନ୍ଧୁଣି, ସମୟ: ପୂର୍ବାହ୍ନ ୧୦ଟା।

**ଜଗତ୍‌ସିଂହପୁର**
- ଶ୍ରୀରାମ ଧ୍ୱଜ ଯାତ୍ରା, ସ୍ଥାନ: ଏରସମା ବ୍ଲକ ସିହା ଗ୍ରାମର ହୁରା ପଡିଆସ୍ଥିତ ପ୍ରସ୍ତାବିତ ଶ୍ରୀରାମ ମନ୍ଦିର ନିର୍ମାଣ ସ୍ଥଳରୁ ନୂଆଗାଁସ୍ଥିତ ମହାବୀର ପୀଠ ପର୍ଯ୍ୟନ୍ତ, ସମୟ: ଅପରାହ୍ନ ୩ଟା।
- ରାମ ନବମୀ ଉପଲକ୍ଷେ ରାମ ଚରିତ କାର୍ଯ୍ୟକ୍ରମ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ କନ୍ୟାପୂଜନ କାର୍ଯ୍ୟକ୍ରମ, ସ୍ଥାନ: ମହୁଲିଆ ରାମନବମୀ ପୀଠ, ରାଜନଗର, ସମୟ: ସକାଳ ୮ଟା।
- ଶ୍ରୀ ବାସନ୍ତୀ ଦୁର୍ଗାଙ୍କ ପୂଜାଯୋବ, ସ୍ଥାନ:ଆଳି ବ୍ଲକର ଚଣ୍ଡିଆଗଡି ବଡତୋଟା, ଗରଦପୁର ବ୍ଲକର ବେତାରୀ, ଚାଉଳିଆ, ଶୀତଳପାଟଣା, ବଙ୍ଗଳପୁର, ଭାଟପଡା,ନୈନ୍ଦିପୁର, ମହାକାଳପଡା ବ୍ଲକ ବାବର, ବିଜୟନଗର, କିଆରବାଙ୍କ, ନନ୍ତାର, ପାତ୍ରଗଡ, ଖରିନାସି, ସମୟ: ସକାଳ ୮ଟା।
- ଆମ ଗାଁ ସାହିତ୍ୟ ପରିଷଦର କବି ସମ୍ମିଳନୀ, ସ୍ଥାନ:ବଚ୍ଛାବଟ ମହାପୁରୁଷ ପୀଠ ପରିସର, ଜମ୍ବୁମୂଳ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା, ସ୍ଥାନ:ମଦନପୁରରୁ ବାଲିପଡା ହନୁମାନ ମନ୍ଦିର, ରାଜନଗର, ସମୟ: ଅପରାହ୍ନ ୨ଟା।
- ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ହାଇସ୍କୁଲ ପଡିଆ, ବଳଭଦ୍ରପୁର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥ ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ହନୁମାନ ବାଟିକା ପରିସର, ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ମା' ଜାଡି ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀମଦ୍ ଭାଗବତ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ନିମପୁର, ଆଳି, ସମୟ: ସନ୍ଧ୍ୟା ୬ଟା।
- ମା' ବାସନ୍ତୀ ପୂଜା କମିଟି ପକ୍ଷରୁ ବସନ୍ତ କାଳୀନ ଦୁର୍ଗା ପୂଜା, ସ୍ଥାନ: ମା' ବାସୁଳେଇ ପୀଠ, ଚାଟରାଚକଡା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ବିଜୟା ଦଶମୀ ମହାଯଜ୍ଞ, ସ୍ଥାନ: ମେଳଣ ପଡିଆ, ମେଡିକାଲ ବଜାର, ଧାମନଗର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଚତୁର୍ବିଂଶ ବାର୍ଷିକୀ କଳିକଲୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ଡିହବଳରାମପୁର କଚେରୀପଡ଼ା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ହନୁମାନଜୀଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ:ମା' ମହୀପାଳିନୀ ମନ୍ଦିର, ମହିପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।
- ଧନୁର୍ଜୟ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ମହୋତ୍ସବ ସମାରୋହ, ସ୍ଥାନ: ଦୁର୍ଗା ପୂଜା ପଡ଼ିଆ, ବସୁପୁର, ଚଉଦକୁଲାଟ, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଓ ପ୍ରବଚନ କାର୍ଯ୍ୟକ୍ରମ, ଶ୍ରୀରାମପୁର, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ମାନସାପୋଲ ଶ୍ରୀରାମ ମନ୍ଦିରରେ ରାମନବମୀ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୭ଟା।
- ବ୍ୟାସନଗର ଗୋପବନ୍ଧୁ ଛକ ହନୁମାନ ମନ୍ଦିରରେ ରାମନବମୀ ପୂଜା, ସ୍ଥାନ : ମନ୍ଦିର ପରିସର, ସକାଳ ୮ଟା।
- ଧର୍ମଶାଳା ବ୍ଲକ ପକ୍ଷରୁ ଭତ୍ତା ଓ ରାଶନ କାର୍ଡ ବଣ୍ଟନ, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ରାମନବମୀ ଉପଲକ୍ଷେ ଯାଜପୁର ସହରରେ ଶୋଭାଯାତ୍ରା, ସ୍ଥାନ: ମୋଟରଙ୍ଗାପାଳ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ସେବା ସମିତି ପକ୍ଷରୁ ରାମ ନବମୀ ଶୋଭାଯାତ୍ରା, ସ୍ଥାନ: ପ୍ରଶାସନିକ ଭବନ ପଡିଆ, ସମୟ : ଅପରାହ୍ନ ୪ଟା।
- ବ୍ୟାସନଗର କନ୍ହେଇପୁର ରାମଚରିତ ମାନସ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କନ୍ହେଇପୁର ଶିବମନ୍ଦିର ନିକଟ, ସମୟ : ଅପରାହ୍ନ ୫ଟା।
- ଶ୍ରୀଶ୍ରୀ ରାମଚନ୍ଦ୍ରଙ୍କ ବାର୍ଷିକ ମହୋତ୍ସବ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ କଣ୍ଟିଗଡ଼ିଆସ୍ଥିତ ମଧୁକେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ବାସନ୍ତିକ ଦୁର୍ଗାପୂଜା ୩ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ଦରଦା ମହିଷାସୁଣି ପୀଠ, ସମୟ: ସକାଳ ୭ଟା ୩୦।
- ଅଷ୍ଟ ପ୍ରହର ଓ ଗୀତାଯଜ୍ଞର ୩ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ରାମଚନ୍ଦ୍ରଙ୍କର ଜନ୍ମ ବାର୍ଷିକୀ ଉତ୍ସବର ପ୍ରଥମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ କୁଞ୍ଜବିହାରୀପୁରର ରାମ ମନ୍ଦିର, ସମୟ: ସକାଳ ୮ଟା ୩୦।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ଦଶମ ଦିବସରେ ପୂଜାନୀତି, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସକାଳ ୯ଟା।
- ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିରର ୪ର୍ଥ ଦିବସ, ସ୍ଥାନ:ନୟାଗଡ଼ ବ୍ଲକ ମାଛିପଡା ସରକାରୀ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା।
- ଅଷ୍ଟ ପ୍ରହର ଓ ନାମଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ବଡବାଣପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ୫୪ତମ ଓଡ଼ିଶା ପ୍ରସିଦ୍ଧ ଗଣିଆ ଲଙ୍କାପୋଡି ଯାତ୍ରା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ପ୍ରଥମ ଦିବସରେ ପୂଜା ପାଠ, ଶ୍ରୀରାମଙ୍କ ଜନ୍ମ ଓ ତାଡକା ବଧ, ସ୍ଥାନ: ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପୀଠ ଗଣିଆ, ସମୟ:ପୂର୍ବାହ୍ନ ୧୦ଟାରୁ ପ୍ରାତଃ ୫ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ପ୍ରଥମ ଦିବସରେ ଶ୍ରୀରାମଙ୍କ ଜନ୍ମ ନୀତି , ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ଦଶମ ଦିବସରେ ପାରାୟଣରେ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ଓ କାକ ଭୁଷଣ୍ଡି ସମ୍ବାଦ ପ୍ରସଙ୍ଗ, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀ ରଘୁନାଥ ଜୀଉଙ୍କର ନବଦିନ ସନ୍ଧ୍ୟା ବେଶର ପ୍ରଥମ ଦିବସରେ ଜନ୍ମ ନାରାୟଣ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ବିଜେ ଓଡଗାଁଙ୍କର ଶ୍ରୀରାମ ନବମୀ ଯାତ୍ରା ଅବସରରେ ନବଦିନ ସନ୍ଧ୍ୟା ବେଶର ପ୍ରଥମ ଦିବସରେ ଜନ୍ମ ନାରାୟଣ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ପ୍ରଥମ ଦିବସରେ ମୁଖ୍ୟ ରାମଲୀଳାରେ ଶ୍ରୀରାମଙ୍କ ଜନ୍ମ , ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ରାତ୍ର ୧୧ଟା।

**ରାୟଗଡ଼ା**
- ରାମନବମୀ ଅବସରରେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ସେରୀଗୁମାରୁ ମାଝୀଗୁଡା, କଲ୍ୟାଣସିଂହପୁର, ସମୟ: ସକାଳ ୯ଟା।
- ୪ ପ୍ରହରୀ ନାମ ସଂକୀର୍ତ୍ତନ ସହ ବାଇକ ରାଲି, ସ୍ଥାନ: ଟିକିରି, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଶୁଭଗ୍ରହ ତୃତୀୟସ୍ଥ ଯୋଗୁ ବନ୍ଧୁଙ୍କ ମାଧ୍ୟମରେ ପାରିବାରିକ ଅସଙ୍ଗତି ଦୂର କରିବାରେ ସାହାଯ୍ୟ କରିବେ। ଆଜିର ଯାତ୍ରା, ସରକାରୀ କର୍ମଚାରୀଙ୍କୁ ସାକ୍ଷାତ, ବାଣିଜ୍ୟ ପାଇଁ ଦିନଟି ଅନୁକୂଳ ରହିବ। ଶୁକ୍ରଙ୍କ ସୁପ୍ରଭାବରୁ ମାନସିକସ୍ଥିତି ଭଲ ରହିବା ସହ ଅଭିଳଷିତ ଫଳ ପାଇବେ। ବନ୍ଧୁଗହଣରେ ମନୋରଞ୍ଜନର ମଉକା ଜୁଟିବ।

**ବୃଷ**
ଚତୁର୍ଥସ୍ଥ କେତୁଙ୍କ ଯୋଗୁ ପରିବାରରେ ପ୍ରତିକ୍ରିୟା ପ୍ରକାଶ କଲେ ଓଲଟା ଫଳ ପାଇବେ। ଧନାଧିପ ବୁଧ ପାପଗ୍ରହ କବଳରେ ପୀଡିତ ଥିବାରୁ ଧନହାନି ସୂଚନା ରହିଛି। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ଆପଣଙ୍କୁ ସାହାଯ୍ୟ କରିବେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ**
କର୍ମାଧିପ ପୁନର୍ବସୁ ନକ୍ଷତ୍ରରେ ଅବସ୍ଥାନ କରିଥିବାରୁ ଆଜି କୌଣସି କାମ ଅସମ୍ପୂର୍ଣ୍ଣ ରହିବ ନାହିଁ। ଆତ୍ମୀୟଙ୍କ ସହଯୋଗରୁ ଅର୍ଥ ଓ ସମ୍ମାନ ପାଇବେ। କାର୍ଯ୍ୟଦକ୍ଷତା ହେତୁ ସାମାଜିକ ସମ୍ମାନ ବୃଦ୍ଧି ସହ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ସପ୍ତମାଧିପତି ସପ୍ତମକୁ ଅବଲୋକନ କରୁଥିବାରୁ ବାଣିଜ୍ୟ, ଯାତ୍ରାରୁ ଅଭିଳଷିତ ଫଳ ପାଇବେ।

**କର୍କଟ**
ଧନାଧିପ ଧନସ୍ଥାନରୁ ଅଷ୍ଟମସ୍ଥ ଯୋଗୁ ଅର୍ଥନୈତିକ ସ୍ଥିତି ଦୁର୍ବଳ ରହିବା ସହ ସମସ୍ୟାଯୁକ୍ତ ହେବ। ସକାଳୁ ଶୁଭ ଖବର କିମ୍ବା ମୂଲ୍ୟବାନ ଜିନିଷ ପ୍ରାପ୍ତିରେ ଆନନ୍ଦ ଅନୁଭବ କରିବେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ ନତୁବା ବିବାଦର ସୂତ୍ରପାତ ହେବ। କାହାରି କଥାରେ ପ୍ରଭାବିତ ହୋଇ କାମ କଲେ ମନ୍ଦଫଳ ଭୋଗି ପାରନ୍ତି।

**ସିଂହ**
କର୍ମାଧିପ ଶୁକ୍ର ଭାଗ୍ୟସ୍ଥାନରେ ଅବସ୍ଥାନ କରୁଥିବାରୁ କର୍ମସମୂହକୁ ଅଗ୍ରାଧିକାର ଭିତ୍ତିରେ ସମ୍ପନ୍ନ କରିବେ। ଆତ୍ମୀୟ କିମ୍ବା ହିତୈଷୀଙ୍କ ସହଯୋଗରୁ ସମସ୍ୟା ସମାଧାନ ହେବ। ସ୍ତ୍ରୀ କିମ୍ବା ବୟସ୍କବ୍ୟକ୍ତି ପ୍ରେରଣାରୁ ଉପକୃତ ହୋଇପାରନ୍ତି। ବୈଷୟିକ ଅଭିବୃଦ୍ଧି ସାଙ୍ଗକୁ ନୂତନ ବନ୍ଧୁସମ୍ପର୍କ ସ୍ଥାପନରେ ସଫଳତା ହାସଲ କରିପାରନ୍ତି।

**କନ୍ୟା**
ଧନାଧିପ ଶୁକ୍ର ସ୍ୱଭାବକୁ ଦେଖୁଥିବାରୁ ଅର୍ଥପ୍ରାପ୍ତି ସାଙ୍ଗକୁ ଅଭିଳଷିତ କାମ ସମ୍ପନ୍ନ କରିବେ। ରପ୍ତାନି ବାଣିଜ୍ୟ, କ୍ରୀଡ଼ା, ବିବାଦୀୟ ଅର୍ଥପ୍ରାପ୍ତି ପାଇଁ ଚେଷ୍ଟା ଅବ୍ୟାହତ ରଖିପାରନ୍ତି। କର୍ମକ୍ଷେତ୍ରରେ ଅଜଣା ଆଗନ୍ତୁକଙ୍କ ଆକସ୍ମିକ ଆବିର୍ଭାବ ପରିବେଶକୁ ଏପଟ ସେପଟ କରିଦେବ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ।

**ତୁଳା**
ଭାଗ୍ୟଭାବସ୍ଥ ଗୁରୁଙ୍କ ସହ ଚନ୍ଦ୍ରଙ୍କ ସମ୍ବନ୍ଧ କୌଣସି ଆନୁଷ୍ଠାନିକ କାମରେ ଅନୁପ୍ରବେଶ କରାଇବ। ଦୀର୍ଘଦିନରୁ ପରିକଳ୍ପିତ ନୂତନ ଯୋଜନାଟିକୁ ଆଜି ଆରମ୍ଭ କରିବେ। ଘର ଲୋକଙ୍କ କାମରେ ଅସନ୍ତୁଷ୍ଟ ହେଲେ ମଧ୍ୟ ପାଟି ଫିଟାଇବାର ରାସ୍ତା ନ ଥିବ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା**
କୋଣଭାବସ୍ଥ ଶନିଙ୍କ ପ୍ରଭାବରେ କୌଣସି କାମ ଆରମ୍ଭ କରି ପରକ୍ଷଣରେ ଅନୁତାପ କରିପାରନ୍ତି। ହାତରେ ବହୁତ କାମ ରହିଥିଲେ ମଧ୍ୟ କୌଣସିଟା ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ। ବନ୍ଧୁଟି ସ୍ୱାର୍ଥବାଦୀ ହେବାର ଲକ୍ଷ୍ୟକରି ବ୍ୟଥିତ ହେବେ। ନୂତନ ଯୋଜନା, ବାଣିଜ୍ୟ, ମାଙ୍ଗଳିକ କାମ, ବନ୍ଧୁ ସମ୍ପର୍କରେ କିଛି ନୂତନତ୍ୱ ଅନୁଭବ କରିବେ।

**ଧନୁ**
ବନ୍ଧୁଙ୍କ ସହଯୋଗରେ ସୌଖୀନ ଜିନିଷ ଲାଭ କରି ଖୁସି ହେବେ। ଶନିଙ୍କ ସ୍ଥିତିଜନିତ ଘରର ଅପ୍ରକାଶ୍ୟ ଘଟଣା ଶୁଣି ଦୁଃଖିତ ହେବେ। ଶନି କ୍ଷେତ୍ରସ୍ଥ ବୁଧ ହେତୁ ନୂତନ କାମରେ ପ୍ରତିବନ୍ଧକ ଲାଗିରହିବା ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ଖର୍ଚ୍ଚ ବୃଦ୍ଧି ଯୋଗୁ ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ପଡ଼ିପାରେ।

**ମକର**
ଅଷ୍ଟମାଧିପ ରାଶ୍ୟାଧିପତି ସହ ତୃତୀୟସ୍ଥ ରହିଥିବାରୁ କୌଣସି ଅସୁବିଧା ନ ଥାଇ ମଧ୍ୟ ମନ ଭଲ ରହିବ ନାହିଁ। ନିଜ ଚତୁଃପାର୍ଶ୍ୱସ୍ଥ ବ୍ୟକ୍ତିଙ୍କ ସନ୍ଦେହ ହେତୁ ଟେନ୍ସନ ବଢ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ତଥାପି ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ ଓ ସମ୍ପନ୍ନ କରିବାରେ ସଫଳତା ପାଇବେ।

**କୁମ୍ଭ**
ରାହୁଙ୍କ ସହିତ ବୁଧଙ୍କ ଅବସ୍ଥିତି ଭୁଲ୍ ନିଷ୍ପତ୍ତି ନେବା ସହ ବିବାଦୀୟ କଥା ଚିନ୍ତା କରିବା ଦିଗରେ ଅନୁପ୍ରେରିତ କରିପାରନ୍ତି। ଭୁଲ୍ କାର୍ଯ୍ୟପଦ୍ଧତି ଅନୁସରଣ କଲେ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆଜି ଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ। କୌଣସି ନୂତନ କର୍ମାରମ୍ଭ ପାଇଁ ସହଭାଗୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ।

**ମୀନ**
ଆଜିର ଗ୍ରହସ୍ଥିତି ଏହିପରି ଯେ- ଆପଣ ଯେମିତି ଚିନ୍ତା କରୁଛନ୍ତି ଠିକ୍ ସେହିପରି ହିଁ ସମ୍ପନ୍ନ ହେବ। କିନ୍ତୁ ପଛରେ କହୁଥିବା ଲୋକମାନେ କହୁଥିବେ ସେକଥା ମନକୁ ଆଣିଲେ ଆଗକୁ ବଢି ପାରିବେ ନାହିଁ। ନୀତିବିହୀନ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି। ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି।

ଆଜି ମାର୍ଚ୍ଚ ୨୭ ତାରିଖ, ଚୈତ୍ର ଶୁକ୍ଳପକ୍ଷର ନବମୀ ଯୁକ୍ତ ଦଶମୀ ଶୁକ୍ରବାର, ଶ୍ରୀମନ୍ଦିରରେ ଓ ସର୍ବସମ୍ମତ ଶ୍ରୀରାମନବମୀ, ଶ୍ରୀରାମଚରିତ ମାନସ ଜୟନ୍ତୀ, ବାସନ୍ତିକ ମୃଣ୍ମୟୀଦେବୀଙ୍କ ନବମୀ ପୂଜା, ପୀଠେ ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ଦଶହରା, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ। ଦିବା ଘ.୦୧।୩୬ ଗତେ, କର୍କଟଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୮ ଗତେ ଘ.୦୬।୩୭ ମଧ୍ୟେ, ଘ.୦୭।୨୫ ଗତେ ଘ.୦୮।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୧ ଗତେ ଘ.୧୧।୫୨ ମଧ୍ୟେ ରାହୁ କାଳ।

ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖରାଦିନ ଯାକ ରହିଲୁ ବସି**
**ଚତୁର୍ମାସିଆକୁ ପାରୁଚୁ ଘଷି ।**

ବର୍ଷାକାଳରେ ପାଣି ପବନ ଯୋଗୁ ବାହାରେ ଘଷି ପାରିବା ସୁବିଧାଜନକ ହୋଇ ନ ଥାଏ। ତେଣୁ ଯେତେବେଳେ ଯେଉଁ କାମ କରାଯିବା କଥା ସେତେବେଳେ ନକଲେ ପଛରେ ହଇରାଣ ହେବା ହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଖାଇବ ଦକ୍ଷିଣେ ଶୋଇବ ବାଆଁ**
**ଭାତ ଝଡ଼ିଯିବ ଆପଣା ଛାଆଁ।**

ଦକ୍ଷିଣ ନାଶା ପୁଡ଼ାରେ ନିଃଶ୍ୱାସ ଯାଉଥିବା ସମୟରେ ଖାଦ୍ୟ ଗ୍ରହଣ କରିବା ଉଚିତ ହୋଇଥାଏ। ସେହିପରି ବାମ ନାଶା ପୁଡ଼ାରେ ନିଃଶ୍ୱାସ ଯାଉଥିବା ସମୟରେ ବିଶ୍ରାମ କରିବା ବା ଶୋଇବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୧ମ, ୩ୟ ପୃଷ୍ଠାର ଅବଶିଷ୍ଟାଂଶ

### ପହିଲାରୁ ନୂଆ...

ଆଉଟ ଷ୍ଟିଲ ଉତ୍ପାଦନ ୟୁନିଟ୍‌ଗୁଡ଼ିକୁ ଆଧୁନିକୀକରଣ, ଉନ୍ନତ ପ୍ୟାକେଜିଂ ଏବଂ ଗୁଣବତ୍ତା ନିୟନ୍ତ୍ରଣ ଯନ୍ତ୍ରପାତି ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଫ୍‌ଏସ୍‌ଏସ୍‌ଏଆଇ ସାର୍ଟିଫିକେଶନ୍ ଓ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ପାଳନ ଅନିବାର୍ଯ୍ୟ କରାଯିବ। ନିର୍ଦ୍ଧାରିତ ସମୟ ସୀମାରେ ଆଧୁନିକୀକରଣ ସମ୍ପୂର୍ଣ୍ଣ କରୁଥିବା ୟୁନିଟ୍‌ଗୁଡ଼ିକୁ ପ୍ରୋତ୍ସାହନ ମଧ୍ୟ ଦିଆଯିବ। ତେବେ ଧାର୍ମିକ ଓ ସାଂସ୍କୃତିକ ଭାବନାକୁ ସମ୍ମାନ ଦେଇ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓ ବଡ଼ଦାଣ୍ଡ ପାଖରେ କୌଣସି ଅବକାରୀ ଦୋକାନ ଚାଲୁ ହେବନାହିଁ। ଏହା ସହିତ ଘରକୁ ମଦ ପହଞ୍ଚାଇବାକୁ ଅନୁମତି ଦିଆଯିବ ନାହିଁ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ଏଥିସହିତ ସରକାର ଇଏନ୍‌ଏ ଗତିବିଧି ନିରୀକ୍ଷଣ ଓ ଉତ୍ପାଦନରୁ ବିକ୍ରୟ ପର୍ଯ୍ୟନ୍ତ ପ୍ରତ୍ୟେକ ବୋତଲକୁ ଟ୍ରାକ୍ କରିବା ପାଇଁ ଟ୍ରାକ୍ ଏବଂ ଟ୍ରେସ୍ ପ୍ରଣାଳୀ ପ୍ରବର୍ତ୍ତନ କରିବାକୁ ସିଦ୍ଧାନ୍ତ ନେଇଛନ୍ତି। ସମସ୍ତ ଉତ୍ପାଦନ ୟୁନିଟ୍ ଓ ଖୁଚୁରା ଦୋକାନ ଗୁଡ଼ିକୁ ସିସିଟିଭି ନିରୀକ୍ଷଣ ଅଧୀନରେ ଅଣାଯିବ ଏବଂ ଏହାକୁ ଅବକାରୀ କମିଶନରଙ୍କ କାର୍ଯ୍ୟାଳୟ ଓ ସମ୍ପର୍କିତ ଜିଲା କାର୍ଯ୍ୟାଳୟ ସହ ସଂଯୋଜିତ କରାଯିବ। ଏହାସହିତ ରାଜ୍ୟର ଅବକାରୀ ରାସାୟନିକ ପରୀକ୍ଷାଗାରଗୁଡ଼ିକୁ ଆଧୁନିକ ପ୍ରଯୁକ୍ତି ଓ ପ୍ରଶିକ୍ଷିତ ମାନବ ସମ୍ବଳ ମାଧ୍ୟମରେ ସୁଦୃଢ଼ ଓ ଉନ୍ନତ କରାଯିବ। ଏହାଦ୍ୱାରା ରାଜ୍ୟରେ ବିଭିନ୍ନ ଗଳିକନ୍ଦିରେ ଆଉ ଅବାଧ ମଦ ବିକ୍ରି ହେବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

### ସଡ଼କ ଦୁର୍ଘଟଣା...

ସେହିପରି ୧୦ହଜାର ୮୦୬ଜଣ ବ୍ୟକ୍ତି ଆହତ ହୋଇଥିବାବେଳେ ହାରାହାରି ୧୭.୭ ତଥା ୧୮ଜଣଙ୍କ ମୃତ୍ୟୁ ପ୍ରତିଦିନ ହେଉଛି ବୋଲି ମନ୍ତ୍ରୀ ଦର୍ଶାଇଛନ୍ତି। ମନ୍ତ୍ରୀ କହିଛନ୍ତି, ସଡ଼କ ଦୁର୍ଘଟଣା ସମ୍ପର୍କରେ ସଚେତନ କରିବାପାଇଁ ସରକାରଙ୍କ ପକ୍ଷରୁ

୨୦୨୪ ଡିସେମ୍ବର ୨୩ରେ ଆଇଆଇଟି ମାଡ୍ରାସ ସହିତ ଏକ ଚୁକ୍ତିନାମା ସମ୍ପାଦିତ ହୋଇଥିଲା। ଏହି ଚୁକ୍ତିନାମା ଆଧାରରେ ଉକ୍ତ ସଂସ୍ଥାକୁ ପର୍ଯ୍ୟାୟକ୍ରମେ ଅର୍ଥ ପ୍ରଦାନ କରାଯାଉଛି। ଅଦ୍ୟାବଧି ଉକ୍ତ ସଂସ୍ଥାକୁ ୪କୋଟି ୫୨ଲକ୍ଷ ୭୪ହଜାର ୬୯୭ଟଙ୍କା ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

### ଦୋଷୀଙ୍କୁ ମୃତ୍ୟୁ...

ସେଠାରେ ତାଙ୍କୁ ଶିଶୁରୋଗ ବିଭାଗ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ପୋଲିସ ନାବାଳିକାଙ୍କ ମୃତ୍ୟୁକାଳୀନ ଜମାନବନ୍ଦି ରେକର୍ଡ କରିଥିଲା। ଏହି ଘଟଣାରେ ପୋଲସରା ଥାନା ପୋଲିସ ନଂ.୪୧୭/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କ ଜଣେ ସମ୍ପର୍କୀୟ କେଶବ ତାଙ୍କୁ ଚକୋଲେଟ ଦେବା ବାହାନାରେ ଡାକି ନେଇଥିଲେ ବୋଲି ଜଣାପଡ଼ିଥିଲା। ଘଟଣାଦିନ କେଶବ ଫେରାର୍ ଥିଲେ। ଘଟଣାର ଦୁଇଦିନ ପରେ ତାଙ୍କୁ ଗିରଫ କରି ଜେରା କରାଯିବାରେ ପୂରା ଘଟଣା ସ୍ପଷ୍ଟ ହୋଇଥିଲା। ନାବାଳିକାଙ୍କୁ କେଶବ ଚକୋଲେଟ ଦେବା ବାହାନାରେ ନେଇ ବଳାତ୍କାର କରିବା ସହ ତାଙ୍କ ଯୌନାଙ୍ଗରେ ଏକ ବାଡ଼ି ପୂରାଇ ଦେଇଥିଲେ। ସେ ଚିତ୍କାର କରିବାରୁ ତାଙ୍କ ତଣ୍ଟି ଚିପି ଦେଇଥିଲେ। ପୀଡ଼ିତା ଜଣକ ଅଚେତ ହୋଇଯିବାରୁ ସେ ମରିଯାଇଥିବା ଭାବି ସେଠାରୁ ଚମ୍ପଟ ମାରିଥିଲେ ବୋଲି କେଶବ ସ୍ୱୀକାର କରିଥିଲେ। ଏହି ଘଟଣାରେ ତତ୍କାଳୀନ ପୋଲସରା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଅଭିଯୁକ୍ତ କେଶବଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। କେଶବ ବ୍ରହ୍ମପୁର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ମାମଲାର ବିଚାର ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଓ ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ ଆଧାରରେ ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

### ଜାତୀୟ ଦଳ ଚାନ୍ଦା...

ଚାନ୍ଦା ମିଳିଛି। ଜାତୀୟ ଦଳଗୁଡ଼ିକୁ ମିଳିଥିବା ମୋଟ ଚାନ୍ଦାର ୯୨.୧୮ ପ୍ରତିଶତ (୬,୧୨୮.୭୮୭ କୋଟି ଟଙ୍କା) ହେଉଛି କର୍ପୋରେଟ୍ ଚାନ୍ଦା। ୩,୨୪୪ଟି ଡୋନେଶନ୍‌ରୁ ଏହା ସଂଗୃହୀତ ହୋଇଛି। ବ୍ୟକ୍ତିବିଶେଷଙ୍କଠାରୁ ୭,୯୦୦ଟି ଡୋନେଶନ ଜରିଆରେ ମୋଟ ୫୦୫.୬୬ କୋଟି ଟଙ୍କା ଚାନ୍ଦା ଜାତୀୟ ଦଳକୁ ଯାଇଛି। ୨,୭୯୪ଟି ଡୋନେଶନରୁ ଭାଜପା ୫,୭୧୭.୨୬୬ କୋଟି ଟଙ୍କା କର୍ପୋରେଟ ପାଇଛି, ଯାହାକି ଅନ୍ୟ ସମସ୍ତ ଜାତୀୟ ଦଳର ମୋଟ କର୍ପୋରେଟ୍ ଚାନ୍ଦାର ୧୩ ଗୁଣରୁ ଅଧିକ। ଅନ୍ୟ ଦଳଗୁଡ଼ିକର ମୋଟ କର୍ପୋରେଟ୍ ଚାନ୍ଦା ପରିମାଣ ୪୧୧.୬୨ କୋଟି ଟଙ୍କା। ଭାଜପା ୨,୬୨୭ ଜଣଙ୍କଠାରୁ ବ୍ୟକ୍ତିଗତ ଚାନ୍ଦା ଭାବେ ୩୪୫.୯୪ କୋଟି ଟଙ୍କା ପାଇଛି। କଂଗ୍ରେସ ୧୧୨ଟି କର୍ପୋରେଟ୍ ଡୋନେଶନରୁ ୩୮୩.୮୬ କୋଟି ଏବଂ ୨,୩୫୭ ଜଣଙ୍କଠାରୁ ୧୩୨.୩୯ କୋଟି ଟଙ୍କା ବ୍ୟକ୍ତିଗତ ଚାନ୍ଦା ପାଇଛି।

ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ଭାଜପା, କଂଗ୍ରେସ ଏବଂ ଆପ୍‌କୁ ସର୍ବାଧିକ ୨,୪୧୩.୪୬୫ କୋଟି ଟଙ୍କା ଚାନ୍ଦା ଦେଇଛି। ସେଥିରୁ ଭାଜପା ପାଇଥିବା ଚାନ୍ଦା ପରିମାଣ ୨,୧୮୦.୭୧୧୯ କୋଟି ହୋଇଥିବାବେଳେ କଂଗ୍ରେସକୁ ୨୧୬.୩୩୫ କୋଟି ଏବଂ ଆପ୍‌କୁ ୧୬.୪୧୭୮ କୋଟି ଟଙ୍କା ମିଳିଛି। ପ୍ରୋଗ୍ରେସିଭ୍ ଇଲେକ୍ଟୋରାଲ ଟ୍ରଷ୍ଟ ୮୩୪.୯୭ କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ଏବି ଜେନେରାଲ ଇଲେକ୍ଟୋରାଲ ଟ୍ରଷ୍ଟ ୬୨୧ କୋଟି ଏବଂ ନ୍ୟୁ ଡେମୋକ୍ରାଟିକ୍ ଇଲେକ୍ଟୋରାଲ ଟ୍ରଷ୍ଟ ୧୫୫ କୋଟି ଟଙ୍କା ଦେଇଛି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପ୍ରା.ଲିଃ ୩ଟି ଡୋନେଶନ ଜରିଆରେ ୧୦୦ କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ରୁଙ୍ଗଟା ସନ୍ସ ପ୍ରା.ଲିଃ ୪ଟି ଡୋନେଶନ ଜରିଆରେ ଭାଜପାକୁ ୯୫ କୋଟି ଟଙ୍କା ଦେଇଛି।




# ଘୂର୍ଣ୍ଣିବଳୟ: ୧ ଯାଏ ଝଡ଼ବର୍ଷା

## ରାଜଧାନୀରେ ବର୍ଷାପବନ ସହ କୁଆପଥର ମାଡ଼

ଭୁବନେଶ୍ୱର, ୨୬।୩(ବନ୍ଦନା ସେଠୀ)

ବର୍ତ୍ତମାନ ଉପର ବାୟୁ ଘୂର୍ଣ୍ଣିବଳୟ ଉତ୍ତର ଓଡ଼ିଶା ସଂଲଗ୍ନ ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସମୁଦ୍ର ପତ୍ତନଠାରୁ ୧.୫ କି.ମି. ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା, ପବନ ଓ କୁଆପଥର ମାଡ଼ ହୋଇଥିଲା। ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଆଦି ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଥିଲା। ତେବେ ଭୁବନେଶ୍ୱରରେ ଅପରାହ୍ନରେ ଝଡ଼ତୋଫାନ ସହ ପ୍ରବଳ ବର୍ଷା ହୋଇଥିଲା। ଏଥିସହ କୁଆପଥର ମାଡ଼ ରାଜଧାନୀର ଜୀବନଯାତ୍ରାକୁ ପ୍ରଭାବିତ କରିଥିଲା। ଆସନ୍ତା ୬ଦିନ ଅର୍ଥାତ୍ ଏପ୍ରିଲ ୧ ବୁଧବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ଝଡ଼ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ସୁନ୍ଦରଗଡ଼ ଜିଲାକୁ ବର୍ଷା, ପବନ ଓ ଘଡ଼ଘଡ଼ି ବିଜୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ କଟକ, ସମ୍ବଲପୁର, କୋରାପୁଟ, ମାଲକାନଗିରି ଆଦି ଜିଲାରେ ବର୍ଷା ହେବା ନେଇ ସୂଚନା ଦିଆଯାଇଛି। ସେହିପରି ଶନିବାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

ରାଜ୍ୟରେ ଝଡ଼ବର୍ଷା ଲାଗି ରହିଥିଲେ ମଧ୍ୟ ତାପମାତ୍ରା ଅଧିକ ରହୁଛି। ଗତ ୨୪ ଘଣ୍ଟାରେ ୩୮.୮ ଡିଗ୍ରୀ ସହିତ ଝାରସୁଗୁଡା ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ପଛକୁ ହୀରାକୁଦରେ ୩୮.୬ ଡିଗ୍ରୀ, ସମ୍ବଲପୁର ୩୮.୪ ଡିଗ୍ରୀ, ଭବାନୀପାଟଣା ୩୮.୨ ଡିଗ୍ରୀ, ପାରଳାଖେମୁଣ୍ଡି ୩୭.୬ ଡିଗ୍ରୀ, ନବରଙ୍ଗପୁର ୩୭.୫ ଡିଗ୍ରୀ, ସୁନ୍ଦରଗଡ଼ ୩୭.୪ ଡିଗ୍ରୀ, ବଲାଙ୍ଗୀର ୩୭.୨ ଡିଗ୍ରୀ, ସୋନପୁର ୩୭.୨ ଡିଗ୍ରୀ, ଭୁବନେଶ୍ୱର ଓ ନୂଆପଡ଼ା ୩୭ ଡିଗ୍ରୀ, ବରଗଡ଼ ୩୬.୮ ଡିଗ୍ରୀ, ତାଳଚେର ୩୬.୫ ଡିଗ୍ରୀ ଏବଂ ଖୋର୍ଦ୍ଧାରେ ୩୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତା ୨ରୁ ୩ ଦିନ ପରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ପୂର୍ବାନୁମାନ କରାଯାଇଛି।

# ପେଟ୍ରୋଲ ୫, ଡିଜେଲ ୩ ଟଙ୍କା ବଢ଼ାଇଲା ନାୟରା

ନୂଆଦିଲ୍ଲୀ,୨୬।୩(ପି.ଟି.)

ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ଭିତରେ ସବୁଠୁ ଅଧିକ ମହଙ୍ଗା ହେବାରେ ଲାଗିଛି ତୈଳ। ବିଶ୍ୱ ତୈଳ ବଜାରରେ ନିଆଁ ଲାଗିଥିବାବେଳେ ଘରୋଇ ଫୁଏଲ୍ ରିଟେଲର ନାୟରା ଗୁରୁବାର ପେଟ୍ରୋଲ ଓ ତୈଳ ଦର ବଢ଼ାଇଛି। ପେଟ୍ରୋଲ ଲିଟର ପିଛା ୫ ଟଙ୍କା ଓ ଡିଜେଲ ଲିଟର ପିଛା ୩ ଟଙ୍କା ବୃଦ୍ଧି କରାଯାଇଥିବା କୁହାଯାଉଛି। ଦେଶରେ ନାୟରାର ୬,୬୦୦ ପମ୍ପ ଷ୍ଟେଶନ କାର୍ଯ୍ୟକ୍ଷମ ଥିବାବେଳେ ସେଥିରୁ ଓଡ଼ିଶାରେ ୧୯୦ଟି ରହିଛି।

ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ମିଳିତ ଏୟାର ଷ୍ଟ୍ରାଇକ୍ କରାଯିବା ପରଠାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ପ୍ରାୟ ୫୦% ବୃଦ୍ଧି ଘଟିଲାଣି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କରାଯାଇ ନ ଥିବାରୁ ଭାରତୀୟ ତୈଳ ବିପଣନ କମ୍ପାନୀଗୁଡ଼ିକ ଚାପରେ ରହିଛନ୍ତି, ଯାହାକି ଆଗକୁ ଅସମ୍ଭାଳ ସ୍ଥିତି ଉପୁଜାଇପାରେ ବୋଲି ଆଶଙ୍କା କରାଯାଉଛି। ଏଭଳି ସମୟରେ ଭାରତର ମୋଟ ୧୦୨,୦୭୫ ପେଟ୍ରୋଲ ପମ୍ପ ମଧ୍ୟରୁ ୬,୬୦୦ ପମ୍ପ ପରିଚାଳନା କରୁଥିବା ନାୟରା ଏନର୍ଜି ତୈଳ ଦର ବଢ଼ାଇଛି। ତେବେ କମ୍ପାନୀ ପକ୍ଷରୁ ଏହା ଉପରେ ତତ୍କାଳ କିଛି ସ୍ପଷ୍ଟ କରାଯାଇନାହିଁ।

ଦେଶରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ବିପି ପିଏଲ୍‌ସିର ଫୁଏଲ୍ ରିଟେଲିଂ ମିଳିତ ଉଦ୍ୟୋଗ ଜିଓ-ବିପିର ୨,୧୮୫ ଆଉଟ୍‌ଲେଟ ରହିଛି। କ୍ରୁଡ୍ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଏହି କମ୍ପାନୀ ପେଟ୍ରୋଲ, ଡିଜେଲ ଦର ବଢ଼ାଇନାହିଁ। ସରକାରଙ୍କ ଅଧୀନରେ ପରିଚାଳିତ ରିଟେଲରମାନଙ୍କ ନିକଟରେ ତୈଳ ବଜାରର ୯୦% ନିୟନ୍ତ୍ରଣ ରହିଥିବାବେଳେ ସେମାନେ ମଧ୍ୟ ଦର ବଢ଼ାଇ ନାହାନ୍ତି।

ରୁଷିଆର ରୋସ୍‌ନେଫ୍ଟ ମାଲିକାନାରେ ନାୟରାର ସର୍ବାଧିକ ଶେୟାର ରହିଛି। ଏହି କମ୍ପାନୀର ପେଟ୍ରୋଲ ୫ ଓ ଡିଜେଲ ୩ ଟଙ୍କା ମହଙ୍ଗା ହୋଇଥିବାରୁ ଆଗକୁ ଅନ୍ୟମାନେ ଦର ବୃଦ୍ଧି କରିପାରନ୍ତି ବୋଲି ଆଶଙ୍କା ସୃଷ୍ଟି ହୋଇଛି। ନାୟରାର ନୂଆ ଦର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ତାରିଖରୁ ଲାଗୁହେବାକୁ ଯାଉଛି। ପ୍ରକାଶ ଯେ, ଦେଶରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍ (ଆଇଓସି), ଭାରତ ପେଟ୍ରୋଲିୟମ୍ ଲିମିଟେଡ୍ (ବିପିସିଏଲ୍), ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେଶନ୍ ଲିମିଟେଡ୍ (ଏଚ୍‌ପିସିଏଲ୍) ଆଦି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ୨୦୨୨ ଏପ୍ରିଲରୁ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରଖିଛନ୍ତି। ଅନ୍ୟପକ୍ଷେ ଏହି ୩ ରିଟେଲର ଗତ ସପ୍ତାହରେ ପ୍ରିମିୟମ୍ ପେଟ୍ରୋଲ ଲିଟର ପିଛା ୨ ଟଙ୍କା ଓ ଇଣ୍ଡଷ୍ଟ୍ରିଆଲ ଡିଜେଲ ଲିଟରେ ପିଛା ୨୨ ଟଙ୍କା ବଢ଼ାଇଛନ୍ତି।

# ଜଳଖିଆ ଖାଇ ୧୯ ଛାତ୍ରୀଛାତ୍ର ଅସୁସ୍ଥ

## ଲହଣ୍ଡାବୁଡ଼ ପଞ୍ଚାୟତ ହାଇସ୍କୁଲ

ସୁନ୍ଦରଗଡ,୨୬।୩
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଲହଣ୍ଡାବୁଡ଼ ପଞ୍ଚାୟତ ହାଇସ୍କୁଲର ୧୯ଜଣ ଛାତ୍ରୀଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅସୁସ୍ଥଙ୍କ ମଧ୍ୟରେ ୧୧ଜଣ ଛାତ୍ର ଓ ୮ଜଣ ଛାତ୍ରୀ ରହିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନବୋଧ ପୃଷେଠଙ୍କ କହିବା ଅନୁସାରେ, ଏହି ବିଦ୍ୟାଳୟର ମୋଟ ୩୨ଛାତ୍ରୀ ଓ ୪୮ଜଣ ଛାତ୍ର ହଷ୍ଟେଲରେ ରୁହନ୍ତି। ବୁଧବାର ଅନ୍ୟଦିନ ଭଳି ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଓ ରାତ୍ରିଭୋଜନ ସ୍ୱାଭାବିକ ଭାବେ କରିଥିଲେ। ଅପରାହ୍ନରେ ଧରୁଆଡିହୀ ଥାନା ପୋଲିସ ପକ୍ଷରୁ ସାଇବର ଅପରାଧ ସମ୍ପର୍କରେ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରେ ଛାତ୍ରୀଛାତ୍ରମାନଙ୍କୁ ଜଳଖିଆ ଦିଆଯାଇଥିଲା। ଗୁରୁବାର ସକାଳେ କେତେଜଣ ଛାତ୍ରୀଛାତ୍ର ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ଝାଡ଼ାବାନ୍ତି ହୋଇଥିଲା। ଏହାପରେ ହାଇସ୍କୁଲ କର୍ତ୍ତୃପକ୍ଷ ସଙ୍ଗେସଙ୍ଗେ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ପ୍ରଥମେ ମଝାପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ୮ ଜଣ ଛାତ୍ରୀଙ୍କୁ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ସାଇବର ସଚେତନା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଠିକ ମାନର ଜଳଖିଆ ଦିଆଯାଇଛି ବୋଲି ଧରୁଆଡିହୀ ଥାନା ଆଇଆଇସି ସୌଦାମିନୀ ନାଗ କହିଛନ୍ତି। ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ଜିଲା ଶିକ୍ଷା ଅଧିକାରୀ ଡ. ମୂରଲୀଧର ବେହେରା ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସାଧୀନ ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରିବୁଝିଛନ୍ତି। ଫୁଡ ପଏଜନିଙ୍ଗ ଯୋଗୁ ଏଭଳି ହୋଇଥାଇପାରେ। ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ଅବସ୍ଥା ସ୍ୱାଭାବିକ ଥିବା ଜିଲାପାଳ ଡାକ୍ତର ମହାପାତ୍ର କହିଛନ୍ତି।


ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଅସୁସ୍ଥ ଛାତ୍ରୀମାନେ ଚିକିତ୍ସିତ ହେଉଛନ୍ତି।

# ଆଜି ୫ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

## ଶ୍ରୀମନ୍ଦିରରେ ହେବ ଶ୍ରୀରାମ ଜନ୍ମନୀତି

ପୁରୀ,୨୬।୩(ଅଜିତ୍ କୁମାର ମହାନ୍ତି)

ଚୈତ୍ର ଶୁକ୍ଳ ଶ୍ରୀରାମ ନବମୀ ତିଥିରେ ଶୁକ୍ରବାର ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ଏହି ନୀତି ଅନ୍ୟତମ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନଧୂପ ଭୋଗ ସରିବା ପରେ ଶ୍ରୀରାମ ଜନ୍ମନୀତି ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶୁକ୍ରବାର ଆପାତତଃ ଅପରାହ୍ନ ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀରାମ ଜନ୍ମନୀତି ସମ୍ପାଦନ ହେବା ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ହେବା ସହ ପୁନର୍ବାର ଦର୍ଶନ ଆରମ୍ଭ ହେବ।

# ଆଇନଜୀବୀ ସତ୍ୟ ନାରାୟଣ ମହାନ୍ତିଙ୍କ ଲାଇସେନ୍ସ ସସ୍‌ପେଣ୍ଡ

## ବେଆଇନ ଭାବେ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ନିର୍ବାଚନ ଫଳ ଘୋଷଣା ଘଟଣା

କଟକ,୨୬।୩(କାର୍ତ୍ତିକ ସାହୁ)

ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ ନିର୍ବାଚନରେ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନେଇ ବେଆଇନ ଭାବେ ନିର୍ବାଚନ ଫଳ ଘୋଷଣା କରି ଅଡୁଆରେ ପଡ଼ିଛନ୍ତି ଆଇନଜୀବୀ ସତ୍ୟ ନାରାୟଣ ମହାନ୍ତି। ଏଭଳି ବେଆଇନ ସୂଚନା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଦୃଷ୍ଟିଗୋଚର ହେବା ପରେ ଆଇନଜୀବୀ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ତାଙ୍କୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଆଇନଜୀବୀ ପେସାରୁ ନିଲମ୍ବନ କରାଯାଇଥିବା ପରିଷଦ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ଗୁରୁବାର ପ୍ରକାଶ କରାଯାଇଛି।

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସୂଚନା ଅନୁସାରେ, ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ ସାଧାରଣ ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ନିର୍ବାଚନ ନିମନ୍ତେ ଦେବାଶିଷ ପାଣିଗ୍ରାହୀ ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶ କ୍ରମେ ଅଧିକୃତ ନିର୍ବାଚନ ଅଧିକାରୀ ଅଟନ୍ତି। ମାତ୍ର ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶକୁ ଅବମାନନା କରି ସତ୍ୟ ନାରାୟଣ ମହାନ୍ତି ନିଜକୁ ନିର୍ବାଚନ ଅଧିକାରୀ ବୋଲି ଦାବି କରିବା ଆଇନବିରୁଦ୍ଧ ଏବଂ ଆଇନଜୀବୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଆଚାର ସଂହିତାର ବିରୁଦ୍ଧାଚରଣ। ଏହାକୁ ଦୃଷ୍ଟିରେ ରଖି ଚଳିତ ନିର୍ବାଚନ ପାଇଁ ମହାନ୍ତି ଅଧିକୃତ ନିର୍ବାଚନ ଅଧିକାରୀ ନୁହନ୍ତି ବୋଲି ପରିଷଦ ପକ୍ଷରୁ ୩ଟି ପୃଥକ ଚିଠି ମାଧ୍ୟମରେ ତାଙ୍କୁ ଜଣାଇ ଦିଆଯାଇଛି। ଏପରି କି କାହିଁକି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବନି ତାହା କେନ୍ଦ୍ରୀୟ ନିର୍ବାଚନ କମିଟି ସମ୍ମୁଖରେ ବ୍ୟକ୍ତିଗତ ହାଜର ହୋଇ ତାହାର କାରଣ ଦର୍ଶାଅ ନିମନ୍ତେ ନୋଟିସ ଜାରି କରାଯାଇଥିଲା। ମାତ୍ର ମହାନ୍ତି ପରିଷଦର ନିର୍ଦ୍ଦେଶକୁ ଅବମାନନା ପୂର୍ବକ ବ୍ୟକ୍ତିଗତ ଭାବରେ ହାଜର ନ ହୋଇ ଆଇନର ବିରୁଦ୍ଧାଚରଣ ତଥା ଆଇନଜୀବୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆଚାର ସଂହିତାର ଉଲ୍ଲଂଘନ ପୂର୍ବକ ନିର୍ବାଚନ ଅଧିକାରୀ ଭାବେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ଖବର ପ୍ରକାଶ କରାଇଛନ୍ତି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସର୍ବୋଚ୍ଚ ନିୟାମକ ସଂସ୍ଥା ହିସାବରେ ତାହାକୁ ନିରାଧାର, ଅସତ୍ୟ ଓ ବିଭ୍ରାନ୍ତିକର କହିବା ସହିତ ପୁନର୍ବାର ସୂଚିତ କରୁଛି କି ରେଭିନ୍ୟୁ ବାର୍ ଆସୋସିଏଶନର ନିର୍ବାଚନ ଯଥାରୀତି ଧାର୍ଯ୍ୟ ମାର୍ଚ୍ଚ ୨୮ ସକାଳ ୭.୩୦ରୁ ୩.୦୦ ମଧ୍ୟରେ ଅନୁଷ୍ଠିତ ହେବ। ଉକ୍ତ ବାର୍‌ର ସମସ୍ତ ସଦସ୍ୟ ସେହି ସମୟ ମଧ୍ୟରେ ନିଜର ମତଦାନ କରିବେ।

# ରାଜ୍ୟରେ ଅପରାଧ କମିନି ବରଂ ବଢ଼ିଛି: ବିଜେଡି

ଭୁବନେଶ୍ୱର, ୨୬।୩(ସୁନିତ୍ ମିଶ୍ର)

ରାଜ୍ୟରେ ଘଟୁଥିବା ଅପରାଧ ଉପରେ ବୁଧବାର ବିଧାନସଭାରେ ଶ୍ୱେତପତ୍ର ପ୍ରକାଶ ପାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଟିପ୍ପଣୀ ରଖି କହିଥିଲେ, ପୂର୍ବ ସରକାରଙ୍କ ଅପରାଧ ପ୍ରେମ ଶେଷ। ତାଙ୍କର ଏଭଳି ଟିପ୍ପଣୀ କେବଳ ଭ୍ରମ ସୃଷ୍ଟିକରିବା ଲାଗି ଉଦ୍ଦିଷ୍ଟ। ରାଜ୍ୟରେ ପୂର୍ବ ସରକାର ସମୟ ଅପେକ୍ଷା ଏବେ ଅପରାଧ ବଢ଼ିଥିବା ସ୍ପଷ୍ଟ ହେଉଛି ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେନିନ୍ କହିଛନ୍ତି, ରାଜ୍ୟରେ ପୂର୍ବବର୍ଷ ତୁଳନାରେ ୨୦୨୫ରେ ୭.୩% ଅପରାଧରେ ବୃଦ୍ଧି ଘଟିଛି। ୨୦୨୪ରେ ସମୁଦାୟ ୨,୧୪,୧୧୩ଟି ଆପରାଧିକ ମାମଲା ରୁଜୁହୋଇଥିବାବେଳେ ୨୦୨୫ରେ ୨,୨୯,୮୮୧ଟି ମାମଲା ରୁଜୁ ହୋଇଛି। ରାଜ୍ୟରେ ପ୍ରତିଦିନ ୪ଟି ହତ୍ୟାକାଣ୍ଡ ଏବଂ ୮ ଜଣ ବଳାତ୍କାରର ଶିକାର ହେଉଛନ୍ତି। ରାଜ୍ୟର ପର୍ଯ୍ୟଟନ ସ୍ଥଳଗୁଡିକ ବଳାତ୍କାର ସ୍ଥଳୀ ପାଲଟିଯାଇଛି। ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳଗୁଡିକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଲେନିନ୍ କହିଛନ୍ତି।

# ଯୁବକଙ୍କ ସହ ନାଚିଲା ହାତୀ



## ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ

କେନ୍ଦୁଝର,୨୬।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଦନ୍ତାହାତୀର ଜଳକ୍ରୀଡ଼ା ଏବଂ ଉଗ୍ରରୂପ ସମସ୍ତେ ଦେଖିଛନ୍ତି। ତେବେ ହାତୀର ମଜାଳିଆ ଢଙ୍ଗ ବହୁ କମ୍ ଦେଖିବାକୁ ମିଳେ। ଏକ ଦନ୍ତାହାତୀ ଜଣେ ଯୁବକଙ୍କ ସହ ଗୀତର ତାଳେ ତାଳେ ନାଚୁଛି। ଏଭଳି ଏକ ରୋମାଞ୍ଚକର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ତେବେ ଏହା କେଉଁଠି ଓ କେବେ ଘଟିଛି, ଠିକ୍ ଜଣାପଡ଼ିନାହିଁ। ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ସରେଇ ଗ୍ରାମ ନିକଟ ବୈତରଣୀ ନଦୀ କୂଳର ଏହି ଦୃଶ୍ୟ ବୋଲି ଆଲୋଚନା ହେଉଛି। ଭିଡିଓରେ ଦେଖିବାକୁ ମିଳୁଛି, ଜଣେ ଯୁବକ ଏକ ନାଳର ଗୋଟିଏ ପାଖରେ ଛିଡ଼ା ହୋଇଛନ୍ତି। ଅନ୍ୟ ପାର୍ଶ୍ୱରେ ଦନ୍ତାହାତୀ ଛିଡ଼ା ହୋଇଛି। ଯୁବକ ଗୀତ ଲଗାଇ ପାଟି କରି ନାଚୁଛନ୍ତି। ଗୀତ ଶୁଣି ଯୁବକ ଅଣ୍ଟା ହଲାଇ ନାଚିବା ଦେଖି ହାତୀଟି ମୁଣ୍ଡ ହଲାଇ ଝୁମୁଛି। ସେଠରେ ଉପସ୍ଥିତ ଅନ୍ୟମାନେ ଉକ୍ତ ଦୃଶ୍ୟକୁ ମୋବାଇଲରେ କଏଦ କରୁଥିବା ଦେଖାଯାଇଛି। ଯୁବକ ଜଣକ ହାତୀକୁ ରାଜୁ ବୋଲି ସମ୍ବୋଧନ କରୁଥିବା ଶୁଣିବାକୁ ମିଳୁଛି। ଘଟଣା ଚମ୍ପୁଆ ରେଞ୍ଜର ବୋଲି କୁହାଯାଉଛି। ଘଟଣାକୁ ନେଇ ସ୍ଥାନୀୟ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆ କହିଛନ୍ତି, ତାଙ୍କ ପାଖରେ ସେଭଳି କୌଣସି ସୂଚନା ନାହିଁ, ତେବେ ଏହାର ଅନୁଧ୍ୟାନ କରିବେ।

# ସରକାରୀ ସ୍କୁଲରେ ପାଠ୍ୟପୁସ୍ତକ ଅଭାବ: ଈପ୍ସିତା

ଭୁବନେଶ୍ୱର, ୨୬।୩(ସୁନିତ୍ ମିଶ୍ର)

ରାଜ୍ୟର ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକର ଅଭାବ ଦେଖାଦେଇଛି। ଆସନ୍ତା ୨ରୁ ପ୍ରଥମରୁ ୮ମ ଶ୍ରେଣୀ ପାଇଁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେଉଛି। ଏଥିପାଇଁ ଆବଶ୍ୟକ ୨,୭୩,୮୨,୦୫୦ ପାଠ୍ୟପୁସ୍ତକ ମଧ୍ୟରୁ କେବଳ ୧,୧୮,୪୫,୮୦୦ ପୁସ୍ତକ ଯୋଗାଇ ଦିଆଯାଇଛି, ଯାହା ହାରାହାରି ମାତ୍ର ୪.୨୬ ପ୍ରତିଶତ ହେବ। ଆଦିବାସୀ ବହୁଳ ଜିଲାରେ ଏହି ସମସ୍ୟା ଗମ୍ଭୀର ବୋଲି ବିଜୁ ଛାତ୍ର ଜନତା ଦଳ ସଭାପତି ଈପ୍ସିତା ସାହୁ କହିଛନ୍ତି।

ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଈପ୍ସିତା କହିଛନ୍ତି, ସର୍ବାଧିକ ପ୍ରଭାବିତ ଜିଲା ମୟୂରଭଞ୍ଜକୁ ଆବଶ୍ୟକ ପୁସ୍ତକର ମାତ୍ର ୨୩.୦୫ ପ୍ରତିଶତ ପ୍ରଦାନ କରାଯାଇଛି। ସେହିଭଳି କନ୍ଧମାଳ, କେନ୍ଦୁଝର, ଗଜପତି, ନୟାଗଡ଼, ଗଞ୍ଜାମ, ଯାଜପୁର, ବାଲେଶ୍ୱର, ବଲାଙ୍ଗୀର, ଢେଙ୍କାନାଳ, କେନ୍ଦ୍ରାପଡ଼ା,ଭଦ୍ରକ ସମେତ ଅନ୍ୟ ଜିଲାକୁ ମାତ୍ର ୪୦ ପ୍ରତିଶତରୁ କମ୍ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି।



"ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ

-ଶ୍ରୀରାମ ନବମୀ ଓ ବାସନ୍ତିକ ଦୁର୍ଗାଦେବ୍ୟାଃ ଦଶହରା



# ଅନ୍ତର୍ଜାତୀୟ ବ୍ୟବସ୍ଥାରେ ଅସଙ୍ଗତି



ସୋଫି ଆଇଜେନ୍‌ଟ୍ରଟ୍

ନିକଟରେ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ତାଙ୍କ ଭାଷଣରେ ନିୟମ ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥାକୁ 'ଛଳନାତ୍ମକ' ବା ଅବାସ୍ତବ ବୋଲି ବର୍ଣ୍ଣନା କରିଥିଲେ। ଏହି ମନ୍ତବ୍ୟ ଗ୍ଲୋବାଲ ସାଉଥ୍‌ର ସବୁ ଦେଶରେ ବିତର୍କର ଆଧାର ପାଲଟି ଥିବାବେଳେ ପାଶ୍ଚାତ୍ୟରେ ସମସ୍ତଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ବିକାଶଶୀଳ ଓ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକ ଦୀର୍ଘଦିନରୁ ଅନ୍ତର୍ଜାତୀୟ ଆଇନ୍‌ର କାର୍ଯ୍ୟକାରିତାରେ ଅସଙ୍ଗତି ଏବଂ ଅନ୍ତର୍ଜାତୀୟ ବ୍ୟବସ୍ଥାର କେନ୍ଦ୍ରରେ ଥିବା ଦୋମୁହାଁ ନୀତିକୁ ସମାଲୋଚନା କରିଆସୁଛନ୍ତି। ଏବେ ଜଣେ ପାଶ୍ଚାତ୍ୟ ନେତା ଏହି ଛଳନାକୁ ମଧ୍ୟ ସ୍ୱୀକାର କରିଛନ୍ତି। ଏଭଳି ଅଭିଯୋଗ ପରିପ୍ରେକ୍ଷୀରେ ନିୟମ ଆଧାରିତ ବ୍ୟବସ୍ଥାର ସୁରକ୍ଷା ପାଇଁ କାର୍ନି ଅତ୍ୟଧିକ ରାଜନୈତିକ ପୁଞ୍ଜି ନିବେଶ କରିଥିଲେ। ଫେବୃଆରୀରେ ଅନୁଷ୍ଠିତ ମ୍ୟୁନିକ ସୁରକ୍ଷା ସମ୍ମିଳନୀରେ ସାଉଦିର ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଥିଲେ, ଶେଷରେ ବିଶ୍ୱରେ ଭାଙ୍ଗିଯାଉଥିବା ପୁରୁଣା ବ୍ୟବସ୍ଥାକୁ ଲକ୍ଷ୍ୟ କରି ଆମେ ସମସ୍ତେ ପରସ୍ପର ପ୍ରତି ସତ୍ୟନିଷ୍ଠ ବା ସଚ୍ଚୋଟ ହେବା ଉଚିତ। ହେଲେ ସଚ୍ଚୋଟତା ବା ଉତ୍ତରଦାୟିତ୍ୱ ଦିଗରେ ନିଆଯାଇଥିବା ପଦକ୍ଷେପରେ ଆମେ ବାସ୍ତବରେ ଖୁସି କି? ପୁରୁଣା ବ୍ୟବସ୍ଥା ଅବାସ୍ତବ ବୋଲି ପାଶ୍ଚାତ୍ୟ ନେତାମାନେ ଗ୍ରହଣ କରିଥିବାରୁ ଆଗକୁ କ'ଣ ଘଟିବ ତାହା ଜର୍ମାନୀ ଚାନ୍‌ସେଲର ଫେଡ୍‌ରିକ ମର୍ଜ ନିକଟରେ ଦର୍ଶାଇଛନ୍ତି?

ମୁଁ ଜଣେ ବ୍ୟକ୍ତି ଭାବେ ଏହିସବୁ ପ୍ରଶ୍ନ ପଚାରୁଛି ଏବଂ ବ୍ୟବସ୍ଥାର ଅସଙ୍ଗତି ଏବଂ ସେମାନେ ଉତ୍‌ଥାପନ କରିଥିବା ବୈଧ ସମସ୍ୟାଗୁଡ଼ିକ ସମ୍ପର୍କରେ ଏକ ଉଚିତ ଆଲୋଚନା ଲାଗି ଦାବି କରୁଛି। ମୁଁ ମଧ୍ୟ ଆଶାକରେ, ବ୍ୟବସ୍ଥାରେ ଦୋମୁହାଁ ନୀତି ଅଛି ବୋଲି ସ୍ୱୀକାର କରାଯାଇଥିବାରୁ ତାହା ସମସ୍ୟାଗୁଡ଼ିକୁ ହ୍ରାସ କରିବା ସହ ଅନ୍ତର୍ଜାତୀୟ ନୀତି ନିୟମକୁ ଦୃଢ଼ କରିବା ସକାଶେ ଏକ ଗଠନମୂଳକ ବିତର୍କ ପାଇଁ ବାଟ ଫିଟାଇବ। ତଥାପି ମୁଁ ଚିନ୍ତିତ ଯେ, ଏବେ ଯେଉଁ ସଚ୍ଚୋଟତା ବିଷୟ ଉଠୁଛି ତାହା କୌଣସି ଉଦ୍ଦେଶ୍ୟ ପୂରଣ କରୁନାହିଁ। ଏବକାର ପ୍ରଚଳିତ ବ୍ୟବସ୍ଥାକୁ ଅଧିକ ନ୍ୟାୟୋଚିତ ଏବଂ ଅଧିକ ସଙ୍ଗତ କିମ୍ବା ପ୍ରେରଣାଦାୟୀ ସଂସ୍କାର ଭାବେ ନିଶ୍ଚିତ କରିବା ବଦଳରେ ନୂତନଭାବେ ଗ୍ରହଣ କରାଯାଇଥିବା ଉତ୍ତରଦାୟିତ୍ୱ ବିପରୀତ ଲକ୍ଷ୍ୟରେ ଯାଉଥିବା ଜଣାପଡୁଛି। ସମ୍ପୂର୍ଣ୍ଣ ଅସଙ୍ଗତିକୁ ଉଚିତ ବୋଲି ସାବ୍ୟସ୍ତ କରିବା ପାଇଁ ଏହାକୁ ବ୍ୟବହାର କରାଯାଉଛି ଏବଂ ଅଧିକ ସୁସଙ୍ଗତ ବୈଶ୍ୱିକ ନିୟମଗୁଡ଼ିକ ଦିଗରେ କରାଯାଉଥିବା ପ୍ରତ୍ୟେକ କାର୍ଯ୍ୟକୁ ବ୍ୟର୍ଥ ରୂପେ ଦର୍ଶାଉଛି।

ପୁରୁଣା ବ୍ୟବସ୍ଥାର ତ୍ରୁଟିକୁ ସାମ୍ନାକୁ ଆଣୁଥିବା ବ୍ୟକ୍ତିଙ୍କ



ମଧ୍ୟରୁ ଅଧିକାଂଶ ସେମାନଙ୍କ ବ୍ୟବହାର ବଦଳାଇବା ସମ୍ଭାବନା ନାହିଁ। ବ୍ୟବସ୍ଥାରେ ଛଳନା ଥିବା ସେମାନେ କହିପାରନ୍ତି, କିନ୍ତୁ ଟ୍ରମ୍ପ ପ୍ରଶାସନର ଭେନେଜୁଆଲାରେ ହସ୍ତକ୍ଷେପ ଏବଂ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣକୁ ନେଇ ସେମାନଙ୍କ ପ୍ରତିକ୍ରିୟା ନିଶ୍ଚିତ କରୁଛି ଯେ, ଅଧିକ କିଛି ପରିବର୍ତ୍ତନ ହୋଇନାହିଁ। ତ୍ରୁଟିପୂର୍ଣ୍ଣ ବ୍ୟବହାର କିମ୍ବା ଅତୀତରେ ସେମାନଙ୍କ ମେଣ୍ଟର ନିୟମ ଉଲ୍ଲଂଘନ ଜାରି ରଖିବା ପାଇଁ ସେମାନେ ଚାହୁଁଛନ୍ତି। ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜଙ୍କ ସମେତ କେତେକ ପାଶ୍ଚାତ୍ୟ ନେତା ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣକୁ ଅନ୍ୟାୟ ବୋଲି କହିଛନ୍ତି। ହେଲେ ଦୀର୍ଘଦିନରୁ ଅନ୍ତର୍ଜାତୀୟ ଆଇନ ସପକ୍ଷରେ ପ୍ରଚାର କରି ଆସୁଥିବା ୟୁରୋପୀୟ ସଂଘ(ଇୟୁ) ଔପଚାରିକ ଭାବେ ଏହାକୁ ନିନ୍ଦା କରିନାହିଁ। ତେବେ ଔପଚାରିକ ଭାବେ ଦିଆଯାଇଥିବା ବିବୃତିଗୁଡ଼ିକୁ ସମୀକ୍ଷା କଲେ ଜଣାଯାଏ ଯେ, ପାଶ୍ଚାତ୍ୟରେ କେତେକେ ପୁରୁଣା ବ୍ୟବସ୍ଥାର ଦୋମୁହାଁ ନୀତିର କପଟତା ଉପରେ ଗୁରୁତ୍ୱ ଦେଇଥିବା ଜଣାପଡୁଛି। ଏହାସହ ୟୁରୋପ ଓ ଅନ୍ୟମାନେ ଦେଉଥିବା ନୈତିକ ଉପଦେଶ ଉଭୟ ଏକ ସମସ୍ୟାଗ୍ରସ୍ତ ମୁଦ୍ରାର ଦୁଇପାର୍ଶ୍ୱ ଭଳି।

ନିକଟରେ ମର୍ଜ ସ୍ପଷ୍ଟ କରିଛନ୍ତି ଯେ, ଇରାନ ଉପରେ ଆମ ସହଯୋଗୀ କରିଥିବା ଆକ୍ରମଣ ଉପରେ କିଛି କହିବେ ନାହିଁ। ଜର୍ମାନୀ ତା'ର ଯେଉଁ ସହଯୋଗୀଙ୍କୁ ନୈତିକ ଉପଦେଶ ଦେବାରେ ସଂଯମତା ରକ୍ଷାକରୁଛି, ସେମାନେ ସେହି ସହଯୋଗୀ ଯେଉଁମାନଙ୍କୁ ଜର୍ମାନୀ ସବୁବେଳେ ନୈତିକ ଉପଦେଶ ଦେବାରୁ ବରତ ରହିଆସିଛି। କିଛି ନେତା ଯେଉଁମାନେ ପୁରୁଣା ବ୍ୟବସ୍ଥାର ଅଭାବକୁ ସ୍ୱୀକାର କରିଛନ୍ତି, ସେମାନେ କିଛି ଭଲ କରିବା ସକାଶେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ କହୁଛନ୍ତି। ଅନ୍ୟପକ୍ଷରେ ସାଧାରଣ ଯୁକ୍ତି ହେଉଛି ଯେ, ପୁରୁଣା ବ୍ୟବସ୍ଥା ସମ୍ଭବତଃ ଶେଷ ହୋଇଯାଇଛି, ଦୁଃଖ କରିବାର କୌଣସି କାରଣ ନାହିଁ। ଏହାର ପ୍ରଭାବ ସ୍ୱରୂପ, ପାଶ୍ଚାତ୍ୟ ଦେଶଗୁଡ଼ିକୁ ଏବେ କ୍ଷମତା ରାଜନୀତିର ପ୍ରାଧାନ୍ୟ ଥିବା ତଥା ଅନ୍ତର୍ଜାତୀୟ ନିୟମକୁ ସମ୍ମାନ ଦିଆଯାଉ ନ ଥିବା ଏକ ବିଶ୍ୱରେ ସେମାନଙ୍କ ନିଜସ୍ୱ ରଣନୀତିକ ସ୍ୱାର୍ଥ ରକ୍ଷାର ସୀମିତ ଲକ୍ଷ୍ୟ ଉପରେ ଧ୍ୟାନ ଦେବାକୁ ପଡୁଛି। ଏହା ଥିଲା ୟୁରୋପିଆନ୍ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ ଡେର୍ ଲିୟେନ ଇୟୁ ଆମ୍ବାସାଡାର ସମ୍ମିଳନୀରେ ଦେଇଥିବା ଭାଷଣର କିୟଦଂଶ। ସେ ସେଠାରେ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ଏକ ପୃଥିବୀ ପାଇଁ ପୁରୁଣା ବିଶ୍ୱ ବ୍ୟବସ୍ଥା ଲାଗି ୟୁରୋପୀୟ ସଂଘ ଆଉ ରକ୍ଷକ ହୋଇପାରିବ ନାହିଁ, ଯାହା ଶେଷ ହୋଇଯାଇଛି ତାହା ଫେରିବ ନାହିଁ।

ସେହିଭଳି ମର୍ଜ ବିଶ୍ୱାସ କରନ୍ତି ଯେ, ନିୟମ ଆଧାରିତ ବ୍ୟବସ୍ଥା ଆଉ ତିଷ୍ଠି ରହିନି। ଏପରି କି କାର୍ନେ ମଧ୍ୟ ପରାମର୍ଶ ଦେଇଥିଲେ ଯେ, କିଛି ବୃହତ୍, ଉତ୍ତମ, ଦୃଢ଼ ତଥା ଅଧିକ ବୈଧ ବିଷୟ ପୁରୁଣା ବ୍ୟବସ୍ଥାର ଧ୍ୱଂସାବଶେଷ ଉପରେ ଗଢ଼ାଯାଇପାରିବ ଏବଂ ଏହାକୁ କିଭଳି ଦେଖାଯାଇପାରିବ ସେ ସମ୍ପର୍କରେ କିଛି ବିବରଣୀ ପ୍ରଦାନ କରିଥିଲେ।

ଯେଉଁମାନେ ପୁରୁଣା ବ୍ୟବସ୍ଥା ଶେଷ ହୋଇଯାଇଛି ବୋଲି କହୁଛନ୍ତି ସେମାନଙ୍କୁ ସଚ୍ଚୋଟ ଓ ତତ୍ପର ମଧ୍ୟସ୍ଥ ଭାବେ ଦେଖାଯିବା ଉଚିତ। କିନ୍ତୁ ବୈଶ୍ୱିକ ନୀତିନିୟମ ଗଠନ କରିବା ପାଇଁ ସମସ୍ତ ଉଦ୍ଦେଶ୍ୟକୁ ଅଣଦେଖା କରି ସେମାନେ ବିବୃତି ଦେଇପାରୁଛନ୍ତି। ସେମାନେ ଗ୍ଲୋବାଲ ସାଉଥକୁ ଯେଭଳି ସମାଲୋଚନା କରୁଥିଲେ ଏବେ ପାଶ୍ଚାତ୍ୟ ନେତାମାନେ ଠିକ୍ ସମାନ ଶବ୍ଦ ପ୍ରୟୋଗ କରୁଛନ୍ତି। ସେମାନେ ସମସ୍ତଙ୍କ ସ୍ୱାର୍ଥ ସହ ଜଡ଼ିତ ନୀତିଗୁଡ଼ିକୁ ସମର୍ଥନ କରିବା ବଦଳରେ ଜାତୀୟ ସ୍ୱାର୍ଥ ଆଧାରିତ ଏକ ବୈଦେଶିକ-ନୀତି ଦୃଷ୍ଟିକୋଣ ଉପରେ ଏକମତ ହୋଇଛନ୍ତି। ଏକ ଅଧିକ ନ୍ୟାୟପୂର୍ଣ୍ଣ ବୈଶ୍ୱିକ ବ୍ୟବସ୍ଥାକୁ ଆଗେଇ ନେବା ସେମାନଙ୍କ ଲକ୍ଷ୍ୟ ନୁହେଁ। ବରଂ ଅନ୍ତର୍ଜାତୀୟ ନିୟମକୁ ଦୃଢ଼ କରିବା କିମ୍ବା ତାହାର ସୁରକ୍ଷା ପାଇଁ କୌଣସି ପ୍ରତିବଦ୍ଧତାରୁ ସେମାନଙ୍କୁ ମୁକ୍ତ କରୁଥିବା ଏକ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ସେମାନଙ୍କ ଲକ୍ଷ୍ୟ ହୋଇଯାଇଛି।

ତେବେ ମଧ୍ୟମ ଶକ୍ତିଶାଳୀ ଦେଶଗୁଡ଼ିକ ଅନ୍ତର୍ଜତୀୟ ନିୟମକୁ ଧରି ରଖିପାରିବେ ନା ସାମରିକ ପ୍ରାଧାନ୍ୟ ଥିବା ଏକ ଦେଶ ସହଯୋଗ ବିନା ନୂଆ ଅନ୍ତର୍ଜାତୀୟ ନିୟମ ଗଢ଼ିବେ, ତାହାକୁ ନେଇ ପ୍ରଶ୍ନ ଉଠିବା ଯୁକ୍ତିଯୁକ୍ତ। କିନ୍ତୁ ଯଦି ଏଭଳି ଲକ୍ଷ୍ୟ ହାସଲ କରିବାରୁ ସେମାନେ ସମ୍ପୂର୍ଣ୍ଣ ଦୂରେଇ ରହନ୍ତି, ତଥାକଥିତ ନିୟମ ଆଧାରିତ ବ୍ୟବସ୍ଥା ଶେଷ ହୋଇଯିବ। ଆମେ ଯେଉଁ ସଚ୍ଚୋଟତାକୁ ଅପେକ୍ଷା କରିଆସିଛୁ ତାହା ଅସଙ୍ଗତି କିମ୍ବା ନେତୃତ୍ୱ ତ୍ୟାଗକୁ ନ୍ୟାୟସଙ୍ଗତ କରିବାରେ ବ୍ୟବହାର ହେବ। ଯଦି ଏହା ଆମ ଭବିଷ୍ୟତ ହୁଏ, ତେବେ ହରାଇ ସାରିଥିବା 'କାଳ୍ପନିକ' ବିଶ୍ୱକୁ ସ୍ମରଣ କରିବା।

**ଗବେଷଣା ଓ ପ୍ରକାଶନ ମୁଖ୍ୟ,**
**ମ୍ୟୁନିକ ସୁରକ୍ଷା ସମ୍ମିଳନୀ**

# ଗରିବ କିଏ



ଡ. ବାସୁଦେବ ମିଶ୍ର

ସଂସାରରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ବହୁତ ଧନ ସମ୍ପତ୍ତିର ଅଧିକାରୀ ତ ହୋଇଥାନ୍ତି; କିନ୍ତୁ ସେମାନଙ୍କର ଆଚରଣ ଭିକାରିର ଆଚରଣ ସହିତ ପ୍ରାୟ ସମାନ ହୋଇଥାଏ। ଜୀବନସାରା କେବେ କାହାରିକୁ ଚା କପ୍‌ଟିଏ ବି ଦେବା ତାଙ୍କ ଦ୍ୱାରା ସମ୍ଭବ ହୁଏନାହିଁ। ଅନ୍ୟପକ୍ଷରେ ଏ ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ଯଥେଷ୍ଟ ଧନର ଅଧିକାରୀ ହୋଇ ନ ଥାନ୍ତି। ତଥାପି ନିଜର, ନିଜ ପରିବାରର, ବନ୍ଧୁବାନ୍ଧବଙ୍କର, ସାଥୀସାଙ୍ଗଙ୍କର ଆବଶ୍ୟକତା ପୂରଣ କରିବା ଦିଗରେ କେବେ ଅବହେଳା କରନ୍ତି ନାହିଁ।

ଥରେ ଦୁଇବନ୍ଧୁଙ୍କୁ ସାକ୍ଷାତ ଦେଇ ନିଜର ଅଭିଷ୍ଟ ଯାଚନା କରିବାପାଇଁ କହିଲେ ଈଶ୍ୱର। ପ୍ରଥମ ବନ୍ଧୁ କହିଲା-ପ୍ରଭୁ! ଯଦି ଆପଣ ମୋ ଉପରେ ସନ୍ତୁଷ୍ଟ ଅଛନ୍ତି ତ ମୋତେ ଏପରି ବର ଦିଅନ୍ତୁ ଯେପରି ଆସନ୍ତା ଜନ୍ମରେ ମୋତେ କେବଳ ଧନ ମିଳୁଥିବ। ମୋତେ କାହାରିକୁ ଦେବାକୁ ପଡିବ ନାହିଁ। ମୋତେ କେବଳ ସମସ୍ତେ ଧନ ପ୍ରଦାନ କରୁଥିବେ। ଦ୍ୱିତୀୟ ବନ୍ଧୁ କହିଲା-ପ୍ରଭୁ! ମୋତେ ଏପରି ଭାଗ୍ୟଟିଏ ଦିଅନ୍ତୁ ଯେପରି ମୋର ପରବର୍ତ୍ତୀ ଜନ୍ମରେ ମୁଁ କେବଳ ଅନ୍ୟମାନଙ୍କୁ ଦେଇ ଚାଲିଥିବି। ଅନ୍ୟର ଦୁଃଖରେ, ଅଭାବରେ ସେମାନଙ୍କୁ ସାହାଯ୍ୟ କରିପାରୁଥିବି। ଦୁଇଜଣଙ୍କୁ ତଥାସ୍ତୁ ବୋଲି କହି ଅନ୍ତର୍ଦ୍ଧାନ ହେଲେ ଈଶ୍ୱର। ସମୟକ୍ରମେ ଦୁଇବନ୍ଧୁଙ୍କର ମୃତ୍ୟୁ ହେଲା। ପରଜନ୍ମରେ ପ୍ରଥମ ବନ୍ଧୁଟି ଜଣେ ଭିକ୍ଷୁକର ଗୃହରେ ଜନ୍ମନେଲା ଏବଂ ଭିକ୍ଷୁକର ସଂସ୍କାର ଓ ପରମ୍ପରା ନେଇ ଜୀବନ ନିର୍ବାହ କରିବାକୁ ଲାଗିଲା। ଈଶ୍ୱରଙ୍କୁ ମାଗିଥିବା ବର ଅନୁସାରେ ତାକୁ କାହାରିକୁ ଦେବାକୁ ପଡୁ ନ ଥିଲା। ଅନ୍ୟମାନେ କେବଳ ତାକୁ ଦେଇ ଚାଲିଥିଲେ। ଦ୍ୱିତୀୟ ବନ୍ଧୁଜଣକ ଜଣେ ଧନୀ ଏବଂ ବଦାନ୍ୟ ବ୍ୟକ୍ତି ହିସାବରେ ଜନ୍ମଗ୍ରହଣ କଲେ। ଅନ୍ୟମାନଙ୍କୁ ଯେ କୌଣସି ପ୍ରକାରେ ସାହାଯ୍ୟ କରିବାରେ ତାଙ୍କର କେବେ କୁଣ୍ଠା ନ ଥିଲା। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଥିବାରୁ ତାଙ୍କୁ ଈଶ୍ୱର ଅନେକ ଧନର ଅଧିକାରୀ କରିଥିଲେ ଏବଂ ଧନାଗମର ବିଭିନ୍ନ ଉପାୟ ମଧ୍ୟ ତାଙ୍କ ପାଇଁ ଖଞ୍ଜି ଦେଇଥିଲେ ଯେପରି ତାଙ୍କ ନିକଟରୁ ଧନ କେବେ ସରିଯିବ ନାହିଁ। ନ ହେଲେ ସେ ପୁଣି ଅନ୍ୟମାନଙ୍କୁ ସାହାଯ୍ୟ କରିବେ କିପରି?

କେତେକ ଧନୀ ଲୋକଙ୍କୁ ଭିକାରି ପରି ଚଳିବା ଆମେ ଦେଖୁ ଯେମିତି, ଦରିଦ୍ର ହୋଇଥିଲେ ମଧ୍ୟ ଏଇ ସମାଜରେ ଅତି ଉଚ୍ଚମାନର ଜୀବନଯାପନ କରୁଥିବା ଲୋକଙ୍କୁ ଦେଖି ଆମେ ବିସ୍ମିତ ହେଉ ସେମିତି। ସୁଦୂର ଅତୀତରେ ଚାଇନା ଦେଶରେ 'ଲାଓତ୍ ସେ' ନାମକ ଜଣେ ପ୍ରଜ୍ଞାପୁରୁଷ ଗୋଟିଏ କୁଡ଼ିଆ ଘରେ ବାସ କରୁଥିଲେ। ସେ ବହୁତ ଲୋକଙ୍କୁ ଈଶ୍ୱରଙ୍କ ସମ୍ପର୍କରେ ଉପଦେଶ ଦେଉଥିଲେ ଏବଂ ଉତ୍ତମ ଜୀବନ ଯାପନ ନିମିତ୍ତ ମାର୍ଗଦର୍ଶନ କରୁଥିଲେ। କଥା କ୍ରମେ ରାଜାଙ୍କ କାନକୁ ଗଲା। ଏପରି ଜଣେ ଜ୍ଞାନୀ ଲୋକ ଦରିଦ୍ର ଭାବରେ ଗୋଟିଏ କୁଡ଼ିଆ ଘରେ ବାସ କରୁଛନ୍ତି ଜାଣିବାପରେ ଦିନେ ରାଜା ବହୁତ ଗୁଡ଼ିଏ ଧନରତ୍ନ, ଟଙ୍କା ସୁନାରୁପା ଧରି ତାଙ୍କ ନିକଟରେ ଉପସ୍ଥିତ ହେଲେ। 'ଲାଓତ୍ ସେ' ଏସବୁ କଥା ଶୁଣି ଓ ରାଜାଙ୍କୁ ଦେଖି ଟିକିଏ ହସିଲେ ଏବଂ କହିଲେ- ମହାରାଜ! ମୁଁ ମୋର ଜୀବନକୁ ମୋର ମାଲିକାନାରେ, ମୋର ନିଜ ନିଷ୍ପତ୍ତି ଅନୁସାରେ ପରିଚାଳିତ କରୁଛି। ଆପଣ ଆଜି ମୋତେ ଜଣେ ଭିକାରି ସଜେଇଦେବାକୁ ବସିଛନ୍ତି। ମହାରାଜ ଚମକି ପଡ଼ିଲେ। ଗୁରୁଜୀ, ଆପଣ ଏ କ'ଣ କହୁଛନ୍ତି? ଆପଣଙ୍କୁ ମୁଁ ଭିକାରୀ କରିଦେଲି କେମିତି? ବରଂ ଆପଣ ଭିକାରୀ ପରି ଚଳୁଛନ୍ତି ବୋଲି ମୁଁ ତା'ର ନିରାକରଣ ଦିଗରେ କିଛି ପ୍ରୟାସ କରିଛି ମାତ୍ର।

'ଲାଓତ୍ ସେ' କହିଲେ- ରାଜନ୍! କଥାଟି ସେମିତି ନୁହେଁ। ମୋ ଜାଣିବାରେ ମୋର କିଛି ଅଭାବ ନାହିଁ। କିନ୍ତୁ ଏବେଠାରୁ ଆପଣଙ୍କର ଏହି ଧନରତ୍ନ ସହିତ ଜୀବନଯାପନ କରିବାର ଅଭ୍ୟାସ ମୋର ମନକୁ କ୍ରମେ କ୍ଷୁଧାଗ୍ରସ୍ତ କରିଦେବ। ପରେପରେ ମୁଁ ଏତିକି ଧନରେ ସନ୍ତୁଷ୍ଟ ନ ହୋଇ ଆପଣଙ୍କୁ ଅଥବା ଅନ୍ୟ ଧନୀ ଲୋକମାନଙ୍କ ନିକଟରେ ଧନ ଯାଚନା କରିବି ଏବଂ ଅଧିକରୁ ଅଧିକ ଧନ ଆଣିବାକୁ ଚେଷ୍ଟା କରିବି। ଏହାଦ୍ୱାରା ମୋର ମନ ଭିକାରି ହେଲା କି ନାହିଁ। ଆପଣ ରାଜା ହୋଇଥିବାରୁ ନିଶ୍ଚୟ ଜାଣନ୍ତି- ଅନେକ ରାଜା ଜମିଦାର ନିଜ ପାଖରେ ପ୍ରଚୁର ସମ୍ପତ୍ତି ଥିବା ସତ୍ତ୍ୱେ ଆହୁରି ପ୍ରାପ୍ତ କରିବାପାଇଁ ଇଚ୍ଛା କରନ୍ତି। ସେଇ କାମରେ ମାତି ଜୀବନ କଟାନ୍ତି। ନିଜର ବିଶାଳ ସାମ୍ରାଜ୍ୟ ଥିବା ସତ୍ତ୍ୱେ ଆହୁରି ରାଜ୍ୟ ଜୟ କରିବାପାଇଁ ଇଚ୍ଛା କରନ୍ତି ଏବଂ ରକ୍ତପାତ କରିବାପାଇଁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ। ଏସବୁ କ'ଣ ଭିକାରିର ଲକ୍ଷଣ ନୁହେଁ? ଅନ୍ୟପକ୍ଷରେ ଜଣେ ଭିକ୍ଷୁକ ଦରିଦ୍ର ହେଲେ ମଧ୍ୟ ଯଦି ସେ ତା'ର କିଛି ଆବଶ୍ୟକ ଅଛି ବୋଲି ମନେ ନ କରେ, ତେବେ ସେ ଆପଣା ସ୍ଥିତିରେ ଖୁସିରେ ରହିପାରେ ଏବଂ ନିଜର ଜୀବନକୁ ଏକ ଉତ୍ସବ ବୋଲି ମନେକରି ସୁନ୍ଦର ଜୀବନଟିଏ ଜିଇପାରେ। ଆମେ ତାକୁ ଜଣେ ଭିକ୍ଷୁକ ବୋଲି କହିବା ଭୁଲ୍ ହେବ। ସେ ବାସ୍ତବରେ ଜଣେ ରାଜଚକ୍ରବର୍ତ୍ତୀ ପରି ଜୀବନଯାପନ କରୁଥାଏ।

**ଦଶରଥପୁର, ଯାଜପୁର**
**ମୋ:୮୯୧୭୨୭୨୭୭୩**

## ଏଇ ଭାରତରେ

ଜଳ ସଙ୍କଟ ଦୂର କରିବା ପାଇଁ ପୂର୍ବତନ ଭାରତୀୟ ରାଜସ୍ୱ ଅଧିକାରୀ (ଆଇଆର୍‌ଏସ୍) ଉଜ୍ଜ୍ୱଳ କୁମାର ଚଭନ ମହାରାଷ୍ଟ୍ରର ମରାଠାୱାଡା ଓ ଖଣ୍ଡେଶ ଅଞ୍ଚଳରେ ଜଳାଶୟ ଓ ଚେକ୍ ଡ୍ୟାମ୍ ନିର୍ମାଣ କରୁଛନ୍ତି। ଏହି ଉପାୟରେ ଜଳ ସଂରକ୍ଷଣ କରି ଜଳସେଚନର ସୁବିଧା କରିବା ସହ ପାନୀୟ ଜଳ ସଙ୍କଟ ଦୂର କରିପାରିଛନ୍ତି। ଏହି କାର୍ଯ୍ୟରେ ଲୋକମାନେ ମଧ୍ୟ ତାଙ୍କୁ ସହଯୋଗ କରୁଛନ୍ତି। ୨୦୧୬ରେ ଉଜ୍ଜ୍ୱଳ ଏଥିପାଇଁ ଯୋଜନା ଆରମ୍ଭ କରିଥିଲେ। ସେ ପ୍ରଥମେ ତାଙ୍କ ଗାଁରେ ପୋଖରୀ ଖୋଳି ବର୍ଷାଜଳ ସଂରକ୍ଷଣ କରିବା ପରେ ସେ ଅନ୍ୟ ୬ଟି ଗାଁରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେ 'ପଞ୍ଚ ପାଟିଲ' ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଠନ କରିଛନ୍ତି। ଏଥିରେ ବିଶେଷକରି କୃଷକମାନେ ରହିଛନ୍ତି। ଏହି ଟିମ୍ ୫ଟି ଲେଖା ଗାଁର ଦାୟିତ୍ୱ ନେଇ ଡ୍ୟାମ୍ ମଧ୍ୟ ନିର୍ମାଣ କରୁଛନ୍ତି। ଏବେ ୨୦୪ଟି ଗାଁରେ ୫୦୦ କୋଟି ଲିଟର ଜଳ ସଂରକ୍ଷିତ ହୋଇ ରହୁଛି। ଜଳସେଚନର ସୁବିଧା ହେବା ଯୋଗୁ କୃଷକମାନେ ଚାଷରୁ ଅଧିକ ଲାଭ ପାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୭ ମାର୍ଚ୍ଚ ୧୯୭୭**

- କଂଗ୍ରେସ ଦଳ ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଶେଖ ଅବଦୁଲାଙ୍କ ଉପରୁ ସେମାନଙ୍କ ସମର୍ଥନ ପ୍ରତ୍ୟାହାର କରିନେବା ସହ ରାଜ୍ୟରେ ନିଜର ଏକ ନୂତନ ମନ୍ତ୍ରିମଣ୍ଡଳ ଗଠନ କରିବା ନିମନ୍ତେ ଦାବି କରିଛି।
- ନୀଲମ ସଞ୍ଜୀବ ରେଡ୍ଡି ଲୋକ ସଭାର ବାଚସ୍ପତି ରୂପେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 1 | | | | | | |
| 3 | | | | | | 5 | | |
| | | | | 9 | 5 | | | 3 |
| | 1 | | | | 3 | | 6 | |
| | | 8 | 9 | | | | 5 | |
| | | | | | | 4 | | 2 |
| | | 9 | | 4 | | 6 | | |
| | 7 | | 6 | 5 | | 8 | | 1 |
| | | | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 5 | 7 | 1 | 2 | 9 | 6 |
| 6 | 9 | 5 | 4 | 2 | 3 | 1 | 7 | 8 |
| 1 | 7 | 2 | 8 | 6 | 9 | 4 | 3 | 5 |
| 5 | 8 | 3 | 6 | 4 | 2 | 9 | 1 | 7 |
| 9 | 1 | 7 | 3 | 8 | 5 | 6 | 4 | 2 |
| 4 | 2 | 6 | 9 | 1 | 7 | 5 | 8 | 3 |
| 7 | 4 | 9 | 2 | 5 | 8 | 3 | 6 | 1 |
| 3 | 5 | 1 | 7 | 9 | 6 | 8 | 2 | 4 |
| 2 | 6 | 8 | 1 | 3 | 4 | 7 | 5 | 9 |

ଗତକାଲିର ଉତ୍ତର

# ବିଲ୍ ଗେଟ୍ସଙ୍କ କୃତ୍ରିମ ବର୍ଷା



ଡ. ନରେନ୍ଦ୍ର ସେଠୀ

'ବିଲ୍ ଗେଟ୍ସଙ୍କ କୃତ୍ରିମ ବର୍ଷା' ଶୀର୍ଷକ ଏକ ଭାଇରାଲ ରିଲ୍ କିଛିଦିନ ହେଲା ଭାରତୀୟଙ୍କ ହ୍ୱାଟ୍ସଆପ୍‌ରେ ଆଲୋଡ଼ନ ସୃଷ୍ଟି କରିଥିଲା ଓ ଏହି ଅସମୟ ବର୍ଷାରେ ବାହାରକୁ ନ ବାହାରିବା ପାଇଁ କୁହାଯାଉଥିଲା। ସତରେ କ'ଣ ଏହା ପ୍ରବଳ ବର୍ଷାର କାରଣ? ରିଲ୍ ଏବଂ ଭିଡିଓ ଦ୍ୱାରା ଏହି ଗୁଜବରେ ଅଭିଯୋଗ କରାଯାଇଥିଲା ଯେ ରାସାୟନିକ ସ୍ପ୍ରେ କିମ୍ବା 'କେମଟ୍ରେଲ' ଯୋଗୁ ସାମ୍ପ୍ରତିକ ପ୍ରବଳ ବର୍ଷା ହୋଇଛି। ଯଦିଓ ଦାବିଟି ମିଥ୍ୟା, ତଥାପି ଏହା ବିଜ୍ଞାନର ଏକ ପ୍ରକୃତ କିନ୍ତୁ ପ୍ରାୟତଃ ଭୁଲ୍ ବୁଝାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରିଛି, ଯାହାକୁ ବିଲ୍ ଗେଟ୍ସ ୨୦୦୭ ମସିହାରୁ ସମର୍ଥନ କରିଆସୁଛନ୍ତି। ଏହି ବିଷୟକୁ ଆଲୋଚନା କରିବା ପୂର୍ବରୁ ଆମକୁ ଅତୀତର କିଛି ଐତିହାସିକ ବିଷୟକୁ ଚର୍ଚ୍ଚା କରିବାକୁ ହେବ।

ଊନବିଂଶ ଶତାବ୍ଦୀର ଆରମ୍ଭରେ କିଭଳି ଶିଳ୍ପ ବିପ୍ଳବ ଚରମ ସୀମାରେ ପହଞ୍ଚି ବ୍ରିଟେନ୍‌ର ବାୟୁମଣ୍ଡଳକୁ ବର୍ଷତମାମ ଅନ୍ଧକାର କରି ରଖୁଥିଲା ତାହା ସେହି ସମୟର ପ୍ରସିଦ୍ଧ ଶିଳ୍ପବିରୋଧୀ ଚିନ୍ତନ ରଖୁଥିବା ଚିତ୍ରକର ଜେଏମ୍‌ଏମ୍ ଟରନର ତାଙ୍କର ଅନେକ ଚିତ୍ରରେ ପ୍ରକାଶ କରିଥିଲେ। ୧୯୯୧ରେ ଫିଲିପାଇନର ପିନାଟୁବ ଆଗ୍ନେୟଗିରି ହଠାତ୍ ବିସ୍ଫୋଟିତ ହୋଇ ଏତେ ପରିମାଣରେ ସଲ୍‌ଫର ଡାଇଅକ୍‌ସାଇଡ ବାୟୁମଣ୍ଡଳରେ ପ୍ରବେଶ କରାଇଲା ଯେ ଅନେକ ଦିନ ପର୍ଯ୍ୟନ୍ତ ଠିକ୍ ଭାବରେ ସୂର୍ଯ୍ୟକିରଣ ପୃଥିବୀ ଉପରେ ପହଞ୍ଚି ପାରିଲା ନାହିଁ। ଫଳସ୍ୱରୂପ ପୃଥିବୀର ତାପମାତ୍ରା ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ୦.୬ ଡିଗ୍ରୀ ସେଣ୍ଟିଗ୍ରେଡ କମିଯାଇଥିଲା। ଆଗ୍ନେୟ ଉଦ୍‌ଗିରଣ ଯୋଗୁ ବାୟୁମଣ୍ଡଳରେ ଥିବା ରାସାୟନିକ ଜଳକଣା ସହିତ ମିଶି ଆବରଣ ତିଆରି କରିବା ଫଳରେ କିଛି ପରିମାଣରେ ସୂର୍ଯ୍ୟକିରଣ ଆଂଶିକ ପ୍ରତିଫଳିତ ହୋଇ ପୃଥିବୀ ଉପରକୁ ଆସିବା ଯୋଗୁ ପୃଥିବୀର ତାପମାତ୍ରା କମିଯାଇଥିଲା। ଏହି ଘଟଣା ବୈଜ୍ଞାନିକ ଜଗତରେ ଆଲୋଡ଼ନ ସୃଷ୍ଟି କରି ବୈଶ୍ୱିକ ତାପମାତ୍ରା ନିୟନ୍ତ୍ରଣ ପାଇଁ ଏକ ବୈକଳ୍ପିକ ଚିନ୍ତାଧାରା ଆଣିଦେଲା। ଫଳରେ ଅନେକ ଦେଶର ବୈଜ୍ଞାନିକ ଯେଉଁମାନେ ବିଶ୍ୱ ତାପମାତ୍ରା ନିୟନ୍ତ୍ରଣ ପାଇଁ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ କମ୍ କରିବାପରି କଷ୍ଟସାଧ୍ୟ ଉପାୟ ପରିବର୍ତ୍ତେ ସୂର୍ଯ୍ୟକିରଣକୁ ସିଧାସଳଖ କୌଣସି ଉପାୟରେ ପ୍ରତିଫଳିତ କରି ପାରିଲେ ବୈଶ୍ୱିକ ତାପମାତ୍ରା ନିୟନ୍ତ୍ରଣ କରିହେବ ବୋଲି ବିଶ୍ୱାସ କଲେ। ଏହି ପ୍ରକ୍ରିୟାକୁ ସୋଲାର ଜିଓଇଞ୍ଜିନିୟରିଂ କିମ୍ବା ସନ୍‌ଡିମିଂ କୁହାଯାଏ। ସଲ୍‌ଫେଟ ଡାଇଅକ୍ସାଇଡ କିମ୍ବା ହାଇଡ୍ରୋଜେନ ସଲ୍‌ଫାଇଡ ଭଳି ରାସାୟନିକ ପଦାର୍ଥକୁ ଯଦି କୌଣସି ଉପାୟରେ ବାୟୁମଣ୍ଡଳର ଉପରି ଭାଗରେ ଛିଞ୍ଚି ଦିଆଯାଏ, ତା'ହେଲେ ଏହି ରାସାୟନିକଗୁଡିକ ଜଳକଣା ସହିତ ମିଶି ଠିକ୍ ଆଗ୍ନେୟ ଉଦ୍‌ଗିରଣ ଧୂଆଁ ଭଳି ସୂର୍ଯ୍ୟକିରଣକୁ ଆକାଶକୁ ପ୍ରତିଫଳିତ କରି ପୃଥିବୀର ତାପମାତ୍ରା କମ୍ କରିପାରିବ। ଏହି ପ୍ରକ୍ରିୟାରେ ବିମାନ କିମ୍ବା ବେଲୁନ ବ୍ୟବହାର କରି ଷ୍ଟ୍ରାଟୋସ୍ଫିଅରରେ ସଲ୍‌ଫେଟ ଡାଇଅକ୍ସାଇଡ, କ୍ୟାଲସିୟମ ଭଳି ରାସାୟନିକ ପଦାର୍ଥକୁ ଛିଞ୍ଚିଦିଆଯାଏ, ଯେଉଁଠି ଏହା ଜଳୀୟ ବାଷ୍ପ ସହିତ ମିଶି ଏକ ଭାସମାନ ମିଶ୍ରଣ ତିଆରି କରି



ସୂର୍ଯ୍ୟକିରଣକୁ ପୁନର୍ବାର ମହାକାଶକୁ ପ୍ରତିଫଳିତ କରେ। ଆକଳନ ଅନୁସାରେ ମାତ୍ର ଏକ କିଲୋଗ୍ରାମ ସଲ୍‌ଫର ଡାଇଅକ୍ସାଇଡ ବାୟୁମଣ୍ଡଳ ଉପରିଭାଗରେ ଛିଞ୍ଚିଦେଲେ ଏହା ସଫଳତାର ସହିତ ଏକ ହଜାରରୁ ଅଧିକ ବର୍ଗ କିଲୋମିଟର ଅଞ୍ଚଳରେ ତାପମାତ୍ରା ପ୍ରଭାବିତ କରିପାରିବ। ଏହି ଉପାୟ ଫଳରେ କୌଣସି ଦେଶ ଉପରେ କାର୍ବନ ଉତ୍ସର୍ଜନ କଟକଣା ନ ଲଗାଇ ସହଜରେ ଗ୍ଲୋବାଲ ୱାର୍ମିଂ ଲକ୍ଷ୍ୟ ପୂରଣ କରିହେବ ବୋଲି କୁହାଗଲା।

ବିଶ୍ୱର ଅନେକ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକମାନେ ଏହା ଉପରେ କାମ କରିବାକୁ ଲାଗିଲେ। ୨୦୨୦ରେ ଅଧ୍ୟୟନରୁ ଜଣାପଡିଛି ବିଶ୍ୱ ତାପମାତ୍ରା ନିୟନ୍ତ୍ରଣ ଦୃଷ୍ଟିରୁ କାର୍ବନ ଉତ୍ସର୍ଜନ ରୋକିବା ନିମନ୍ତେ ବର୍ଷକୁ ଏକ ଡିଗ୍ରୀ ତାପମାତ୍ରା କମାଇବା ପାଇଁ ପ୍ରାୟ ୧୮ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ସନ୍‌ଡିମିଂ ପ୍ରକ୍ରିୟା ଦ୍ୱାରା ଏହା ଅଧା ଖର୍ଚ୍ଚରେ କରାଯାଇପାରେ। ବାୟୁମଣ୍ଡଳର ଉପରିଭାଗରେ ସଲ୍‌ଫର କଣିକା ପ୍ରାକୃତିକ ଉପାୟରେ ଆଗ୍ନେୟଗିରିରୁ ବାହାରୁଥିବା ଧୂଳିକୁ ବ୍ୟବହାର କରାଯାଉଥିବାରୁ ଏହା ଅଧିକ ଗ୍ରହଣୀୟ। ଖୁବ୍‌ଶୀଘ୍ର ଏହି ପ୍ରକ୍ରିୟାରେ ସଲ୍‌ଫର ମିଶ୍ରଣ ବେଲୁନ କିମ୍ବା ଉଡ଼ାଜାହାଜ ସାହାଯ୍ୟରେ ବାୟୁମଣ୍ଡଳରେ ଛିଞ୍ଚି କାର୍ଯ୍ୟକ୍ଷମ କରାଯାଇପାରେ। ଏହି ଜ୍ଞାନକୌଶଳ ସମ୍ପର୍କିତ ବିଶେଷ ଗବେଷଣା ପାଇଁ ବିଲ୍ ଗେଟ୍ସ ଆଗେଇ ଆସି ସମର୍ଥନ କରିଥିଲେ। ତେବେ ପରିବେଶବିତ୍‌ଙ୍କ ଦ୍ୱାରା ବିରୋଧ ଓ ସମାଲୋଚନା ଯୋଗୁ ସେ ଏହି ଗବେଷଣାରୁ ଦୂରେଇ ଯାଇଥିଲେ। ପରିବେଶବିତ୍‌ଙ୍କ ଅନୁସାରେ ଏହି ପ୍ରକ୍ରିୟା ଦ୍ୱାରା ପାଣିପାଗ ବଦଳିଯିବ ଓ ବର୍ଷା ହେବାର ପ୍ରାକୃତିକ ଋତ ବଦଳିଯାଇ ବ୍ୟାପକ ଭାବରେ କୃଷି କ୍ଷେତ୍ରକୁ ପ୍ରଭାବିତ କରିବ। ମୌସୁମୀ ଉପରେ ନିର୍ଭରଶୀଳ ଅନେକ ଦେଶର କୃଷି ଏହାଦ୍ୱାରା ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ଭୂପୃଷ୍ଠରେ ଋତୁ ହିସାବରେ ବଂଶ ବିସ୍ତାର କରୁଥିବା ମଶା ମାଛି ଭଳି ରୋଗ ବାହକ କୀଟମାନଙ୍କ ବଂଶ ହୁଏତ ବୃଦ୍ଧିପାଇ ସମସ୍ୟା ସୃଷ୍ଟି କରିପାରେ।

ସନ୍‌ଡିମିଂ ପ୍ରକ୍ରିୟା ଓ କୃତ୍ରିମ ବର୍ଷା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଜିନିଷ। ସନ୍‌ଡିମିଂ ପ୍ରକ୍ରିୟାରେ ବର୍ଷା କରାଯାଇ ନ ଥାଏ କିନ୍ତୁ କୃତ୍ରିମ ବର୍ଷା ପ୍ରକ୍ରିୟାରେ ଏକ ଉଡାଜାହାଜ ସାହାଯ୍ୟରେ କିଛି ରାସାୟନିକ ପଦାର୍ଥକୁ ଉଡୁଥିବା ବାଦଲ ଉପରେ ଛିଞ୍ଚି ଦିଆଯାଏ। ସେହି ରାସାୟନିକ ପଦାର୍ଥ ଜଳୀୟ ବାଷ୍ପକୁ ଜମାଟ ବାନ୍ଧି ବର୍ଷା ହେବାରେ ସାହାଯ୍ୟ କରେ। ଏହି ପ୍ରକ୍ରିୟା ଦ୍ୱାରା ଉଭୟ ବର୍ଷା କରାଇ ହୁଏ ଓ ବର୍ଷାକୁ କିଛିଦିନ ସ୍ଥଗିତ ମଧ୍ୟ ରଖିହୁଏ। ଏହାକୁ କ୍ଲାଉଡ ଶେଡିଂ ମଧ୍ୟ କୁହାଯାଏ। ଏଥିପାଇଁ ମୁଖ୍ୟତଃ ସିଲଭର କ୍ଲୋରାଇଡ ବ୍ୟବହାର କରାଯାଇ ଥାଏ। କ୍ଲାଉଡ ଶେଡିଂ ପାଇଁ ଭାରତୀୟ ପ୍ରାୟୋଗିକ ସଂସ୍ଥାନ କାନପୁର ତରଫରୁ ଏକ ପ୍ଲାନ ପ୍ରସ୍ତୁତ କରାଯାଇଛି। ଦିଲ୍ଲୀରେ ହେଉଥିବା ବାୟୁ ପ୍ରଦୂଷଣରୁ ରକ୍ଷା କରିବା ପାଇଁ କୃତ୍ରିମ ବର୍ଷା ନିମିତ୍ତ ଏହି ପ୍ରକ୍ରିୟାକୁ ପ୍ରୟୋଗ କରାଯିବାର ସମ୍ଭାବନା ଅଛି। ସେହିପରି କର୍ନାଟକ ସରକାରଙ୍କ ତରଫରୁ ମରୁଡିଗ୍ରସ୍ତ ଅଞ୍ଚଳରେ ବର୍ଷା କରେଇବା ପାଇଁ କ୍ଲାଉଡ ଶେଡିଂ ଉପାୟ ଅବଲମ୍ବନ କରାଯାଇଛି। ପୁଣେ ସ୍ଥିତ ଭାରତୀୟ ପାଣିପାଗ ସଂସ୍ଥାନ ଏହା ଉପରେ ଅନେକ ବର୍ଷ ହେବ ଗବେଷଣା କରି ଆସୁଛି। ନାଗପୁର ସୋଲାପୁର, ହାଇଦ୍ରାବାଦ, ଯୋଧପୁର ଓ ବାରାଣସୀ ପ୍ରଭୃତି ସହରରେ ବର୍ଷା କରା ଯାଇ ପାରିଛି। ତେଣୁ ନିକଟରେ ଦିଲ୍ଲୀ ଓ ତା ଆଖପାଖ ଅଞ୍ଚଳରେ ହୋଇଥିବା ଅସମୟ ବର୍ଷା କେବଳ ଏକ ସାଧାରଣ ବାୟୁମଣ୍ଡଳୀୟ ପ୍ରକ୍ରିୟା ଓ ଏଥିରେ ବିଲ୍ ଗେଟ୍ସଙ୍କ ହାତ ନାହିଁ।

**ଯାଦୁଗୁଡ଼ା ଝାଡ଼ଖଣ୍ଡ**
**ମୋ:୭୦୦୪୦୬୮୧୧୦**

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣାରେ ୩୦୦ ୟୁନିଟ୍ ବିଦ୍ୟୁତ୍ ଆବଣ୍ଟନ କୁଆଡ଼େ ଗଲା

ମହାଶୟ,

ଭାରତୀୟ ଜନତା ପାର୍ଟି କ୍ଷମତାକୁ ଆସିବା ପାଇଁ ସାଧାରଣ ନିର୍ବାଚନ ବେଳେ ପ୍ରତି ଘରକୁ ମାଗଣାରେ ୩୦୦ ୟୁନିଟ୍ ବିଦ୍ୟୁତ୍ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ଏହାଦ୍ୱାରା ଲୋକମାନେ ଅଧିକ ପ୍ରଭାବିତ ଏବଂ ଆଶାୟୀ ହୋଇଥିଲେ ଏବଂ ଭୋଟ ମଧ୍ୟ ଦେଇଥିଲେ। ତେବେ ଏଯାବତ୍ ଏହା ସମ୍ଭବ ହୋଇପାରିନାହିଁ। ତେବେ ସାମ୍ପ୍ରତିକ ସ୍ଥିତିରେ, ଓଡ଼ିଶାରେ କୃଷକ ପରିବାରକୁ ଚାଷ କାମ ପାଇଁ ଅତି କମ୍‌ରେ ୧୦ ଘଣ୍ଟା ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବାକୁ ଯୋଜନା ପ୍ରସ୍ତୁତ କରାଯିବା ଆବଶ୍ୟକ। ଆନ୍ଧ୍ରପ୍ରଦେଶ, ତାମିଲନାଡୁ ସରକାର କୃଷି କାର୍ଯ୍ୟ ପାଇଁ ଦୀର୍ଘ ବର୍ଷ ହେଲା ମାଗଣାରେ ବିଦ୍ୟୁତ ଯୋଗାଇ ଆସୁଛନ୍ତି। ଓଡ଼ିଶା ସରକାର ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବା ସହିତ କୃଷକମାନଙ୍କ ପ୍ରତି ଅନ୍ୟ ପାର୍ଶ୍ୱବର୍ତ୍ତୀ ରାଜ୍ୟଗୁଡ଼ିକ ଭଳି କୋହଳ ମନୋବୃତ୍ତି ପୋଷଣ କରିବାର ଆବଶ୍ୟକତା ରହିଛି। ତେବେ ୩୦୦ ୟୁନିଟ୍ ବିଦ୍ୟୁତ ଯୋଗାଇ ଦେବା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ଖୁବ୍ ଶୀଘ୍ର ପାଳନ କରାଯାଉ।

**-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, କଟକ ରୋଡ୍, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏତିକି ଖାଲି ରହିଛି ଆସ
ତୁମେ ଯେ ମୋର ଜୀବନେ ରାସ !
ହତାଶ ଗାଥା ଶୁଣାଇବାକୁ
କବିର ତୁମେ ଚିର ନିବାସ ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୭ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

## ପ୍ରକାଶ ପ୍ରଧାନ ହତ୍ୟା ମାମଲା

**ସମ୍ବଲପୁର, ୨୬।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା କତରବଗା ଥାନା ଅନ୍ତର୍ଗତ ଗୁଲାମାଲ ଗ୍ରାମରେ ୨୦୨୧ ମସିହାରେ ସଂଘଟିତ ପ୍ରକାଶ ପ୍ରଧାନ ହତ୍ୟା ମାମଲାର ରାୟ ଗୁରୁବାର ଜିଲା ଓ ଦୌରାଜଜ୍ ପ୍ରଜ୍ଞା ପାଣିଗ୍ରାହୀ ଶୁଣାଇଛନ୍ତି। ୨୩ଜଣ ସାକ୍ଷୀଙ୍କ ବୟାନ ଏବଂ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ ଆଧାର କରି ସେ ୭ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ କତରବଗା ଥାନା ପ୍ରଧାନପାଲିର ଅଶୋକ କୁମାର ପ୍ରଧାନ, ଭୋଜରାଜ ପ୍ରଧାନ, ରୁକ୍ମଣ ପ୍ରଧାନ ଓରଫ ରୋହିତ, ଗଜରାଜ ପ୍ରଧାନ, ଭୀଷ୍ମଦେବ ପ୍ରଧାନ, ରଞ୍ଜିତ ଓରଫ ଦୁଷ୍ମନ୍ତ ଭୋଇ ଏବଂ ଭୀଷ୍ମଜିତ ଭୋଇଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଦଫା ୩୦୨ରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟେ ସମସ୍ତ ଅଭିଯୁକ୍ତଙ୍କୁ ଅଧିକ ଦୁଇ ମାସ ଜେଲ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦଫା ୩୦୭ରେ ସମସ୍ତ ଅଭିଯୁକ୍ତଙ୍କୁ ୧୦ବର୍ଷ ଓ ଦଫା ୧୪୮ରେ ୨ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି ବିଚାରପତି। ଅପରପକ୍ଷରେ ପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ ବିରଞ୍ଚି ବିଶ୍ୱାଳଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବର ୧୬ତାରିଖ ରାତି ପ୍ରାୟ ୮ଟାରେ ପ୍ରଧାନପାଲି ଗୁଲାମାଲ ଅଞ୍ଚଳର ପ୍ରକାଶ ପ୍ରଧାନ ତାଙ୍କ ବନ୍ଧୁ ଅଜୟ ବାରିକଙ୍କ ସହିତ ବିଶ୍ୱକର୍ମା ପୂଜା ପାଇଁ ପୂଜା ସାମଗ୍ରୀ କିଣି ବଜାରରୁ ଫେରୁଥିଲେ। ଏହି ସମୟରେ ପୂର୍ବ ଯୋଜନା ଅନୁଯାୟୀ ଅଭିଯୁକ୍ତମାନେ ସଂଘବଦ୍ଧଭାବେ ପ୍ରକାଶ ଓ ଅଜୟଙ୍କୁ ଲୁହା ପାଇପ୍, ଭୁଜାଲି ଓ କୁରାଢ଼ିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରକାଶ ଓ ଅଜୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଭିମସାର ନେଇଥିଲେ। ମାତ୍ର ସେଠାରେ ଡାକ୍ତର ପ୍ରକାଶଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରକାଶଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ମୃତ ପ୍ରକାଶଙ୍କ ଭାଇ ପ୍ରଶାନ୍ତଙ୍କ ଏତଲାକ୍ରମେ କତରବଗା ଥାନାରେ ଦଫା ୧୪୮, ୩୦୨, ୩୦୭, ୧୪୯, ୨୦୧, ୩୪ରେ ଏକ ମାମଲା(ନଂ. ୧୬୫/୨୧)ରୁଜୁ କରି ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସୁଭାଷ ଚନ୍ଦ୍ର ମହନ୍ତ ଅଦାଲତରେ ଏହି ମାମଲା ପରିଚାଳନା କରିଥିଲେ।

ଏହି ରାୟ ପ୍ରକାଶ ପରେ ମୃତକଙ୍କ ବଡ଼ଭାଇ ପ୍ରମୋଦ କୁମାର ପ୍ରଧାନ ସନ୍ତୋଷବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ତାଙ୍କ ସାନଭାଇ ଆଉ ଫେରିବ ନାହିଁ। ହେଲେ ଏହି ଦଣ୍ଡାଦେଶ ଦ୍ୱାରା ତାଙ୍କ ପରିବାରକୁ ନ୍ୟାୟ ମିଳିଛି।

# ଢାବାରେ ଦିବ୍ୟାଙ୍ଗ କର୍ମଚାରୀଙ୍କ ଗଳାକାଟି ହତ୍ୟା

## ବିଲରୁ ମୃତଦେହ ଜବତ, ୨ ଅଟକ

**ବାଲୁଗାଁ, ୨୬।୩(ସଂଗ୍ରାମ ପାଇକରାୟ)**

ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ରାସ୍ତାର ସୁବୁଦ୍ଧିପାଟଣା ଛକ ନିକଟସ୍ଥ ପଣ୍ଡା ଢାବାରେ କାର୍ଯ୍ୟରତ ଜଣେ ଦିବ୍ୟାଙ୍ଗ କର୍ମଚାରୀଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ବାଣପୁର ଥାନା ଅଧୀନ ଏକଡ଼ାଲିଆ ଗ୍ରାମର ପପୁ ଦଳବେହେରା(୨୨)। ଏନେଇ ମୃତକଙ୍କ ବାପା ରାଧାକାନ୍ତ ଦଳବେହେରାଙ୍କ ଅଭିଯୋଗକ୍ରମେ ଗୁରୁବାର ବାଲୁଗାଁ ଥାନା ପୋଲିସ ଏକ ମାମଲା (ନଂ.୧୧୬/୨୬) ରୁଜୁ କରିବା ସହ ଢାବା ମାଲିକ ଏବଂ ଜଣେ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ତେବେ ହତ୍ୟାର କାରଣ ଅସ୍ପଷ୍ଟ ରହିଛି।


ପପୁ ଦଳବେହେରା

ସୂଚନା ମୁତାବକ, ସୁବୁଦ୍ଧିପାଟଣା ଛକ ନିକଟରେ ପଣ୍ଡା ଢାବା ରହିଛି। ସେଠାରେ ପପୁ କିଛି ମାସ ହେବ କର୍ମଚାରୀଭାବେ କାର୍ଯ୍ୟ କରୁଥିଲେ। ପପୁ ଜଣେ ଦିବ୍ୟାଙ୍ଗ ଏବଂ ଠିକ୍ ଭାବେ କଥା କହିପାରୁ ନ ଥିଲେ। ଦୈନନ୍ଦିନ ଭଳି ପପୁ ବୁଧବାର ବିଳମ୍ବିତ ରାତିରେ କାର୍ଯ୍ୟ ସାରି ସାଥି କର୍ମଚାରୀଙ୍କ ସହିତ ଶୋଇବାକୁ ଯାଇଥିଲେ। ତେବେ ଗୁରୁବାର ସକାଳେ ଢାବା ପଛପାର୍ଶ୍ୱ ବିଲରେ ପପୁଙ୍କ ଗଳା କଟାଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରେ ଢାବା ମାଲିକ ପପୁଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନା ନେଇଥିଲେ। ସେଠାରେ ପପୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଢାବା ମାଲିକଙ୍କଠାରୁ ପପୁଙ୍କ ଦେହ ଖରାପ ଥିବା ଏବଂ ବାଲୁଗାଁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖବରପାଇ ପରିବାର ଲୋକେ ପହଞ୍ଚି ପୁଅ ମରିପଡ଼ିଥିବା ଦେଖିଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରବର୍ତ୍ତୀ ସମୟରେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଆଇଆଇସି ଜୟ ପ୍ରକାଶ ପରିଡ଼ା ଏବଂ ସାଇଣ୍ଟିଫିକ ଟିମ୍ ସଦଳବଳ ପହଞ୍ଚି ଘଟଣାର ସରଜମିନ ତଦନ୍ତ କରିଥିଲେ। ଢାବାରେ ପପୁ ଶୋଇଥିବା ଶେଯ ଗଦି, ହାତଧୁଆ ବେସିନ ଏବଂ ଅନ୍ୟାନ୍ୟ ସ୍ଥାନରେ ରକ୍ତ ଛିଟା ଦାଗ ପଡ଼ିଥିବା ଏବଂ ତାହାକୁ ପୋଛା ଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିଲା। ତେବେ କେଉଁ କାରଣକୁ ନେଇ ପପୁଙ୍କୁ ହତ୍ୟା କରାଯାଇଛି ତାହା ଅସ୍ପଷ୍ଟ ରହିଛି। ତେବେ ଏହି ଘଟଣାର ଖୁବଶୀଘ୍ର ପର୍ଦ୍ଦାଫାଶ ହେବ ବୋଲି ପୋଲିସ କହିଛି।

## ୪୦୦ ଟଙ୍କା ପାଇଁ ବାପାଙ୍କୁ ହତ୍ୟା

**ମୋରଡ଼ା, ୨୬।୩(ସ୍ମାରକ ମାଝୀ)**

ମାତ୍ର ୪୦୦ ଟଙ୍କା ପାଇଁ ନିଜ ବାପାଙ୍କୁ ପିଟିପିଟି ପୁଅ ହତ୍ୟା କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ହଳଦୀପାଳ ପଞ୍ଚାୟତର ଲଦଡିହ ଗ୍ରାମରେ। ମୃତକ ହେଲେ ଗୋବିନ୍ଦ ମାର୍ଣ୍ଡି(୮୦)। ପୋଲିସ ଅଭିଯୁକ୍ତ ମଧୁ ମାର୍ଣ୍ଡି(୩୬)ଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା(ନଂ. ୧୨୫/୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗୋବିନ୍ଦଙ୍କଠାରୁ ତାଙ୍କ ପୁଅ ମଧୁ ପ୍ରତିଦିନ ଟଙ୍କା ନିଅନ୍ତି। ବୁଧବାର ରାତି ୯ଟା ସମୟରେ ଗୋବିନ୍ଦ ଶୋଇଥିବା ସମୟରେ ମଧୁ ତାଙ୍କୁ ସଜନାଛୁଇଁ ବିକ୍ରି କରିଥିବା ବାବଦରେ ୪୦୦ଟଙ୍କା ମାଗିଥିଲେ। ଗୋବିନ୍ଦ ମନା କରିବାରୁ ମଧୁ ଉତ୍କ୍ଷିପ୍ତ ହୋଇ ଏକ ବାଉଁଶ ବାଡ଼ିରେ ପିଟି ହତ୍ୟା କରିଥିଲେ। ଖବର ପାଇ ଗୁରୁବାର ମୋରଡ଼ା ଥାନା ଓ ଚିତ୍ରଡ଼ା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ନିଲମ୍ବିତ ଫରେଷ୍ଟଗାର୍ଡଙ୍କୁ ଲହୁଲୁହାଣ କଲେ ଏସିଏଫ୍

**ନୀଳଗିରି, ୨୬।୩(ପ୍ରଶାନ୍ତ ବିଶ୍ୱାଳ)**

ସାମାନ୍ୟ ଗାଡ଼ି ଓଭର୍‌ଟେକ୍‌କୁ କେନ୍ଦ୍ର କରି ଜଣେ ନିଲମ୍ବିତ ଫରେଷ୍ଟଗାର୍ଡ ଓ ତାଙ୍କ ବନ୍ଧୁଙ୍କୁ ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ବନ ବିଭାଗ ଭାରପ୍ରାପ୍ତ ଏସିଏଫ୍ ସୁବ୍ରତ ବେହେରା ଲୁହା ରଡ୍‌ରେ ପିଟି ଲହୁଲୁହାଣ କରିଛନ୍ତି। ଏନେଇ ବରହମ୍‌ପୁର ଥାନାରେ ଏସିଏଫ୍‌ଙ୍କ ବିରୋଧରେ ୨ଟି ମାମଲା ରୁଜୁ ହୋଇଛି।

ବରହମ୍‌ପୁର ଥାନା ଉପରଡ଼ିହା ଗ୍ରାମର ନିଲମ୍ବିତ ଫରେଷ୍ଟଗାର୍ଡ ପଦ୍ମଲୋଚନ ଦାସ ଓ ଉକ୍ତ ଗ୍ରାମର ସମ୍ପର୍କୀୟ କ୍ଷୀରୋଦ ପ୍ରସାଦ ଦାସ ଏକ ବୋଲେରୋ (ନଂ.ଓଡି୦୪ଏନ୍-୭୩୦୦)ରେ ମୟୂରଭଞ୍ଜ ଝିଙ୍କିପଦାରୁ ନୀଳଗିରି ଭଡ଼ା ଘରକୁ ବୁଧବାର ରାତି ପ୍ରାୟ ୧୨ଟା ୩୦ ମିନିଟ୍‌ରେ ସମୟରେ ଫେରୁଥିଲେ। ୧୯ନଂ. ରାଜ୍ୟ ରାଜପଥ ରାସ୍ତା ଗରଡ଼ିହି ଛକ ନିକଟରେ ବୋଲେରୋ ଆଗରେ କୁଲଡିହା ଏସିଏଫ୍ ଗାଡ଼ି ଆଡ୍ଡ ପକାଇ ଗାଳିଗୁଲଜ କରିବା ସହ ତାଙ୍କ ଗାଡ଼ିକୁ କାହିଁକି ଓଭରଟେକ୍ କଲେ ବୋଲି କହି ଏକ ଲୁହା ରଡ୍‌ରେ ପିଟି ପିଟି ଲହୁଲୁହାଣ କରିଥିଲେ। ଯେତେ କାକୁତିମୀନତି କଲେ ବି ଛାଡ଼ି ନ ଥିଲେ। ଫଳରେ ପଦ୍ମଲୋଚନଙ୍କ ବାମହାତ ଭାଙ୍ଗିଯାଇଛି। ପଦ୍ମଲୋଚନଙ୍କୁ ମାଡ଼ ହେଉଥିବା ବେଳେ ତାଙ୍କର ସମ୍ପର୍କୀୟ କ୍ଷୀରୋଦ ଦାସ ପ୍ରତିବାଦ କରିବାରୁ ଅନ୍ୟ ଦୁଇଟି ଗାଡ଼ିରେ ଥିବା ବନ କର୍ମଚାରୀମାନେ କ୍ଷୀରୋଦଙ୍କୁ ପିଟିଥିଲେ। ସୁବ୍ରତ କୁମାର ବେହେରା କ୍ଷୀରୋଦଙ୍କଠାରୁ ଏକ ଦାମୀ ଘଣ୍ଟା, ନଗଦ ୪୫୦୦ଟଙ୍କା ନେଇଯାଇଥିବା ପଦ୍ମଲୋଚନ ଏବଂ କ୍ଷୀରୋଦ ବରହମ୍‌ପୁର ଥାନାରେ ଅଭିଯୋଗ କରିଛନ୍ତି।


ଗୁରୁତର ପଦ୍ମଲୋଚନ

ସୂଚନାଥାଉକି, ଏକ ହାତୀମୃତ୍ୟୁ ଘଟଣାରେ ପୂର୍ବରୁ ପଦ୍ମଲୋଚନ ନିଲମ୍ବିତ ହୋଇଥିଲେ। ଗୁରୁତର ପଦ୍ମଲୋଚନ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ବାଲେଶ୍ୱର ଜିଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ପଚାରିବାରୁ ପଦ୍ମଲୋଚନଙ୍କ ସ୍ତ୍ରୀ ଏକ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ଲାଗି ଏକ ଟିମ୍ ଗଠନ ହୋଇଛି। ଟିମ୍ ତଦନ୍ତ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ମାଙ୍କଡ଼ ମାରି ଇନ୍‌ଷ୍ଟାଗ୍ରାମରେ ଫଟୋ ପୋଷ୍ଟ କରି ୨ ଗିରଫ


ଗିରଫ ୨ ଅଭିଯୁକ୍ତ।

**ବାଲିଗୁଡ଼ା, ୨୬।୩ (ସଞ୍ଜୟ କୁମାର ପାଣିଗ୍ରାହୀ)**

ମାଙ୍କଡ଼ ମାରି ଇନ୍‌ଷ୍ଟାଗ୍ରାମରେ ଫଟୋ ପୋଷ୍ଟ କରିବା ମହଙ୍ଗା ପଡ଼ିଲା। ଏଥିରେ ସମ୍ପୃକ୍ତ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ସଲାଗୁଡ଼ା ପଞ୍ଚାୟତର ନରେଗାଁ ଗ୍ରାମର ମାନବ ମଲ୍ଲିକ ଓ ଜୟଦେବ ମଲ୍ଲିକ। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ବାଲିଗୁଡ଼ା ବନଖଣ୍ଡର ବାଲିଗୁଡ଼ା ବନାଞ୍ଚଳ ଅଧୀନ ସଲାଗୁଡ଼ା ପଞ୍ଚାୟତର ନରେଗାଁ ଅଞ୍ଚଳରେ। ନରେଗାଁର ମାନବ ଓ ଜୟଦେବ ଏକ ହନୁ ମାଙ୍କଡ଼କୁ ମାରି ତା'ର ଛୁଆକୁ ଧରିଥିବାର ଫଟୋ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ଏହି ଭିଡିଓ ଭାଇରାଲ ହୋଇଥିଲା। ଏହା ଜାଣିବା ପରେ ବାଲିଗୁଡ଼ା ବନାଞ୍ଚଳ ଅଧିକାରୀ ବି.ସୁବାସ ଘଟଣାର ତଦନ୍ତ କରି ଏଥିରେ ମାନବ ଓ ଜୟଦେବଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବା ପରେ ଗୁରୁବାର ଉଭୟଙ୍କୁ ଗିରଫ କରାଯାଇଥିଲା।


# Classified Everyday 0674-2580101, 9692975378



**REAL ESTATE**

**SALE**

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ **IIT**, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ଫ୍ଲାଟ୍/**Duplex** ମିଳୁଛି। **8327785834.** D-3649

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ଫ୍ଲାଟ୍ ବିକ୍ରିହେବ। 9658891108. D-25

**LOST**

I, Rohit Vishwakarma, S/o.- Raja Vishwakarma, R/o. Gumadera, P.O./P.S.- Belpahar, Dist.- Jharsuguda (Odisha) 768218 declare that, I was a student of +2 Science of Belpahar English Medium School. Obtained Provisional Certificate and Mark Sheet vide index No. 2213369/016 from CISCE New Delhi (years 2021). That, the said Certificates are completely eaten by white ants and it is beyond recovery. D-3756

I, Sri Ashis Pradhan, aged 27 years, S/o.- Dillip Pradhan, At- Beguniapal, P.O.- Bhapur, P.S.- Sadar, Dist.- Dhenkanal, that the property under Mouza- Bhapur, P.S.- Sadar. Hal Khata No. 291, Plot No.-1913/3790, measuring Ac. 0.039dec. and Hal Khata No.- 290, Plot No.1912, measuring Ac. 0.036dec. stand recorded in my father's name. I have obtained the original Regd. Sale Deed vide No.- 10502001341 & other Regd. Sale Deed Vide No.- 10402001343, dtd.- 17.06.2020 at SRO, Dhenkanal on dtd.- 23.10.2025 while coming from Beguniapal to Bhapur Bazar, the above said original sale deed has missed somewhere. If anybody finds the above lost documents kindly contact. Ashis Pradhan Mob.- 7751087196. D-3757

**AFFIDAVIT**

By virtue of an affidavit CF.No.179 dated 13.03.2026 sworn before Executive Magistrate, Bhubaneswar, I, Ajit Bibhuti Sarrangi, Address: At- LIG-254, Nayapalli, Brit Colony, Bhubaneswar, Dist.- Khordha, 751012 declare that I have changed my name from Ajit Sarangi to Ajit Bibhuti Sarrangi. Henceforth, I shall be known as Ajit Bibhuti Sarrangi for all purposes. D-3751

I, Basanti Madkami, age- 21 years, W/o.- Arjun Madkami of Vill.- Patitang, P.O.- Udupa, P.S./Dist.- Malkangiri do hereby solemnly affirm and state on oath as follows. That, my actual name is Basanti Madi and in my pass book my name is mentioned as Basanti Madi. After my marriage my name is changed as Basanti Madkami and in my Aadhaar card my name is mentioned as Basanti Madkami. That, Basanti Madkami and Basanti Madi is one and same person i.e. myself. That, I swear this affidavit for necessary change in my pass book as Basanti Madkami. D-3752

By virtue of an affidavit before Notary Public, Kantabanji on 26.03.2026 that before marriage I known as Jyoti Mallik, D/o.- Khitiram Mallik of Village- Makarchuan, P.O.- Khagsa, P.S.- Kantabanji, Dist.- Balangir and after marriage to Gajapati Dal of Village/P.O.- Daragaon, P.S.- Boden, Dist.- Nuapada, I known as Jyoti Dal where as Jyoti Mallik and Jyoti Dal is same and one and updated my Aadhaar Card bearing No. xxxx xxxx 5146. D-3753

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Kamali Harijan, W/o.- Kamalu Harijan, Village- Chamuriguda, P.O./P.S./Dist.- Nabarangpur do hereby solemnly affirm and state on oath as follows. That, my actual name is KAMALI HARIJAN, but in my Aadhaar Card my name is wrongly recorded as Rama Harijan. That, Kamali Harijan and Rama Harijan is one and same person i.e. myself. That, I swear this affidavit in order to file before the concerned authority for rectification of my name as Kamali Harijan in my Aadhaar Card. D-3754

By virtue of an affidavit No.5471 of 22.12.2025, I, Duryodhan Barik, S/o.- Sukutu Barik, Village- Namira, P.O./P.S.- Bamebari, Dist.- Kendujhar states that I have changed my name Makuru Barik to Duryodhan Barik. Makuru Barik and Duryodhan Barik is same and one person. Henceforth, I shall be known as Duryodhan Barik for all purposes. D-3755

I, Ishwara patika, S/o.- Late Lachhana Patika, residing at Vill.- Sargiasing, P.O.- Sirijholi, P.S.- Gunupur, Dist.- Rayagada, Odisha, PIN- 764062. I am the father of the YARTIMI PATIKA and I have changed her name to YUARTIMI PATIKA for all future puroses. D-3758

Affidavit before Executive Magistrate, Dhenkanal I have changed my name from Santosini Mallik to Krishna Mallik, D/o.- Late Mitu Mallik, At/P.O.- Gengutia, P.S.- Sadar, Dist.- Dhenkanal for LIC policy No. 507094051 and all purposes. D-3759

By virtue of an affidavit sworn before Executive Magistrate, Chhendipada Vide No- 969, dated 16.03.2026, I, Twinkile Garanayak, resident of Village- Pipalbahal (Budhasahi), P.O.- Pipalbahal, P.S.- Bagdia, Dist.- Angul (Odisha), India. Declare that I have changed my daughter name from TUNKIL GARANAYAK to TWINKILE GARANAYAK. Henceforth, I shall be known as TWINKILE GARNAYAK for all purpose. D-3760

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ମନେ ପଡ଼ନ୍ତି

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**୰ପ୍ରଫୁଲ୍ଲ କୁମାର ରାଉତ**

(ଭାରତୀୟ ଷ୍ଟେଟ ବ୍ୟାଙ୍କ) ଅବସରପ୍ରାପ୍ତ, ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର
ଆବିର୍ଭାବ: ୦୪।୦୧।୧୯୫୨
ତିରୋଧାନ: ୦୨।୦୪।୨୦୨୦(ଶ୍ରୀରାମ ନବମୀ)

କକା, ଏହାରି ଭିତରେ ଛଅବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତିକୁ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ତ୍ୟାଗ, କର୍ତ୍ତବ୍ୟପରାୟଣତା, ସାହସ ଏବଂ ସଭିଙ୍କୁ ଭଲପାଇବାର କଳା ଆମ ଜୀବନରେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହୁ। ଆଜିର ଏହି ପବିତ୍ର ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ବନ୍ଧୁ ଏବଂ ପରିବାରବର୍ଗ। ଧ-୩୭୫୦

**ଏକାଦଶାହ ଉପଲକ୍ଷେ**



**୰ ସ୍ୱାତୀ ପଟ୍ଟନାୟକ (ତୁତୁନ)**

ସମିଳିଆ, ଢେଙ୍କାନାଳ
ଆବିର୍ଭାବ: ୧୫।୦୬।୧୯୮୫
ତିରୋଧାନ: ୧୭।୦୩।୨୦୨୬

ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ତୁମ ନିଷ୍କପଟ, ସ୍ନେହ, ଶ୍ରଦ୍ଧା, ଗୁରୁଜନମାନଙ୍କୁ ସେବା ଓ ସମ୍ମାନ ଯୋଗୁ ଏ ଅଂଚଳରେ ତୁମେ ଆଦରଣୀୟା। ଏପରି ବୋହୂ କ୍ୱଚିତ ପ୍ରାପ୍ତ ହୁଅନ୍ତି। କାଳ ସିନା ସହିପାରିଲାନି, କିନ୍ତୁ ତୁମ ସ୍ମୃତି ସର୍ବଦା ଆମ ମାନସପଟରେ ଅଲିଭା ହୋଇରହିବ। ତୁମ ଆତ୍ମାର ସଦ୍‌ଗତି ହେଉ। ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପରିବାର, ଆତ୍ମୀୟସ୍ୱଜନ ଓ ଗ୍ରାମବାସୀ ଧ- ୩୭୪୮

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**



**୰ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)**

ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩
(ଚୈତ୍ର ଶୁକ୍ଳ ଦଶମୀ)

ସମୟ ଚକ୍ର ଗଡି ଗଡି ୧୩ ବର୍ଷ ବିତିଗଲାଣି। ବହୁତ କିଛି ବଦଳି ଗଲାଣି ଏହା ଭିତରେ। କିନ୍ତୁ ତୋ ପ୍ରତି ଥିବା ସ୍ନେହ, ଭଲପାଇବା କାହାର ବି ବଦଳି ନାହିଁ। ସମସ୍ତେ ତତେ ଏବେବି ସେମିତି ହିଁ ମନେ ପକାନ୍ତି, ସେମିତି ହିଁ ଖୋଜନ୍ତି।
ମା' ଝାଡେଶ୍ୱରୀ ତତେ ଭଲରେ ରଖିଥାଉ।

ତୋ ପରିବାର ଓ ବନ୍ଧୁବର୍ଗ ଧ-୬୧୯୮୩

**ଧରିତ୍ରୀ DHARITRI Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଅଞ୍ଜଳିଙ୍କୁ ଗୋଲ୍ଡେନ ହ୍ୟାଟ୍ରିକ

**ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ**

ଭୁବନେଶ୍ୱର,୨୬।୩(ଅନାଦି କର)

ଛତିଶଗଡ଼ର ରାୟପୁରଠାରେ ଚାଲିଥିବା ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଓଡ଼ିଶାର ଅଞ୍ଜଳି ମୁଣ୍ଡା ଗୋଲ୍ଡେନ ହ୍ୟାଟ୍ରିକ ପୂରଣ କରିଛନ୍ତି। ବୁଧବାର ୨୦୦ ମିଟର ଫ୍ରିଷ୍ଟାଇଲ ସୁଇମିଂରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅଞ୍ଜଳି ଗୁରୁବାର ୨୦୦ ମି. ଇଣ୍ଡିଭିଜୁଆଲ ମିଡ୍‌ଲେ ଓ ୧୦୦ ମି. ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ତାଙ୍କର ଏଭଳି ପ୍ରଦର୍ଶନ ଯୋଗୁ ଓଡ଼ିଶା ୧୪ ପଦକ ସହ ଟୁର୍ନାମେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ତାଲିକାରେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ରହିଛି।

ମହିଳା ୨୦୦ମି. ଇଣ୍ଡିଭିଜୁଆଲ ମିଡ୍‌ଲେ ଇଭେଣ୍ଟରେ ଅଞ୍ଜଳି ମୁଣ୍ଡା ୨:୫୩.୮୨ ସେକେଣ୍ଡ ଟାଇମିଂ ସହିତ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଛତିଶଗଡ଼ର ଅନୁଷ୍କା ଭଗତ (୨:୫୯.୩୩ ସେ.) ରୌପ୍ୟ ଏବଂ ଓଡ଼ିଶାର ଅଞ୍ଜଳି ମଲିକ (୩:୦୬.୧୩ ସେ.) ବ୍ରୋଞ୍ଜ ପଦକ ଅକ୍ତିଆର କରିଥିଲେ। ଏହାପରେ ଅଞ୍ଜଳି ୧୦୦ ମି. ବ୍ୟାକଷ୍ଟ୍ରୋକ ରେସ୍‌କୁ ୧.୧୯.୯୮ ସେକେଣ୍ଡରେ ଶେଷ କରି ଟୁର୍ନାମେଣ୍ଟରେ ଗୋଲ୍ଡେନ ହ୍ୟାଟ୍ରିକ ପୂରଣ କରିଥିଲେ। ଅଞ୍ଜଳି ୪X୧୦୦ ରିଲେ ଇଭେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରି ନ ଥିଲେ। ଏହାସତ୍ତ୍ୱେ ରିତିକା ମିଞ୍ଜ, କୃଷ୍ଣା ନାୟକ, ରୁପାଲି ହେମ୍ବ୍ରମ ଓ ଶୁଭସ୍ମିତା ବାଇପାଇଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୫:୦୬.୧୨ ସେ. ଟାଇମିଂ ସହ ସ୍ୱର୍ଣ୍ଣ ପଦକ ଜିତିଥିଲା। ପରେ ୱେଟ୍‌ଲିଫ୍ଟିଂରୁ ଓଡ଼ିଶାକୁ ଦିନର ଚତୁର୍ଥ ସ୍ୱର୍ଣ୍ଣ ପଦକ ମିଳିଥିଲା। ମହିଳା ୫୩ କେଜି ବର୍ଗରେ ଓଡ଼ିଶାର ଝିଲି ଦଳବେହେରା ୧୬୦ କେଜି ଓଜନ ଭାର ଉଠାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମଣିପୁରର କିଉଚାଙ୍ଗଲିଉ ଗାଙ୍ଗମେଇ ମଧ୍ୟ ସମାନ ଓଜନର ଭାର ଉଠାଇଥିଲେ। ହେଲେ ଦୁହିଁଙ୍କ ମଧ୍ୟରେ ଝିଲିଙ୍କ ଶରୀରର ଓଜନ ଅପେକ୍ଷାକୃତ କମ୍ ହୋଇଥିବାରୁ ତାଙ୍କୁ ଚାମ୍ପିୟନ ବିବେଚିତ କରାଯାଇଥିଲା। ସେହିଭଳି ମହିଳା ୪୮ କେଜି ଇଭେଣ୍ଟରେ ଓଡ଼ିଶାର ଦୀପା ରାଣୀ ମଲିକ ମୋଟ ୧୨୦ କେଜି ଭାର ଉଠାଇ ରୌପ୍ୟ ବେଳେ ପୁରୁଷ ୬୦ କେଜି ବର୍ଗରେ ସୁବ୍ରତ ନାଏକ ୨୨୮ କେଜି ଭାର ଉଠାଇ ବ୍ରୋଞ୍ଜ ପଦକ ଜିତିଥିଲେ। ଅନ୍ୟପକ୍ଷରେ ପୁରୁଷ ୨୦୦ ମି. ଇଣ୍ଡିଭିଜୁଆଲ ମିଡ୍‌ଲେରେ ଓଡ଼ିଶାର କାହ୍ନୁ ସୋରେନ (୨:୩୬.୨୧ ସେ.) ଓ ୧୦୦ ମି. ବ୍ୟାକଷ୍ଟ୍ରୋଇ ଇଭେଣ୍ଟରେ ରାଜେଶ ସୋରେନ (୧:୧୦.୯୯ ସେ.) ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଓଡ଼ିଶା ପୁରୁଷ ୪X୧୦୦ ମି. ରିଲେ ଦଳ (୪:୨୫.୯୦ ସେ.) ପୋଡିୟମର ତୃତୀୟ ସ୍ଥାନ ଅଧିକାର କରିଥିଲା।


ସ୍ୱର୍ଣ୍ଣ ପଦକ ବିଜେତା ଅଞ୍ଜଳି ମୁଣ୍ଡା (ମଝି)।

## ଟ୍ରାନ୍ସଜେଣ୍ଡର ମହିଳା ଆଥ୍‌ଲେଟଙ୍କୁ ଅଲିମ୍ପିକ୍ସ ମନା

**ଲାଉସାନେ, ୨୬।୩ (ଏପି):** ୨୦୧୮ ଲସ୍‌ଏଞ୍ଜେଲ୍ସ ଗେମ୍ସ ପୂର୍ବରୁ ମହିଳା କ୍ରୀଡ଼ା ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ସହିତ ସମନ୍ୱୟ ରଖି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି(ଆଇଓସି) ଏକ ନୂଆ ଯୋଗ୍ୟତା ନୀତି କାର୍ଯ୍ୟକାରୀ କରିବା ଲାଗି ରାଜି ହୋଇଛି। ତଦନୁସାରେ ଟ୍ରାନ୍ସଜେଣ୍ଡର ମହିଳା ଆଥ୍‌ଲେଟମାନେ ଅଲିମ୍ପିକ୍ସରେ ଅଂଶଗ୍ରହଣରୁ ବଞ୍ଚିତ ହେବେ। ଆଇଓସି କହିଛି, ଅଲିମ୍ପିକ ଗେମ୍ସ କିମ୍ବା ଅନ୍ୟ କୌଣସି ଆଇଓସି ଇଭେଣ୍ଟରେ ବ୍ୟକ୍ତିଗତ ଅବଦାନ ଦଳଗତ କ୍ରୀଡ଼ା ପାଇଁ ବାୟୋଲଜିକାଲ ଫିମେଲ ମଧ୍ୟରେ ସୀମିତ ରହିଛି।

## କାରୋଲିନାଙ୍କ ଅବସର ଘୋଷଣା

ନୂଆଦିଲ୍ଲୀ, ୨୬।୩ (ପି.ଟି.)



ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସର୍ବକାଳୀନ ମହାନ ଖେଳାଳି ସ୍ପେନ୍‌ର କାରୋଲିନା ମାରିନ ଖେଳରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ଦୀର୍ଘ ଦିନ ହେଲା ଆଣ୍ଠୁରେ ଆଘାତଜନତ ସମସ୍ୟାରେ ଥିଲେ। ମାରିନ ତାଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ଗୋଟିଏ ଅଲିମ୍ପିକ ସ୍ୱର୍ଣ୍ଣ ଏବଂ ୩ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି।

## ପାକିସ୍ତାନକୁ ହରାଇ ସେମିରେ ଭାରତ

ମାଲେ, ୨୬।୩ (ପି.ଟି.)

ଓମାଙ୍ଗ ଡୋଡୁମ୍‌ଙ୍କ ଡବଲ୍ ଗୋଲ୍‌ରେ ଭାରତ ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ରେ ପାକିସ୍ତାନକୁ ୩-୦ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପରାଜୟ ବରଣ କରିବା ପରେ ପାକିସ୍ତାନ ଟୁର୍ନାମେଣ୍ଟରୁ ବିଦାୟ ନେଇଛି। ଦଳ ପକ୍ଷରୁ ବିଶାଲ ଯାଦବ ଖେଳର ୩ୟ ମିନିଟ୍‌ରେ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୬୪ତମ ଓ ୮୮ତମ ମିନିଟ୍‌ରେ ଓମାଙ୍ଗ ଡୋଡୁମ୍ ଅନ୍ୟ ଦୁଇଟି ଗୋଲ ସ୍କୋର କରିଥିଲେ।

## ଅନ୍ତର୍ଜାତୀୟ ଫିଡେ ରେଟିଂ ଓପନ୍ ଚେସ୍ ଆରମ୍ଭ


ଅନ୍ତର୍ଜାତୀୟ ଫିଡେ ରେଟିଂ ଓପନ୍ ଚେସ୍‌ର ପ୍ରଥମ ଦିବସରେ ଭାଗ ନେଇଥିବା ଖେଳାଳିମାନେ।

କଟକ,୨୬।୩(କୁମାରଶ୍ରୀ)

ଆଇଏସ୍ ଚେସ୍ ସେଣ୍ଟର ଏବଂ ଅଲ୍ ଓଡ଼ିଶା ଚେସ ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାରଠାରୁ ଅନ୍ତର୍ଜାତୀୟ ଫିଡେ ରେଟିଂ ଓପନ୍ ଚେସ ପ୍ରତିଯୋଗିତା ଆରମ୍ଭ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୦ଟି ରାଜ୍ୟରୁ ୩୪୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରେ ୧୫୦ଜଣ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ରହିଛନ୍ତି। ଏହାଛଡ଼ା ପ୍ରତିଯୋଗିତାରେ ବାଳିକା ପ୍ରତିଯୋଗୀଙ୍କ ସଂଖ୍ୟା ୫୪। ଆଇଏସ ଚେସ ସେଣ୍ଟର ସମ୍ପାଦକ ମାନସ ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଆୟକର ବିଭାଗର ପୂର୍ବତନ ମୁଖ୍ୟ କମିଶନର ଜୟନ୍ତ କୁମାର ହୋତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଲ୍ ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, ଆଇଏସ୍ ଚେସ୍ ସେଣ୍ଟର ସଭାପତି ମନୋଜ କୁମାର ପତି, ଅସିତ ମୁଖାର୍ଜୀ, ସ୍ମୃତିରଞ୍ଜନ ଦାସ, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ସାହୁ, ତାପସ ମହାନ୍ତି, ସନ୍ତୋଷ ମହାପାତ୍ର, ସୂରଜ ମହାରଣା, ଶଙ୍କର ରାଓ, ଭେଙ୍କଟ ରାଓ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

## ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ


କର୍ମକର୍ତ୍ତାଙ୍କ ସହ ଓଡ଼ିଶା ହ୍ୟାଣ୍ଡ୍‌ବଲ୍ ଦଳ।

ଭୁବନେଶ୍ୱର, ୨୬।୩ (ତପନ ସ୍ୱାଇଁ)

ହ୍ୟାଣ୍ଡବଲ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତ ମାସ ୩୦ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ବରେଲିରେ ଅନୁଷ୍ଠିତ ହେବ। ଏହି ଜାତୀୟ ପ୍ରତିଯୋଗିତାରେ ଭାଗନେବାକୁ ୧୮ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ଦଳର ଖେଳାଳିମାନେ ହେଲେ ଜି. ଜ୍ୟୋତି ପାତ୍ର (ଅଧିନାୟକ), ଅଙ୍କିତା ବାରିକ, ସନ୍ଧ୍ୟାରାଣୀ ଦାସ, କସ୍ତୁରୀ ପ୍ରଧାନ, ସୋନମ ପ୍ରତିହାରୀ, ସ୍ୱପ୍ନେଶ୍ୱରୀ ଦାସ, ବର୍ଷା ସେଠୀ, ସଞ୍ଜନା ସ୍ୱାଇଁ, ଅଙ୍କିତା ପଟ୍ଟନାୟକ, ପୂଜା ସ୍ୱାଇଁ, ଆଦ୍ୟାଶ ଦାସ, ସୁନିତା ମହନ୍ତ, ରାଜଲକ୍ଷ୍ମୀ ନାୟକ, ଅଙ୍କିତା ସାହୁ, ବିଜୟଲକ୍ଷ୍ମୀ ପ୍ରଧାନ, ସମୀକ୍ଷା ମଣ୍ଡଳ, ରଣିକାର୍ଣ୍ଣ ରାଉତ, ମାନସୀ ପ୍ରଧାନ। ଓଡ଼ିଶା ଦଳ ସହ କୋଚ ବିଶ୍ୱରଞ୍ଜନ ପାତ୍ର, ମ୍ୟାନେଜର ଗୀତାଞ୍ଜଳି ଦାସ ଓ ବର୍ଷା ପ୍ରିୟଦର୍ଶିନୀ ବାରିକ ଗୁରୁବାର ବରେଲି ଯାତ୍ରା କରିଛନ୍ତି। ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଓ ଅନ୍ତର୍ଜାତୀୟ କୋଚ ଗୌରୀ ଶଙ୍କର ମିଶ୍ର ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ରାଇଜିଂ ଷ୍ଟାରକୁ ହରାଇଲା ମଙ୍ଗଳା କ୍ଲବ

**ଓସିଏ କ୍ଲବ ଲିଗ୍**

କଟକ,୨୬।୩ (କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍‌ର ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ୪୫ରନ୍‌ରେ ରାଇଜିଂ ଷ୍ଟାରକୁ ପରାସ୍ତ କରିଛି। ବାରବାଟୀ ଷ୍ଟାଡିୟମରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ମଙ୍ଗଳା କ୍ଲବ ୨୦୭ରନ୍‌ରେ ଅଲଆଉଟ ହୋଇଥିଲା। ନିର୍ବିଶଙ୍କର ବାରିକ ସର୍ବାଧିକ ୪୬ରନ ଓ ନୌତମ ଭଞ୍ଜ ୪୦ରନ କରିଥିଲେ। ରାଇଜିଂ ଷ୍ଟାର ପକ୍ଷରୁ ଅମିତ କୁମାର ଦାସ ଓ ସ୍ୱରୂପ ଭୂୟାଁ ଯଥାକ୍ରମେ ୪ଟି ଏବଂ ୩ଟି ଉଇକେଟ ଦଖଲ କରିଥିଲେ। ୨୦୮ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ରାଇଜିଂ ଷ୍ଟାର ୧୬୨ରନରେ ଅଲଆଉଟ ହୋଇଥିଲା। ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରିଥିବା ନୌତମ ୨ଟି ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ଅନ୍ୟ ଏକ ଲିଗ୍ ମ୍ୟାଚ୍‌ରେ ରୟାଲ କ୍ଲବ ୪ ଉଇକେଟରେ ଜୟଦୁର୍ଗାକୁ ହରାଇଥିଲା। ତିନୋଟି ଅର୍ଦ୍ଧଶତକୀୟ ପାଳି ସହାୟତାରେ ଜୟଦୁର୍ଗା ସମସ୍ତ ଉଇକେଟ ହରାଇ ୨୫୭ରନ କରିଥିଲା। ବିଭାଶ ସ' ୭୨ରନ, ତନ୍ମୟ ବିଶ୍ୱାଳ ୫୮ରନ ଓ ସୌଭାଗ୍ୟ ମିଶ୍ର ୫୫ରନ କରିଥିଲେ। ରୟାଲ ଦଳର ଅଙ୍କିତ ଚୌଧୁରୀ ୩୧ରନ ବିନିମୟରେ ୫ଟି ଉଇକେଟ ଦଖଲ କରିଥିଲେ। ତେବେ ୪୦ ଓଭରରେ ୬ ଉଇକେଟ ହରାଇ ରୟାଲ କ୍ଲବ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ନିଶାନ୍ତ କୁଶୱା ୩୪ବଲରୁ ୭୪ରନର ବିସ୍ଫୋରକ ପାଳି ଖେଳିଥିଲେ। ୫ ଉଇକେଟ ସଫଳତା ପାଇଥିବା ଅଙ୍କିତଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଗୁରୁବାର ଖେଳାଯାଇଥିବା ଅନ୍ୟ ଦୁଇ ଲିଗ୍ ମ୍ୟାଚ୍‌ରେ ବାରବାଟୀ କଲଚରାଲ ୟୁନିୟନ ୧ ଉଇକେଟରେ ଓଜିପିକୁ ଏବଂ କିଶୋର କ୍ଲବ ୬ ଉଇକେଟରେ ଟାଉନ କ୍ଲବକୁ ହରାଇଛି।

## ଜମ୍ମୁରେ ପ୍ରଥମ ଥର ହାଫ୍ ମାରାଥନ

ଜମ୍ମୁ, ୨୬।୩ (ପି.ଟି.)

ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ଫିଟ୍‌ନେସ କାର୍ଯ୍ୟକଳାପରେ ସାଧାରଣ ଜନତାଙ୍କୁ ସାମିଲ କରିବା ଉଦ୍ଦେଶ୍ୟ ନେଇ ରବିବାର ଏଠାରେ ପ୍ରଥମ ଥର ଜମ୍ମୁ ହାଫ୍ ମାରାଥନର ଆୟୋଜନ କରାଯାଇଛି। ଏଥିରେ ୨୧କେ, ୧୦କେ ଓ ୫କେ କାଟେଗୋରୀରେ ପ୍ରତିଯୋଗିତା ହେବ। ହାଫ୍ ମାରାଥନରେ ଜମ୍ମୁ ଓ କଶ୍ମୀର ବାହାରୁ ୮୦୦ ପ୍ରତିଯୋଗୀ ଏବଂ ଏହି କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୨,୮୦୦ ପ୍ରତିଯୋଗୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଇଭେଣ୍ଟର ଜଣେ ଅଫିସିଆଲଙ୍କ ସୂଚନା ଅନୁସାରେ ଏଥିରେ ଦେଶରୁ ମୋଟ ୩,୫୫୮ ଏବଂ ବିଦେଶରୁ ୯୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଠାରେ ଜମ୍ମୁ ମାରାଥନ ଏକ୍ସପୋର ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲା କହିଛନ୍ତି, ସରକାରଙ୍କ ପ୍ରୟାସ ଥିଲା ପର୍ଯ୍ୟଟନ ପ୍ରୋତ୍ସାହନକୁ ଏକ ସୁସ୍ଥ ଜୀବନ ଶୈଳୀ ସହ ମିଶ୍ରଣ କରିବା।

## ସରେ ଲାଗି ଖେଳିବେ ରାହୁଲ ଚହର

ନୂଆଦିଲ୍ଲୀ,୨୬।୩(ପି.ଟି.)

ଭାରତୀୟ ଲେଗ୍ ସ୍ପିନର ରାହୁଲ ଚହର ସରେ ଫେରି ୮ଟି କାଉଣ୍ଟି ଚାମ୍ପିୟନଶିପ୍ ମ୍ୟାଚ୍ ଖେଳିବେ। ସରେ ଆସନ୍ତା ୭ ତାରିଖରେ ତା'ର ସିଜନର ପ୍ରଥମ ମ୍ୟାଚ୍‌ରେ ହାମ୍ପଶାୟାରକୁ ଭେଟିବ। ଚହର ଗତ ବର୍ଷ ସେପ୍ଟେମ୍ବରରେ ସରେ ପାଇଁ ପଦାର୍ପଣ କରିଥିଲେ, ଯାହାକି କ୍ଲବ ପାଇଁ ତାଙ୍କର ଏକମାତ୍ର ମ୍ୟାଚ୍। ହାମ୍ପଶାୟାର ବିପକ୍ଷ ସେହି ମ୍ୟାଚ୍‌ରେ ସେ ୧୦ ଉଇକେଟ ନେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ସେ ୫୧ ରନ ବ୍ୟୟରେ ୮ ଉଇକେଟ ନେଇଥିଲେ।

## ଆଇପିଏଲ୍ ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୧୩ରୁ

**ନୂଆଦିଲ୍ଲୀ, ୨୬।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୧୩ରୁ ଆରମ୍ଭ ହୋଇ ମେ ୨୪ ପର୍ଯ୍ୟନ୍ତ ଚାଲିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏବିଷୟ ଗୁରୁବାର ଘୋଷଣା କରାଯାଇଛି। ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ୨୮ରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ହେବ। ଶନିବାର ଉଦ୍‌ଘାଟନୀ ମ୍ୟାଚ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଗତଥରର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯିବ। ଫାଇନାଲ ମ୍ୟାଚ ମେ ୩୧ରେ ବେଙ୍ଗାଲୁରୁରେ ଖେଳାଯିବ। ଲିଗ୍ ପର୍ଯ୍ୟାୟର ଦ୍ୱିତୀୟ ଭାଗରେ ୫୦ଟି ମ୍ୟାଚ ଖେଳାଯିବ। ଏହା ୨୦୨୬ ଏପ୍ରିଲ ୧୩ରୁ ମେ ୨୪ ପର୍ଯ୍ୟନ୍ତ ଭାରତର ୧୨ଟି ଭେନ୍ୟୁରେ ଖେଳାଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ପ୍ରକାଶ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ, କୋଲକାତା, ଦିଲ୍ଲୀ, ଅହମଦାବାଦ, ଲକ୍ଷ୍ନୌ, ଜୟପୁର, ଧର୍ମଶାଳା, ରାୟପୁର ଓ ନ୍ୟୁ ଚଣ୍ଡିଗଡ଼ରେ ଖେଳାଯିବ। ଏପ୍ରିଲ ୧୩ରୁ ଖେଳାଯିବାକୁଥିବା ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ ମ୍ୟାଚ ହାଇଦ୍ରାବାଦରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ହେବ। ଏହି ପର୍ଯ୍ୟାୟରେ ୮ଟି ଡବଲ୍ ହେଡର ସ୍ଥାନ ପାଇଛି। ପଞ୍ଜାବ କିଙ୍ଗ୍ସ ଏହାର ଘରୋଇ ଭେନ୍ୟୁ ମ୍ୟାଚଗୁଡ଼ିକ ନ୍ୟୁ ଚଣ୍ଡିଗଡ଼ ଓ ଧର୍ମଶାଳାରେ ଖେଳିବ। ପରବର୍ତ୍ତୀ ପର୍ଯ୍ୟାୟରେ ଦଳ ଏହାର ୩ଟି ମ୍ୟାଚ ଧର୍ମଶାଳାରେ ଖେଳିବ। ରାଜସ୍ଥାନ ରୟାଲ୍ସ ଜୟପୁରରେ ଏହାର ୪ଟି ହୋମ୍ ଗେମ୍ ଖେଳିବାକୁ ଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏହାର ତିନୋଟି ଘରୋଇ ମ୍ୟାଚ ବେଙ୍ଗାଲୁରୁରେ ଏବଂ ଅନ୍ୟ ଦୁଇଟି ରାୟପୁରରେ ଖେଳିବ। ପ୍ଲେ-ଅଫ୍ ପାଇଁ ଭେନ୍ୟୁ ପରେ ଘୋଷଣା କରାଯିବ।









4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୭/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Friday, March 27/2026 | Page 16 | ₹ 7.00
୫୨ଶ ଭାଗ ୧୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 121 | ମୂଲ୍ୟ₹୭/-

# ପହିଲାରୁ ନୂଆ ଅବକାରୀ ନୀତି

**ରାଜ୍ୟ ସରକାର ୧ ଏପ୍ରିଲ ୨୦୨୬ରୁ ୩୧ ମାର୍ଚ୍ଚ ୨୦୨୯ ଯାଏ ୩ ବର୍ଷିଆ ନୂତନ ଅବକାରୀ ନୀତି ଘୋଷଣା କରିଛନ୍ତି। ସରକାର ପ୍ରଥମ ଥର ପାଇଁ ମଦ୍ୟପାନକୁ ଏକ 'କ୍ଷତିକାରକ ଅଭ୍ୟାସ' ଭାବେ ସ୍ୱୀକାର କରିଛନ୍ତି। ତଦନୁଯାୟୀ ଅବକାରୀ ଶୁଳ୍କ ଉପରେ ୦.୫ ପ୍ରତିଶତ ଡି–ଆଡିକ୍ସନ ସେସ୍ ବା ନିଶା ନିବାରଣ ସେସ୍ ଲାଗୁ କରାଯାଇଛି। ଏହି ଅର୍ଥରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଦର୍ଶ ନିଶା ନିବାରଣ କେନ୍ଦ୍ର ପ୍ରତିଷ୍ଠା ଓ ପରିଚାଳନା କରାଯିବ। ରାଜ୍ୟରେ କୌଣସି ନୂଆ ମଦ ଦୋକାନ (ଅଫ୍–ଶପ୍) ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ଗ୍ରାମାଞ୍ଚଳରେ ନୂଆ 'ଅନ୍–ଶପ୍' (ବାର୍) ଖୋଲିବା ମଧ୍ୟ ବାରଣ କରାଯାଇଛି। କେବଳ ଶିଳ୍ପାଞ୍ଚଳରେ ଥିବା ୩–ଷ୍ଟାର୍ ବା ତା'ଠାରୁ ଅଧିକ ମାନ୍ୟତାପ୍ରାପ୍ତ ହୋଟେଲକୁ ରିହାତି ମିଳିବ। ସେହିପରି ଲାଇସେନ୍ସ ଆବେଦନ ଫି'ରେ ୧୦% ବୃଦ୍ଧି କରାଯାଇଥିବା ବେଳେ ବାର୍ଷିକ ଲାଇସେନ୍ସ ଫି ୧୦ରୁ ୨୦% ପର୍ଯ୍ୟନ୍ତ ବଢ଼ିବ। ଭାରତ ପ୍ରସ୍ତୁତ ବିଦେଶୀ ମଦ (ଆଇଏମ୍ଏଫ୍ଏଲ୍) ଏବଂ ଦେଶୀ ମଦ(ସିଏଲ୍) ଉପରେ ଶୁଳ୍କ ବୃଦ୍ଧି କରାଯାଇଛି। ମଦ ହୋମ୍ ଡେଲିଭରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ନିକଟବର୍ତ୍ତୀ ବଡ଼ଦାଣ୍ଡରେ କୌଣସି ମଦ ଦୋକାନ ରହିବ ନାହିଁ।**

- ୧୦ରୁ ୨୦% ପର୍ଯ୍ୟନ୍ତ ବଢ଼ିବ ଅବକାରୀ ଶୁଳ୍କ
- ଲାଗୁ ହେଲା ନିଶା ନିବାରଣ ସେସ୍
- ନୂଆ ମଦ ଦୋକାନକୁ ଅନୁମତି ମନା
- ମଦ ହୋମ୍ ଡେଲିଭରି ସମ୍ପୂର୍ଣ୍ଣ ନିଷେଧ
- ପୁରୀ ବଡ଼ଦାଣ୍ଡରେ ରହିବନି ମଦ ଦୋକାନ

**ଭୁବନେଶ୍ୱର,୨୬।୩(ରବିନାରାୟଣ ଜେନା)**

ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ଗୃହର ଶୂନ୍ୟକାଳରେ ତ୍ରୈବାର୍ଷିକ ଅବକାରୀ ନୀତି ଘୋଷଣା କରିଛନ୍ତି। ୨୦୨୬ ଏପ୍ରିଲ ପହିଲାରୁ ୩୧ ମାର୍ଚ୍ଚ ୨୦୨୯ ଅବଧି ନିମନ୍ତେ ରାଜ୍ୟ ସରକାର ଏହି ନୀତି ଆଣିଛନ୍ତି। ପୂର୍ବ ପ୍ରଚଳିତ ବାର୍ଷିକ ନୀତିକୁ ପରିବର୍ତ୍ତନ କରାଯାଇ ନୂଆ ଅବକାରୀ ନୀତିରେ ସରକାର ସ୍ଥିରତା ଓ ସ୍ୱଚ୍ଛତା ଆଣିବାକୁ ଉଦ୍ୟମ କରିଛନ୍ତି। ଏଥିସହିତ ଆବଶ୍ୟକ ହେଲେ ଏହାକୁ ପରିବର୍ତ୍ତନ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଏହି ନୀତି ଅଧୀନରେ ଅବକାରୀ ଶୁଳ୍କ ଉପରେ ୦.୫% ଡି–ଆଡିକ୍ସନ ସେସ୍ ଲାଗୁ କରାଯିବ। ଏହା ମାଧ୍ୟମରେ ମଦକୁ ଏକ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରାଯାଇଛି। ଏହି ସେସ୍‌ରୁ ଆସୁଥିବା ରାଜସ୍ୱ ମଡେଲ 'ଡି ଆଡିକ୍ସନ' କେନ୍ଦ୍ର ସ୍ଥାପନ ଓ ସୁଦୃଢ଼ କରିବାରେ ବ୍ୟୟ କରାଯିବ। ବିଭିନ୍ନ ଅବକାରୀ ଲାଇସେନ୍ସ ପାଇଁ ଆବେଦନ ଶୁଳ୍କ ୧୦% ବଢ଼ାଯିବ ଏବଂ ଲାଇସେନ୍ସ ଶୁଳ୍କ ପ୍ରତି ବର୍ଷ ୧୦ରୁ ୨୦% ପର୍ଯ୍ୟନ୍ତ ବୃଦ୍ଧିପାଇବ। ଭାରତରେ ତିଆରି ହେଉଥିବା ବିଦେଶୀ ମଦ(ଆଇଏମ୍ଏଫ୍ଏଲ୍) ଓ ଦେଶୀ ମଦ (ସିଏଲ୍) ଉପରେ ଅବକାରୀ ଶୁଳ୍କ ମଧ୍ୟ ବୃଦ୍ଧି କରାଯାଇଛି। ପୁରୁଣା ମିନିମମ୍ ଗ୍ୟାରେଣ୍ଟେଡ୍ କ୍ୱାଣ୍ଟିଟି (ଏମ୍‌ଜିକ୍ୟୁ) ବଦଳରେ ମିନିମମ୍ ଗ୍ୟାରେଣ୍ଟେଡ୍ ଏକ୍ସାଇଜ୍ ରେଭିନ୍ୟୁ (ଏମ୍‌ଜିଇଆର୍) ମଡେଲ୍ ଲାଗୁ ହେବ, ଯଦ୍ୱାରା ବ୍ୟବସାୟୀମାନେ ଅଧିକ ମଦ ବିକ୍ରି କରିବାକୁ ଗ୍ରାହକଙ୍କ ଉପରେ ଚାପ ପକାଇବେ ନାହିଁ। ବିଶେଷକରି ଏହାଦ୍ୱାରା ସରକାରୀ ରାଜସ୍ୱ ସୁରକ୍ଷିତ ହେବ। ଏହା 'କୁଚିଆ' ବିକ୍ରୟ ପ୍ରଥାକୁ ରୋକିବାରେ ସହାୟକ ହେବ। ଏହି ନୀତି ଅନୁଯାୟୀ ରାଜ୍ୟରେ ନୂତନ ବିଦେଶୀ ମଦ ଦୋକାନ କିମ୍ବା ଦେଶୀ ମଦ ଖୋଲିବା ନିମନ୍ତେ ଅନୁମତି ଦିଆଯିବ ନାହିଁ। ଗ୍ରାମାଞ୍ଚଳରେ ମଧ୍ୟ ନୂତନ ଠିପିଖୋଲା ମଦ ଦୋକାନ ଖୋଲିବା ନିମନ୍ତେ ଅନୁମୋଦନ ଦିଆଯିବ ନାହିଁ। ତେବେ ନୂଆ ନୀତି ଅନୁସାରେ କେବଳ ଶିଳ୍ପାଞ୍ଚଳର ୩–ତାରକା ଓ ତାହାଠାରୁ ଉପର ହୋଟେଲ୍ ଓ କ୍ଲବ ପାଇଁ ନୀତିରେ କିଛିମାତ୍ରାରେ କୋହଳ କରାଯାଇଛି। ☞ପୃଷ୍ଠା–୪



ପୁରୁଣା ଭୁବନେଶ୍ୱରରେ ଗୁରୁବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥକୁ ଭକ୍ତମାନେ ମାଉସୀମା' ମନ୍ଦିର ଅଭିମୁଖେ ଟାଣି ନେଉଛନ୍ତି। **(ଫଟୋ: ବିକାଶ ନାୟକ)**

# ସଡ଼କ ଦୁର୍ଘଟଣା: ପ୍ରତିଦିନ ୧୮ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର,୨୬।୩(ରବିନାରାୟଣ ଜେନା)**

ରାଜ୍ୟରେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ପୂର୍ବରୁ ପ୍ରତିଦିନ ୧୭ଜଣଙ୍କ ମୃତ୍ୟୁ ହେଉଥିବାବେଳେ ଏବେ ଏହି ସଂଖ୍ୟା ୧୮କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦର୍ଶାଇଛନ୍ତି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଗୁରୁବାର ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୪ରେ ଦୈନିକ ୧୭ ଜଣ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ୩୦ଜଣ ଆହତ ହେଉଥିଲେ। ମାତ୍ର ୨୦୨୫ରେ ଦୈନିକ ମୃତ୍ୟୁସଂଖ୍ୟା ୧୮କୁ ବୃଦ୍ଧି ପାଇଛି। ହେଲେ ଦୈନିକ ଆହତଙ୍କ ସଂଖ୍ୟା ପୂର୍ବବର୍ଷ ଭଳି ୩୦ରେ ସ୍ଥିର ରହିଛି। ଆଇଆଇଟି ମାଡ୍ରାସର ରିସର୍ଚ୍ଚରୁ ଏହି ତଥ୍ୟ କ୍ରାଇମବ୍ରାଞ୍ଚ ହସ୍ତଗତ କରିଛି। ଏହି ତଥ୍ୟ ଅନୁସାରେ, ୨୦୨୪ ବର୍ଷରେ ୧୨ହଜାର ୩୭୫ଟି ସଡ଼କ ଦୁର୍ଘଟଣା ହୋଇଥିଲା। ସେଥିରୁ ୬,୧୪୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୦ହଜାର ୭୭୦ଜଣ ଆହତ ହୋଇଥିଲେ। ଦୈନିକ ହାରାହାରି ମୃତ୍ୟୁସଂଖ୍ୟା ୧୬.୮ ଅର୍ଥାତ୍ ୧୭ ରହିଥିଲା।

ସେହିପରି ୨୦୨୫ରେ ୧୨ହଜାର ୭୮୨ଟି ସଡ଼କ ଦୁର୍ଘଟଣା ରାଜ୍ୟରେ ହୋଇଥିବାବେଳେ ୬ହଜାର ୪୮୩ ଜଣଙ୍କ ମୃତ୍ୟୁ ହୋଇଛି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** | ଅନ୍ତର୍ଜାତୀୟ ବ୍ୟବସ୍ଥାରେ ଅସଙ୍ଗତି



90 YEARS
TRUST IS TIMELESS
BHUBANESWAR SHOWROOMS: • Saheed Nagar, Janpath • District Center, Chandrasekharpur • Samantarapur • Soubhagya Nagar
SHOWROOMS ALSO AT: ANGUL | BERHAMPUR | CUTTACK | JAJPUR ROAD | JHARSUGUDA | PURI | ROURKELA | SAMBALPUR (Opening Shortly)
BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme
Khimjijewellers.com | 1800 3131 777 | FOLLOW US ON:
SCAN TO KNOW MORE

# ସୁବିଧାଜନକ ଉପମାର୍ଗ ନିର୍ମାଣ ପାଇଁ ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୬।୩
(ଅନୁରାଧା ମହାରଣା)


ଅଶ୍ୱିନୀ ବୈଷ୍ଣବ

ସାରା ଦେଶରେ ସୁବିଧାଜନକ ଉପମାର୍ଗ ନିମାଣ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିର୍ଦ୍ଦେଶ ଦେଇଛନ୍ତି। ଏହି ରେଳ ଉପମାର୍ଗ(ସବ୍‌ୱେ) ଗୁଡ଼ିକ ରେଳପଥ ଅତିକ୍ରମ କରିବା ସମୟରେ ହେଉଥିବା ଦୁର୍ଘଟଣାକୁ ରୋକିବ। ଟ୍ରାକ୍‌ର ଉଭୟ ପାର୍ଶ୍ୱରେ ବ୍ୟବହାର କରିବାକୁ ସହଜ ଏହି ସୁବିଧାଜନକ ଉପମାର୍ଗଗୁଡ଼ିକ ମାତ୍ର ୧୨ ଘଣ୍ଟା ମଧ୍ୟରେ ନିର୍ମାଣ କରାଯାଇପାରିବ। ରେଳ ଟ୍ରାକ୍ ଅତିକ୍ରମ କରିବା ସମୟରେ ଘଟୁଥିବା ଦୁର୍ଘଟଣାକୁ ବର୍ତ୍ତମାନ ରେଳପଥ ଏକ ମିଶନ ମୋଡ୍‌ରେ ଅଟକାଇବ। ରେଳମନ୍ତ୍ରୀ ବୈଷ୍ଣବ ଗୁରୁବାର ନୂଆଦିଲ୍ଲୀରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଏକ କର୍ମଶାଳା ଆୟୋଜନ କରିଥିଲେ। ଏହି ରେଳ ଉପମାର୍ଗଗୁଡ଼ିକ ଏପରି ସ୍ଥାନରେ ନିର୍ମାଣ କରାଯିବ ଯେଉଁଠାରେ ରେଳ ଟ୍ରାକ୍‌ର ଗୋଟିଏ ପାର୍ଶ୍ୱରେ ଜନବସତି ଏବଂ ଅନ୍ୟ ପାର୍ଶ୍ୱରେ କୃଷି, ବିଦ୍ୟାଳୟ, ଶ୍ମଶାନ କିମ୍ବା ଅନ୍ୟାନ୍ୟ ଉପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଥିବ। ରେଳମନ୍ତ୍ରୀ ସାରା ଦେଶରେ ଏଭଳି ଉପମାର୍ଗ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଠାରେ ବହୁ ସଂଖ୍ୟକ ଲୋକ ସେମାନଙ୍କ ଦୈନନ୍ଦିନ ଜୀବନରେ ଟ୍ରାକ୍ ଅତିକ୍ରମ କରନ୍ତି। ଏହି ରେଳ ଉପମାର୍ଗଗୁଡ଼ିକ ନିର୍ମାଣକରିବା ସମୟରେ ଏହା ଉପରେ ଧ୍ୟାନ ଦିଆଯିବ। ଜଣେ ସାଧାରଣ ବ୍ୟକ୍ତି ଏହି ଉପମାର୍ଗରେ ସାଇକେଲ, ମୋଟରସାଇକେଲ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମ୍ବନ୍ଧୀୟ ସାମଗ୍ରୀ ବହନ କରିପାରିବେ। ରେଳ ମନ୍ତ୍ରୀ ଅଧିକାରୀମାନଙ୍କୁ ଦେଶର ଏହି ବଡ଼ ସମସ୍ୟାକୁ ଆଗାମୀ ୫-୬ ବର୍ଷ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଉପମାର୍ଗଗୁଡ଼ିକ ଏପରି ଭାବରେ ନିର୍ମାଣ ହେବ ଯାହା ଦ୍ୱାରା ସେଗୁଡ଼ିକ କେବଳ ୧୨ ଘଣ୍ଟା ମଧ୍ୟରେ ଟ୍ରାକ୍ ଉପରେ ନିର୍ମାଣ କରାଯାଇପାରିବ। ଜଳମଗ୍ନ ସମୟରେ ଏହି ଉପମାର୍ଗଗୁଡ଼ିକ ଯେପରି ପ୍ରଭାବିତ ହେବ ନାହିଁ ତାହା ଉପରେ ଧ୍ୟାନ ଦିଆଯିବ।

# ସୃଜନଶୀଳତାକୁ ପ୍ରାଧାନ୍ୟ


ଡ. ଦୀପ୍ତିମୟୀ ମହାନ୍ତି

**ଖୋର୍ଦ୍ଧାସ୍ଥିତ ଆର୍ଯ୍ୟବର୍ତ୍ତ ଆନ୍‌ସିଏଣ୍ଟ ଏକାଡେମୀ (ଏଏଏ)ର ପ୍ରିନ୍ସିପାଲ ଭାବେ ଡ. ଦୀପ୍ତିମୟୀ ମହାନ୍ତି କାର୍ଯ୍ୟରତ ଥିବାବେଳେ ତାଙ୍କର ଶିକ୍ଷାକ୍ଷେତ୍ରରେ ୩୦ ବର୍ଷର ଅଭିଜ୍ଞତା ରହିଛି। ଅବିରତ ଉତ୍ସାହ ଓ ଅଧ୍ୟବସାୟ ଦ୍ୱାରା ସେ ଅନୁଷ୍ଠାନକୁ ସଫଳ କରିଥିବାବେଳେ ତାଙ୍କ ନେତୃତ୍ୱରେ ଏକ ଅନନ୍ୟ ଶିକ୍ଷା ପଦ୍ଧତି ଜାରି ରହିଛି। ଏହାସହ ଶୃଙ୍ଖଳା, ଜ୍ଞାନ ଏବଂ ସାମଗ୍ରିକ ମୂଲ୍ୟବୋଧଭିତ୍ତିକ 'ଗୁରୁକୁଳ ପରମ୍ପରା' ସହ 'ସିବିଏସ୍‌ଇ ପାଠ୍ୟକ୍ରମ'କୁ ଏକ ନିଆରା ସମନ୍ୱୟ କରାଯାଇପାରିଛି। ବ୍ୟକ୍ତିଗତ ଓ ସାମାଜିକ ଆହ୍ୱାନଗୁଡ଼ିକ ତାଙ୍କୁ ସର୍ବଦା ଆଗକୁ ବଢ଼ିବାକୁ ପ୍ରେରଣା ଦେଉଥିବାବେଳେ ଛାତ୍ରୀଛାତ୍ରଙ୍କ ସଫଳତା ତାଙ୍କ ହୃଦୟରେ ସର୍ବଦା ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରୁଥିବା ଡ. ମହାନ୍ତି କୁହନ୍ତି। ତାଙ୍କର ଏହି ସଫଳ ଯାତ୍ରା ସମ୍ପର୍କରେ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**ପ୍ର. ଶିକ୍ଷା ଶିଳ୍ପର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ଦେଶରେ ଶିକ୍ଷା କ୍ଷେତ୍ର କେଉଁ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି ବୋଲି ଆପଣ ଭାବନ୍ତି?**

ଉ. ବର୍ତ୍ତମାନର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଡିଜିଟାଲ ଶିକ୍ଷା ଏବଂ ଜେନ୍ ଜି (ଆଜିର ପିଢ଼ି) ମଧ୍ୟରେ ସନ୍ତୁଳନ ରକ୍ଷା କରିବା ; ଅର୍ଥାତ୍ ବୈଷୟିକ ଜ୍ଞାନକୌଶଳ ଏବଂ ପାରମ୍ପରିକ ପଦ୍ଧତି ମଧ୍ୟରେ ଏକ ସନ୍ତୁଳିତ ଆଭିମୁଖ୍ୟ ବଜାୟ ରଖିବା। ଆଧୁନିକ ଉପକରଣ ଏବଂ ସ୍ଥିର ଇଣ୍ଟରନେଟ୍‌ର ସୁବିଧା ସବୁଠି ସମାନ ଭାବେ ଉପଲବ୍ଧ ନୁହେଁ। ଅନ୍ୟପଟେ ଅଧିକ ସମୟ ସ୍କ୍ରିନ୍ ସାମ୍ନାରେ ରହିବା ଦ୍ୱାରା ପିଲାମାନଙ୍କ ସ୍ୱାସ୍ଥ୍ୟ ଏବଂ ଏକାଗ୍ରତା ଉପରେ କୁପ୍ରଭାବ ପଡୁଛି। ଆର୍ଯ୍ୟବର୍ତ୍ତ ଆନ୍‌ସିଏଣ୍ଟ ଏକାଡେମୀରେ ଆମେ ଏହି ସମସ୍ୟାଗୁଡ଼ିକୁ ପ୍ରଭାବଶାଳୀ ଭାବରେ ସମାଧାନ କରିବା ପାଇଁ ହାଇବ୍ରିଡ୍ ଶିକ୍ଷଣ ମଡେଲ କାର୍ଯ୍ୟକାରୀ କରୁ ଓ ସୁସ୍ଥତାକୁ ପ୍ରାଥମିକତା ଦେଉ। ଏହାସହ ଆମେ ଶିକ୍ଷକମାନଙ୍କୁ ନିୟମିତ ପ୍ରଶିକ୍ଷଣ ଦେଉଛୁ, ଯେପରି ସେମାନେ ବିନା ଚାପରେ ନିଜକୁ ଆଧୁନିକ ଜ୍ଞାନକୌଶଳ ସହ ଖାପଖୁଆଇ ପାରିବେ।

**ପ୍ର. ଡିଜିଟାଲ ବିପ୍ଳବ ଆରମ୍ଭ ହୋଇସାରିଛି। ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର କ'ଣ ପ୍ରଭାବ ପଡ଼ିବ?**

ଉ. ଏଆଇ ନିଶ୍ଚିତ ଭାବରେ ଦୈନନ୍ଦିନ କାର୍ଯ୍ୟ ଯଥା ଗ୍ରେଡିଂ, ପାଠ୍ୟକ୍ରମ ପ୍ରସ୍ତୁତି ଏବଂ ତଥ୍ୟ ବିଶ୍ଳେଷଣରେ ସାହାଯ୍ୟ କରି ଶିକ୍ଷକଙ୍କ କାର୍ଯ୍ୟଭାର ଲାଘବ କରୁଛି। ଏହାଦ୍ୱାରା ଶିକ୍ଷକମାନେ ପିଲାଙ୍କ ସହ ସିଧାସଳଖ ଆଲୋଚନା ଏବଂ ସେମାନଙ୍କୁ ବ୍ୟକ୍ତିଗତ ମାର୍ଗଦର୍ଶନ ଦେବା ପାଇଁ ଅଧିକ ସମୟ ପାଇପାରୁଛନ୍ତି। ତେବେ ଏଆଇ ଉପରେ ଅତ୍ୟଧିକ ନିର୍ଭରଶୀଳତା ପିଲାଙ୍କ ସୃଜନଶୀଳତା ଏବଂ ଗୁରୁ ଶିଷ୍ୟଙ୍କ ମଧ୍ୟରେ ଥିବା ଆନ୍ତରିକ ସମ୍ପର୍କକୁ ପ୍ରଭାବିତ କରିବାର ଭୟ ରହିଛି। ଆର୍ଯ୍ୟବର୍ତ୍ତ ଆନ୍‌ସିଏଣ୍ଟ ଏକାଡେମୀରେ ଆମେ ଏଆଇକୁ ଏକ ସହାୟକ ଭାବେ ବ୍ୟବହାର କରୁଛୁ, କିନ୍ତୁ ଏହା ଯେପରି ମାନବୀୟ ସମ୍ବେଦନା ଏବଂ ସମ୍ପର୍କର ସ୍ଥାନ ନ ନିଏ, ସେଥିପ୍ରତି ଆମେ ସତର୍କ ଅଛୁ।

**ପ୍ର. ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଚିନ୍ତନ, ସୃଜନଶୀଳତା ଏବଂ ବ୍ୟବହାରିକ ଜ୍ଞାନ ଅପେକ୍ଷା ଘୋଷା ପାଠ ଏବଂ ପରୀକ୍ଷା ଫଳାଫଳ ଉପରେ ଅଧିକ ଗୁରୁତ୍ୱ ଦିଆଯାଏ ବୋଲି ଅନେକ ସମାଲୋଚନା କରନ୍ତି। ଏହି ଅନୁସାରେ ଛାତ୍ରୀଛାତ୍ରଙ୍କୁ କିପରି ପ୍ରସ୍ତୁତ କରାଯିବା ଉଚିତ?**

ଉ. ଭାରତୀୟ ଶିକ୍ଷା ବ୍ୟବସ୍ଥା ଅତ୍ୟଧିକ ମାର୍କ-କୈନ୍ଦ୍ରିକ ଓ ବାସ୍ତବିକ ଅଭିଜ୍ଞତାଠାରୁ ଦୂରରେ। ଏନ୍‌ଟିଏର ୭୫% ଯୋଗ୍ୟତା ନିୟମ ଏହାର ସ୍ପଷ୍ଟ ପ୍ରମାଣ। ଫିଲିପାଇନ୍ସରେ ବ୍ୟବହାରିକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ। ମାତ୍ର ଠିକ୍ ପରାମର୍ଶ ଓ ପ୍ରୋତ୍ସାହନ ମିଳିଲେ, ଛାତ୍ରୀଛାତ୍ରମାନେ ମାର୍କରୁ ଊର୍ଦ୍ଧ୍ୱରେ ଅନେକ ସଫଳତା ହାସଲ କରିପାରନ୍ତି। 'ଏଏଏ'ରେ ଆମେ ବିଭିନ୍ନ କ୍ଲବ, ପ୍ରୋଜେକ୍ଟ-ଭିତ୍ତିକ ଶିକ୍ଷା ଏବଂ ଦକ୍ଷତା ବିକାଶ କର୍ମଶାଳା ମାଧ୍ୟମରେ ପିଲାଙ୍କୁ ପ୍ରୋତ୍ସାହିତ କରୁଛୁ। ଆମେ ବିଭିନ୍ନ ଶିଳ୍ପ ବିଶେଷଜ୍ଞଙ୍କ ସହ ମିଶି ଇଣ୍ଟର୍ନଶିପ୍‌ର ବ୍ୟବସ୍ଥା କରୁଛୁ, ଯଦ୍ୱାରା ପିଲାମାନେ ପାଠ୍ୟପୁସ୍ତକର ଜ୍ଞାନକୁ ପ୍ରକୃତ ଦୁନିଆରେ ପ୍ରୟୋଗ କରିବା ଶିଖୁଛନ୍ତି।

**ପ୍ର. ଆପଣଙ୍କର ଏହି ଯାତ୍ରା ଏପର୍ଯ୍ୟନ୍ତ କିପରି ରହିଛି? ଆର୍ଯ୍ୟବର୍ତ୍ତ ଆନ୍‌ସିଏଣ୍ଟ ଏକାଡେମୀ ଛାତ୍ରୀଛାତ୍ରଙ୍କ ପାଇଁ କାହିଁକି ଏକ ପସନ୍ଦର ସ୍ଥାନ?**

ଉ- ଆର୍ଯ୍ୟବର୍ତ୍ତ ଆନ୍‌ସିଏଣ୍ଟ ଏକାଡେମୀରେ ମୋର ୩୦ ବର୍ଷର କର୍ମ ଜୀବନରେ ଅନେକ ଛାତ୍ରୀଛାତ୍ରଙ୍କ ବଡ଼ ସଫଳତା ଦେଖିବାକୁ ମିଳିଛି। ଆମର ଗୁରୁକୁଳ ଏବଂ ଆଧୁନିକ ଶିକ୍ଷାର ସମନ୍ୱୟ ପିଲାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସଫଳ ହୋଇଛି। ଏଠାରେ କଳା, ବିଜ୍ଞାନ, ବିତର୍କ ଓ ଖେଳ କ୍ଲବ୍‌ଗୁଡ଼ିକ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ବହୁମୁଖୀ ଅଭିଜ୍ଞତା ମିଳେ। ଏହିପରି ପରିବେଶ ଯୋଗୁ ଅଭିଭାବକମାନେ 'ଏଏଏ'କୁ ପସନ୍ଦ କରନ୍ତି, କାରଣ ଏଠାରେ ଛାତ୍ରମାନଙ୍କର ସମ୍ପୂର୍ଣ୍ଣ ବିକାଶ ହୁଏ ଏବଂ ସମର୍ଥନ ମିଳେ। ପୁରାତନ ଛାତ୍ରୀଛାତ୍ରମାନେ ଅନୁଷ୍ଠାନକୁ ଆସି ମେଣ୍ଟର ହୋଇ ପିଲାଙ୍କୁ ମାର୍ଗଦର୍ଶନ ଦିଅନ୍ତି, ଯାହା ଆମର ପରିବାର ଭଳି ସମ୍ପର୍କକୁ ଆହୁରି ମଜଭୁତ କରେ।

**ପ୍ର. ଆପଣଙ୍କ ଦୂରଦୃଷ୍ଟି ଏବଂ ନିଷ୍ଠା ଏହି ଅନୁଷ୍ଠାନକୁ ନୂତନ ଉଚ୍ଚତାରେ ପହଞ୍ଚାଇଛି। ଏହି କ୍ଷେତ୍ରରେ କ୍ୟାରିୟର୍ ଆରମ୍ଭ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଆପଣ କି ପରାମର୍ଶ ଦେବେ?**

ଉ. ଏହି ଶିଳ୍ପରେ ପ୍ରବେଶ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ପ୍ରଥମେ ସୃଜନଶୀଳତାକୁ ପ୍ରାଧାନ୍ୟ ଦିଅନ୍ତୁ। ନୂତନ ଚିନ୍ତାଧାରାକୁ ସ୍ୱାଗତ କଲାଭଳି ପରିବେଶ ତିଆରି କରନ୍ତୁ। କର୍ମଚାରୀ କିମ୍ବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୟ କିମ୍ବା ଅଯଥା ଚାପ ସୃଷ୍ଟି ନ କରି ଦ୍ୱିତୀୟ ପରିବାର ପରି ବିଶ୍ୱାସ ସୃଷ୍ଟି କରନ୍ତୁ। ଦଳଗତ ବିଶ୍ୱାସ, ନିରନ୍ତର ବୃତ୍ତିଗତ ବିକାଶ ଏବଂ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ସ୍ୱତନ୍ତ୍ରତାକୁ ଗୁରୁତ୍ୱ ଦେବା ଆବଶ୍ୟକ।

ଧରିତ୍ରୀ | OrissaPOST
BUSINESS EMINENCE AWARDS

# ବକେୟା ସମାଧାନ ପାଇଁ ସ୍ୱତନ୍ତ୍ର ଶିବିର କରିବ ଟିପିସିଓଡିଏଲ୍

ଭୁବନେଶ୍ୱର,୨୬।୩
(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମାର୍ଚ୍ଚ ୩୦ ଓ ୩୧ରେ ଏହାର ସମସ୍ତ ସେବା ଯୋଗାଣ ଅଞ୍ଚଳରେ ଏକ ଉପଭୋକ୍ତା ଅଭିଯୋଗ ସମାଧାନ ଶିବିର କରାଯିବ। ଏହି ଶିବିର ସକାଳ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମସ୍ତ ଡିଭିଜନ, ସବ୍ ଡିଭିଜନ ଏବଂ ସେକ୍ସନ ଅଫିସରେ ଅନୁଷ୍ଠିତ ହେବ। ଏଥିପାଇଁ ଏନ୍‌ଫୋର୍ସମେଣ୍ଟ ଅଧିକାରୀ, ଆଇନ ବିଶେଷଜ୍ଞ ଏବଂ ସହାୟକ କର୍ମଚାରୀଙ୍କର ସ୍ୱତନ୍ତ୍ର ଟିମ୍ ଉପଭୋକ୍ତାମାନଙ୍କୁ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବେ। ଏଠାରେ ଉପଭୋକ୍ତାମାନେ ସେମାନଙ୍କର ଦୀର୍ଘଦିନରୁ ପଡ଼ି ରହିଥିବା ବିଦ୍ୟୁତ୍ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ସୁବିଧାଜନକ ମଞ୍ଚ ପାଇପାରିବେ। ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକୁ ଏକ ସ୍ୱଚ୍ଛ 'ସିଙ୍ଗଲ-ୱିଣ୍ଡୋ ବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବା ଏହି ଶିବିରର ଲକ୍ଷ୍ୟ ରହିଛି। ମାର୍ଚ୍ଚ ୧୪ରେ ଅନୁଷ୍ଠିତ ଲୋକ ଅଦାଲତରେ ଟିପିସିଓଡିଏଲ୍ ୬,୬୦୦ରୁ ଅଧିକ ମାମଲାର ସମାଧାନ କରିଥିଲା।

# ତାଳଦଣ୍ଡା କେନାଲ ରୋଡ୍‌ରେ ଖୋଲିଲା ଅମ୍ବର ଏନ୍‌ଏକ୍ସ



ଭୁବନେଶ୍ୱର,୨୬।୩(ଅନୁରାଧା ମହାରଣା)

କଟକ ଚାଉଳିଆଗଞ୍ଜସ୍ଥିତ କେନାଲ ରୋଡ୍‌ରେ ଅମ୍ବର ଏନ୍‌ଏକ୍ସର ୮ମ ଶୋ'ରୁମ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ସୀତା ଦେବୀ ମାହେଶ୍ୱରୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଶୀତତାପ ନିୟନ୍ତ୍ରିତ ୪ ମହଲା ବିଶିଷ୍ଟ ୧୦ ହଜାର ବର୍ଗଫୁଟ ପରିମିତ ଷ୍ଟୋରରେ ସବୁ ବର୍ଗର ଗ୍ରାହକଙ୍କ ପାଇଁ ଉତ୍ପାଦ ରହିଛି। ଛୋଟ ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଉଚ୍ଚ ଗୁଣମାନର ଜିନ୍ସ, ଟି-ଶାର୍ଟ, ପ୍ୟାଣ୍ଟ, ଶାର୍ଟ, ବ୍ଲେଜର, କୋର୍ଟ, ସେରୱାନୀ, ପଞ୍ଜାବୀ, ଚୁଡ଼ିଦାର, ସାଲୱାର, ବିଭିନ୍ନ ପ୍ରକାର ଶାଢ଼ି ଆଦି ଅନେକ ପରିଧାନ ସାମଗ୍ରୀ ରହିଛି । ଉଦ୍‌ଘାଟନୀ ଉତ୍ସବ ଅବସରରେ ସମସ୍ତ କ୍ରୟ ଉପରେ ୭% ରିହାତି ରହିଥିବା ମୁଖ୍ୟ ପ୍ରୋପ୍ରାଇଟର ମାଣିକ ଚାନ୍ଦ ମାହେଶ୍ୱରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରୋପ୍ରାଇଟର ଅଶୋକ କୁମାର ମାହେଶ୍ୱରୀ, ସୁନୀଲ କୁମାର ମାହେଶ୍ୱରୀ, ମନୋଜ କୁମାର ମାହେଶ୍ୱରୀ, ଆକାଶ ମାହେଶ୍ୱରୀ, ଅଭିଷେକ ମାହେଶ୍ୱରୀ, କୁଶାଲ ମାହେଶ୍ୱରୀ, ମୟଙ୍କ ମାହେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମୋବାଇଲ ଆଇ ଟେଷ୍ଟିଂ ଭ୍ୟାନ୍‌ର ଶୁଭାରମ୍ଭ




ଭୁବନେଶ୍ୱର,୨୬।୩(ଅନୁରାଧା ମହାରଣା)

ରୋଟାରି କ୍ଲବ୍ ଅଫ୍ ଭୁବନେଶ୍ୱର କଳିଙ୍ଗା ଏବଂ ଇଣ୍ଡିଆନ ବ୍ୟାଙ୍କର ସିଏସ୍‌ଆର୍ ପଦକ୍ଷେପ ଅଧୀନରେ ଏକ ବିଶେଷ ଭାବେ ପ୍ରସ୍ତୁତ ମୋବାଇଲ ଆଇ ଟେଷ୍ଟିଂ ଭ୍ୟାନ୍ ଗୁରୁବାର ଜୟଦେବ ବିହାରସ୍ଥିତ ଓଡ଼ିଶା ଜ୍ଞାନ କର୍ପୋରେଶନ ଲିମିଟେଡ୍ (ଓକେସିଏଲ୍) ପରିସରରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ରୋଟାରିଆନ୍ ମନୋଜ କୁମାର ତ୍ରିପାଠୀ ଏହାର ଶୁଭାରମ୍ଭ କରିଥିବାବେଳେ ଫିଲ୍ଡ ଜେନେରାଲ ମ୍ୟାନେଜର, ଇଣ୍ଡିଆନ ବ୍ୟାଙ୍କର ଫିଲ୍ଡ ଜେନେରାଲ ମ୍ୟାନେଜର ଅରୁଣା ଏମ୍ ଭ୍ୟାନ୍‌ଟିକୁ କଟକର ଜେପିଏମ୍ ରୋଟାରି ଆଇ ହସ୍ପିଟାଲକୁ ହସ୍ତାନ୍ତର କଲେ। ଓକେସିଏଲ୍‌ର ନିର୍ଦ୍ଦେଶକ ମନୋରଞ୍ଜନ ପୁଥାଳ କହିଥିଲେ, ଏହି 'ରାଇଟ୍ ଟୁ ସାଇଟ୍' ପଦକ୍ଷେପ ରୋକିପାରିବା ଯୋଗ୍ୟ ଅନ୍ଧତ୍ୱକୁ ଦୂରକରିବାରେ ଏକ ମାଇଲଷ୍ଟୋନ୍ ହେବ।

# ବୈଶାଖୀ ବାଣିଜ୍ୟ ମେଳାରେ ଫ୍ରିଡମ ଷ୍ଟଲ୍

ଭୁବନେଶ୍ୱର,୨୬।୩(ଅନୁରାଧା ମହାରଣା)




କଟକର ଉପର ବାଲିଯାତ୍ରା ପଡ଼ିଆରେ ଚାଲିଥିବା ବୈଶାଖୀ ବାଣିଜ୍ୟ ମେଳାରେ ଫ୍ରିଡମ ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି । ଡା. ଉମେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷ୍ଟଲ୍‌ର ଉଦ୍‌ଘାଟନ କରିଥିଲେ । ଖାଦ୍ୟରେ ଅପମିଶ୍ରଣ ବଢ଼ିବାରେ ଲାଗିଛି । ସୁସ୍ଥ ଶରୀର ପାଇଁ ସନ୍ତୁଳିତ ଆହାରର ନିତାନ୍ତ ଆବଶ୍ୟକବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ବାଣିଜ୍ୟ ମେଳାରେ ଫ୍ରିଡମ ପକ୍ଷରୁ ସମସ୍ତ ତେଲ ଉପରେ ଆକର୍ଷଣୀୟ ରିହାତି ରହିଥିବା ବେଳେ ପ୍ରତ୍ୟେକ ୫ ଲିଟର ରିଫାଇନ ଏବଂ ସୋରିଷ ତେଲର କମ୍ବୋ ଅଫରରେ ଗୋଟିଏ ଶ୍ରୀକୃପା ପୂଜାତେଲ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମ ଓଡ଼ିଶା ହେଡ୍ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ଏହି ମେଳାକୁ ଆସୁଥିବା ପ୍ରତ୍ୟେକ ଯାତ୍ରୀଙ୍କୁ ଫ୍ରିଡମ ଖାଆନ୍ତୁ ଏବଂ ଫ୍ରିଡମରେ ରୁହନ୍ତୁ ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ପ୍ରକାଶ ପାତ୍ର, ଶରତ ପରମାଣିକ, ଅମିତ କୁମାର ମହାନ୍ତି, ଜୀବନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଅନୁଗୋଳରେ ଖୋଲିଲା ଚାନ୍ଦି ଭଣ୍ଡାରର ୨୭ତମ ଷ୍ଟୋର

ଅନୁଗୋଳ,୨୬।୩ (ଜ୍ୟୋତିରଞ୍ଜନ ସାହୁ)



ରୁପା ଗହଣା ବ୍ରାଣ୍ଡ ଚାନ୍ଦି ଭଣ୍ଡାରର ୨୭ତମ ଷ୍ଟୋର ଅନୁଗୋଳରେ ଖୋଲିଛି। ଚାନ୍ଦିଭଣ୍ଡାରର ନିର୍ଦ୍ଦେଶକ ମାଣିକ୍ ହନ୍ସ ଓ ଷ୍ଟୋରର କର୍ମଚାରୀମାନେ ଗୁରୁବାର ଏହାର ଉଦ୍‌ଘାଟନ କରିଛନ୍ତି। ବଜରାପଡ଼ା ଗାନ୍ଧୀ ମାର୍ଗ ଛକ ନିକଟରେ ଥିବା ଏହି ନୂଆ ଷ୍ଟୋର ଅନୁଗୋଳରେ ବ୍ରାଣ୍ଡର ଦ୍ୱିତୀୟ ଷ୍ଟୋର ଭାବେ ଆରମ୍ଭ ହୋଇଛି। ପ୍ରାୟ ୨୦୦୦ ବର୍ଗଫୁଟ ପରିମିତ ଏହି ଷ୍ଟୋରରେ ଆଧୁନିକ ଡିଜାଇନ ଓ ପାରମ୍ପରିକ କଳାକୃତି ଦେଖିବାକୁ ମିଳୁଛି। ଗ୍ରାହକଙ୍କୁ ଏକ ନୂତନ ଓ ଆକର୍ଷଣୀୟ ଶପିଂ ଅନୁଭୂତି ଦେବା ପାଇଁ ଏହାକୁ ବିଶେଷ ଭାବରେ ସଜାଯାଇଛି। ଏଠାରେ ୯୨.୫% ଶୁଦ୍ଧତାର ରୁପା ଗହଣା ସହ ମହିଳା, ପୁରୁଷ ଓ ପିଲାମାନଙ୍କ ପାଇଁ ବ୍ୟାପକ କଲେକ୍ସନ ଉପଲବ୍ଧ ରହିଛି। ମହିଳାଙ୍କ ପାଇଁ ନେକ୍‌ଲେସ୍, ଚୁଡ଼ି, କାନଫୁଲ, ବ୍ରେସ୍‌ଲେଟ, ଆଙ୍କଲେଟ ଆଦିର ଆକର୍ଷଣୀୟ ଡିଜାଇନ ରହିଥିବାବେଳେ ପୁରୁଷଙ୍କ ପାଇଁ ମୁଦି, ଚେନ୍ ଓ ବ୍ରେସ୍‌ଲେଟ୍ ମଧ୍ୟ ମିଳୁଛି। ପିଲାମାନଙ୍କ ପାଇଁ ମଧ୍ୟ ଆକର୍ଷଣୀୟ କିଡ୍ସ କଲେକ୍ସନ ରହିଛି। ଏହାସହ ରୁପାର ଲାଇଫ୍‌ଷ୍ଟାଇଲ ପ୍ରଡକ୍ଟ ଯଥା ୱାଇନ ଗ୍ଲାସ୍, ବୋତଲ, ଟି ସେଟ୍ ଓ ସିଲ୍‌ଭର ୱାର୍କ ଟ୍ରେ ମଧ୍ୟ ଗ୍ରାହକଙ୍କୁ ଆକର୍ଷିତ କରୁଛି। ଏଗୁଡ଼ିକ ଉପହାର ପାଇଁ ଉତ୍ତମ ବିକଳ୍ପ ହୋଇପାରିଛି। ଉଦ୍‌ଘାଟନ ଅବସରରେ ବିଶେଷ ଅଫର ଭାବେ ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି, ଯାହା ଏପ୍ରିଲ ୪ ରୁ ୧୯ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍ସା ହଂସ କହିଛନ୍ତି, ୨୦୧୩ ମସିହାରେ ଆରମ୍ଭ ହୋଇଥିବା ଚାନ୍ଦି ଭଣ୍ଡାର ବର୍ତ୍ତମାନ ଓଡ଼ିଶାର ସର୍ବବୃହତ୍ ରୁପା ଗହଣା ଚେନ୍ ଷ୍ଟୋର ଭାବେ ପରିଚିତ। ଗ୍ରାହକଙ୍କୁ ଉଚ୍ଚମାନର ହଲ୍‌ମାର୍କ ଉତ୍ପାଦ, ଲାଇଫଟାଇମ ଫ୍ରି କ୍ଲିନିଂ ଓ ସର୍ବୋତ୍ତମ ସେବା ପ୍ରଦାନ କରିବାରେ ବ୍ରାଣ୍ଡ ସଦା ପ୍ରତିବଦ୍ଧ ରହିଛି। ଆଗାମୀ ଦିନରେ ବରଗଡ଼ ଓ ରାୟପୁରରେ ମଧ୍ୟ ନୂତନ ଷ୍ଟୋର ଖୋଲିବା ଯୋଜନା ରହିଛି।

# ଇରାନ୍‌ରୁ ତେଲ କିଣି ନଥିବା କହିଲା ରିଲାଏନ୍ସ

ଭୁବନେଶ୍ୱର,୨୬।୩(ଅନୁରାଧା ମହାରଣା)

ଯୁକ୍ତରାଷ୍ଟ୍ର ଆମେରିକା ତୈଳ ମୂଲ୍ୟର ଚାପ କମାଇବା ପାଇଁ ଇରାନ ତୈଳ ଉପରେ ଅସ୍ଥାୟୀ ଭାବେ ନିଷେଧାଜ୍ଞା ହଟାଇବା ପରେ ମଧ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଇରାନ୍‌ରୁ କ୍ରୁଡ ଅଏଲ କ୍ରୟ କରି ନାହିଁ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଜାରି ଏକ ବିବୃତିରେ ଏହା ସ୍ପଷ୍ଟ କରାଯାଇଛି। ଇରାନ୍‌ରୁ ରିଲାଏନ୍ସ ତୈଳ କିଣିଥିବା ଖବରଗୁଡ଼ିକ ଭ୍ରାନ୍ତିମୂଳକ ଅଟେ ବିବୃତିରେ ଦର୍ଶାଯାଇଛି। ସପ୍ତାହର ଆରମ୍ଭରେ କେନ୍ଦ୍ର ସରକାର କହିଥିଲେ, ଇରାନୀର ତେଲ କ୍ରୟ ପୁନଃ ଆରମ୍ଭ କରିବା ଟେକ୍ନୋ-କମର୍ସିଆଲ ସମ୍ଭାବ୍ୟତା ଉପରେ ନିର୍ଭର କରିବ। ସୂଚନା ଥାଉକି, ଐତିହାସିକ ଭାବେ ଭାରତ ଇରାନର କ୍ରୁଡ ତୈଳର ଏକ ପ୍ରମୁଖ କ୍ରେତା ଥିଲା। ରିଫାଇନାରୀ ସହ ଉତ୍ତମ ସୁସଙ୍ଗତତା ଏବଂ ଅନୁକୂଳ ବାଣିଜ୍ୟିକ ସର୍ତ୍ତାବଳୀ ହେତୁ ଇରାନର ଲାଇଟ ଏବଂ ହେଭି ଗ୍ରେଡ ତୈଳର ବିପୁଳ ପରିମାଣ ଆମଦାନି କରାଯାଉଥିଲା। ୨୦୧୮ରେ ନିଷେଧାଜ୍ଞା କଠୋର ହେବା ପରେ ୨୦୧୯ ମେ' ମାସରୁ ଏହି ଆମଦାନି ବନ୍ଦ ହୋଇଯାଇଥିଲା ଏବଂ ସେହି ପରିମାଣକୁ ମଧ୍ୟପ୍ରାଚ୍ୟ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଅନ୍ୟାନ୍ୟ ଦେଶର ତୈଳ ଦ୍ୱାରା ପୂରଣ କରାଯାଇଥିଲା। ପିକ୍ ଟାଇମରେ ଇରାନୀୟ ତୈଳ ଭାରତର ମୋଟ ଆମଦାନିର ୧୧.୫% ଥିଲା। ଗତ ସପ୍ତାହରେ ଯୁକ୍ତରାଷ୍ଟ୍ର ଆମେରିକା ଇରାନ ଉପରେ ଉଠିଥିବା ତୈଳ ମୂଲ୍ୟର ଚାପ କମାଇବା ପାଇଁ ସମୁଦ୍ରରେ ଥିବା ଇରାନ ତୈଳ କ୍ରୟ ଉପରେ ୩୦ ଦିନ ପାଇଁ ନିଷେଧାଜ୍ଞା ଅସ୍ଥାୟୀ ଭାବେ ହଟାଇଛି। ବର୍ତ୍ତମାନ ସମୁଦ୍ରରେ ଥିବା ଜାହାଜଗୁଡ଼ିକରେ ପ୍ରାୟ ୧୪୦ ମିଲିୟନ ବାରେଲ ଇରାନୀୟ ତୈଳ ରହିଛି। ଯଦିଓ ଏହା ଦେଶଗୁଡ଼ିକୁ ସେହି ବାରେଲ କ୍ରୟ କରିବାକୁ ଅନୁମତି ଦେଇଛି, କିନ୍ତୁ ପେମେଣ୍ଟ କିପରି ହେବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇ ନାହିଁ।

# ଓମ୍‌ଫେଡ୍ କ୍ଷୀର ପ୍ୟାକେଟ୍‌ରେ ଜନଗଣନା ବାର୍ତ୍ତା




ଭୁବନେଶ୍ୱର,୨୬।୩(ଅନୁରାଧା ମହାରଣା)

କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା ଜନଗଣନା କାର୍ଯ୍ୟକ୍ରମ ନେଇ ଜନସଚେତନତା ସୃଷ୍ଟି ପାଇଁ ଓମ୍‌ଫେଡ୍ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜନ 'ଗଣନାରୁ ଜନ କଲ୍ୟାଣ' କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ ଜାରି ରହିଥିବା ଡିଜିଟାଲ ଜନଗଣନାରେ ସ୍ୱ- ଗଣନା ଏବଂ ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା କାର୍ଯ୍ୟକ୍ରମରେ ଆଜିଠାରୁ ଆନୁଷ୍ଠାନିକ ଭାବେ ସାମିଲ ହୋଇଛି ଓମ୍‌ଫେଡ୍। ଓମ୍‌ଫେଡ୍ ତା'ର ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍‌ର ପ୍ରିଣ୍ଟିଂ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କର, ଆଜିର ଜନଗଣନା, କାଲିର ବିକାଶ ଶୀର୍ଷକ ସ୍ଲୋଗାନ ଲେଖିଛି। ସୂଚନା ଥାଉକି, ସ୍ୱ-ଗଣନା ୧ ଏପ୍ରିଲରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ବ୍ୟକ୍ତି ସ୍ୱ-ଗଣନା ପୋର୍ଟାଲରେ ନିଜର ସମସ୍ତ ତଥ୍ୟ ନିଜେ ନିଜେ ଦେଇପାରିବେ । ସେହିପରି ଏପ୍ରିଲ ୧୬ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଗୃହ ତାଲିକା ଓ ଗୃହଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରିମିୟମ କାଓ ମିଲ୍କ ପ୍ୟାକେଟ୍‌ରେ ଉଲ୍ଲେଖ କରାଯାଇଛି। ଏହି ନୂତନ ପ୍ୟାକିଂ ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍‌କୁ ଗୁରୁବାର ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ ଉନ୍ମୋଚନ କରିଛନ୍ତି। ନୂତନ ପ୍ୟାକ୍‌ରେ ଓମ୍‌ଫେଡ୍ ଆସନ୍ତା ୪୫ ଦିନ ପର୍ଯ୍ୟନ୍ତ ତା'ର ପ୍ରିମିୟମ କ୍ଷୀର ବଜାରକୁ ଛାଡ଼ିବ। ଭୁବନେଶ୍ୱରସ୍ଥିତ ଓମ୍‌ଫେଡ୍ ମୁଖ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ, ହାରାଧନ କର୍ମୀ, ଡକ୍ଟର ଅଭୟ ନାରାୟଣ ନାୟକ, ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖୀଙ୍କ ସହ ଓମ୍‌ଫେଡ୍‌ର ଡେପୁଟି ମ୍ୟାନେଜର (ପିଆର୍, ପ୍ରୋକ୍ୟୋରମେଣ୍ଟ) ଡ. ବିଶ୍ୱରଞ୍ଜନ ତ୍ରିପାଠୀ, ଡେପୁଟି ମ୍ୟାନେଜର (ଫାଇନାନ୍ସ) ତାପସ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ ।

# ଫୁଲବାଣୀରେ 'ମୋ ବାସ୍କେଟ୍'ର ଶୁଭାରମ୍ଭ



ଜିଲାପାଳଙ୍କ ସହ ଷ୍ଟାର୍ଟଅପ୍ କରିଥିବା ଯୁବତୀ ଯୁବକ।

ଫୁଲବାଣୀ,୨୬।୩ (ରାକେଶ କୁମାର ରାଉତ)

ରାଜ୍ୟ ସରକାର ଏବେ ଷ୍ଟାର୍ଟଅପ୍ ବିଜ୍‌ନେସକୁ ଗୁରୁତ୍ୱ ଦେଉଛନ୍ତି । କନ୍ଧମାଳ ଜିଲାରେ କେତେଜଣ ଉଦୀୟମାନ ଯୁବକ ଚାକିରି ପଛରେ ନ ଗୋଡ଼ାଇ ନିଜର ଷ୍ଟାର୍ଟଅପ ବିଜ୍‌ନେସ ଆରମ୍ଭ କରିଛନ୍ତି। ଘରେ ବସି ଅର୍ଡର କଲେ ଖାଦ୍ୟ, ପନିପରିବା, ଔଷଧ ଏବଂ ଚିକେନ, ମଟନ ଆଦି ମିଳିବ। ୮ ଜଣ ଯୁବତୀଯୁବକ ମିଶି ଏହି ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। ଗୁରୁବାର ଜିଲାପାଳ ବେଦଭୂଷଣ ଏହାକୁ ଆରମ୍ଭ କରିବା ସହ ଷ୍ଟାର୍ଟଅପ୍ କରିଥିବା ଯୁବତୀ ଯୁବକଙ୍କୁ ଉତ୍ସାହିତ କରିଛନ୍ତି। କନ୍ଧମାଳ ଜିଲାରେ ଏହା ଆଗକୁ ବଢ଼ିବାରେ ସହଯୋଗ କରାଯିବ ବୋଲି କହିଛନ୍ତି। ଏହି ବିଜ୍‌ନେସ୍ ପ୍ରଥମେ ବାଲିଗୁଡ଼ାରେ ପାଇଲଟ ପ୍ରୋଜେକ୍ଟ ଭାବେ ନିଆଯାଇଥିଲା। ହ୍ୱାଟ୍ସଆପ୍ ମାଧ୍ୟମରେ ଅର୍ଡର ରଖାଯାଉଥିଲା। ବର୍ତ୍ତମାନ ବିଧିବଦ୍ଧ ଭାବେ ଏହାର ଆପ୍ ଲଞ୍ଚ ପାଇଁ ଯୁବତୀଯୁବକମାନେ ଲାଗିଥିଲେ। ଏହି ଆପ୍ 'ମୋ ବାସ୍କେଟ୍' ନାମରେ ବୁଧବାର ଲଞ୍ଚ ହୋଇଛି। ଆସନ୍ତା ୧ ତାରିଖରୁ ଜିଲାରେ ଏହା କାର୍ଯ୍ୟକ୍ଷମ ହେବ।



"ମାନସିକ ସ୍ୱାସ୍ଥ୍ୟ ଆମର ସାମଗ୍ରିକ କଲ୍ୟାଣର ଏକ ମୂଳଭୂତ ଅଂଶ ଅଟେ । ଆସନ୍ତୁ ମିଳିମିଶି ଏପରି ପରିବେଶ ଗଠନ କରିବା ଯେଉଁଠି ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କଥାବାର୍ତ୍ତା ସହଜରେ ହୋଇପାରୁଥିବ ।"

**ଶ୍ରୀ ନରେନ୍ଦ୍ର ମୋଦୀ**
ମାନ୍ୟବର ପ୍ରଧାନମନ୍ତ୍ରୀ

स्वास्थ्य एवं परिवार कल्याण मंत्रालय
MINISTRY OF HEALTH AND FAMILY WELFARE

Tele MANAS 14416

# ଟେଲି ମାନସ

## ଭାରତୀୟ ରାଷ୍ଟ୍ରୀୟ ଟେଲି ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ପଦକ୍ଷେପ

# ଆପଣ କୌଣସି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସହ ଯୁଝୁଛନ୍ତି କି?

ଟେଲି ମାନସ ମାଧ୍ୟମରେ ଯେକୌଣସି ସମୟରେ, ଯେକୌଣସି ସ୍ଥାନରୁ ସହାୟତା ପାଆନ୍ତୁ ।
ଏହି ସହାୟତା ସାରା ଭାରତରେ 20+ ଭାଷାରେ 24/7 ଉପଲବ୍ଧ

## ନିମ୍ନଲିଖିତ ଯେକୌଣସି ଚିନ୍ତା ପାଇଁ ଆମକୁ କଲ୍ କରନ୍ତୁ

- ଉଦାସ, ଅଧୀର କିମ୍ବା ଚାପଗ୍ରସ୍ତ ଅନୁଭବ କରିବା
- ନିଦ ସମ୍ବନ୍ଧୀୟ ସମସ୍ୟା
- ପରୀକ୍ଷା ଚାପ
- ପାରିବାରିକ ସମସ୍ୟା
- ମନରେ ଆତ୍ମହତ୍ୟାର ଭାବନା ଆସିବା
- ନିଶାଦ୍ରବ୍ୟ ସମ୍ବନ୍ଧୀୟ ସମସ୍ୟା
- ସମ୍ପର୍କ ସମ୍ବନ୍ଧୀୟ ସମସ୍ୟା
- ସ୍ମୃତିଶକ୍ତି ସମ୍ବନ୍ଧୀୟ ସମସ୍ୟା
- ଆର୍ଥିକ ଚାପ କିମ୍ବା ଅନ୍ୟ କୌଣସି ମାନସିକ ସ୍ୱାସ୍ଥ୍ୟଜନିତ ଚିନ୍ତା/ସମସ୍ୟା

"ଗତ 3 ବର୍ଷରେ ଆମେ 30 ଲକ୍ଷରୁ ଊର୍ଦ୍ଧ୍ୱ କଲ୍‌ରେ ସହାୟତା ଯୋଗାଇଛୁ"

**ଟେଲି ମାନସ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ଏବଂ ଆତ୍ମ-ସହାୟତା ସାମଗ୍ରୀ ଏବଂ କଲ୍ୟାଣ ଅଭ୍ୟାସ ମଡ୍ୟୁଲ୍‌ଗୁଡ଼ିକୁ ଦେଖନ୍ତୁ**



## ଟେଲି ମାନସକୁ କଲ୍ କରନ୍ତୁ

24/7

# 14416

**ଟୋଲ୍-ଫ୍ରି ନମ୍ବର**

- 10ଟି ଆଞ୍ଚଳିକ ଭାଷା + ଇଂରାଜୀ ଓ ହିନ୍ଦୀ ଭାଷାରେ ଉପଲବ୍ଧ
- ଭିନ୍ନକ୍ଷମ ବ୍ୟବହାରକାରୀଙ୍କ ପାଇଁ ଆକ୍ସେସିବିଲିଟି ବୈଶିଷ୍ଟ୍ୟ
- ଭେଟନ୍ତୁ 'ଆସ୍‌ମି'କୁ – ପ୍ରଶ୍ନ, ସମ୍ବଳ ଓ ସହାୟତା ପାଇଁ ଆପଣଙ୍କର ଭରସାଯୋଗ୍ୟ ଚାଟ୍‌ବଟ୍

ଏଠି ସ୍କାନ୍ କରନ୍ତୁ

ଟେଲି ମାନସ ସମ୍ପର୍କରେ ଅଧିକ ଜାଣିବା ଓ ଆପ୍ ଡାଉନ୍‌ଲୋଡ୍ କରିବା ପାଇଁ!

CBC 17193/13/0010/2526

## ସଂକ୍ଷେପରେ

### ୨୯ରେ ଧର୍ମଶାଳା ମଧୁବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

କାଏମା,୨୬।୩(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ୍ ମଧୁବୈଶ୍ୟ(ଗୁଡ଼ିଆ) ସମାଜର ଚତୁର୍ଥ ବାର୍ଷିକ ଉତ୍ସବ ଧର୍ମଶାଳା ଷ୍ଟାଡିୟମ ହଲରେ ଆସନ୍ତା ୨୯ ତାରିଖ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହେବ। ଏନେଇ ଗତ ୨୩ ତାରିଖ ପୂର୍ବାହ୍ନରେ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରଘୁନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଲେଖ ଚନ୍ଦ୍ର ସାହୁ, ଉପସଭାପତି ରବିନାରାୟଣ ସାହୁ, ପ୍ରଶାନ୍ତ ସାହୁ, ସୁନାକର ସାହୁ, ସୁନନ୍ଦ ସାହୁ, ହରିହର ସାହୁ, ଅଶୋକ ସାହୁ, ମହେଶ୍ୱର ସାହୁ ଓ କାହ୍ନୁଚରଣ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୧୨ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଥିଲା। ଉତ୍ସବରେ ଧର୍ମଶାଳା ବ୍ଲକର ୪୫ ପଞ୍ଚାୟତ ଓ ଜିଲାର ବିଭିନ୍ନ ବ୍ଲକରୁ ୪୦୦ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ବହୁ ସଂଖ୍ୟାରେ ସଂଘର ସଦସ୍ୟ ଯୋଗଦେବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବରୀ,୨୬।୩(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ଅଧୀନ ସାହୁପଡ଼ା ଗ୍ରାମର ଧର୍ମପରାୟଣା ମହିଳା ରେଣୁବାଳା ଦାସଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ସେ କୋଲକାତାରେ ରହୁଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ କୋଲକାତାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗୁରୁବାର



ମରଶରୀର ଗ୍ରାମରେ ପହଞ୍ଚିବାପରେ ସ୍ଥାନୀୟଲୋକେ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗ୍ରାମଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ସୁଶାନ୍ତ କୁମାର ଦାସ ମୁଖାଗ୍ନି ଦେଇଥିଲେ। ଝିଅ ଶୁଭଲକ୍ଷ୍ମୀ ଦାସ ଓ ବଡ଼ପୁଅ ସରୋଜ କୁମାର ଦାସ ଉପସ୍ଥିତଥିଲେ।

# ଜିଲାପାଳ ନିଜ ତତ୍ତ୍ୱାବଧାନରେ ମଣ୍ଡି ଖୋଲି ଧାନ କିଣନ୍ତୁ

## ନବନିର୍ମାଣ କୃଷକ ସଙ୍ଗଠନର ଆହ୍ୱାନ

ଯାଜପୁରଟାଉନ,୨୬।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲାପାଳ ନିଜ ତତ୍ତ୍ୱାବଧାନରେ ମଣ୍ଡି ଖୋଲି ସଦର ମହକୁମାରେ ଚାଷୀଙ୍କ ଧାନ କିଣନ୍ତୁ। ଗୁରୁବାର ଯାଜପୁର ସହରର ଗଣେଶ ମଣ୍ଡପଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏହି ଆହ୍ୱାନ ଦିଆଯାଇଛି। ଏଥିସହିତ ଆଗାମୀ ଦିନରେ ଜିଲା ପ୍ରଶାସନର ଚେଇଁ ଶୋଇବା ନୀତି ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ ପ୍ରକାଶ କରିଛନ୍ତି।

ଗତ ୨୩ ତାରିଖରେ ଜିଲା ମହୋତ୍ସବ ଯଯାତି ମଞ୍ଚରେ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଓ ଚାଷୀ ପ୍ରତିବାଦ କରିଥିଲେ। ସେଦିନ ଯେଉଁ ଚାଷୀ ପ୍ରତିବାଦ କରିବାକୁ ଆସିଥିଲେ, ସେମାନେଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଧାନ କିପରି ମଣ୍ଡିରେ ବିକ୍ରି କରାଯାଇପାରିବ।



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା।

ମାତ୍ର ପ୍ରତିବାଦ କରିବାରୁ ସେମାନଙ୍କୁ ଗିରଫ କରାଗଲା। ଚାପା ଉତ୍ତେଜନା ମଧ୍ୟରେ ଚାଷୀଙ୍କୁ ଥାନାରୁ ଜାମିନ ଦିଆଗଲା। କିନ୍ତୁ ପରିତାପର ବିଷୟ ଧାନ ମଣ୍ଡିରେ ବିକ୍ରିସମ୍ପର୍କରେ ପ୍ରଶାସନ କୌଣସି ଆଲୋଚନା କଲାନାହିଁ। ଟୋକନ ଅବଧି ଶେଷ ହୋଇଯାଇଥିବାରୁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିନାହାନ୍ତି। ପ୍ରଶାସନ ଟୋକନ ଅବଧିକୁ ବୃଦ୍ଧିକରାଉନାହିଁ। କୁଇଣ୍ଟାଲ ପିଛା ୧୦ କେଜି ଧାନ କଟ୍‌ନୀ ଛଟ୍‌ନୀ କରାଯିବା ସହ ଧାନ ପରିବହନ ଖର୍ଚ୍ଚ ଚାଷୀଙ୍କୁ ବହନ କରିବାକୁ ପଡୁଛି। ମଣ୍ଡିରେ ଚାଷୀଙ୍କ ପାଇଁ କୌଣସି ସୁବିଧା ନାହିଁ। ଚାଷୀଙ୍କ ଧାନ ମଣ୍ଡିରେ ପଡ଼ି ରହୁଛି। କେତେକ ସ୍ଥାନରେ ମଣ୍ଡିରେ ପଡ଼ି ରହି ଧାନ ଗଜା ହେବାକୁ ବସିଲାଣି। ତଥାପି ଯୋଗାଣ ବିଭାଗ, ଜିଲା ପ୍ରଶାସନ ନିଦ ଭାଙ୍ଗୁ ନାହିଁ। ଚାଷୀଙ୍କୁ କେବଳ ଅନ୍ନଦାତା କହି ଶାନ୍ତ୍ୱନା ଦିଆଯାଉଥିବାବେଳେ ସେମାନଙ୍କ ସମସ୍ୟା କଥା କେହି ବୁଝୁନାହାନ୍ତି। ନବ ନିର୍ମାଣ କୃଷକ ସଙ୍ଗଠନ ଚାଷୀଙ୍କ ସମସ୍ୟା ନେଇ ଦୀର୍ଘ ଦିନ ହେବ ଜିଲା ପ୍ରଶାସନଠାରୁ ଆରମ୍ଭ କରି ଯୋଗାଣ ବିଭାଗ ଓ ମନ୍ତ୍ରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଚାଷୀ ଧାନ ବିକ୍ରି କରି ନ ପାରି ଋଣ ବୋଝରେ ନୟାନ୍ତ ହେଉଛନ୍ତି। ତେଣୁ ଚଳିତ ମାସ ୩୦ ତାରିଖରେ ଜିଲାପାଳ ନିଜ ତତ୍ତ୍ୱାବଧାନରେ ସଦରମହକୁମାରେ ଏକ କେନ୍ଦ୍ରୀୟ ମଣ୍ଡି ଖୋଲି ସେହି ଦିନ ସମସ୍ତ ବଳକା ଧାନକୁ କିଣନ୍ତୁ ବୋଲି ଜିଲା ସଂଯୋଜକ ଦୁର୍ଗାପ୍ରସାଦ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମାଧବାନନ୍ଦ ଶାନ୍ତି, ଚୌଧୁରୀ ଜେନା, ପ୍ରଫୁଲ୍ଲ ନାୟକ ଓ ଧନଞ୍ଜୟ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର

ବରୀ,୨୬।୩(ମହେନ୍ଦ୍ର ସ୍ୱାଇଁ):

ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଓ ବରୀ ବ୍ଲକ୍ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବୁଧବାର ଏକ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ଅଧ୍ୟାପିକା ସସ୍ମିତା ମଲିକଙ୍କ ସଞ୍ଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନ ସଦସ୍ୟା କଳ୍ପନା ମଲିକ, ଜିଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ବରୀ ବିଡିଓ ଅସିତ କୁମାର ମହାନ୍ତି, ବରୀ ଥାନା ଅଧିକାରୀ ହେମଲତା ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଣେ ମହିଳା ପ୍ରଥମେ ଆଇନକୁ ଭଲ ଭାବରେ ବୁଝିପାରିଲେ ଯାଇ ଏହାକୁ ଉପଯୋଗ କରିପାରିବେ। ଏ କ୍ଷେତ୍ରରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏକ ଉଦାହରଣ ଦେବାକୁ ଯାଇ ମହିଳା କମିଶନ ସଦସ୍ୟା କହିଥିଲେ, ସାବୁନର ଧର୍ମ ମଇଳାକୁ ସଫା କରିବା। ଠିକ ସେହିଭଳି ମହିଳାମାନେ ଘରୁ ବାହାରି ମଇଳାକୁ ସଫା କରି ଘରକୁ ଫେରିବା ଉଚିତ। ମଇଳାକୁ ସାଙ୍ଗରେ ଧରି ନୁହେଁ। ବିଡିଓ ମହାନ୍ତି କହିଥିଲେ, ଏଭଳି କାର୍ଯ୍ୟକ୍ରମକୁ ଖୋଲା ମଞ୍ଚରେ କରାଯିବାର ଆବଶ୍ୟକତା ରହିଛି। ଅନ୍ୟତମ ଅତିଥି ଭାବରେ ଡା. ଶଶିକାନ୍ତ ସାହୁ, ବିପିଏମଓ ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ଅଧିକାରୀ ତରଙ୍ଗିଣୀ ସାହୁ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଶିବିରରେ ସୁପରଭାଇଜର ଆରତୀ ସାମଲ, ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ସୁଜାତା ବେହେରା, ସଞ୍ଜୟ ନାୟକ, ବିଶ୍ୱଜିତ ବେହେରା, ସରୋଜ କରଙ୍କ ସମେତ ଶତାଧିକ ଅଙ୍ଗନୱାଡି କର୍ମୀ, ଆଶା ଓ ମହାବିଦ୍ୟାଳୟର ଛାତ୍ରୀ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

# ଅଖିଳ ଚକ୍ର ସମ୍ପାଦକଙ୍କୁ ବାଗ୍ମୀଶେଖର ସଂଗ୍ରାମୀ ଗୟାଧର ସ୍ମୃତି ସମ୍ମାନ



ହରେକୃଷ୍ଣ ପଣ୍ଡାଙ୍କୁ ସ୍ୱାଧୀନତା ସଂଗ୍ରାମୀ ଗୟାଧର ବାରିକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଉଛି।

ଯାଜପୁର,୨୬।୩(ହର୍ଷବର୍ଦ୍ଧନ ବେହେରା):

ଅଖିଳଚକ୍ର ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କୁ ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ଉତ୍କଳ ଜ୍ୟୋତି ସ୍ୱାଧୀନତା ସଂଗ୍ରାମୀ ଗୟାଧର ବାରିକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଗୟାଧର ବାରିକଙ୍କ ୧୬ତମ ବାର୍ଷିକୀ ରାଜ୍ୟସ୍ତରୀୟ ସ୍ମୃତି ସମାରୋହରେ ସଭାପତି ଭାଗବତ ତ୍ରିପାଠୀ, ପୌରାଧ୍ୟକ୍ଷା ଗୁଲମୁକୀ ହବିବ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଉପେନ୍ଦ୍ର ବାରିକ ବିବରଣୀ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଏହି ଅଞ୍ଚଳରେ ଓଡ଼ିଶାର ବରପୁତ୍ର ଅଭିମନ୍ୟୁ ସାମନ୍ତସିଂହାର ଓ ସର୍ବଭାରତୀୟ କବି ରବୀନ୍ଦ୍ର ପାଢ଼ୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ପଣ୍ଡା ଅନୁରୋଧ କରିଥିଲେ। ଉତ୍ସବରେ ଶିକ୍ଷାବିତ ଗୟାଧର ପଣ୍ଡା, ନାସିର ବକ୍ସ, ନିର୍ମଳ ରାଉତ, ସଂଯୁକ୍ତା ବଳ, ଦିଲୀପ ରାଉତରାୟ, ବୈଲୋଚନ ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, ସଦାନନ୍ଦ ଦୀକ୍ଷିତ, ବ୍ରଜମୋହନ ମିଶ୍ର, ଗାଳ୍ପିକ ପବିତ୍ର ମୋହନ ପାଣିଗ୍ରାହୀ, ଅଖିଳଚକ୍ର ସଂଗଠକ ସନ୍ତୋଷ ବେହୁରିଆ ପ୍ରମୁଖ ଉପସ୍ଥିତ ରହି ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଯାଜପୁର ଅଖିଳଚକ୍ର ପକ୍ଷରୁ ଭଦ୍ରକ ସ୍ମୃତି ସଂସଦର କର୍ମକର୍ତ୍ତାଙ୍କୁ ସଭାପତି ରାଜ୍ୟ ବର୍ଦ୍ଧନ ଧଳମହାପାତ୍ର, ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ସହସମ୍ପାଦକ ରବୀନ୍ଦ୍ର ପରିଡ଼ା, ସନ୍ତୋଷ ବେହୁରିଆ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ରାମ ନବମୀ ପାଇଁ ବ୍ୟାପକ ପ୍ରସ୍ତୁତି

ସିଂହପୁର,୨୬।୩ (ଅନଙ୍ଗ ଉଦୟ ବେଉରିଆ): ରାମନବମୀ ପାଳନ ପାଇଁ ବିଞ୍ଝାରପୁର ଅଞ୍ଚଳରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସବୁଠି ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ମଇଦା ରାମ ମନ୍ଦିର, ଅରେଇ ହନୁମାନ ମନ୍ଦିର, ବିଞ୍ଝାରପୁର ହନୁମାନ ମନ୍ଦିର, କାକୁଡ଼ି ପଡ଼ିଆ ହନୁମାନ ମନ୍ଦିର, ରୁଦ୍ରପୁର ହନୁମାନ ମନ୍ଦିର ଆଦିକୁ ସଜାଯାଇଛି। ସ୍ଥାନୀୟ ଯୁବକ ଓ ପୂଜା କମିଟି ସଦସ୍ୟମାନେ ମନ୍ଦିର ପରିସରକୁ ସୁନ୍ଦର ଏବଂ ପରିଚ୍ଛନ୍ନ କରିଛନ୍ତି। ଏହା ସହିତ ଶୋଭାଯାତ୍ରା ଓ ସଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ବ୍ୟାପକ ପ୍ରସ୍ତୁତି ଚାଲିଛି। ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ନେତୃତ୍ୱରେ ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଛି।

# ଶନିବାର ଶ୍ରୀରାମ ସଚେତନତା ଶୋଭାଯାତ୍ରା

ଯାଜପୁରଟାଉନ,୨୬।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଶ୍ରୀରାମ ସେବା ସମିତି ପକ୍ଷରୁ ଶନିବାର ଅପରାହ୍ନ ୫ଟାରେ ଯାଜପୁର ସହରରେ ଶ୍ରୀରାମ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏନେଇ ଗୁରୁବାର ବିରଜା କଲ୍ୟାଣ ମଣ୍ଡପଠାରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଶ୍ରୀରାମ ସେବା ସମିତି କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଶୋଭାଯାତ୍ରା ଜାଉଁଳିବନ୍ଧ ନିକଟ ମା'ମଙ୍ଗଳା ମନ୍ଦିର ପ୍ରାଙ୍ଗଣରୁ ବାହାରି ବିରଜା ମନ୍ଦିର, କୁଆଁସରପୁର, ଯୋଡ଼ିକୁଅ, ଗରିଆପୁର, ମେଡିକାଲ ଛକ, ଗାନ୍ଧି ଛକ, ହାବେଳି ବଜାର, ମାର୍କେଟ ଛକ, ହରପାର୍ବତୀ ଛକ, ବଡ଼ ବଜାର ଦେଇ ଦେବୀଗଡ଼ା ଘାଟରେ ସମାପନ ହେବ। ଓଡ଼ିଶୀ




ଖବରଦାତା ସମ୍ମିଳନୀରେ ଶ୍ରୀରାମ ସେବା ସମିତି କାର୍ଯ୍ୟକର୍ତ୍ତାଙ୍କ ସୂଚନା ପ୍ରଦାନ।

ନୃତ୍ୟ, କୀର୍ତ୍ତନ ଓ ପାରମ୍ପାରିକ ବାଦ୍ୟ ଯନ୍ତ୍ର ପରିବେଷଣରେ ଶୋଭାଯାତ୍ରା ବାହାରିବ। ଏଥିସହିତ ଯାଜପୁର ବ୍ୟାସନଗରରେ ଆସନ୍ତା ୨୯ ତାରିଖ ରବିବାର ଅପରାହ୍ନ ୪ଟାରେ ବ୍ୟାସନଗର ଟାଉନହଲ୍‌ରୁ ଶୋଭାଯାତ୍ରା ବାହାରି ଚାନ୍ଦମା କାଳି ପଡ଼ିଆରେ ଶେଷ ହେବ। ଏପ୍ରିଲ୍ ୧ରେ କୋରେଇ ମୀନା ବଜାର ମେଡିକାଲ ସାମ୍ନାରୁ ଶୋଭାଯାତ୍ରା ବାହାରି ଗାନ୍ଧୀ ଛକ ଦେଇ କୋରେଇ ଷ୍ଟେଶନର ବଟିରା ଶାସନରେ ଶେଷ ହେବ ବୋଲି କୁହାଯାଇଛି। ଶାନ୍ତିଶୃଙ୍ଖଳା ସହ ଶୋଭାଯାତ୍ରା ଶେଷ ହେବ ବୋଲି ଆବାହକ ମୃତ୍ୟୁଞ୍ଜୟ ପଟ୍ଟନାୟକ, ରଞ୍ଜନ ମହାନ୍ତି, ଆଶୁତୋଷ ସାହୁ, ବିଜୟ ପାଣି, ଗୌତମ ପ୍ରସାଦ ସାହୁ ଓ ସୁଶୀଲ ମଲ୍ଲିକ ପ୍ରମୁଖ ସୂଚନା ଦେଇଥିଲେ।

# କାଳବୈଶାଖୀରେ ଉପୁଡ଼ିଲା ଗଛ

## ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ



କାଳବୈଶାଖୀରେ ଉପୁଡ଼ି ପଡ଼ିଥିବା ଗଛ ଜାତୀୟ ରାଜପଥ ଉପରେ ପଡ଼ିଛି।

ଛତିଆ,୨୬।୩(ସୌମ୍ୟରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଛତିଆରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ହେବାରୁ ରାଜପଥ କଡ଼ରେ ଅନେକ ଗଛ ଉପୁଡ଼ି ପଡ଼ିଛି। ଫଳରେ କଟକରୁ ଚଣ୍ଡିଖୋଲ ରାଜପଥରେ ଗଛପଡ଼ିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏଥିସହିତ ପବନରେ ବହୁ ଦୋକାନର ଟିଣ ଚାଦର ଉଡ଼ିଯାଇଛି। ରାଜପଥ କର୍ମଚାରୀ ପହଞ୍ଚି ଗଛ କାଟିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି।


THE ODISHA STATE POLICE HOUSING & WELFARE CORPORATION LTD.
(A Government of Odisha Undertaking)
Janapath, Bhoinagar, Bhubaneswar - 22, Ph.: 0674-2541545, 2542921
E-mail: ophwc.od@od.nic.in, Website: www.ophwc.com
e-Procurement Notice No. 31/OPHWC/2025-26

INVITATION FOR BIDS (IFB)

No. 12001/55/2526: The Chief Engineer (OSPH&WC), Odisha, Bhubaneswar invites percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 11 Nos. |
| 3 | Value of Tender | Rs.77.82 Lakh to Rs.3823.39 Lakh |
| 4 | Class of Contractor | 'B' Class to 'Super' Class |
| 5 | Cost of Bid document (to be paid online) | Rs.11,800.00 |
| 6 | Availability of Bid documents in the website | Dt.30.03.2026 to Dt.16.04.2026 upto 5.00 P.M. |
| 7 | Last date/time of receipt of Bids in the portal | Dt.16.04.2026 upto 5.00 P.M. |
| 8 | Date of Opening Bid | Dt.17.04.2026 at 10.30 A.M. |
| 9 | Date of Technical Presentation (among qualified bidders only) | Date & time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can aslo be seen from the website: https://tendersodisha.gov.in. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The authority reserves the right to reject any or all bids and terminate the tender process without assigning any reason thereof. | |

Sd./- Chief Engineer (OSPH&WC)
N.B.: The quoted rate should be all inclusive but excluding G.S.T. as applicable under works contract.
OIPR-12001/12025/1/25-26/0009

OFFICE OF THE NOTIFIED AREA COUNCIL, NILGIRI, DIST.: BALASORE
Ph.: 06782-233259, e-mail Id: nilgirinac.balasore@gmail.com
Letter No. 741 Date: 23.03.26

EXPRESSION OF INTEREST

No. 13001/797/2526: Sealed 2 Nos. of quotations are invited from the registered suppliers/dealers/painters having valid GST registration certificate, one is for supply of JCB, Truck and Tractor on hire basis and another is for wall painting on SBM, Mural Painting etc. The quotations to be received by the undersigned on or before 31.03.2026 by 1.00 P.M. and the same will be opened on the same day at 3.00 P.M. The quotationer or their authorized agents should be present in this office in the same time and same day.
The authority reserves the right to reject any or all quotations without assigning any reason thereof.
- For more details visit Nilgiri NAC/the website www.nilgirinac.in.
- Any addendum/corrigendum of quotations can also be seen in the said website only.

Sd./- Executive Officer, Nilgiri NAC
OIPR-13001/13179/1/25-26/0004

OFFICE OF THE SUPERINTENDENT SCB MEDICAL COLLEGE HOSPITAL, CUTTACK
No. 8943 Date: 24.03.26

TENDER CALL NOTICE

No. 10001/146/2526: Sealed tenders are invited from the interested Manufacturers/Registered Agency/firm to undertake ACMC of Manifold Room, Medical Gas Equipment and Central medical Gas Pipeline System installed in different department of SCB Medical College Hospital, Cuttack. The details of tender papers along with terms and conditions can be obtained from Central Store Section, Office of the Superintendent SCB Medical College Hospital, Cuttack during office hours from 11 A.M. to 4 P.M. on all working days on payment of Rs.1,000/- (Rupees One thousand) only in the Accounts Section and also can be downloaded from the website i.e. http://www.scbmch.in from 26.03.2026 to 16.04.2026. The bidders are requested to inspect the aforesaid medical gas pipeline systems prior to participation in the tender for needful. The tender paper should be reached the office of the undersigned through Govt. Speed Post/Courier only. The authority reserves the right to cancel or rejects any or all the tenders without assigning any reason thereof.

Sd./- Medical Superintendent
SCB Medical College Hospital, Cuttack
OIPR-10001/10186/1/25-26/0015

OFFICE OF THE SUPERINTENDING ENGINEER, MAIN DAM DIVISION, BURLA
AT/PO- BURLA, DIST-SAMBALPUR (ODISHA) 768017
Email Id: semaindamdivn@gmail.com
No.MDD/3460 Dated:20.03.2026

QUOTATION CALL NOTICE No.MDD-14/2025-26

No.32001/257/2526: Sealed Quotations/tenders are invited from interested reputed Travel agencies/ Tour operators/ Private individuals for providing No. of vehicles having sitting capacity not more than 07 including driver, which shall conform to the Terms and conditions (Appendix-A) for official use in Water Resources Department, O/o. the Superintending Engineer, Main Dam Division, Burla/ Office on monthly rent basis. Non-AC/AC Diesel/ Petrol driven vehicle or BS-VI emission compliant (Petrol/ Diesel) vehicle (Scorpio/ Creta/ Mahindra Marazzo/ Innova/ Ertiga/ Bolero)

| Sale & dropping of Quotation Document | | Drop of Quotation last date | Opening of Quotation |
|---|---|---|---|
| From | To | | |
| 26.03.2026 At 10.00 AM | 06.04.2026 Upto 1.30 PM | 06.04.2026 Upto 5.00 P.M. | 07.04.2026 At 11.30 AM |

The details are available in office of the Superintending Engineer, Main Dam Division, Burla as well as during the office hours and also in the websites http://dowrodisha.gov.in, http://odisha.gov.in and https://sambalpur.odisha.gov.in.

Sd./- Superintending Engineer
Main Dam Division, Burla
OIPR-32001/32017/1/25-26/0002

ODISHA HYDRO POWER CORPORATION LTD.
OHPC
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H.E. PROJECT
AT/P.O.: BARINIPUT, DISTRICT: KORAPUT, PIN - 764006, PHONE: (06854) 242001, FAX: (06854) 242038
REGD. OFFICE: ODISHA HYDRO POWER CORPORATION LTD.
JANPATH, BHOINAGAR, BHUBANESWAR - 751022
TELEPHONE: 0674-2542802, 3542826, 2545536, FAX: 0674-2542102
CIN: U40101OR1995SGC003963

NOTICE INVITING TENDER No. 56/25-26 Date: 20.03.2026

No. 4001/95/2526: Sealed tenders in duplicate Single Bid (Technical & Price Bid) are invited from Govt. registered contractors/agencies for the job mentioned below by Unskilled Workmen on Job Contract basis for a calendar year (12 Months).

| Sl. No. | Description of work | Cost of Tender Paper in Rs. | EMD in Rs. |
|---|---|---|---|
| 1 | Upkeep sanitation of Bariniput Colony and Power House Colony, UKHEP, Bariniput for a period of 12 Months | 7080/- (Non-refundable) (Rs.6000/- + 18% GST) | Rs.14,700/- |

The sale of tender paper will be from : 10.00 hrs. of Dt.30.03.2026 to 12.00 hrs. of Dt.14.04.2026
The last date & time of receipt of tender : Upto 12.00 hrs. of Dt.15.04.2026
The date and time of opening of tender : At 12.30 hrs. of Dt.15.04.2026
For details of the tender documents, terms and conditions, eligibility criteria and downloading, please refer our website www.ohpcltd.com.

Sd./- Unit Head
Upper Kolab H.E. Project, Bariniput
OIPR-4001/4002/1/25-26/0012

GOVERNMENT OF ODISHA
OFFICE OF THE SUPERINTENDING ENGINEER, ANANDAPUR BARRAGE DIVISION, SALAPADA
(E-mail id:- eeabd.anandapur@gmail.com/loabp-eicwr.od@nic.in)
No.32001/259/2526
e-Procurement Notice No.SEABD-08 of 2025-26

| e-Procurement Officer | Name of the Work | Bid Id No. | Tender Cost (Appx.) | EMD (Online) | Cost of Bid Document (Online) | Class of Contractor | Period of Completion | Availability of tender online for bidding From | To | Date of Opening of technical bid (Cover-I) |
|---|---|---|---|---|---|---|---|---|---|---|
| Superintending Engineer, Anandapur Barrage Division, Salapada | Hiring of private vehicle for official use by Assistant Executive Engineer, Anandapur Barrage Sub-Division No.I, Salapada for the year 2026-27 (from 01.04.2026 to 31.03.2027) | ABP-ABD-08/01 of 2025-26 | Rs.37,200/- per Month | Rs.9,000/- | Nil | Travel Agencies/ Tour Operators or Private Individuals | 12 (Twelve) Calendar Months | 26.03.2026 11.00 AM | 30.03.2026 01.00 PM | 30.03.2026 01.30 PM |
| | Engagement of hired vehicle used by the Superintending Engineer, Anandapura Barrage Division, Salapada for the year 2026-27, | ABP-ABD-08/02 of 2025-26 | Rs.37,200/- per Month | Rs.9,000/- | Nil | Travel Agencies/ Tour Operators or Private Individuals | 12 (Twelve) Calendar Months | 26.03.2026 11.00 AM | 30.03.2026 01.00 PM | 30.03.2026 01.30 PM |
| | Engagement of hired vehicle used by the Chief Construction Engineer, Anandapur Barrage Project, Salapada for the year 2026-27 | ABP-ABD-08/03 of 2025-26 | Rs.44,400/- per Month | Rs.10,700/- | Nil | Travel Agencies/ Tour Operators or Private Individuals | 12 (Twelve) Calendar Months | 26.03.2026 11.00 AM | 30.03.2026 01.00 PM | 30.03.2026 01.30 PM |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in Addendum/ Corrigendum/ Cancellation if any required will be published in Govt. website only.
Sd./- Superintending Engineer,
Anandapur Barrage Division, Salapada
OIPR-32001/32177/1/25-26/0003

Government of Odisha
Higher Education Department

Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2026-27

No. 11001/68/2526: The revised timeline for e-Admission into P.G. Courses for the Session 2026-27 in the State Public Universities and Colleges participating in project 'Student Academic Management System (SAMS)' is givenbelow. Any changes in the dateline will be published in the Newspapers as well as in the website www.samsodisha.gov.in. The Common Prospectus (CP) for the said course is available on the SAMS Portal. Kindly refer the CP for the below mentioned activities.

| Sl # | Activities | Timeline |
|---|---|---|
| 1 | Submission of applicant's data to the State Selection Board (SSB), Odisha by OCAC | 26 March 2026 |
| 2 | Availability of Hall Ticket on the website of SSB, Odisha (https://ssbodisha.ac.in/) for downloading the Admit Card | 30 April 2026 (11.00 A.M. onwards) |
| 3 | Tentative date of entrance examination (CPET-2026) (Subject wise date wise sitting wise examination schedule will be published on the official portal of SSB, Odisah alongwith SAMS P.G. Portal | 05 May 2026 to 18 May 2026 |
| 4 | Hosting of Provisional Answer keys by SSB, Odisha on its official portal https://ssbodisha.ac.in/. | 19 May 2026 (11.00 A.M.) |
| 5 | Receiving objections to the Provisional Anser Keys by the Candidates on their Student's Login on SAMS Portal; https://www.samsodisha.gov.in/ by paying a non-refundable processing fee of Rs.200/- for each question challenged (Payment will be collected in Online Mode) | 20 May 2026 (11.00 A.M.) to 22 May 2026 (11.45 P.M.) |
| 6 | Submission of objections to the Provisional Answer Keys data to SSB, Odisha by OCAC | 26 May 2026 (11.00 A.M.) |
| 7 | Hosting of Revised Answer Keys by SSB, Odisha on its official portal, handing over the entrance marks to OCAC by SSB, Odisha, Publication of subject-wise and State-wise merit list, Updation of Graduation/Equivalent marks, Choice filling of HEIs by the eligible applicants and Publication of Provisional Allotment of Seats for different Rounds. | Dates will be notified by the Higher Education Department Later |

For more details please contact: e-Admission Helpline (Toll Free) Number 155335/1800-345-6770
OIPR-11001/11001/1/25-26/0023 Sd./- Officer on Special Duty, PTC Section

GOVERNMENT OF ODISHA No. 32001/255/2526
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MECHANICAL DIVISION, BHUBANESWAR
email Address: smdivisionbbsr@yahoo.com
e-Procurement Tender Call Notice No. SE/MDB-30/W/2025-26

| | | |
|---|---|---|
| 1 | Name of the Work | : Mechanical Gate Works |
| 2 | No. of Works | : 04 (Four) |
| 3 | Category of Executors | : SSI Units registered under DIC/NSIC/MSME for Irrigation Shutters/Hydro Mechanical gates |
| 4 | Estimated Cost | : Rs.5,12,748/- to Rs.8,16,873.00 |
| 5 | EMD | : Refer to DTCN |
| 6 | Cost of Tender Paper | : Refer to DTCN |
| 7 | Period of Completion | : Refer to DTCN |
| 8 | Date & time of availability of bid documents in the portal | : From Dt.26.03.2026 (10.00 A.M.) to Dt.07.04.2026 (3.30 P.M.) |
| 9 | Last date/time for receipt of bid in the portal | : Dt.07.04.2026 (upto 3.30 P.M.) |
| 10 | Date and place of opening of Bid | : Dt.07.04.2026 (4.00 P.M. onwards in the O/o. the undersigned) |
| 11 | Lottery | : If required the date of lottery is to be intimated to the qualified bidders after evaluation |
| 12 | Name of the Officer Inviting Bid | : Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Superintending Engineer
Mechanical Division, Bhubaneswar
OIPR-32001/32481/1/25-26/0005

See Career Appointment on every Wednesday & Saturday

# ଖଣି ଉତ୍ତୋଳନ ପ୍ରକଳ୍ପକୁ କ୍ଷତି ପହଞ୍ଚାଇପାରେ

**ପ୍ରସ୍ତାବିତ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରସଙ୍ଗ**

■ ସ୍ଥାନୀୟ ନିଯୁକ୍ତି ଉପରେ ସ୍ପଷ୍ଟ କରନ୍ତୁ-ବିଧାୟକ

ଯାଜପୁର,୨୬।୩(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାଦଦେଶରେ ପ୍ରସ୍ତାବିତ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପାଇଁ ୪୦୦ ଏକର ଜମି ମଞ୍ଜୁରୀକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଛନ୍ତି। ଏହାସହ ବାରମ୍ବାର ବିଭାଗୀୟ ନିର୍ଦ୍ଦେଶ ସତ୍ତ୍ୱେ ଉକ୍ତ ଜମିରେ ଚାଲିଥିବା ବେଆଇନ କଳାପଥର ଉତ୍ତୋଳନ ବନ୍ଦ ନ ହେବା ରିପୋର୍ଟ ଉପରେ ସେ ଚିନ୍ତା ପ୍ରକାଶ କରିଥିଲେ। ସେ ଆଶଙ୍କା କରିଥିଲେ ଯେ, ଏପରି ବେଆଇନ କଳାପଥର ଉତ୍ତୋଳନ ପାଇଁ ରାଜ୍ୟର ଅନ୍ୟତମ ସମ୍ମାନଜନକ ଏହି ପ୍ରସ୍ତାବିତ ପ୍ରକଳ୍ପକୁ କ୍ଷତି ପହଞ୍ଚାଇପାରେ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ(ଆଇଏସ୍‌ପିଆରଏଲ)ର ସିଇଓଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏଭଳି ଆଶଙ୍କା ପ୍ରକାଶ ପାଇଛି। ତେଣୁ ପ୍ରକଳ୍ପ ସ୍ଥାନର ସୁରକ୍ଷା ପାଇଁ ଯାଜପୁର ଆରକ୍ଷୀ ଅଧୀକ୍ଷକ, ଜିଲାପାଳ, ଖଣି ଏବଂ ରାଜସ୍ୱ ଅଧିକାରୀ ମିଳିତ ଭାବେ ବେଆଇନ ଖଣି ଖନନ ବିରୋଧରେ ଯାଞ୍ଚ କରିବା ସହ ବାରମ୍ବାର ଚଢ଼ାଉ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଜାରି କରିଛନ୍ତି। ଏହିକ୍ରମରେ ଯାଜପୁର ଖଣି ଉପନିର୍ଦ୍ଦେଶକ ୨୪।୩।୨୦୨୬ରେ ବେଆଇନ ଖଣି ସ୍ଥାନଗୁଡିକ ଚିହ୍ନଟ କରି ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ମାଇନିଂ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ସରକାର ଏବଂ ଆଇଏସ୍‌ପିଆରଏଲ ମଧ୍ୟରେ ୨୮।୧।୨୦୨୫ରେ ଚୁକ୍ତି ହୋଇଥିଲା। କିନ୍ତୁ ଇତିମଧ୍ୟରେ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଡଙ୍କାରୀ ପାହାଡରେ ଥିବା ୧୩ କଳାପଥର ଖାଦାନରୁ ବେଆଇନ ଉତ୍ତୋଳନ ଚାଲିଥିବାରୁ ଆଇଏସ୍‌ପିଆରଏଲ ପକ୍ଷରୁ କୌଣସି ଅଗ୍ରଗତି ହୋଇପାରିନାହିଁ। ଏଥିପାଇଁ ଆଇଏସ୍‌ପିଆର୍‌ଏଲର ପରିଚାଳନା ନିର୍ଦ୍ଦେଶକ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଏହାପରେ ଯାଜପୁର ଜିଲାପାଳ ତାଙ୍କ ପତ୍ରସଂଖ୍ୟା ୫୭୬୮/୧୬।୪।୨୦୨୫ରେ ତୁରନ୍ତ କଳାପଥର ଖାଦାନଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ(ଡିଡିଏମ୍) ଜୟପ୍ରକାଶ ନାୟକ ଏବଂ ଧର୍ମଶାଳା ତହସିଲଦାର ସମୀର ଦାସଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। କଳାପଥରର ସୁରକ୍ଷା ବଳୟ ଥିବାରୁ



ସରକାର ଏଠାରେ ତୈଳ ଭଣ୍ଡାର ପ୍ରତିଷ୍ଠା ପାଇଁ ସ୍ଥାନ ଚୟନ କରିଛନ୍ତି। କିନ୍ତୁ କେତେକ କଳାପଥର ବ୍ୟବସାୟୀଙ୍କ ୱାଗନ ବ୍ଲାଷ୍ଟିଂରେ ଭୂତଳ ଜଳ ଉପରକୁ ଉଠି ଆସିଲେ ଭବିଷ୍ୟତରେ ତୈଳ ଭଣ୍ଡାର ପ୍ରତିଷ୍ଠା ଅସମ୍ଭବ ହୋଇଯିବ ବୋଲି କେତେଜଣ ପରିବେଶବିତ ମତପ୍ରକାଶ କରିଛନ୍ତି। ଡଙ୍କାରୀ ପାହାଡ ପାଦେଶରେ ଥିବା ୪୦୦ ଏକର ଜମିରେ ୪.୦୦ ମିଲିୟନ ମେଟ୍ରିକ ଟନ(ଏମ୍‌ଏମ୍‌ଟି) କ୍ଷମତା ବିଶିଷ୍ଟ ଏହି ତୈଳ ଭଣ୍ଡାର ପାଇଁ ୮,୭୪୩ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଦେଶର ବିଶାଖାପଟନମ, ମାଙ୍ଗାଲୋର ଓ ପୁଦୁର ପରେ ଓଡ଼ିଶାରେ ଏହି ୪ର୍ଥ ସର୍ବବୃହତ ତୈଳ ସଂରକ୍ଷଣ ଭଣ୍ଡାରକୁ ସ୍ଥାନୀୟ ମହଲରେ ସ୍ୱାଗତ କରାଯାଇଛି। ତେଣୁ ପ୍ରକଳ୍ପକୁ ତୁରନ୍ତ ହାତକୁ ନେବା ଏବଂ ଆବଶ୍ୟକ ହେଲେ ପ୍ରକଳ୍ପର ସୁରକ୍ଷା ପାଇଁ ଅର୍ଦ୍ଧସାମରିକ ବାହିନୀ ନିୟୋଜିତ କରିବାକୁ ଆଇଏସ୍‌ପିଆରଏଲକୁ ପରାମର୍ଶ ଦିଆଯାଇଛି। ଏହାପରେ ଆଇଏସ୍‌ପିଆରଏଲର ସିଇଓ ବୈଠକରେ ସୂଚନା ଦେଇଥିଲେ ଯେ, ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ପ୍ରସ୍ତାବିତ ଜମିରେ ଇଣ୍ଡୋ ଟିବେଟାନ ବର୍ଡର ପୋଲିସ(ଆଇଟିବିପି) ବାହିନୀ ନିୟୋଜିତ କରାଯିବ। ଏହାସହ ପାଚେରି ନିର୍ମାଣ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯିବ।

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମଧ୍ୟ ୨୦୧୮ରୁ ମଞ୍ଜୁର ହୋଇଥିବା ଉକ୍ତ ପ୍ରକଳ୍ପକୁ ସମ୍ପୂର୍ଣ୍ଣମାତ୍ରାରେ ସହଯୋଗ କରାଯାଉଛି ବୋଲି କହିଥିଲେ। କିନ୍ତୁ ଅତୀତରେ ଜମି ମଞ୍ଜୁର ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହି ପ୍ରକଳ୍ପକୁ ଜାଣିଶୁଣି ଶୀତଳ ଭଣ୍ଡାରରେ ରଖାଯାଇଥିଲା। ଏହା କେବଳ ବର୍ତ୍ତମାନ ସରକାରଙ୍କ ଶାସନକାଳରେ ଏବଂ ତାଙ୍କର ପ୍ରୟାସ ଯୋଗୁ ସମଗ୍ର ଜମିକୁ ଏକ ରେକର୍ଡ ସମୟରେ ମଞ୍ଜୁର କରାଯାଇପାରିଛି। ୧୦ରୁ ଅଧିକ ସକ୍ରିୟ ଖଣିକୁ ବନ୍ଦ କରି ଜମି ମଞ୍ଜୁର କରାଯାଇଛି, ଯାହା ଉପରେ ବହୁ ସଂଖ୍ୟକ ସ୍ଥାନୀୟ ଗ୍ରାମବାସୀ ସେମାନଙ୍କର ଜୀବିକା ପାଇଁ ନିର୍ଭରଶୀଳ ଥିଲେ। ଏହା ରାଜକୋଷକୁ ବିପୁଳ ରାଜସ୍ୱ ମଧ୍ୟ ଆଣୁଥିଲା ଏବଂ ପରୋକ୍ଷ ଭାବରେ ଖଣିଜ ପାଣ୍ଠିକୁ ପାଣ୍ଠି ଯୋଗାଉଥିଲା। ତେଣୁ ସ୍ଥାନୀୟ ଲୋକଙ୍କର ନିଯୁକ୍ତି ଏବଂ କଲ୍ୟାଣମୂଳକ କାର୍ଯ୍ୟକଳାପ ଦୃଷ୍ଟିରୁ ଏହି ପ୍ରକଳ୍ପରୁ ବହୁତ ଆଶା ରହିଛି ବୋଲି ବିଧାୟକ କହିଥିଲେ। ଆଇ୍‌ଏସ୍‌ପିଆରଏଲ୍ କର୍ତ୍ତୃପକ୍ଷ ପ୍ରସ୍ତାବିତ ପ୍ରକଳ୍ପରୁ ସ୍ଥାୟୀ, ଚୁକ୍ତିଭିତ୍ତିକ, କୁଶଳୀ ଏବଂ ଅଣକୁଶଳୀ ଭଳି ବିଭିନ୍ନ ବର୍ଗରେ ନିଯୁକ୍ତି ସୁଯୋଗ ସଂଖ୍ୟା ସ୍ପଷ୍ଟ ଭାବରେ ସୂଚିତ କରନ୍ତୁ ବୋଲି ବିଧାୟକ ସାହୁ ଦାବି କରିଛନ୍ତି। ଏହା ଜବାବରେ, ଆଇଏସପିଆରଏଲ ସିଇଓ କହିଛନ୍ତି, ପ୍ରସ୍ତାବିତ ପ୍ରକଳ୍ପରେ ଅନେକ ଉପାଦାନ ଥିବାରୁ ବର୍ତ୍ତମାନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସଠିକ ସଂଖ୍ୟା ସୂଚାଇବା କଷ୍ଟକର। ତଥାପି ଅଧିକ ସ୍ପଷ୍ଟୀକରଣ ପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଚାନ୍ଦା ପାଇଁ ଜୁଲମକୁ ନେଇ ଅତିଷ୍ଠ ଦୋକାନୀ



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ବଣିକ ସଂଘ କର୍ମକର୍ତ୍ତା।

ପାଣିକୋଇଲି,୨୬।୩(ବିକାଶ ଚନ୍ଦ୍ର ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତର ଛୋଟରାୟପୁର ଗାଁ ଛକରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀ ବାରମ୍ବାର ଚାନ୍ଦା ଆଦାୟରେ ଅତିଷ୍ଠ ହୋଇ ଗୁରୁବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର କେତେଜଣ ଯୁବକ ବର୍ଷବର୍ଷ ଧରି ସେମାନଙ୍କୁ ସରକାରୀ ଜାଗାରେ ଦୋକାନ କରିଥିବାର ଧମକ ଦେଇ ବାକି ନେଉଛନ୍ତି। ଦୋକାନୀ ବାକି ଟଙ୍କା ମାଗିଲେ ସେମାନଙ୍କୁ ଧମକଚମକ ଦେବା ସହିତ ଓଲଟା ଦୋକାନ ପୋଡ଼ିଦେବା ଏବଂ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି ବୋଲି ଦୋକାନୀମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ୧୦ ବର୍ଷ ଧରି ଦୋକାନୀ ସେଠାରେ ବ୍ୟବସାୟ କରୁଛନ୍ତି। ହେଲେ ଗ୍ରାମର କେତେଜଣ ଯୁବକ ସେମାନଙ୍କୁ ଡରାଇ ଧମକାଇ ମାସିକ ୫୦୦ ଟଙ୍କା ଲେଖାଏ ପ୍ରତି ଦୋକାନୀଙ୍କଠାରୁ ଚାନ୍ଦା ଆଦାୟ କରୁଛନ୍ତି। ଜହ୍ନା ପଞ୍ଚାୟତ ପକ୍ଷରୁ ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ୩ ଏକର ଜାଗାରେ ଏକ ମାର୍କେଟ କମ୍ପ୍ଲେକ୍ସ କରିବା ପାଇଁ ସ୍ଥିର ହୋଇଥିବାବେଳେ ଏନେଇ ବ୍ୟାସନଗର ତହସିଲ ପକ୍ଷରୁ ଜାଗା ଚିହ୍ନଟ ହୋଇଛି। ଏହାସହିତ ମାର୍କେଟ କମ୍ପ୍ଲେକ୍ସ ପାଇଁ କୋରେଇ ବିଧାୟକଙ୍କ ହାତପାଣ୍ଠିରୁ ୧୦ ଲକ୍ଷ ଏବଂ ପଞ୍ଚାୟତ ପକ୍ଷରୁ ୫ ଲକ୍ଷ ଟଙ୍କାର ଅନୁଦାନ ମଧ୍ୟ ମିଳିଛି। ହେଲେ ବ୍ଲକ୍ ପ୍ରଶାସନ ପ୍ରାୟ ୨ ବର୍ଷ ହେବ କୌଣସି ପଦକ୍ଷେପ ନେଉ ନ ଥିବାରୁ ପ୍ରକଳ୍ପ ଆଗେଇ ପାରୁନାହିଁ। ତେଣୁ ପ୍ରଶାସନ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ଘର ସମ୍ପୂର୍ଣ୍ଣ କରି ସେମାନଙ୍କୁ ଥଇଥାନ କଲେ ଦୋକାନୀ ଆପଣାଛାଏ ସ୍ଥାନ ଖାଲି କରିବେ ବୋଲି କହିଛନ୍ତି। ଏଥିସହିତ ପୋଲିସ ମାଫିଆରାଜ ଏବଂ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବଣିକ ସଂଘ ସଭାପତି କୈଳାସ ଚନ୍ଦ୍ର ପଣ୍ଡା, କିଶୋର ଚନ୍ଦ୍ର ନାୟକ, ସୁଶାନ୍ତ ପଣ୍ଡା, ଶ୍ରୀକାନ୍ତ ପାଢ଼ି, ବାସୁଦେବ ନାୟକ, ଆଶିଷ ଦାଶ, ରବୀନ୍ଦ୍ର ମହାନ୍ତି, ଗଜେନ୍ଦ୍ର ପଣ୍ଡା, ରାଜକିଶୋର ବାରିକ, ଗଣେଶ ମଳିକ ଏବଂ ଭରତ ଦାଶଙ୍କ ସମେତ ସମସ୍ତ ଦୋକାନୀ ଦାବି କରିଛି। ଅନ୍ୟପକ୍ଷରେ ଅଭିଯୋଗ କ୍ରମେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ମା'ଙ୍କୁ ହତ୍ୟା କରିଥିବା ପୁଅଙ୍କୁ ଆଜୀବନ କାରାଦଣ୍ଡ

ଚଣ୍ଡିଖୋଲ/ବଡ଼ଚଣା,୨୬।୩(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):

ନିଜ ମା'ଆଙ୍କୁ ହତ୍ୟା କରିଥିବା ପୁଅଙ୍କୁ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲା ଓ ଦୌରାଜଜ ଗୋପବନ୍ଧୁ ଗଡ଼ନାୟକ ଗୁରୁବାର ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆଉ ୬ ମାସର କାରାଦଣ୍ଡାଦେଶ ଶୁଣାଇଛନ୍ତି।

ଯାଜପୁର ଜିଲା ବଡ଼ଚଣା ଥାନା ବଡ଼ଚଣା ଗ୍ରାମର ମନୋଜ ସାମଲଙ୍କ ଅଭିଯୋଗ ଅନୁସାରେ, ୨୦୨୧ ଡିସେମ୍ବର ୭ ସନ୍ଧ୍ୟା ୫ଟାରେ ତାଙ୍କ ଭାଇ ରଞ୍ଜନ ସାମଲ ମା' ସୁଷମା ସାମଲଙ୍କୁ ତାଙ୍କ ଜମିବିକା ବାବଦକୁ ମିଳିଥିବା ଅର୍ଥର ତାଙ୍କ ଭାଗ ଟଙ୍କା ମାଗିଥିଲେ। ସେ ତାଙ୍କୁ ଟଙ୍କା ନ ଦେବାରୁ ରଞ୍ଜନ ରାଗିଯାଇ ଏକ ବାଉଁଶ କିଳାରେ ମା'ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମା' ସୁଷମାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୪୫୨/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲା ଚଣ୍ଡିଖୋଲ କୋର୍ଟରେ ପରିବର୍ତ୍ତନ ହୋଇ ସିଟି କେସ ନଂ.୬୫/୨୦୨୨ ହୋଇଥିଲା। ଏହାର ବିଚାର କରି ୧୮ ସାକ୍ଷୀଙ୍କ ବୟାନ ଆଧାରରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ନଳିନୀକାନ୍ତ ମିଶ୍ର ପରିଚାଳନା କରୁଥିଲେ।

# ନାବାଳିକା ଅପହରଣ ଘଟଣାରେ ଅଭିଯୁକ୍ତ ଗିରଫ

ପାଣିକୋଇଲି,୨୬।୩(ବିକାଶ ଚନ୍ଦ୍ର ମଲ୍ଲିକ):

ପାଣିକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏଥିସହିତ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦୁଝର ଜିଲା ସୋସୋ ଥାନା ପଦସିଂଗିଡି ଗ୍ରାମର ସରୋଜ ନାୟକ(୨୦)। ନାବାଳିକାଙ୍କୁ ୨୦୨୫ ଜୁନ ୨୬ରେ ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୯୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସରୋଜ କରଦାର ଏକ ମିକଶ୍ଚର ଫ୍ୟାକ୍ଟ୍ରିରେ କାମ କରୁଥିବାବେଳେ ନାବାଳିକାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିବାରୁ ସେ ତାଙ୍କୁ ନେଇ ପଳାଇଥିଲେ। ବର୍ତ୍ତମାନ ନାବାଳିକା ୫ମାସର ଗର୍ଭବତୀ ଅଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାବୁ



@ ଦୀପକ



@ ରାଜେଶ



@ ବାପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭୁଶୁଡ଼ିଲା ରେଲ୍‌ୱେ ପାଚେରି: ବ୍ୟବସାୟୀ ଗୁରୁତର



ବ୍ୟାସନଗର,୨୬।୩(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସହରରେ ବୁଧବାର କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ପବନ ସହ ବିଜୁଳି ଘଡଘଡି ଓ କୁଆପଥର ମାଡ଼ ହୋଇଥିଲା। ଏହିବର୍ଷାରେ ଡାକବଙ୍ଗଳା ଛକ ନିକଟରେ ଥିବା ରେଲୱେ କଲୋନୀ ପଥର ପାଚେରି କିଛି ଅଂଶ ଭୁଶୁଡି ପଡିଥିଲା। ଫଳରେ ଉକ୍ତ ପାଚେରି କଡରେ ପାଉଁରୁଟି ବ୍ୟବସାୟ କରୁଥିବା ବସନ୍ତ ଜେନା ପାଚେରି ତଳେ ଚାପି ହୋଇଯାଇଥିଲେ। ଅନ୍ୟ ତିନିଜଣ ସୁରକ୍ଷିତ ଭାବେ ପଳାଇଥିଲେ। ବର୍ଷା କମିବା ପରେ ସ୍ଥାନୀୟ ଲୋକ ବସନ୍ତଙ୍କୁ ପାଚେରି ତଳୁ ଉଦ୍ଧାର କରି ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କ ଛାତି, ହାତ ଓ ଗୋଡ଼ରେ ଆଘାତ ଲାଗିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଯାଜପୁରରୋଡ୍ ରେଳ ଷ୍ଟେଶନ କଲୋନୀର ଡାକବଙ୍ଗଳାଠାରୁ ଲକ୍ଷ୍ମୀ ମାର୍କେଟ ପର୍ଯ୍ୟନ୍ତ ଥିବା ଶହେ ମିଟର ମାଙ୍କଡା ପଥର ପାଚେରି ବହୁ ଦିନ ତଳେ ନିର୍ମାଣ ହୋଇଥିଲା। ଫଳରେ ବିପଦ ସଂକୁଳ ଅବସ୍ଥାରେ ରହି ବର୍ଷାରେ ତାହା ଭୁଶୁଡି ପଡିଥିଲା। ବ୍ୟାସନଗର ପୌର ପରିଷଦ ପକ୍ଷରୁ ଉଠାଦୋକାନୀଙ୍କୁ ଭେଣ୍ଡିଂ ଜୋନ ଯୋଗାଇ ଦିଆଯାଉ ନ ଥିବାରୁ ବାଧ୍ୟ ହୋଇ ବ୍ୟବସାୟୀ ଖରା ବର୍ଷାରେ ରାସ୍ତାକଡ଼ ଓ ଡ୍ରେନ ଉପରେ ବିପଦ ସଂକୁଳ ଅବସ୍ଥାରେ ବସି ବ୍ୟବସାୟ କରୁଛନ୍ତି। ଏହାଦ୍ୱାରା ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ପୌର କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ନବନିର୍ମାଣ କୃଷକ ସଂଗଠନର ଗଣପଦଯାତ୍ରାକୁ ସ୍ୱାଗତ

ପାଣିକୋଇଲି,୨୬।୩(ବିକାଶ ଚନ୍ଦ୍ର ମଲ୍ଲିକ):

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୨୨ ଦଫା ଦାବି ନେଇ ଘଟଗାଁ ମା' ତାରିଣୀ ପୀଠରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଗଣପଦଯାତ୍ରା ୨୨ ତାରିଖରୁ ଆରମ୍ଭ ହୋଇଛି। ପଦଯାତ୍ରା ୩୧ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ଗଣପଦଯାତ୍ରୀଦଳ ଗୁରୁବାର ପାଣିକୋଇଲିଠାରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଛି। ସେମାନେ ପାଣିକୋଇଲି ମା' ତାରିଣୀ ମନ୍ଦିରରେ ବିଶ୍ରାମ କରି ପୁଣି ପଦଯାତ୍ରା ଆରମ୍ଭ କରିଥିଲେ। ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଭତ୍ତା ୩୫୦୦ କରିବା, ଧାନର ଏମ୍‌ଏସପି ୫ହଜାର, କୃଷକଙ୍କୁ ୧୦ ହଜାର ପେନସନ, କଟନୀ ଛଟନୀ ବନ୍ଦ, ଭାଗ ଚାଷୀଙ୍କୁ କୃଷକର ମାନ୍ୟତା, ବୀମା କମ୍ପାନୀଙ୍କ ଦ୍ୱାରା ଘୋଷଣା ମୁକ୍ତ, ଚାଷୀଙ୍କୁ ବିଦ୍ୟୁତ ଶୁଳ୍କ ଛାଡ, ବିଦ୍ୟୁତ ବିଭାଗକୁ ନିଜକୁ ହାତକୁ ନେବା ସହ ସ୍ମାର୍ଟ ମିଟର ବନ୍ଦ କରିବା ଆଦି ଦାବିରେ ଏହି ଗଣପଦଯାତ୍ରା କରାଯାଉଛି। ଏଥିରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ଆବାହକ ଏମଡି ମନୱର ଅଲ୍ଲୀ, ଅଶୋକ ସେଠୀ, ଖଗେଶ୍ୱର ମହାନ୍ତ ଓ ଦାଶରଥି ସ୍ୱାଇଁ ପ୍ରମୁଖ ସାମିଲ ହୋଇଛନ୍ତି।

# ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ

**ଜିଲାସ୍ତରୀୟ ଆଶା, ଜନ ଆରୋଗ୍ୟ ସମିତି ସମ୍ମିଳନୀ**

ଯାଜପୁର ଟାଉନ୍,୨୬।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ପରିସରରେ ଗୁରୁବାର ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା ବିଷୟକୁ ନେଇ ଏହି ସଭାଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଅମ୍ବର କୁମାର କର ଯୋଗଦେଇଥିଲେ। ପରିବାର କଲ୍ୟାଣ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଗୋପାଳ ଚନ୍ଦ୍ର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲାରେ ମାତୃ ମୃତ୍ୟୁ ହାର ନିୟନ୍ତ୍ରଣ କରିବାରେ ଆଶାକର୍ମୀଙ୍କ ବଡ ଭୂମିକା ରହିଛି। ତେଣୁ ସେବା ଓ ନିଷ୍ଠାପର ମନୋଭାବ ନେଇ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱାସ୍ଥ୍ୟ କର୍ମୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ମେଡିକାଲ କଲେଜର ଅଧ୍ୟକ୍ଷ ସୀତାରାମ ମହାପାତ୍ର ଯୋଗଦେଇ ସୁସ୍ଥ ସମାଜ ଗଢ଼ିବାର କାମ ମେଡିକାଲ କଲେଜର ଚାରି କାନ୍ଥ ଭିତରେ ନୁହେଁ, ବରଂ ଗ୍ରାମାଞ୍ଚଳରେ ତୃଣମୂଳସ୍ତରରେ ଆଶା ଓ ଏନଏସଏମ ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ସମ୍ଭବ ହୋଇଥାଏ ବୋଲି କହିଥିଲେ। ମାତୃ ଓ ଶିଶୁ ମଙ୍ଗଳ, ଗର୍ଭକାଳୀନ ଯତ୍ନ, ସୁରକ୍ଷିତ ପ୍ରସବ, ପରିବାର କଲ୍ୟାଣ ଯୋଜନା, ଟୀକାକରଣ, ଏନିମିଆ ନିରାକରଣ, ସ୍ୱାସ୍ଥ୍ୟ ସଚେତନତା, ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଆଦି କ୍ଷେତ୍ରରେ ଆଶା କର୍ମୀଙ୍କ ଯୋଗଦାନ ଅତୁଳନୀୟ ବୋଲି ଡ. ମହାପାତ୍ର ପ୍ରକାଶ କରିଥିଲେ। ଯାଜପୁର ଜିଲାରେ ବିଗତ ଦିନରେ ହଇଜା ଭଳି ମହାମାରୀ ସମୟରେ ଆଶା ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର କହିଥିଲେ। ଏହି ସମ୍ମିଳନୀରେ ମେଡିକାଲ କଲେଜ ଅଧୀକ୍ଷକ ଡା. ମନୋରମା ସ୍ୱାଇଁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ମଲ୍ଲିକ, ଡା. ରଶ୍ମିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରେଷ୍ଠ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି, ଜନ ଆରୋଗ୍ୟ ସମିତି ଏବଂ ତୃଣମୂଳସ୍ତରରେ ଉତ୍ତମ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ପୁରସ୍କାର ଓ ଆର୍ଥିକ ରାଶି ପ୍ରଦାନ କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା।



ସମ୍ମିଳନୀରେ ଯୋଗ ଦେଇଥିବା ଅଧିକାରୀମାନେ।

# ଜବରଦଖଲରେ ଅଳକା, ପୁନରୁଦ୍ଧାର ଆଶା ଉଜ୍ଜୀବିତ

**ଜଗତ୍‌ସିଂହପୁର, ୨୬।୩ (ପ୍ରମୋଦ କୁମାର ନାୟକ)**



- ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ବଢ଼ିଲା ଚର୍ଚ୍ଚା
- ୩ ବର୍ଷ ପୂର୍ବରୁ ଖର୍ଚ୍ଚ ହୋଇଥିଲା ୧୭ କୋଟି

ଦିନ ଥିଲା ଅଳକା ସୁନାବ୍ୟା, ସୁଗଭୀର ଥିଲା। ଏଥିରେ ଜାହାଜ ଯାତାୟାତ କରୁଥିଲା। ତେଣୁ ତତ୍କାଳୀନ ହରିହରପୁର ତଥା ବର୍ତ୍ତମାନର ଜଗତ୍‌ସିଂହପୁରରେ ଇଂରେଜମାନେ ବ୍ୟବସାୟ କେନ୍ଦ୍ର ଅର୍ଥାତ୍ ବାଣିଜ୍ୟ କୋଠି କରିବାକୁ ସକ୍ଷମ ହୋଇଥିଲେ। ସମୟଚକ୍ରରେ ଅଳକା ତା'ର ସ୍ଥିତି ହଜାଇ ବସିଛି। ୫୨.୩୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ନଦୀର ଅଧିକାଂଶ ସ୍ଥାନ ଜବରଦଖଲ ହେବା ସହ ଅସାଧୁ ସରକାରୀ କର୍ମଚାରୀଙ୍କୁ ହାତେଇ ଅନେକ ଜମି ନିଜ ନାମରେ କରି ନେଇଛନ୍ତି। କେବଳ ଏତିକି ନୁହେଁ, ଏହି ନଦୀ ଗର୍ଭ ଜମିର ଅନେକ ସ୍ଥାନରେ ବହୁତଳ ବିଶିଷ୍ଟ ଅଟ୍ଟାଳିକା ଠିଆ ହୋଇଗଲାଣି। କେତେକ ସ୍ଥାନରେ ନଦୀର ଚିହ୍ନବର୍ଣ୍ଣ ନାହିଁ। ତେବେ ଏ ପରିସ୍ଥିତିରେ ଜଳ ପ୍ରବାହିତ ପାଇଁ ୩ ବର୍ଷ ପୂର୍ବରୁ ସରକାର ପାଖାପାଖି ୧୭ କୋଟି ଟଙ୍କା ବ୍ୟୟ କରି ଖନନ କରିଥିଲେ। ଉଦ୍ଦେଶ୍ୟ ଥିଲା ଦୀର୍ଘବର୍ଷ ଧରି ଲାଗି ରହିଥିବା ଜଳ ନିଷ୍କାସନ ସମସ୍ୟା ଦୂର ସାଙ୍ଗକୁ ଚାଷ ପାଇଁ ଜଳସେଚନ ସୁବିଧା ଓ ମତ୍ସ୍ୟଚାଷକୁ ପ୍ରୋତ୍ସାହିତ କରିବା। କିନ୍ତୁ ଏତେ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଦୂରଦୃଷ୍ଟିହୀନ ତଥା ଉପରଠାଉରିଆ ଖନନ ଯୋଗୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ନଦୀପାର୍ଶ୍ୱରେ ବନ୍ଧ କରାଯାଇ ନ ଥିବାରୁ ବର୍ଷାଦିନେ ତାହା ଧୋଇଯାଇ ପୁଣି ନଦୀଗର୍ଭ ପୋତି ହୋଇ ପଡ଼ିଲାଣି। ଏହା ଲୋକଙ୍କ ମନରେ ନିରାଶାଭାବ ସୃଷ୍ଟି କରିଛି। ଗତବର୍ଷ ଜିଲା ମହୋତ୍ସବ କଲ୍ଲୋଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଏହି ପ୍ରସଙ୍ଗର ଗମ୍ଭୀରତା ଜାଣିଥିଲେ। ତେବେ ଜିଲାବାସୀ ଚାହିଁଲେ ଅଳକା ପୁଣି ତା'ର ସ୍ୱରୂପ ଫେରିପାଇବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ଭିତରେ ସେଭଳି ଆଖିଦୃଶିଆ ଅଗ୍ରଗତି ହୋଇ ନ ଥିଲେ ସୁଦ୍ଧା ଅଳକା ପୁନରୁଦ୍ଧାର ଆଶା ଉଜ୍ଜୀବିତ ହୋଇଛି। ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏହି ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ ଜାଣିବାକୁ ଚାହିଁଥିଲେ ଅଳକା ନଦୀକୁ କେତେ ଜମି ମାଫିଆ ଓ ତତ୍କାଳୀନ ସରକାରର କେତେଜଣ ଅସାଧୁ ଅଧିକାରୀ ମିଶି ଅର୍ଥ ତୋସରପାତ କରିଛନ୍ତି। ସରକାର ଏ ବିଷୟରେ ଅବଗତ ଅଛନ୍ତି କି ନାହିଁ ଜଣାନ୍ତୁ। ଏଥିସହ କେବେ ସୁଦ୍ଧା ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯିବ କୁହନ୍ତୁ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ଅଳକା ନଦୀପଠା ଓ ପାର୍ଶ୍ୱବର୍ତ୍ତୀ ଜାଗାକୁ କୌଣସି ଜମିମାଫିଆ ଏବଂ ତତ୍କାଳୀନ ସରକାରଙ୍କ କେତେଜଣ ଅସାଧୁ ଅଧିକାରୀ ମିଶି ଅର୍ଥ ତୋସରପାତ କରିଥିବା ସରକାରଙ୍କ ଦୃଷ୍ଟିକୁ ଆସିନାହିଁ। ତଥାପି ନଦୀ ପୁନରୁଦ୍ଧାର ଯୋଜନା (ରିଭର ରେଜୁଭେନେଶନ ପ୍ରୋଗ୍ରାମ)ରେ ପ୍ରସ୍ତାବ ପ୍ରସ୍ତୁତ କରାଯାଇଥିବା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଏହି ଖବରକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ବୋରିକିନା ନିକଟ ଅଶିଲୋଠାରୁ ବୀରବରପାଟଣା ପର୍ଯ୍ୟନ୍ତ ୫୨.୩୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ମୃତନଦୀକୁ ଖନନ ପାଇଁ ତତ୍କାଳୀନ ରାଜ୍ୟ ସରକାର ୨୦୧୬ରେ ଚିନ୍ତା କରିଥିଲେ। ଜଳ ନିଷ୍କାସନ ସହ ବିଶେଷକରି ମୃତ ନଦୀଗର୍ଭରେ ମତ୍ସ୍ୟଚାଷ ପାଇଁ ଏହିବର୍ଷ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଡିପିଆର୍ (ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରାଯାଇଥିଲା। ୨୦୧୮ ଫେବୃଆରୀରେ କେନ୍ଦ୍ରୀୟ ଅନ୍ତସ୍ଥଳୀୟ ମତ୍ସ୍ୟ ଗବେଷଣା ସଂସ୍ଥା (ସିଆଇଏଫ୍ଆର୍ଆଇ) ପକ୍ଷରୁ ଏକ ଟିମ୍ ୪ ଦିନିଆ ଜଗତ୍‌ସିଂହପୁର ଗସ୍ତ କରି ଅନୁଧ୍ୟାନ କରିବା ସହ ଅନୁକୂଳ ମତ ଦେଇଥିଲେ। ସେତେବେଳେ ମୃତ ଅଳକାର ବିରିଡ଼ି, ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳରେ ସର୍ବେକ୍ଷଣ କରାଯାଇଥିଲା। ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ପାଖାପାଖି ୧୫୦ ହେକ୍ଟର ନଦୀଶଯ୍ୟାରେ ମୀନ ଖେଳିବେ। ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ହୋଇପାରିବ, ଯାହାର ଆନୁମାନିକ ମୂଲ୍ୟ ୭ କୋଟିରୁ ଅଧିକ ଟଙ୍କା ହେବା ଆଶା କରାଯାଉଛି। ଶତାଧିକ ବେକାର ଯୁବକ ଆତ୍ମନିର୍ଭରଶୀଳ ହୋଇପାରିବେ। ସ୍ୱୟଂ ସହାୟକ ଗୋଷ୍ଠୀ, ପିଏସ୍‌ସିଏସ୍ ଓ ଉଦ୍ୟୋଗୀମାନେ ଉପକୃତ ହୋଇପାରିବେ। ଜିଲା ପାଇଁ ଆବଶ୍ୟକ ମାଛ ପରିମାଣ କମିଯିବ। ଆଗକୁ ସରକାର ଅଧିକ ପରିମାଣ ଜମି ହାତକୁ ନେଇ ଜିଲା ବିକାଶରେ ସହାୟକ ହେବେ ବୋଲି କୁହାଯାଇଥିଲା। କିନ୍ତୁ ଯୋଜନା ଅଧାରେ ଅଟକି ରହିଛି। ତେବେ ଅଳକା ଖନନ ନେଇ ଜିଲା ପ୍ରଶାସନ ଓ ଜଗତ୍‌ସିଂହପୁର ଡ୍ରେନେଜ୍ ଡିଭିଜନ୍ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲେ ସୁଦ୍ଧା ବାସ୍ତବ ଲକ୍ଷ୍ୟ ପୂରଣ କରିପାରିନାହିଁ। ଆଗକୁ ଦେଖିବାର ଅଛି ସରକାର ଏହିପ୍ରସଙ୍ଗକୁ କେତେ ଗମ୍ଭୀରତାର ସହ ନେଇ ପଦକ୍ଷେପ ନେଉଛନ୍ତି।

## ଚୈତ୍ର ମାସରେ ମା' ବାସନ୍ତୀ ଦୁର୍ଗାପୂଜା



ଶିଖର ମୌଜାସ୍ଥିତ ମା' ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି।

**ମହାକାଳପଡ଼ା, ୨୬।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମା' ବାସନ୍ତୀକ ପୂଜା ପାଳିତ ହେଉଛି। ବ୍ଲକର ବିଜୟନଗର, କିଆରବାଙ୍କ, ଶିଖର, ନନ୍ତାର, ଖରୀନାସି, ବାବର ଓ ପାତ୍ରଗଡ ଆଦି ମୌଜାରେ ବାସନ୍ତୀ ଦୁର୍ଗା ପୂଜା ପାଉଛନ୍ତି। ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମହାକାଳପଡ଼ା ପୋଲିସ, ଜମ୍ବୁ ସାମୁଦ୍ରିକ ଥାନା ଓ ତନ୍ତିଆପାଳ ସାମୁଦ୍ରିକ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଉଛି। ବିଶେଷ କରି ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସର୍ବାଧିକ ସଫଳତା ହାସଲ କର

**ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି**

**ପଟ୍ଟାମୁଣ୍ଡାଇ, ୨୬।୩(କଳ୍ପତରୁ ନାୟକ)**



ଜନଶୁଣାଣିରେ ଯୋଗଦେଇଥିବା ଅଧିକାରୀମାନେ।

ପଟ୍ଟାମୁଣ୍ଡାଇ ବ୍ଲକରେ କାର୍ଯ୍ୟକାରୀ ଏମ୍‌ଜି ଏନ୍‌ଆରଇଜିଏସ୍ ଓ ଜାତୀୟ ଖାଦ୍ୟସୁରକ୍ଷା ଯୋଜନାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୀତଲ ଅଗ୍ରୱାଲ ଆଗାମୀ ଦିନରେ ସମଗ୍ର ଜିଲାରେ ପଟ୍ଟାମୁଣ୍ଡାଇ ବ୍ଲକ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସର୍ବାଧିକ ସଫଳତା ହାସଲ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶିବିରରେ ଡିଡବ୍ଲ୍ୟୁଓ ଅରବିନ୍ଦ ରାୟ, ଜିଲା ସାମାଜିକ ସମୀକ୍ଷା ୟୁନିଟର ସରୋଜ କୁମାର ଦାଶ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ ରାଉତ ଓ ରୋଜାଲିନ ମହାଳିକ, ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ବ୍ଲକ ଏପିଓ ପୁଣ୍ୟଶ୍ରୀ ସାହୁ, ବ୍ଲକ ସୋସିଆଲ ଅଡିଟର ନଳିନୀକାନ୍ତ ସ୍ୱାଇଁଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ ବ୍ଲକ ସିପି ପ୍ରିୟରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବହୁ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବ୍ଲକ ଏପିଓ ପୁଣ୍ୟଶ୍ରୀ ସାହୁ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟର ତଥ୍ୟ ଉପସ୍ଥାପନ କରିଥିଲେ। ବ୍ଲକ ସୋସିଆଲ ଅଡିଟର ସ୍ୱାଇଁ ସୋସିଆଲ ଅଡିଟ୍ ଟିମ୍‌ର ତଥ୍ୟ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲାପାଳ ଓ ବିଡ଼ିଓ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏଡ଼ିଇଓ, ଜିଆରଏସ୍‌ମାନଙ୍କୁ ସମସ୍ତ ତଥ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ଗ୍ରାମ୍ୟ ସାଧନ କର୍ମୀ, ଜବ୍‌କାର୍ଡଧାରୀ, ରାଶନକାର୍ଡଧାରୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ, ପୂର୍ବତନ ଜନପ୍ରତିନିଧି, ସାମାଜିକକର୍ମୀ ଯୋଗଦେଇ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ।

## ଦିନକରେ ୫୦ ଟ୍ରେନ୍‌ରୁ କୋଇଲା ଖଲାସ



**ପାରାଦୀପ, ୨୬।୩ (ଶରତ ରାଉତ)**

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ବୁଧବାର ୨୪ ଘଣ୍ଟା ମଧ୍ୟରେ ରେକର୍ଡ ୫୦ଟି ଟ୍ରେନ୍‌ରୁ କୋଇଲା ଖଲାସ କରାଯାଇଛି। ଏଥିରେ ୪୩ଟି ଟ୍ରେନ୍‌ରୁ ବିଓଆରବିଏନ(ବଗି ଓପନ ବଟମ୍ ରାପିଡ୍ ଡିସ୍‌ଚାର୍ଜ) ମାଧ୍ୟମରେ ଓ ୭ ଟି ଟ୍ରେନ୍‌ରୁ ବିଓଏକ୍ସଏନ(ବଗି ଓପନ୍ ହାଇ ସାଇଡେଡ୍) ମାଧ୍ୟମରେ କରାଯାଇଛି। ଏପରି ସଫଳତା ପାଇଁ ଉକ୍ତ ଟିମ୍‌ର ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଶୁଭେଚ୍ଛା ଜଣାଇଛନ୍ତି।

## ଗୋବରୀ କଳିଙ୍ଗା ନଦୀ ନିକଟରୁ ଖପୁରି ଜବତ

**ପଟ୍ଟାମୁଣ୍ଡାଇ, ୨୬।୩(କଳ୍ପତରୁ ନାୟକ)**

**ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**



ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛି।

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ଗୁଣ୍ଡୁପୁର କଳିଙ୍ଗାଘାଟ ନଦୀପଠାରୁ ମଣିଷ ଖପୁରି ଓ ହାଡ଼ ମିଳିବା ଜଣାପଡିଛି। ଖବର ପାଇ ଗ୍ରାମାଞ୍ଚଳ ଥାନା ପୋଲିସ କଙ୍କାଳ ଜବତ କରି ଏକ ହତ୍ୟା ମାମଲା ନଂ.୧୭୪/୨୬ ରୁଜୁ କରି ଖପୁରି ହାଡ କଟକ ଫୋରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜିକୁ ପଠାଯାଇଛି ବୋଲି ଆଇଆଇସି ଶ୍ରୀକାନ୍ତ ବାରିକ କହିଛନ୍ତି।

ପ୍ରକାଶ ଯେ, ସ୍ଥାନୀୟ ଗୁଣ୍ଡୁପୁର ଗ୍ରାମର କେତେ ଜଣ ଯୁବକ ବୁଧବାର ଗୋବରୀ କେନାଲ କଳିଙ୍ଗା ଘାଟ ପାଖକୁ ଯାଇଥିବା ବେଳେ ସେଠାରେ ଏକ ବ୍ୟାଗ ଭାସୁଥିବା ଦେଖିଥିଲେ। ସେ ବ୍ୟାଗକୁ ଉଠାଇ ଦେଖିବାରୁ ସେଥିରୁ ମଣିଷ ଖପୁରୀ, ହାଡ ବାହାରିଥିଲା। ସେମାନେ ଏହାର ଭିଡିଓ କରି ଫେସ୍‌ବୁକରେ ଭାଇରାଲ କରିଥିଲେ। ମାତ୍ର ଗୁରୁବାର ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଗ୍ରାମାଞ୍ଚଳ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ କଙ୍କାଳଗୁଡ଼ିକୁ ଜବତ କରି କାରଣ ଖୋଜୁଛି।

## ପାଇକା ମହୋତ୍ସବ: ନୃତ୍ୟରେ ମନମୋହିଲେ ନୃତ୍ୟଶିଳ୍ପୀ



**ଜଗତ୍‌ସିଂହପୁର, ୨୬।୩ (ପ୍ରମୋଦ କୁମାର ନାୟକ)**

ଓଡ଼ିଶାର ନଦନଦୀ କୂଳରେ ଆଧ୍ୟାତ୍ମିକତାର ନିଆରା ପରିବେଶ ଅନୁଭୂତ ହୁଏ। ଏହାକୁ ଆଧାର କରି ସାଂସ୍କୃତିକ ଜାଗରଣ ଜାରି ରହିଛି। ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲା ସୀମାନ୍ତବର୍ତ୍ତୀ ପାଇକା ନଦୀକୂଳରେ ମଧ୍ୟ ଏହାର ଛାପ ଦେଖିବାକୁ ମିଳିଛି। ପୁଣ୍ୟତୋୟା ମା' ଗଙ୍ଗାଙ୍କ ଭଳି ଏହି ପାଇକା ନଦୀ ଅଞ୍ଚଳବାସୀଙ୍କ ଜୀବନଧାରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ଅଞ୍ଚଳକୁ ଶସ୍ୟଶ୍ୟାମଳା ତଥା ଚିର ସବୁଜିମାମୟ କରିବା ସହ ଜୀବିକାର ମାଧ୍ୟମ ହୋଇଥାଏ। କେବଳ ଏତିକି ନୁହେଁ, ଆଧ୍ୟାତ୍ମିକ ଭାବ ସୃଷ୍ଟି କରିଥାଏ। ପୁରାଣ ବର୍ଣ୍ଣିତ ପାଇକାର ସ୍ମୃତି ସାଉଁଟିବା ପାଇଁ ଏହା କୂଳବର୍ତ୍ତୀ ପୋତାରୀ, ବଡିରା ଓ ମଙ୍ଗରାଜପୁର ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ଦୀର୍ଘ ୧୫ବର୍ଷ ଧରି ଫ୍ରେଣ୍ଡ୍ସ ୟୁଥ କ୍ଲବ ଦ୍ୱାରା ପାଇକା ମହୋତ୍ସବ ମହାସମାରୋହରେ ପାଳିତ ହୋଇଆସୁଛି। ଚଳିତବର୍ଷ ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆମନ୍ତ୍ରିତ କଟକସ୍ଥିତ ନୃତ୍ୟଶାଳା ସଂସ୍କୃତି କେନ୍ଦ୍ରର ଓଡ଼ିଶୀ ନୃତ୍ୟ ଶିଳ୍ପୀମାନଙ୍କ ମନୋରମ ନୃତ୍ୟ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀ, ଡ. ସଙ୍ଗୀତା ସାହୁ, ଅଭୀଲିପ୍ସା ସେଠୀ ଓ ବୈଷ୍ଣବୀ ସାହୁଙ୍କ ଦ୍ୱାରା ପରିବେଷିତ ଭାବରସାତ୍ମକ ଓଡ଼ିଶୀ ନୃତ୍ୟ ବହୁ ଦର୍ଶକଙ୍କ ମନ ମୋହିଥିଲା। ଶେଷରେ କ୍ଲବର ସଭାପତି ପ୍ରତାପ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ତ୍ରିଲୋଚନ ଦାସ ଓ ମୁଖ୍ୟ ସଂଯୋଜକ ସର୍ବେଶ୍ୱର ଦାସ ନୃତ୍ୟ ଶିଳ୍ପୀମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବାବୁ



@ ଦୀପକ



@ ରାଜେଶ



@ ବାପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଲୁ ବ୍ରଜ୍ ଅଭିଯାନ: ତହସିଲ ପକ୍ଷରୁ ବାଲି ଗାଡ଼ି ଜବତ

**ନାଉଗାଁ, ୨୬।୩ (ସୁଧା ବେହୁରା)**

ବାଲୁ ବ୍ରଜ୍ ଅଭିଯାନରେ ନାଉଗାଁ ତହସିଲ ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ହାଇୱା ଜବତ କରାଯାଇ ନାଉଗାଁ ଥାନାରେ ଅଟକ ରଖାଯାଇଛି। ଏ ସଂକ୍ରାନ୍ତରେ ତହସିଲଦାର ଅକ୍ଷୟ କୁମାର ବଡୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ରାତିରେ ତହସିଲ ପକ୍ଷରୁ ଏନ୍‌ଫୋର୍ସ ଟିମ ଦ୍ୱାରା ତିହୁଡା ରାସ୍ତା ଦେଇ ଯାଉଥିବା ଏହି ବାଲି ବୋଝେଇ ହାଇୱାର କାଗଜପତ୍ର ଯାଞ୍ଚ ସମୟରେ ଠିକ ନ ଥିଲା। ଯାହାଫଳରେ ହାଇୱାକୁ ଅଟକ ରଖିଥିଲେ। ପୂର୍ବରୁ ଉକ୍ତ ଅଭିଯାନରେ ୨ଟି ଗାଡି ଧରାଯାଇଥିଲା। ଏ ବିଷୟରେ ଥାନା ଅଧିକାରୀ ଦେବାଶିଷ ପଣ୍ଡାଙ୍କୁ ପଚାରିବାରେ ଗାଡି ଅଟକ ରଖାଯାଇ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ଖରାଦିନ ପାଇଁ ତରଭୁଜ ଚାହିଦା ବଢ଼ୁଛି

**କେନ୍ଦ୍ରାପଡ଼ା, ୨୬।୩ (ଜଗନ୍ନାଥ ଧଳ)**



କେନ୍ଦ୍ରାପଡ଼ା ସହରର ଗୋପ ହାଟରେ ତରଭୁଜ ବିକ୍ରି କରାଯାଉଛି।

- ଜିଲାରେ ୧୦ ହଜାର ହେକ୍ଟରରୁ ଅଧିକ ଜମିରେ ଚାଷ
- ଉପଯୁକ୍ତ ଜଳସେଚନ, ତାଲିମ ବ୍ୟବସ୍ଥା ପାଇଁ ଦାବି

ଖରାବଢ଼ିବା ସାଙ୍ଗକୁ ତରଭୁଜର ଚାହିଦା ବଢ଼ିଛି। ପ୍ରତି ଛକ ବଜାରରେ ଏବେ ତରଭୁଜ ଦେଖିବାକୁ ମିଳୁଛି। ଚଳିତବର୍ଷ କେନ୍ଦ୍ରାପଡ଼ା ଜିଲାରେ ୧୦ହଜାରରୁ ଅଧିକ ହେକ୍ଟର ଅଞ୍ଚଳରେ ଚାଷ ହୋଇଛି। ଚାଷ ପାଇଁ ସରକାରୀ ବିହନରେ ସବ୍‌ସିଡି ଯୋଗାଇ ଦିଆଯାଉଛି। ତେବେ ଜଳସେଚନ ଓ ତାଲିମ ବ୍ୟବସ୍ଥା ନ ଥିବାରୁ ଏହି ଅର୍ଥକରୀ ଫସଲ ଉତ୍ପାଦନରେ ଏହି ଜିଲାରେ ବାଧା ସୃଷ୍ଟି ହୋଇଛି। ତରଭୁଜ କେବଳ ଚଟପଟି ଖାଦ୍ୟ ନୁହେଁ ବରଂ ଏଥିରେ ଭରପୂର ପ୍ରୋଟିନ ମିଳୁଛି ବୋଲି ଚାଷୀ, ବ୍ୟବସାୟୀ ଓ ଗବେଷକ ମତ ଦେଇଛନ୍ତି।

ଏ ସମ୍ପର୍କରେ ସିଂହଗାଁର ପୂର୍ବତନ ସରପଞ୍ଚ ତଥା ଚାଷୀ ନିର୍ମଳ ମଲ୍ଲିକ କହିଛନ୍ତି, ଖରା ବଢ଼ିବାକୁ ତାଳଦେଇ ତରଭୁଜର ଚାହିଦା ବଢ଼ୁଛି। ଚଳିତବର୍ଷ ଆଳି, ରାଜକନିକା, ରାଜନଗର, ଗରଦପୁର, ଡେରାବିଶ, ମହାକାଳପଡ଼ା ଆଦି ବ୍ଲକ ଅଞ୍ଚଳର ନଦୀ ପଠାରେ ଚାଷ ହୋଇଛି। ଦୁଇ ସପ୍ତାହ ପୂର୍ବରୁ ଫସଲ ଉତ୍ପାଦନ ଆରମ୍ଭ ହୋଇଛି। ପୂର୍ବରୁ କୁଇଣ୍ଟାଲ ପିଛା ଅଢ଼େଇ ହଜାର ଟଙ୍କା ଥିବା ବେଳେ ଏବେ ଏହାର ମୂଲ୍ୟ ବୃଦ୍ଧି ହୋଇ ୩ ହଜାର ଟଙ୍କାରେ ପହଞ୍ଚିଛି। ଚଳିତ ବର୍ଷ ଇତିମଧ୍ୟରେ ଫସଲରୁ ୮ କୁଇଣ୍ଟାଲ ତରଭୁଜ ବିକ୍ରି ହୋଇଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ନ ହେଲେ ପ୍ରାୟ ୩୦ କୁଇଣ୍ଟାଲ ତରଭୁଜ ବିକ୍ରିର ସେ ଆଶା ରଖିଛନ୍ତି। ମାତ୍ର ଏହି ଅର୍ଥକରୀ ଫସଲ ପାଇଁ ନଦୀର ଅତି ନିକଟ ପଠା ବ୍ୟତିତ ଅନ୍ୟ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ନାହିଁ। ସେହିପରି ଚାଷ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଆତ୍ମା ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ତାଲିମ ବ୍ୟବସ୍ଥା ପାଇଁ ସେ ଦାବି କରିଛନ୍ତି। ରାଜନଗରର ମା' ଶକ୍ତିମୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ପ୍ରଣତି ଦାସ କହିଛନ୍ତି, ଚଳିତ ବର୍ଷ ଗୋଷ୍ଠୀ ପକ୍ଷରୁ ଆରମ୍ଭ ହୋଇଥିବା ତରଭୁଜ ଚାଷ ଆଗକୁ ବଢ଼ିବାର ସାହସ ଯୋଗାଇଛି। ମିଳିମିଶି ସଦସ୍ୟାମାନେ ରକ୍ଷଣାବେକ୍ଷଣ କରିବା ପରେ ଏହାର ଲାଭ ଆମକୁ ମିଳୁଛି। ଏହି ଚାଷ ପାଇଁ ସ୍ୱାବଲମ୍ବୀ ହୋଇ ପାରିଛୁ। ସହରର ଗୋପସ୍ଥିତ ବ୍ୟବସାୟୀ ମହମ୍ମଦ ଇଲିଆସ କହିଛନ୍ତି, ଖରା ବଢ଼ିବାରୁ କାକୁଡ଼ି ତରଭୁଜ ବେପାର ବଢ଼ିଛି। ପୂର୍ବରୁ ତରଭୁଜ ବାହାର ଜିଲାରୁ ଆମଦାନୀ କରାଯାଉଥିବାବେଳେ ଚଳିତ ବର୍ଷ ଜିଲା ମଧ୍ୟରେ ହୋଇଥିବା ଫସଲକୁ ସଂଗ୍ରହ କରୁଛୁ। ଏହାଦ୍ୱାରା ପରିବହନ ଖର୍ଚ୍ଚ କମ ପଡୁଛି। ତରଭୁଜ ସମ୍ପର୍କରେ ଗବେଷଣା କରୁଥିବା ପ୍ରାଧ୍ୟାପକ ଦେବୀ ପ୍ରସାଦ ସାହୁ କହିଛନ୍ତି ଯେ, ତରଭୁଜରେ ଭରପୂର ପ୍ରୋଟିନ ରହିଛି। ଏହା ଆମ ପାଇଁ ରୋଗ ପ୍ରତିଷେଧକ ରୂପେ କାର୍ଯ୍ୟ କରୁଛି। ଗୋଟିଏ କପ ତରଭୁଜ ରସରେ ୧୫୪ ମିଲିଗ୍ରାମର ପୋଷକ ତତ୍ତ୍ୱ ରହିଛି। ଗୋଟିଏ ତରଭୁଜର ପ୍ରାୟ ୯୨ ପ୍ରତିଶତ ପାଣି ରହୁଥିବାରୁ ଗରମରୁ ତ୍ରାହି ମିଳୁଛି। ଏହା ବ୍ୟତୀତ ଏଥିରେ ଥିବା ଭିଟାମିନ ଏ, ସି, ପୋଟାସିୟମ, ମ୍ୟାଗ୍ନେସିୟମ, ଜିଙ୍କ୍, କ୍ଲୋରୋଫିଲ, ଲାଇକୋପିନ, ଏମିନୋ ଏସିଡ, ଫେନୋଲିକ ଆଦି ତତ୍ତ୍ୱ ମଧ୍ୟ ରହିଛି। ପ୍ରାୟ କ୍ଷେତ୍ରରେ ତରଭୁଜର ଚୋପା ଫୋପାଡି ଦିଆଯାଉଥିବା ଦେଖାଯାଉଛି। ତେବେ ଏହି ଚୋପାରେ ବ୍ଲଡ ପ୍ରେସର କମାଇବା ଶକ୍ତି ଥିବାବେଳେ ଶରୀର ଓଜନ କମାଇବାରେ ସହାୟକ ହୋଇଥାଏ। ଏ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ରଙ୍କୁ ପଚାରିବାରେ ଚଳିତବର୍ଷ ତରଭୁଜ ଚାଷ ପାଇଁ ସବ୍‌ସିଡି ଦିଆଯାଇଛି। ପୂର୍ବରୁ ଏହି ଜିଲାରେ ମାତ୍ର ୧ ହଜାର ହେକ୍ଟର ଅଞ୍ଚଳରେ ଏହି ଚାଷ ହେଉଥିବା ବେଳେ ଚଳିତ ବର୍ଷ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି।

# ଆଜିଠାରୁ ଶ୍ରୀରାମ ନବମୀ ଯାତ୍ରା

**ନୟାଗଡ,୨୬।୩(ଲୋକନାଥ ମିଶ୍ର)**

ନୟାଗଡ଼ ଓ ଗଞ୍ଜାମ ଜିଲାର ସୀମାରେଖାରେ ଓଡଗାଁର ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ପୀଠ ରହିଛି। ଯାହାକି ବୈଷ୍ଣବ ଧର୍ମର ଉପାସନା ଓ ତୀର୍ଥସ୍ଥାନ ରୂପେ ପରିଚିତ। ଅତ୍ରୀ ମୁନିଙ୍କ ଆଶ୍ରମରେ ତ୍ରେତୟା ଯୁଗରେ ଅତିଥି ଗ୍ରହଣ କରିଥିଲେ ବନବାସୀ ରାମଚନ୍ଦ୍ର। ସମ୍ପୃକ୍ତ ସ୍ମୃତିକୁ ଚିରସ୍ଥାୟୀ କରି ରଖିବାକୁ ରାମଚନ୍ଦ୍ର ଓଡଗାଁରେ ଅଧିଷ୍ଠିତ ହେବା ପାଇଁ ନିଜର ଇଚ୍ଛା ପ୍ରକାଶ କରିଥିଲେ। ମହର୍ଷି ଅତ୍ରୀ ମଧ୍ୟ ସ୍ମୃତି ପାଇଁ ଶଙ୍ଖ, ଚକ୍ର, ଗଦା, ପଦ୍ମ ଚିହ୍ନ ପରିଶୋଭିତ ତିନିଗୋଟି ଶାଳଗ୍ରାମରେ ପ୍ରାଣ ପ୍ରତିଷ୍ଠା କରାଇ ରାମ, ଲକ୍ଷ୍ମଣ ଓ ସୀତା ରୂପେ ଛାୟା ମଣ୍ଡପରେ ପୂଜା କରିବାକୁ ଲାଗିଥିଲେ। ଏଣୁ ତ୍ରେତୟା ଯୁଗରୁ ଓଡଗାଁ ଶ୍ରୀରାମ ପୀଠ ରୂପେ ପରିଚିତ ହୋଇ ଆସୁଛି। ନୟାଗଡ଼ ଇତିହାସ କୁହେ, ରାଜା ମୃତ୍ୟୁଞ୍ଜୟ ସିଂହଙ୍କ ଶାସନ ସମୟ(୧୭୫୫ରୁ ୧୭୯୩) ମଧ୍ୟରେ ରାଜାଙ୍କର ମନ୍ତ୍ରୀ ବୈରାଗୀ ଚରଣ ବେବର୍ତ୍ତା ପଟ୍ଟନାୟକଙ୍କ ଦ୍ୱାରା ବିଗ୍ରହ ସ୍ଥାପନ କରାଯାଇଛି। ବେବର୍ତ୍ତାଙ୍କ ଅନୁରୋଧ କ୍ରମେ ରାଜା ରାମଙ୍କ ପାଇଁ ଏକ ଛୋଟ ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିରରେ ପୂଜା ପାଉଥିବା ରାମ, ଲକ୍ଷ୍ମଣ ଓ ସୀତା ଲିମ୍ବ କାଷ୍ଠରେ ନିର୍ମିତ। ଏହାର ପ୍ରମାଣ ସ୍ୱରୂପ ରଘୁନାଥଙ୍କର ବିଜେ ସିଂହାସନ ପଦ୍ମପୃଷ୍ଠରେ ଥିବା ଶିଳାଲେଖକୁ ନେଇ ପାରିବା। ଓଡ଼ିଶାରେ ପୂଜା ପାଉଥିବା ରଘୁନାଥଙ୍କ ବିଗ୍ରହଙ୍କ ମଧ୍ୟରୁ ଓଡଗାଁ ବିଜେ


ରଘୁନାଥଙ୍କ ବିଗ୍ରହ।

ରଘୁନାଥଙ୍କ ବିଗ୍ରହ ଭିନ୍ନତା ପରିଲକ୍ଷିତ ହୁଏ। ଏଠାରେ ପ୍ରଭୁ ରାମଚନ୍ଦ୍ର ନିଜର ବନବାସ ସମୟର ସ୍ମୃତି ସ୍ୱରୂପ ନିଶ, ଦାଢ଼ି ଓ ଜଟା କୁଟର ବେଶ ଦେଖିବାକୁ ମିଳେ। ଆଜିର ବିଶାଳ ମନ୍ଦିରଟି ନୟାଗଡ଼ର ତତ୍କାଳୀନ ରାଜା ନାରାୟଣ ସିଂ ମାନ୍ଧାତାଙ୍କ ସମୟରେ ୧୯୦୮ରେ ଉତ୍କଳୀୟ ମନ୍ଦିର ଶୈଳିରେ ନିର୍ମାଣ ହୋଇଥିବାର ଇତିହାସ ପୃଷ୍ଠାର ଜଣାପଡେ। ମନ୍ଦିରଟି ସମ୍ପୂର୍ଣ୍ଣ ବଉଳମାଳା ପଥରରେ ନିର୍ମିତ। ମନ୍ଦିର ଚୁଡାରେ ୪୫ କେଜି ଓଜନର ୩ଟି ସୁବର୍ଣ୍ଣ କଳସୀ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ବ୍ରିଟିଶ ଶାସନ ସମୟରୁ ଶୋଭା ପାଉଛି।

## ଶାନ୍ତିଶୃଙ୍ଖଳା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ରାମ ନବମୀ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ୨ ପ୍ଲାଟୁନ ଫୋର୍ସ, ୧୦ ପୋଲିସ ଅଫିସର. ୧୫ କନଷ୍ଟେବଲ, ୩୦ ହୋମଗାର୍ଡ ନିୟୋଜିତ ହୋଇଛନ୍ତି। ଭକ୍ତଙ୍କ ଠାକୁର ଦର୍ଶନ ପାଇଁ ଧାଡି ବ୍ୟବସ୍ଥା କରାଯାଇଛି। ଆମିଷ

- ଝଟକୁଛି ସ୍ୱର୍ଣ୍ଣ କଳସ କ୍ଷେତ୍ର ଓଡ଼ଗାଁ
- ଶ୍ରୀରାମଙ୍କ ପୀଠ ରୂପେ ତ୍ରେତୟା ଯୁଗରୁ ପରିଚିତ

ବିକ୍ରିକୁ ବନ୍ଦ କରାଯାଇଛି। ପ୍ରତ୍ୟହ ଅପରାହ୍ନ ୩ଟାରୁ ଟ୍ରାଫିକ ବ୍ୟବସ୍ଥା କଡାକଡି କରାଯିବ। ଓଡଗାଁ ହନୁମାନ ଛକ ଠାରୁ ସମସ୍ତ ଯାନବାହନ ମନ୍ଦିରକୁ ନେବା ଉପରେ କଟକଣା ଲାଗୁ ହୋଇଛି। ବାଇକ ଚୋରିକୁ ଏଡାଇବା ପାଇଁ ମନ୍ଦିର ରୋଡରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ବାହାରୁ ଆସୁଥିବା ଯାତ୍ରୀମାନେ ଓଡଗାଁ ପରିବା ମାର୍କେଟରେ ଦୁଇ ଚକିଆ ଯାନ ରଖିବେ। ସାଗର ପୁଷ୍କରିଣି ବନ୍ଧ ଉପରେ ୪ ଚକିଆ ଯାନ ରଖାଯିବାର ଅନୁରୂପ ବ୍ୟବସ୍ଥା ହୋଇଛି। ପୁଷ୍କରିଣୀ ବନ୍ଧ ଉପରେ ଯାନ ରଖିବା ପରେ ମହୋତ୍ସବ ପଡିଆ ଦେଇ ମନ୍ଦିର ରୋଡକୁ ବାହାରି ଠାକୁର ଦର୍ଶନ କରିପାରିବେ। ସେହିଭଳି ୟୁନିଅନ ବ୍ୟାଙ୍କ ପାର୍ଶ୍ୱ ପଡିଆରେ ବାଇକ୍ ରଖି ମନ୍ଦିରକୁ ଯାଇ ହେବ। ପୋଲିସ ସାଦା ପୋଷାକରେ ଓ ଡ୍ରେସରେ ପଇନ୍ତରା ମାରିବେ। ମହିଳା ପୋଲିସ ମନ୍ଦିର ଭିତରେ ଓ ବାହାରେ ଅପରାଧିଙ୍କ ଉପରେ ନଜର ରଖିବେ। ମାନସିକଧାରୀ, ଭକ୍ତ, ଯାତ୍ରା ଦେଖିବାକୁ ଆସୁଥିବା ବ୍ୟକ୍ତିମାନେ ସୁନା, ରୂପା ଅଳଙ୍କାର ପିନ୍ଧି ନ ଆସିବାକୁ ସଚେତନତା କରାଯାଇଛି। ସେହିଭଳି ହନୁମାନ ଛକରୁ ମନ୍ଦିର ପର୍ଯ୍ୟନ୍ତ ଆଲୋକୀକରଣ କରାଯାଇଛି। ପୁଣି ଛକ ସ୍ଥାନରେ ଲାଇଟ ଲଗାଯାଇଛି। ମନ୍ଦିର ପରିସରରେ ପାନୀୟ ଜଳର ବ୍ୟବସ୍ଥା ହୋଇଥିବାବେଳେ ଖରାକୁ ଆଖି ଆଗରେ ରଖି ପାଣି ସିଞ୍ଚନ ବ୍ୟବସ୍ଥା ହୋଇଛି। ମନ୍ଦିର ପରିସରରେ ଆଶୁ ଆରୋଗ୍ୟ ଓ ପୋଲିସ ସହାୟତା କେନ୍ଦ୍ର ଖୋଲିବାର ବ୍ୟବସ୍ଥା ହୋଇଛି।

## ନବଦିନ ସନ୍ଧ୍ୟା ବେଶ

ରାମ ନବମୀ ଯାତ୍ରା ଅବସରରେ ମହାପ୍ରଭୁ ରାମଚନ୍ଦ୍ର, ଭ୍ରାତା ଲକ୍ଷ୍ମଣ ଓ ପତ୍ନୀ ସୀତାଙ୍କ ନବଦିନ ସନ୍ଧ୍ୟା ବେଶ ହେବ। ମାର୍ଚ୍ଚ ୨୭ରେ ପ୍ରଭୁ ରାମଚନ୍ଦ୍ର, ଭ୍ରାତା ଲକ୍ଷ୍ମଣ ଓ ପତ୍ନୀ ସୀତା ଜନ୍ମ ନାରାୟଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ସେହିପରି ମାର୍ଚ୍ଚ ୨୮ରେ ତାଡକା ବଧ, ମାର୍ଚ୍ଚ ୨୯ରେ ଅହଲ୍ୟା ଉଦ୍ଧାରଣ, ମାର୍ଚ୍ଚ ୩୦ରେ ଗଙ୍ଗାପାର, ମାର୍ଚ୍ଚ ୩୧ରେ ଧନୁ ଭଗ୍ନ ଓ ସୀତା ବିବାହ, ଏପ୍ରିଲ ୧ ରେ ବନବାସ, ଏପ୍ରିଲ ୨ରେ ସାଧାରଣ ବେଶରେ ଦର୍ଶନ ଦେବେ। ସେହିଭଳି ଏପ୍ରିଲ ୩ରେ ଚିତ୍ରକୁଟ, ୪ରେ ଅଷ୍ଟବଧାନ, ୫ରେ ଯୁଦ୍ଧଯାତ୍ରା, ୬ରେ ଅଭିଷେକ ବେଶରେ ଦର୍ଶନ ଦେବେ। ପୁଣି ଅପ୍ରେଲ ୬ରେ ରାବଣ ପୋଡି ହେବାର ରହିଛି। ଅପରପେକ୍ଷ ୭ରେ ପାଣିଖେଳ କରାଯିବ ବୋଲି ଦେବୋତ୍ତର ବିଭାଗ କ୍ଷରୁ ଧାର୍ଯ୍ୟ ହୋଇଛି।


ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବାବୁ


@ ଦୀପକ


@ ରାଜେଶ


@ ବାପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଆଜ୍ଞାପତ୍ର ପାଇ ଦୀର୍ଘ ୮ ବର୍ଷ ପରେ ଶରଦରାସ ପାଇଁ ସଜବାଜ

**ଖଣ୍ଡପଡା,୨୬।୩ (ଅଜୟ କୁମାର ମହାରଣା)**

ନୀଳମାଧବ ପୀଠରେ ପାରମ୍ପରିକ ରୀତି ଓ ବିଧିବ୍ୟବସ୍ଥା କ୍ରମେ ବହୁ ବର୍ଷ ଧରି ଶରଦରାସୋତ୍ସବ ପାଳନ ହୋଇ ଆସୁଥିଲା। ମାତ୍ର ବିଭିନ୍ନ କାରଣରୁ ଏହି ପରମ୍ପରା ୨୦୧୮ରୁ ଦୀର୍ଘ ୮ ବର୍ଷ ହେଲା ବନ୍ଦ ହୋଇଯାଇଥିଲା। ତେବେ ଏହି ଉତ୍ସବକୁ ଚଳିତ ବର୍ଷ କରାଯିବା ଲାଗି ବୁଧବାର ରାସ କମିଟି ସଭାପତି ଶ୍ରୀନିବାସ ମିଶ୍ରଙ୍କ ଆବାହକତ୍ୱରେ ଶ୍ରୀ ଜୀଉଙ୍କ ସିଂହଦ୍ୱାର ପାବଚ୍ଛରେ ଶ୍ରଦ୍ଧାଳୁ ରାସ ପ୍ରେମୀ ତଥା କମିଟି ସଦସ୍ୟ, ପୂଜକ ସମାଜର ସଦସ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଆଲୋଚନା ସହ ଠାକୁରଙ୍କଠାରୁ ଆଜ୍ଞାପତ୍ର ମିଳିବା ପରେ ଏହି ଉତ୍ସବ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

ପରେ ନୀଳମାଧବ ଜୀଉଙ୍କ ନିକଟରେ ପୂଜାର୍ଚ୍ଚନା ସହ ତାଙ୍କ ପାଦପଦ୍ମରେ ଆଜ୍ଞାପତ୍ର ଦୁଇଟି(ଆଜ୍ଞା ଦେଲି ଓ ଆଜ୍ଞା ଦେଲି ନାହିଁ ଲେଖାଥିବା) ରଖାଯାଇଥିଲା। ଜଣେ ଅଜଣା ପିଲା ମାଧ୍ୟମରେ ସେଥିରୁ ଗୋଟିଏ ପତ୍ରିକା ଆଣି ସର୍ବ ସମ୍ମୁଖରେ ଖୋଲାଯିବା ପରେ ଚଳିତ ବର୍ଷ ରାସ ଉତ୍ସବ କରାଯିବ ବୋଲି ଆଜ୍ଞାପତ୍ରରୁ ଜଣାପଡିବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ଆଗାମୀ ଦିନରେ ଏ ଉତ୍ସବକୁ କିପରି ଶୃଙ୍ଖଳିତ ଭାବରେ ପରିଚାଳନା କରାଯିବ ସେଥି


ନୀଳମାଧବ

ପାଇଁ ସମସ୍ତ ଗ୍ରାମବାସୀଙ୍କ ସହଯୋଗ ଲୋଡିବା ଉଦ୍ଦେଶ୍ୟରେ ପୁନର୍ବାର ଏକ ବୈଠକ ଅନୁଷ୍ଠିତ ହେବା ଲାଗି ପ୍ରସ୍ତାବ ରହିଛି। ସମସ୍ତ ପ୍ରସ୍ତୁତି ପର୍ବ ସମ୍ପନ୍ନ ହେବା ପରେ ଅକ୍ଷୟ ତୃତୀୟାଠାରୁ ନିକଟସ୍ଥ ମା’ ନାରାୟଣୀଙ୍କୁ ନିମନ୍ତ୍ରଣ କରି ଆଣିବାକୁ ପଡିଥାଏ। ପ୍ରସ୍ତୁତି ବୈଠକରେ ନୀଳମାଧବ ପୂଜକ ସମାଜର ସଭାପତି ନୀହାର ରଞ୍ଜନ ମିଶ୍ର, କର୍ମକର୍ତ୍ତା ଶ୍ରବଣରାମ ମିଶ୍ର, ମନୋରଞ୍ଜନ ମିଶ୍ର, ମନୋଜ କୁମାର ମିଶ୍ର, ହୃଷୀକେଶ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସେବାୟତ, ରାସପ୍ରେମୀ ସୁଦର୍ଶନ ସାହୁ, ଜୟକୃଷ୍ଣ ସାହୁ, ଅଶୋକ କୁମାର ବାରିକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ମତାମତ ଦେଇଥିଲେ।

# ଗଚ୍ଛିତ ଧାନ କାହାର ତଦନ୍ତ ଆରମ୍ଭ

**ନୂଆଗାଁ ୨୬।୩ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳି ପଞ୍ଚାୟତ ରାଇପୁର ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ନବ ନିର୍ମିତ କଲ୍ୟାଣ ମଣ୍ଡପ ଗୃହରେ ବେଆଇନ ଭାବେ ଧାନ ଗଚ୍ଛିତ ଥିବା ଅଭିଯୋଗ ପାଇ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିଥିଲେ। ତେବେ ଧାନ କାହାର ବୋଲି ବୁଝିବାରେ ମାଲିକ ନ ଆସିବାରୁ କଲ୍ୟାଣ ମଣ୍ଡପ ଗୃହକୁ ଅଧିକାରୀମାନେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ୍ କରିଥିଲେ। ଗୁରୁବାର ତଦନ୍ତ କରାଯିବ ବୋଲି କହିବା ସହ ମାଲିକଙ୍କୁ ଡାକି ଆଣିବା ପାଇଁ ରାଇପୁର ସମିତି ସମ୍ପାଦକ ମଦନ ମୋହନ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରାଥମିକ ତଦନ୍ତରେ ପ୍ରଥମେ ଧାନ ରଖିଥିବା କଥା କହୁଥିବା ବ୍ୟକ୍ତି ଅର୍ଜୁନ ପ୍ରଧାନ, ସୋସାଇଟି ସମ୍ପାଦକ ମହାପାତ୍ର, ସଭାପତି ପ୍ରେମାନନ୍ଦ ବେହେରା ଓ ଉପସଭାପତି ଗାୟତ୍ରୀ ପ୍ରଧାନଙ୍କ ବୟାନ ରେକର୍ଡ କରାଯାଇଥିଲା। ସେମାନେ ନିଜର ମତାମତକୁ ଲିଖିତ ଆକାରରେ

**ଧାନ ଗଚ୍ଛିତ ଥିବା କଲ୍ୟାଣ ମଣ୍ଡପ ସିଲ ଘଟଣା**


ତଦନ୍ତକାରୀ ଟିମ୍ ସୋସାଇଟ୍ ଗୃହରେ ବୟାନ ରେକର୍ଡ କରୁଛନ୍ତି।

ଦେଇଥିଲେ। କାଣିଗିରି ଗ୍ରାମର ଅର୍ଜୁନ ପ୍ରଧାନଙ୍କ ୨ ପୁଅ କାହ୍ନୁ ପ୍ରଧାନ ଓ ସୁଜିତ ପ୍ରଧାନଙ୍କ ନାମରେ ମଣ୍ଡିରେ ଧାନ ଦେବା ପାଇଁ ଟୋକନ ହୋଇଥିଲା। ସେମାନେ ଟ୍ରାକ୍ଟର ଯୋଗେ ମଣ୍ଡିକୁ ଧାନ ଆଣିଥିଲେ, କିନ୍ତୁ ସେଦିନ ଧାନ ଯାଇ ନ ପାରିବାରୁ ଧାନକୁ କଲ୍ୟାଣ ମଣ୍ଡପ ଗୃହରେ ରଖିଥିବା ଅର୍ଜୁନ ପ୍ରଧାନ କହିଥିଲେ। ସୋସାଇଟି ସଭାପତି ବେହେରାଙ୍କ ଅଭିଯୋଗ ମୁତାବକ ଆମ ଅଗୋଚରରେ ପ୍ରାୟ ୨ ମାସ ପୂର୍ବେ ଉକ୍ତ ଧାନ ମିଲକୁ ଯାଇଥିଲା। ମିଲର ଆମକୁ ଫୋନ କରି ପଚାରିବାରେ ଆମେ ଧାନ ପଠାଇ ନାହୁଁ ବୋଲି ମନା କରିବାରେ ମିଲର ଧାନ ଫେରାଇ ଦେଇଥିଲେ। ସେହି ଧାନକୁ ବେଆଇନ ଭାବେ ମଣ୍ଡିରେ ଦେବା ପାଇଁ ଗଚ୍ଛିତ ରଖାଯାଇଥିବା ସଭାପତି ବୟାନ ଦେଇଥିଲେ। ବୟାନ ରେକର୍ଡ ସରିଥିବା ବେଳେ ଆଗକୁ ଆହୁରି ତଦନ୍ତ କରାଯିବ ବୋଲି ଅତିରିକ୍ତ ଯୋଗାଣ ଅଧିକାରୀ ମହାନ୍ତି କହିଛନ୍ତି।

# ମହାବୀର ଜୟନ୍ତୀ ପ୍ରସ୍ତୁତି ବୈଠକ

**ଖଣ୍ଡପଡା,୨୬।୩ (ଅଜୟ କୁମାର ମହାରଣା)**

ଏପ୍ରିଲ ୧୪ ତାରିଖ ମହାବୀର ଜୟନ୍ତୀ ଅବସରରେ ଖଣ୍ଡପଡା ବ୍ଲକ ବଡବାଣପୁର ଗ୍ରାମ ରାମଚଣ୍ଡୀ ସାହିସ୍ଥିତ ମହାବୀର ଜୀଉ ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ପରି ଅନୁଷ୍ଠିତ ହେବାକୁ ଥିବା ପଣା ସଂକ୍ରାନ୍ତି ଯାତ୍ରାପାଇଁ ଏକ ପ୍ରସ୍ତୁତି ବୈଠକ କୃତାର୍ଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ପାରମ୍ପରିକ ଯାତ୍ରାକୁ କିପରି ଶୃଙ୍ଖଳିତ ଭାବରେ ପରିଚାଳନା କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ୧୩ ତାରିଖରେ ଅଧିବାସ ଓ ଜଳଯାତ୍ରା, ୧୪ ତାରିଖ ମହାବୀର ଜୟନ୍ତୀ ଅବସରରେ ୧୦୮ ହନୁମାନ ଚାଳିଶା ପଠନ ଓ ଘୃତ ଯଜ୍ଞ ଅନୁଷ୍ଠିତ ହେବ। ଏହି ଦିନ ବିଭିନ୍ନ ମହିଳା ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ବାଦୀ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୫ ତାରିଖ ଉଦଣ୍ଡ ନାଟ୍ୟ ପରିବେଷଣ, ୧୬ ତାରିଖ ଉଦ୍‌ଯାପନୀ ଅବସରରେ ବାଲ୍ୟଲୀଳା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଆୟୋଜିତ ବୈଠକରେ ଅନୁଷ୍ଠାନ ସଭାପତି କୃତାର୍ଥ ପ୍ରଧାନ, ସମ୍ପାଦକ ପ୍ରଭାତ କୁମାର ପ୍ରଧାନ, ଉପଦେଷ୍ଟା ବିଶିକେଶନ ପ୍ରଧାନ, ବିନୋଦ କୁମାର ସେନାପତି,ଶିଶିର କୁମାର ବେହେରାଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ହୋଇ ଶୃଙ୍ଖଳିତ କାର୍ଯ୍ୟକ୍ରମ ପରିଚାଳନା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

# ରଘୁନାଥ ହସ କ୍ଲବର ନୂତନ କର୍ମକର୍ତ୍ତା

**ନୟାଗଡ଼, ୨୬।୩(ଲୋକନାଥ ମିଶ୍ର)**

ଓଡ଼ଗାଁ ରଘୁନାଥ ହସ କ୍ଲବର ବରିଷ୍ଠ ସଭ୍ୟ ତଥା ପୂର୍ବତନ ସଭାପତି ବସନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଅଧିବେଶନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସମସ୍ତ ୫୪ ସଭ୍ୟ ଉପସ୍ଥିତ ଥିଲେ। ୨୦୨୫-୨୬ ର ଆୟବ୍ୟୟ ହିସାବ ପରେ ପୁରୁଣା କମିଟିକୁ ଭଙ୍ଗ କରି ନୂଆ କର୍ମକର୍ତ୍ତା ମନୋନୟନ କରାଯାଇଛି। ସଭାପତି ଭାବେ ପ୍ରମୋଦ ଦୋରା,ଉପସଭାପତି ବେଣୁଧର ପଣ୍ଡା, ସମ୍ପାଦକ ନିରଞ୍ଜନ ସାହୁ, ସହସମ୍ପାଦକ ଭାଗୀରଥି କର, କୋଷାଧ୍ୟକ୍ଷ ଶେଷଦେବ ସାହୁ, ଉପଦେଷ୍ଟା ସୋମନାଥ ସାହୁ ଓ ସୁବାସ ଚନ୍ଦ୍ର ପାତ୍ର ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ ପରିସଦ ସଭ୍ୟ ଭାବେ ଶରତ ବସନ୍ତରା, ଅଖିଳ ନାଥ ମିଶ୍ର, ଜଗଦୀଶ ମିଶ୍ର, ଭଗବାନ ସେଠୀ ୨୦୨୬-୨୭ ବର୍ଷ ପାଇଁ ମନୋନୀତ ହୋଇଛନ୍ତି। ଆଗାମୀ ବର୍ଷରେ ଚାରାରୋପଣ, ମେଡିକାଲ କ୍ୟାମ୍ପ,ମନ୍ଦିର ସଫେଇ, ରକ୍ତଦାନ ଶିବିର, ଚକ୍ଷୁ ଚିକିତ୍ସା ଶିବିର ଭଳି ଅନେକ ଜନହିତକର କାର୍ଯ୍ୟ କରିବା ପାଇଁ ନୂତନ କର୍ମକର୍ତ୍ତା ଶପଥପାଠ କରିଛନ୍ତି।

# ନିମନ୍ତ୍ରଣ ପତ୍ର ବାଣ୍ଟିଲେ ଜିଲାପାଳ

## ପ୍ରବେଶ ଉତ୍ସବ, ଖଡିଛୁଆଁ କାର୍ଯ୍ୟକ୍ରମ


ପିଲାଙ୍କ ସହ ଜିଲାପାଳ ଓ ଅନ୍ୟମାନେ।

**ନୟାଗଡ଼, ୨୬।୩(ଲୋକନାଥ ମିଶ୍ର)**

ବିକଶିତ ଓଡ଼ିଶା ଗଠନ ପାଇଁ ଗୁଣାତ୍ମକ ଶିକ୍ଷା ନିତାନ୍ତ ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଶିଶୁ ବାଟିକାରେ ୫ ବର୍ଷରୁ ଅଧିକ ବୟସର ପିଲାମାନଙ୍କ ପାଇଁ ଏପ୍ରିଲ ୨ରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ପଶ୍ଚିମ ଟାଉନ ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରେ ନାମ ଲେଖାଇବା ପାଇଁ ଏମ୍‌ଆଇ କଲୋନୀର ପିଲାମାନଙ୍କୁ ଜିଲାପାଳ ମଧୁମିତା ରଥ ନିମନ୍ତ୍ରଣ ପତ୍ର ଗୁରୁବାର ବଣ୍ଟନ କରିଛନ୍ତି। ଜିଲାପାଳ ଅଭିଭାବକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ପିଲାମାନଙ୍କୁ ବିଦ୍ୟାଳୟରେ ନାମଲେଖାଇବା ପାଇଁ ପ୍ରୋତ୍ସାହିତ କରିଥିଲେ। ଅନ୍ୟପକ୍ଷେ ପିଲାମାନଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବନଲତା ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର ସେଠୀ ଓ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ସେଠୀ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

# ଝିଅ ପୁଅ ଜନ୍ମ ଅନୁପାତ ସମାନ ନ ଥିବାରୁ ଉଦ୍‌ବେଗ

**ନୟାଗଡ଼, ୨୬।୩(ଲୋକନାଥ ମିଶ୍ର)**

ନୟାଗଡ଼ ସହରର ପଠାଣି ସାମନ୍ତ ସଂସ୍କୃତି ଭବନରେ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁମିତା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝିଅ ପୁଅ ଜନ୍ମ ଅନୁପାତ ସମାନ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ସ୍ଥିତି ବଦଳାଇବା ପାଇଁ ଆଶାକର୍ମୀଙ୍କୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ପ୍ରଥମ ସମ୍ପର୍କ ସୂତ୍ର ବୋଲି ବର୍ଣ୍ଣନା କରିଥିଲେ। ଆଶା ଦିଦି ବିଶ୍ୱାସର ଶବ୍ଦ ହୋଇଥିବାରୁ ସେମାନେ ଘରକୁ ଘର ଯାଇ ବ୍ୟକ୍ତିଗତ ସମ୍ପର୍କ ଓ ଆତ୍ମୀୟତା ବଢ଼ାନ୍ତୁ। ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି କରନ୍ତୁ। ପ୍ରତି ପରିବାରର ଫୋନ ନମ୍ବର ରଖନ୍ତୁ। ଦେଖିବେ ସେମାନଙ୍କର ଉଦ୍ୟମ ବିକଶିତ ନୟାଗଡ଼ ଗଠନ କରିବାରେ ସହଯୋଗ କରିବ। ମୁଖ୍ୟ ବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଆଶାକର୍ମୀଙ୍କ କାର୍ଯ୍ୟକୁ ଭୂୟଶୀ ପ୍ରଶଂସା କରିଥିଲେ। ଡାକ୍ତରମାନଙ୍କୁ ସେ ବିଭାଗର ମସ୍ତିଷ୍କ ବୋଲି କହି, ନିଜ ଦାୟିତ୍ୱକୁ ଠିକ୍ ଭାବେ ପୂରଣ କରିବାକୁ ଆହ୍ୱାନ ଦେଇଥିଲେ। ତେବେ ସଫଳତାରେ ଖୁସି ହୋଇ ଦାୟିତ୍ୱ ଭୁଲିଗଲେ ଭଗବାନ ବି କ୍ଷମା ଦେବନି ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପା ନୀଳିମା ଲାକ୍ରା ନୟାଗଡ଼ରେ ୯୬୬ ଆଶା ୬୪ଟି ସ୍ଥିରିକୃତ କାର୍ଯ୍ୟରେ ନିୟୋଜିତ ହୋଇଥିବା କଥା ସୂଚାଇ ଦେଇଥିଲେ। ସେମାନେ ନିଜ ଜୀବନକୁ ବିପଦରେ ପକାଇ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ପ୍ରକାଶ କରିଥିଲେ।

**ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ**


ଜିଲ୍ଲା ସ୍ତରୀୟ ଆଶା ଓ ଗାଁ
ଆରୋଗ୍ୟ
କାର୍ଯ୍ୟକ୍ରମରେ ଜଣଙ୍କୁ ପୁରସ୍କୃତ କରାଯାଉଛି।

ଜିଲା କାର୍ଯ୍ୟକ୍ରମ ପରିଚାଳକ ପ୍ରକାଶ ଚନ୍ଦ୍ର ବାନାର୍ଜୀ ଆଶା କାର୍ଯ୍ୟକ୍ରମର ବିବର୍ତ୍ତନ ଉପରେ ଆଲୋକପାତ କରିବା ସହିତ ଆଶା କର୍ମୀମାନେ ବର୍ତ୍ତମାନ ମ୍ୟାଲେରିଆ ନିୟନ୍ତ୍ରଣ, ଫାଇଲେରିଆ ମୁକ୍ତି, ମାତୃ ମୃତ୍ୟୁହାର ଓ ଶିଶୁମୃତ୍ୟୁ ହ୍ରାସ ଭଳି ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମରେ ସମ୍ପୃକ୍ତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା-ଶିଶୁ ବିକାଶ ବିଭାଗ ମଧ୍ୟରେ ସମନ୍ୱୟକୁ ଆହୁରି ମଜବୁତ କରିବାକୁ ପରାମର୍ଶ ଦେଇଥିଲେ। ସେ ପିଲାମାନଙ୍କ ମଧ୍ୟରେ ମୋବାଇଲର ଅତ୍ୟଧିକ ବ୍ୟବହାର ଯୋଗୁ ବଢୁଥିବା ଏକାକୀପଣ ଓ ମାନସିକ ସମସ୍ୟା ଉପରେ ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ।

ସମ୍ମିଳନୀରେ ମାତୃ ଓ ଶିଶୁ ମୃତ୍ୟୁହାରକୁ ଶୂନ କରିବା ପାଇଁ ଗର୍ଭବତୀଙ୍କର ନିୟମିତ ଫଲୋଅପ, ଭ୍ରୂଣହତ୍ୟା ବିରୋଧରେ ଗ୍ରାମସ୍ତରରେ ସଚେତନତା, ଟିକାକରଣ ଓ ଟିବି କ୍ୟାମ୍ପେନକୁ ସଫଳତାର ସହ କାର୍ଯ୍ୟକାରୀ କରିବା, ସ୍ୱାସ୍ଥ୍ୟ ସୂଚକାଙ୍କରେ ଜିଲାକୁ ଏକ ନମ୍ବର ସ୍ଥାନରେ ପହଞ୍ଚାଇବା ପାଇଁ ସାମୂହିକ ପ୍ରୟାସ କରିବାର ଆହ୍ୱାନ ଦିଆଯାଇଥିଲା। ପ୍ରତି ବ୍ଲକରୁ ଗୋଟିଏ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତିକୁ ପୁରସ୍କାର ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ଜିଲା ଓ ବ୍ଲକସ୍ତରୀୟ ଶ୍ରେଷ୍ଠ ଆଶା ଓ ମହିଳା ଆରୋଗ୍ୟ ସମିତିମାନଙ୍କୁ ମଧ୍ୟ ପୁରସ୍କାର ଓ ଅର୍ଥରାଶି ଦିଆଯାଇଥିଲା। ଜିଲାର ବିଭିନ୍ନ ସ୍ୱାସ୍ଥ୍ୟ ସୁବିଧାକୁ କାୟାକଳ୍ପ ପୁରସ୍କାର ଅର୍ଥରାଶି ବିତରଣ କରାଯାଇଥିଲା। ଶେଷରେ ଆଶାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ଭିତ୍ତିକ ସ୍ୱାସ୍ଥ୍ୟ ସଚେତନଧର୍ମୀ ବାର୍ତ୍ତା ପରିବେଷଣ କରାଯାଇଥିଲା।

# ଭାରତ ୫ ଟେଷ୍ଟ, ୯ ଦିନିକିଆ, ୮ ଟି୨୦ ଖେଳିବ



**ନୂଆଦିଲ୍ଲୀ, ୨୬।୩ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ବର୍ଡର-ଗାଭାସ୍କର ସିରିଜ ୨୦୨୭ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଗୁରୁବାର ଘୋଷଣା କରାଯାଇଥିବା ୫ଟି ଭେନ୍ୟୁ ମଧ୍ୟରେ ଗୁଆହାଟୀର ବର୍ଷାପରା ଷ୍ଟାଡିୟମ ସ୍ଥାନ ପାଇଛି। ଏହି ଷ୍ଟାଡିୟମରେ ଗତବର୍ଷ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଟେଷ୍ଟ ମ୍ୟାଚ ଖେଳାଯାଇଥିଲା। ଭାରତୀୟ ବୋର୍ଡ ସିନିୟର ପୁରୁଷ ଦଳର ଘରୋଇ ସିଜନ ପାଇଁ କ୍ୟାଲେଣ୍ଡର ରିଲିଜ କରିଛି। ସେଥିରେ ୫ ଟେଷ୍ଟ, ୯ ଅନ୍ତର୍ଜାତୀୟ ଦିନିକିଆ ଏବଂ ୮ ଅନ୍ତର୍ଜାତୀୟ ଟି୨୦ ସ୍ଥାନ ପାଇଛି। ହ୍ୱାଇଟ୍ ବଲ୍ କିମ୍ବଦନ୍ତୀ ଯୋଡ଼ି ବିରାଟ କୋହଲି ଓ ରୋହିତ ଶର୍ମା ('ରୋ-କୋ')ସମସ୍ତ ଦିନିକିଆରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି। ଡିସେମ୍ବର ୨୪ରେ ଶ୍ରୀଲଙ୍କା ବିପକ୍ଷ ଏକ ଟି୨୦ ମ୍ୟାଚ୍ କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ୨୦୨୭ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚରେ ଖେଳାଯିବ। ସିରିଜ ଜାନୁଆରୀ ୨୧ରୁ ନାଗପୁରରେ ଆରମ୍ଭ ହେବ। ଦ୍ୱିତୀୟ ଟେଷ୍ଟ ଚେନ୍ନାଇରେ ଜାନୁଆରୀ ୨୯ରୁ ଫେବୃଆରୀ ୨ ପର୍ଯ୍ୟନ୍ତ ଖେଳାଯିବ। ଏହାର ୮ ଦିନ ବ୍ୟବଧାନରେ ଫେବୃଆରୀ ୧୧ରୁ ୧୫ ତୃତୀୟ ଟେଷ୍ଟ ଗୁଆହାଟୀରେ ଖେଳାଯିବ। ଚତୁର୍ଥ ଟେଷ୍ଟ ରାଞ୍ଚିରେ ଫେବୃଆରୀ ୧୯ରୁ ୨୩ ପର୍ଯ୍ୟନ୍ତ ଏବଂ ଅନ୍ତିମ ଟେଷ୍ଟ ଫେବୃଆରୀ ୨୭ରୁ ଅହମଦାବାଦରେ ଖେଳାଯିବ। ରୋଟେଶନ ଭିତ୍ତିରେ ଭେନ୍ୟୁଗୁଡ଼ିକ ମନୋନୀତ କରାଯାଇଛି। ନାଗପୁର ଗତଥର ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ମ୍ୟାଚ ଅୟୋଜନ କରିଥିଲା। ଚେନ୍ନାଇ ୨୦୨୪ରେ ବାଂଲାଦେଶ ବିପକ୍ଷ ଟେଷ୍ଟ ଆୟୋଜନ କରିଥିଲା। ସେହିପରି ରାଞ୍ଚି ଗତଥର ୨୦୨୪ରେ ଇଂଲଣ୍ଡ ବିପକ୍ଷରେ ଏକ ଟେଷ୍ଟ ମ୍ୟାଚ ଆୟୋଜନ କରିଥିବା ବେଳେ ଅହମଦାବାଦ ଗତଥର ୨୦୨୫ରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ ଆୟୋଜନ କରିଥିଲା। ତେବେ ୨୦୨୫ରେ ଦକ୍ଷିଣ ଆଫ୍ରିକା ଟେଷ୍ଟ ମ୍ୟାଚ ଆୟୋଜନ କରିଥିଲେ ହେଁ ଗୁଆହାଟୀକୁ କେଉଁ କାରଣରୁ ମ୍ୟାଚ ଆୟୋଜନ ସୁଯୋଗ ମିଳିଲା ତାହା ବୁଝା ପଡୁନି। ଏହି ସିରିଜରେ ମୁମ୍ବାଇ ଓ କୋଲକାତାକୁ କାହିଁକି ଭେନ୍ୟୁ ଭାବେ ମନୋନୀତ କରା ନ ଗଲା ତାହା ସ୍ପଷ୍ଟ ହୋଇ ନାହିଁ। ହୁଏତ ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ଓ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ମ୍ୟାଚ ଆୟୋଜନ ପାଇଁ ସେମାନଙ୍କ ଅକ୍ଷମତା ପ୍ରକାଶ କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଘରୋଇ ସିଜନରେ ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ ହେଉଛି। ମୁଖ୍ୟ ଆକର୍ଷଣ। ତେବେ ଭାରତ ଆହୁରି ମଧ୍ୟ ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ଜିମ୍ବାୱେ ବିପକ୍ଷ ସିରିଜ ମଧ୍ୟ ଆୟୋଜନ କରିବ। ୨୦୦୨ ପରେ ଭାରତ ପ୍ରଥମ ଥର ଜିମ୍ବାୱେ ବିପକ୍ଷ ଘରୋଇ ସିରିଜ ଖେଳିବାକୁ ଯାଉଛି। ସେତେବେଳେ ସୌରଭ ଗାଙ୍ଗୁଲି ଭାରତୀୟ ଦଳର ନେତୃତ୍ୱ ନେଉଥିଲେ। ସିଜନରେ ୧୭ଟି ସହରରେ ୨୨ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯିବ। ୱେଷ୍ଟଇଣ୍ଡିଜ ଟୁର୍ ଚଳିତବର୍ଷ ସେପ୍ଟେମ୍ବର ୨୭ରୁ ଆରମ୍ଭ ହେବ। ଟୁର୍‌ରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଏବଂ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳାଯିବ। ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚଗୁଡ଼ିକ ଥିରୁଭାନନ୍ତପୁରମ୍ (ସେପ୍ଟେମ୍ବର ୨୭), ଗୁଆହାଟୀ (ସେପ୍ଟେମ୍ବର ୩୦) ଓ ନ୍ୟୁ ଚଣ୍ଡିଗଡ଼ (ଅକ୍ଟୋବର ୩)ରେ ଖେଳାଯିବାକୁଥିବା ବେଳେ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ଗୁଡ଼ିକ ଲକ୍ଷ୍ନୌ (ଅକ୍ଟୋବର ୬), ରାଞ୍ଚି (ଅକ୍ଟୋବର ୯), ଇନ୍ଦୋର (ଅକ୍ଟୋବର ୧୧), ହାଇଦ୍ରାବାଦ (ଅକ୍ଟୋବର ୧୪) ଏବଂ ବେଙ୍ଗାଲୁରୁ (ଅକ୍ଟୋବର ୧୭)ଠାରେ ଅନୁଷ୍ଠିତ ହେବ। ଭାରତ ପରେ ଡିସେମ୍ବରରେ ଶ୍ରୀଲଙ୍କା ବିପକ୍ଷରେ ଏକ ହ୍ୱାଇଟ୍ ବଲ ସିରିଜ ଖେଳିବ। ଏଥିରେ ୩ ଅନ୍ତର୍ଜାତୀୟ ଦିନିକିଆ ଓ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳାଯିବ। ଦିନିକିଆ ମ୍ୟାଚଗୁଡ଼ିକ ଦିଲ୍ଲୀ (ଡିସେମ୍ବର ୧୩), ବେଙ୍ଗାଲୁରୁ (ଡିସେମ୍ବର ୧୬) ଏବଂ ଅହମଦାବାଦ (ଡିସେମ୍ବର ୧୯)ଠାରେ ଖେଳାଯିବାକୁଥିବା ବେଳେ ଅନ୍ତର୍ଜାତୀୟ ଟି୨୦ଗୁଡ଼ିକ ରାଜକୋଟ (ଡିସେମ୍ବର ୨୨), କଟକ(ଡିସେମ୍ବର ୨୪) ଏବଂ ପୁଣେ (ଡିସେମ୍ବର ୨୭)ରେ ଖେଳାଯିବ। ପରେ ଜିମ୍ବାୱେ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳାଯିବ। ଏହି ମ୍ୟାଚଗୁଡ଼ିକ କୋଲକାତା (ଜାନୁଆରୀ ୩), ହାଇଦ୍ରାବାଦ (ଜାନୁଆରୀ ୬) ଏବଂ ମୁମ୍ବାଇ (ଜାନୁଆରୀ ୯)ରେ ଆୟୋଜନ କରାଯାଇଛି।

**ବର୍ଡର-ଗାଭାସ୍କର ସିରିଜ**

**୯ ଅନ୍ତର୍ଜାତୀୟ ଦିନିକିଆ ଖେଳିପାରନ୍ତି 'ରୋ-କୋ'**

## ସେମିଫାଇନାଲରେ ପାରାମାଉଣ୍ଟ



ପ୍ଲେୟର ଅଫ୍ ଦି ମ୍ୟାଚ ଆୟୁଷ୍ମାନ ପାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଏଲ୍‌ଏଲ୍‌ସିସି କ୍ରିକେଟ**

**ଭୁବନେଶ୍ୱର, ୨୬।୩ (ତପନ ସ୍ୱାଇଁ)**

ସ୍ଥାନୀୟ ଆଇଆର୍‌ସିରେ ଚାଲିଥିବା ୧୪ ବର୍ଷରୁ କମ୍ ୫ମ ଏଲ୍‌ଏଲ୍‌ସିସି କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ ୯ ଉଇକେଟରେ ଏମ୍‌ସିଏକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଏମ୍‌ସିଏ ୩୫ ଓଭରରେ ୧୨୭ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଅଖିଳ ପ୍ରଧାନ ସର୍ବାଧିକ ୪୪ ଓ ସାଇ ପ୍ରଜ୍ୟୋତି ଶତପଥୀ ୩୭ ରନ କରିଥିଲେ। ବିପକ୍ଷ ଦଳର ଆୟୁଷ୍ମାନ ପାତ୍ର ଓ ସାହିବ ଆଲାମ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୨୮ ରନର ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଧିନାୟକ ଆୟୁଷ୍ମାନ ପାତ୍ର ୬୫ ଓ ସୁଶଙ୍କେତ ରାଉତରାୟ ୫୬ ରନରେ ଅପରାଜିତ ରହିଥିଲେ। ରିଶି ନାୟକ ଅତିଥିଭାବେ ଯୋଗଦେଇ ଆୟୁଷ୍ମାନ ପାତ୍ରଙ୍କୁ ପ୍ଲେୟର ଅଫ୍‌ଦିମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

## ମୁନୋଜ ବେଙ୍ଗାଲୁରୁ ଏଫ୍‌ସି ମୁଖ୍ୟ କୋଚ୍

**ବେଙ୍ଗାଲୁରୁ, ୨୬।୩ (ପି.ଟି.):** ସ୍ପେନ୍‌ର ପେପ୍ ମୁନୋଜ ଗୁରୁବାର ବେଙ୍ଗାଲୁରୁ ଏଫ୍‌ସିର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ କାର୍ଯ୍ୟକାଳ ୨୦୨୬-୨୭ ସିଜନ ଶେଷ ପର୍ଯ୍ୟନ୍ତ ରହିବ। ମୁନୋଜ ପୂର୍ବରୁ ଏଫ୍‌ସି ବାର୍ସିଲୋନାର ୟୁଥ୍ ସେଟ୍‌ଅପ୍ ଯଥା ୧୯ ବର୍ଷରୁ କମ୍ ବାର୍କା ଓ ବାର୍ସିଲୋନା 'ବି' ଦଳ ସହିତ କାର୍ଯ୍ୟ କରିଛନ୍ତି। ଚାଇନାରେ କ୍ୱିଙ୍ଗ୍‌ଦାଓ ହୁଆନଘାଇ ଓ ଶାନଡଙ୍ଗ ଲୁନେଙ୍ଗ ବ୍ୟତୀତ ଚାଇନିଜ ଜାତୀୟ ଦଳ ସହିତ କାର୍ଯ୍ୟ କରିଛନ୍ତି। ସେ ପ୍ରଥମ ଥର ପାଇଁ କାମ୍ବୋଡିଆର ପ୍ରିଆ ଖାନ୍ ରିଚ୍ ସାଭେ ରିଙ୍ଗ୍ ଦଳ ସହିତ ଦୁଇ ବର୍ଷ ପାଇଁ ସଫଳତାର ସହିତ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ।



ପଦକ ସହ ଓଡ଼ିଶା ପାରା ଫେନ୍ସିଂ ଦଳର ସଦସ୍ୟ।

## ଦ୍ୱିତୀୟ ଦିନରେ ୪ ସ୍ୱର୍ଣ୍ଣ ସହ ୭ ପଦକ

**ଜାତୀୟ ପାରା ଫେନ୍ସିଂ**

**ଭୁବନେଶ୍ୱର, ୨୬।୩(ଅନାଦି କର)**

ରାଜସ୍ଥାନର ଜୟପୁରସ୍ଥିତ ଏସ୍‌ଏମ୍‌ଏସ୍ ଇନଡୋର ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ଜାତୀୟ ପାରା ଫେନ୍ସିଂ ଚାମ୍ପିୟନଶିପ୍‌ର ଓଡ଼ିଶା ପାରା ଫେନ୍ସିଂ ଦଳ ଜବରଦସ୍ତ ପ୍ରଦର୍ଶନ ଜାରି ରଖିଛି। ଦ୍ୱିତୀୟ ଦିନରେ ଓଡ଼ିଶାକୁ ୪ ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ ପଦକ ମିଳିଛି। ଫଳରେ ଟୁର୍ନାମେଣ୍ଟରେ ଓଡ଼ିଶାର ପଦକ ସଂଖ୍ୟା ୧୨ରେ ପହଞ୍ଚିଛି।

ମହିଳା ଫଏଲ ଟିମ ଇଭେଣ୍ଟ ଫାଇନାଲରେ ଆଶା ସିଂ, କୁମାରୀ ମାଳତୀ ପାନୁରେ, ଶୀଲା ମନ୍ତ୍ରୀ ଓ ମଧୁସ୍ମିତା ସାହୁଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୧୫-୬ ବ୍ୟବଧାନରେ ହରିୟାଣାକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲା। ମହିଳା ଫଏଲ କାଟେଗୋରୀ ବି'ରେ ନର୍ମଦା ସିଂ ବ୍ରୋଞ୍ଜ ପଦକ ଜିତିଥିଲେ। ପୁରୁଷ ଫଏଲ କାଟେଗୋରୀ ଏ'ରେ ରାଖାଲ କୁମାର ସେଠୀ ଫାଇନାଲରେ ହରିୟାଣାର ପ୍ରବୀଣଙ୍କୁ ୧୫-୧୨ ବ୍ୟବଧାନରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଇଭେଣ୍ଟରେ ଭି ରମେଶ ରାଓ ସେମିଫାଇନାଲରେ ରାଖାଲଙ୍କଠାରୁ ୧୫-୧୪ରେ ପରାଜିତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲେ। ପୁରୁଷ ଫଏଲ କାଟେଗୋରୀ ବି'ରେ ଓମ ପ୍ରକାଶ ବେହେରା ହରିୟାଣାର ରଜନିଶଙ୍କୁ ୧୫-୮ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଇଭେଣ୍ଟର ସେମିଫାଇନାଲରେ ପରାଜିତ ହୋଇ ରାହୁଲ ମଲିକ ବ୍ରୋଞ୍ଜ ପଦକ ହାତେଇଥିଲେ। ପୁରୁଷ ଫଏଲ ଟିମ ଇଭେଣ୍ଟରେ ଓମ ପ୍ରକାଶ ବେହେରା, ପୂର୍ଣ୍ଣ ଚନ୍ଦ୍ର ସେଠୀ, ରାଖାଲ କୁମାର ସେଠୀ ଓ ଭି ରମେଶ ରାଓଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୧୫-୦୬ ବ୍ୟବଧାନରେ ହରିୟାଣାକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲା।

**ରାଜ୍ୟ ଖବର**

# ଜିଦ୍‌ରେ ବିରୋଧୀ: ଅଷ୍ଟମଦିନ ବି ଗୃହ ଅଚଳ

**ଭୁବନେଶ୍ୱର, ୨୬।୩ (ରବିନାରାୟଣ ଜେନା)**

କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ଗୃହ ୮ଦିନ ଧରି ସୁରୁଖୁରୁରେ ଚାଲିପାରୁ ନାହିଁ। ଏହି ପ୍ରସଙ୍ଗରେ ସରକାରୀ ପଦକ୍ଷେପକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଅସନ୍ତୋଷ ପ୍ରକାଶ କରିବା ସହିତ ଗୃହରେ ହଙ୍ଗାମା ଜାରି ରଖିଛନ୍ତି। ପ୍ରତି କାର୍ଯ୍ୟଦିବସରେ ଅଭିନବ ପ୍ରତିବାଦ କରୁଛନ୍ତି। ପୂର୍ବରୁ ଶବସତ୍କାର,କୋକେଇ ଶୋଭାଯାତ୍ରା ଓ କଳାପୋଷାକ ପରିଧାନ ଭଳି ବହୁ ପ୍ରତିବାଦ କରିଥିବାବେଳେ ଗୁରୁବାର ବାଚସ୍ପତିଙ୍କ ପୋଡିୟମକୁ ବାଡ଼େଇବା ସହିତ ଗୃହ ବାହାରେ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୧୩ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକାଦଶାହ ପାଳନ କରିଛନ୍ତି।

ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ବିରୋଧୀଙ୍କ ଏତାଦୃଶ କାର୍ଯ୍ୟକୁ ନେଇ ତୀବ୍ର ନିନ୍ଦା କରାଯାଇଛି। ବିଜୁ-ନବୀନ ଟ୍ରଷ୍ଟ ପଛରେ ବହୁ ରହସ୍ୟ ଲୁଚି ରହିଛି। ଏହାକୁ ଲୋକଲୋଚନକୁ ଆଣିବା ଲାଗି ସିବିଆଇ ତଦନ୍ତ ପାଇଁ ବାଚସ୍ପତିଙ୍କଠାରେ ଦାବି କରାଯାଇଛି। ଏହାସହିତ ବିଜେଡିର ଅନ୍ତକନ୍ଦଳ କାଳେ ପଦାକୁ ଆସିଯିବ ସେହି ଭୟରେ ବିରୋଧୀ ନାଟକ ରଚୁଛନ୍ତି ବୋଲି ଭାଜପା କହିଛି। ଗୃହରେ ଅସ୍ୱାଭାବିକ ପରିସ୍ଥିତିକୁ ନେଇ ବାଚସ୍ପତି ସୁରମା ପାଢ଼ୀ ପ୍ରଥମେ ୧୦ଟା ୩୮ରୁ ସାଢ଼େ ୧୧ଟା ଯାଏ ଏବଂ ପରେ ୧୨ଟା ୩୮ରୁ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟା ଯାଏ ମୁଲତବୀ ଘୋଷଣା କରିଛନ୍ତି।

ଗୁରୁବାର ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିଜେଡି ସଦସ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସାରଦା ପ୍ରସନ୍ନ ଜେନା ଏବଂ କଂଗ୍ରେସ ସଦସ୍ୟ ପବିତ୍ର ସାଉଁତା, ଅଶୋକ ଦାସ ପ୍ରମୁଖ ହାତରେ ପୋଷ୍ଟର ଓ ବ୍ୟାନର ଧରି ଗୃହର ମଧ୍ୟଭାଗକୁ ଆସି ସରକାର ବିରୋଧୀ ନାରା ଦେଇ ଗୃହ କମ୍ପାଇଥିଲେ। ମୋହନ ସରକାର ହାଏ ହାଏ, ମୋହନ ସରକାର ଡାଉନ୍‌ଡାଉନ୍, ଛିଛିଭଳି ସ୍ଲୋଗାନ ଦେଇଥିଲେ। କାହାକୁ ସରକାର ଡରୁଛନ୍ତି କହି ଗୃହରେ ବିରୋଧୀ ପ୍ରବଳ ହଙ୍ଗାମା କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏହି ସମୟରେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ଭାଜପା ସଦସ୍ୟ ଆଶ୍ରିତ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉତ୍ତର ରଖିଥିଲେ । ରତ୍ନଚିରା ନଦୀ ଖନନ ଲାଗି ସରକାରଙ୍କ ପକ୍ଷରୁ ୨ଟି କାର୍ଯ୍ୟର ପ୍ରଶାସନିକ ଅନୁମୋଦନ ମିଳିଥିବା ସେ କହିଥିଲେ। ସେହିପରି ଭାଜପା ସଦସ୍ୟ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ କୁସୁମି ବ୍ୟାରେଜ୍ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନଦୀର ଜଳଧାରଣ କ୍ଷମତା ବଢ଼ାଇବାପାଇଁ ବଜେଟରେ ୨୦୦କୋଟିର ବ୍ୟବସ୍ଥା ଥିବା କହୁଥିବାବେଳେ ବିରୋଧୀ ପ୍ରବଳ ହଙ୍ଗାମା କରିଥିଲେ। ଗୃହର ଅସ୍ୱାଭାବିକ ପରିସ୍ଥିତିକୁ ନେଇ ବାଚସ୍ପତି ୧୦ଟା ୩୮ରୁ ଗୃହକୁ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଗୃହ ମୁଲତବୀ ହେବା ପରେ ବିରୋଧୀ ସଦସ୍ୟମାନେ ବିଧାନସଭା ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ୧୩ ମୃତକଙ୍କ ପ୍ରତୀକ ସ୍ୱରୂପ ସେମାନଙ୍କ ନାମ ଲେଖି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ଗୃହରେ ସମାନ ଢଙ୍ଗରେ ହଙ୍ଗାମା ଜାରି ରଖିଥିଲେ। ମାତ୍ର ଭାଜପା ସଦସ୍ୟମାନେ ବିରୋଧୀଙ୍କ ଆଚରଣ ଓ ଉଚ୍ଚାରଣକୁ ନେଇ ବର୍ଷିଥିଲେ। ସଦସ୍ୟମାନେ ନିଜ ଆସନରେ ବସି ବିରୋଧୀଙ୍କ ଉଦ୍ଦେଶ୍ୟରେ ପ୍ଲାକାର୍ଡ ଓ ବ୍ୟାନର ପ୍ରଦର୍ଶନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ଏସ୍‌ସିବି ଦୁର୍ଘଟଣାରେ ସରକାର ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିଛନ୍ତି। ହେଲେ ବିରୋଧୀ ଗୃହ କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ୮ ଦିନ ଧରି ବିରୋଧୀ ନାନା ଉପାୟରେ ଗୃହ ଚଳାଇ ଦେଉ ନାହାନ୍ତି। ରାମ ନାମରେ ବିଶ୍ୱାସ ରଖୁ ନ ଥିବା ଦଳ ଗୃହରେ ରାମ ନାମ ସତ୍ୟ ହେ କହି ବିଶୃଙ୍ଖଳିତ ଆଚରଣ କରୁଛନ୍ତି। ପୂର୍ବ ବିଜେଡି ସରକାର ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଗୃହ ବିଭାଗ ଦାୟିତ୍ୱରେ ଥିବା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ତଫା ଦେଇଥିଲେ କି? ପରୀ ହତ୍ୟା ଘଟଣାରେ ନ୍ୟାୟ ଦେଇପାରିଲେ ନାହିଁ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୃହକୁ ବିଶ୍ୱାସକୁ ନେଉ ନାହାନ୍ତି। ଢୋଙ୍ଗୀ ବାବାଙ୍କ ଦିଲ୍ଲୀ ଟ୍ରଷ୍ଟ କଥାର ଢୋଙ୍ଗ କାଳେ ଖୋଲିଯିବ, ସେହି ଭୟରେ ଗୃହ ଅଚଳ କରୁଛନ୍ତି। ପରେ ଭାଜପା ସଦସ୍ୟ ଇରାଶିସ ଆଚାର୍ଯ୍ୟ ବିଜୁ-ନବୀନ ଟ୍ରଷ୍ଟ ରହସ୍ୟ ଲୁଚାଇବାରେ କଂଗ୍ରେସ ଭାଗୀଦାରି ସାଜିଛି। ସନ୍ୟାସୀଙ୍କ କଥାରେ କଂଗ୍ରେସ ଚାଲୁଛି। ସଦସ୍ୟ ସନାତନ ବିଜୁଳି ବିରୋଧୀଙ୍କ ଆଚରଣ ଉଚ୍ଚାରଣ ପାଇଁ ଆଗାମୀ ଦିନରେ ନେତୃତ୍ୱ ସଙ୍କଟ ଦେଖାଦେବ ବୋଲି କହିବା ସହିତ ବିଜୁ-ନବୀନ ଟ୍ରଷ୍ଟର ସତ୍ୟ ଉନ୍ମୋଚନ ଲାଗି ବାଚସ୍ପତିଙ୍କଠାରେ ସିବିଆଇ ତଦନ୍ତ ଦାବି କରିଥିଲେ। ପରେ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଅମରେନ୍ଦ୍ର ଦାସ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ବିରୋଧୀଙ୍କ ଆଚରଣକୁ ନିନ୍ଦା କରିଥିଲେ।

# ଲୁଟିନେଲେ ୨୦ଲକ୍ଷ ଟଙ୍କା, ୩୦ ଲକ୍ଷର ସୁନା ଅଳଙ୍କାର

**ନୀଳଗିରି, ୨୬।୩(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ଏନ୍‌ଏସିର ୯ନଂ. ୱାର୍ଡ଼ କାହାଳିଆ ଗ୍ରାମର ବ୍ୟବସାୟୀ ଗୋବିନ୍ଦା ସିଂହଙ୍କ ଘରେ ବୁଧବାର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ପରିବାର ଲୋକଙ୍କୁ ଭୟଭୀତ କରାଇ ଲକର, ଆଲମିରା ଚାବି ମାଗି ନଗଦ ୨୦ଲକ୍ଷ ଟଙ୍କା, ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇ ଦୁଇଟି ବାଇକରେ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ଗଲା ବେଳେ ସିସିଟିଭିକୁ ନଷ୍ଟ କରି ବିଲରେ ଫିଙ୍ଗି ଦେଇଥିଲେ। ପରେ ନୀଳଗିରି ଥାନାର ଆଇଆଇସି ଗୋବର୍ଦ୍ଧନ ନାୟକ ପହଞ୍ଚି ତଦନ୍ତ କରିଥିଲେ। ୨ଜଣ ଓଡ଼ିଆ ଯୁବକ ଥିବା ବେଳେ ଆଉ ୪ଜଣ ଅଣଓଡ଼ିଆ ଥିଲେ ବୋଲି ଗୋବିନ୍ଦା ସିଂହ କହିଛନ୍ତି। ଗୁରୁବାର ପୋଲିସ ଏକ ମାମଲା (ନଂ.୧୫୫/୨୬) ରୁଜୁକରି ଘଟଣାସ୍ଥଳରେ ପହଞ୍ଚିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି। ବୁଧବାର ରାତି ପ୍ରାୟ ୯ଟା ୩୦ରେ ପରିବାର ଲୋକେ ଘର ଭିତରେ ଖାଉଥିଲେ। ହଠାତ୍ ୬ଜଣ ଦୁର୍ବୃତ୍ତ ହାତରେ ତେଲେଙ୍ଗା କଟୁରୀ, ବନ୍ଧୁକ ଧରି ଖାଉଥିବା ହଲରେ ପହଞ୍ଚି ଘରର ମାଲିକ ଗୋବିନ୍ଦା ସିଂହଙ୍କ ମୁହଁରେ ପ୍ରଥମେ ବ୍ଲାକ ଟେପ୍ ଗୁଡ଼ାଇ ଦେଇଥିଲେ। ପରେ ଘରେ ସ୍ତ୍ରୀ ଲୋକଙ୍କ ମୁହଁରେ ବ୍ଲାକ ଟେପ୍ ଗୁଡ଼ାଇ ଦେଇ ବନ୍ଧୁକ ଦେଖାଇ ସମସ୍ତ ମୋବାଇଲ ନେଇ ଯାଇଥିଲେ। ପରେ ଆଲମିରା ଚାବି ମାଗିଥିଲେ। ପରିବାର ଲୋକେ ଭୟଭୀତ ହୋଇ ଚାବି ଦେବା ପରେ ଲକରରେ ଥିବା ନଗଦ ୨୦ଲକ୍ଷ ଟଙ୍କା, ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇ ଦୁଇଟି ବାଇକରେ ଫେରାର ହୋଇଯାଇଥିଲେ।

**ଅବଶିଷ୍ଟାଂଶ**

## ନାଲ୍‌କୋ ନୀତିରେ ...

ଉତ୍ତର ରଖୁନାହିଁ। ଏପରିସ୍ଥଳେ ନାଲ୍‌କୋ ସାଧାରଣ ଲୋକଙ୍କ କଥା କ'ଣ ଶୁଣିବ। ନୂଆଁସାହି ଗ୍ରାମ ସଭାପତି ବିଭୂତି ଭୂଷଣ ତ୍ରିପାଠୀ କହିଥିଲେ, ପୋଲିସର ଭୟ ଦେଖାଇ ଲୋକଙ୍କଠାରୁ ଜମି ନେବାକୁ ଚାହିଁଲେ କେବେହେଲେ ସମ୍ଭବ ହେବନାହିଁ। ଏପରି ଭାବେ ଜମି ହରାଇବାକୁ ଥିବା ଲୋକଙ୍କ ମଧ୍ୟରୁ ପାଖାପାଖି ୫୦ ଜଣ ମତ ରଖିବା ସହ ଜମି ଦେବେନାହିଁ ବୋଲି କହିଥିଲେ। ପ୍ରତିଥର ପ୍ରଶାସନ ଦାବି ରଖିବାକୁ ସୁଯୋଗ ଦେଉନାହିଁ। କୌଣସି ଦାବିର ଉତ୍ତର ଆଜିଯାଏ ପାଇପାରିଲୁ ନାହିଁ। ତେଣୁ ଏହି ପୁନର୍ବାସ ଓ ଥଇଥାନ ଜନଶୁଣାଣି ବିଫଳ ହୋଇଥିବା କ୍ଷତିଗ୍ରସ୍ତ ପ୍ରଜାମାନେ କହିଥିଲେ। ଅପରପକ୍ଷରେ ବୈଠକ ଶେଷରେ ଗଣମାଧ୍ୟମକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହାପାତ୍ର କହିଥିଲେ, ଶାନ୍ତିଶୃଙ୍ଖଳାର ସହ ବୈଠକ ସଫଳ ହୋଇଛି। ଲୋକଙ୍କ ଦାବି ଉପରେ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି (ଆର୍‌ପିଡିଏସି) ବୈଠକରେ ଆଲୋଚନା କରାଯିବ।

## ବିଧାୟକଙ୍କ ଦରମା, ...

ହୋଇଥିଲା। ହେଲେ ଚାରିଆଡୁ ବିରୋଧ ହେବାରୁ ସରକାରଙ୍କ ପକ୍ଷରୁ ଏହାକୁ ପ୍ରତ୍ୟାହାର କରିନେବା ପାଇଁ ନିଷ୍ପତ୍ତି ନିଆଯାଉଥିବା ଜଣାପଡ଼ିଛି।

# ମଞ୍ଚ ନାଟକ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବଢୁଛି



**ଆଜି ବିଶ୍ୱ ରଙ୍ଗମଞ୍ଚ ଦିବସ**

**ପରିବ୍ୟାପ୍ତ ହେଉଛି ନାଟକ। ସମୟ ସହ ତାଳଦେଇ ବଦଳୁଛି ଏହାର ଧାରା। ସୋସିଆଲ ମିଡିଆ, ଟେଲିଭିଜନ୍‌ର ବହୁଳ ଆଦୃତି ସତ୍ତ୍ୱେ ନାଟକ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇନାହିଁ, ବରଂ ନାଟ୍ୟରଚନା, ଉପସ୍ଥାପନା ଶୈଳୀ ସମେତ ବିଭିନ୍ନ ଦିଗକୁ ନେଇ ଚାଲିଥିବା ପରୀକ୍ଷାନିରୀକ୍ଷାରେ ଏହା ପାଇଛି ନୂତନ ପରିଚୟ। ଆଉ ଏବେ ଯୁବପିଢ଼ି ବିଭିନ୍ନ ମଞ୍ଚ ନାଟକ ଦେଖିବାକୁ ପ୍ରେକ୍ଷାଳୟମୁହାଁ ହେଉଛନ୍ତି। ଶୁକ୍ରବାର ବିଶ୍ୱ ରଙ୍ଗମଞ୍ଚ ଦିବସ ଅବସରରେ ସ୍ୱତନ୍ତ୍ର ଉପସ୍ଥାପନା।**

### ଯୁବପିଢ଼ିଙ୍କ ମଧ୍ୟରେ ନାଟକ ଦେଖିବା ଆଗ୍ରହ ବଢ଼ିଛି



ନାଟକ ସଂଖ୍ୟା ଆଗ ଅପେକ୍ଷା ବଢ଼ିଛି। ରାଜଧାନୀର ବିଭିନ୍ନ ରଙ୍ଗମଞ୍ଚରେ ନାଟକ ମଞ୍ଚସ୍ଥ ହେବା ସହ ପ୍ରତ୍ୟେକ ଜିଲା ମହକୁମା ଅଡିଟୋରିୟମରେ ପରିବେଷଣ ହେଉଛି। ଯୁବପିଢ଼ିଙ୍କ ମଧ୍ୟ ନାଟକ ଦେଖିବାକୁ ଆଗ୍ରହ ବଢୁଥିବା ଲକ୍ଷ୍ୟ କରାଯାଉଛି। ଆଗରୁ ମଞ୍ଚରେ ସିଟ୍ ଖାଲି ଥିବାବେଳେ ଏବେ ସେଥିରେ ଉନ୍ନତି ଦେଖାଯାଇଛି। କିନ୍ତୁ ପରିତାପର ବିଷୟ, କେତେଜଣ ଅଣନାଟ୍ୟକାର ବର୍ତ୍ତମାନ ସମୟରେ ଏକ ପ୍ରକାର ଉଦ୍ଭଟ ନାଟକ ସୃଷ୍ଟି କରୁଛନ୍ତି। ଯେଉଁଥିରେ କେବଳ କବିତା, ଗଳ୍ପ, ଦର୍ଶନକୁ ନେଇ ନାଟକ ପରିବେଷଣ କରୁଛନ୍ତି। ଏସବୁରେ କେବଳ ସାହିତ୍ୟ ରହିଛି, କାହାଣୀ ନାହିଁ। ନାଟକରେ ନାଟକୀୟତା ଦେଖିବାକୁ ମିଳୁନାହିଁ।

**-ପ୍ରଦୀପ କୁମାର ବିଶ୍ୱାଳ,**
**ନାଟ୍ୟକାର, ମଞ୍ଚ ନାଟ୍ୟ ନିର୍ଦ୍ଦେଶକ**

### ନାଟକର ଲୋକପ୍ରିୟତା ବଢୁଛି, ୨ ମଣ୍ଡପରେ ସୀମିତ



ଆଗ ଅପେକ୍ଷା ନାଟକର ଲୋକପ୍ରିୟତା ବୃଦ୍ଧିପାଉଛି। ଯୁବପିଢ଼ି ମଧ୍ୟ ନାଟକ ଦେଖିବକୁ ପସନ୍ଦ କରୁଛନ୍ତି। ଭୁବନେଶ୍ୱରରେ ଥିବା ରବୀନ୍ଦ୍ର ମଣ୍ଡପ ଓ ଭଞ୍ଜକଳା ମଣ୍ଡପରେ ବର୍ତ୍ତମାନ ନାଟକ ପରିବେଷଣ ହେଉଛି। ଯୁବପିଢ଼ି ଆଗକୁ ଆସିଲେ ଆମର ନାଟକ, ସାହିତ୍ୟ ପରମ୍ପରା ଆଗକୁ ଯିବ। ବଡ଼ କଥା ହେଉଛି, ଭୁବନେଶ୍ୱରରେ କେବଳ ୨ଟି ମଣ୍ଡପରେ ନାଟକ ସୀମିତ ରହିଯାଉଛି। ଏବେ ପ୍ରତେକ ଦିନ ନାଟକ ମଞ୍ଚସ୍ଥ ହେଉଥିବା ବେଳେ ମଣ୍ଡପ ଖାଲି ରହୁନି, ଫଳରେ ଅପେକ୍ଷା କରିବାକୁ ପଡୁଛି। ସେହିପରି କରମଣ୍ଡଳ ପ୍ରେକ୍ଷାଳୟର ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ଯଦି ଏହା ଶୀଘ୍ର ଖୋଲନ୍ତା ଅନେକ ସଂସ୍ଥା ଉପକୃତ ହୁଅନ୍ତେ।

**-ସତ୍ୟ ଜେନା, ମଞ୍ଚ ନାଟ୍ୟ ନିର୍ଦ୍ଦେଶକ**

### ସରକାର ରାଜ୍ୟରେ ନାଟକ ଇଣ୍ଡଷ୍ଟ୍ରି କରନ୍ତୁ



ବାସ୍ତବଧର୍ମୀ ନାଟକ ଦେଖିବା ପାଇଁ ଦର୍ଶକଙ୍କ ଆଗ୍ରହ ବଢୁଥିବା ଲକ୍ଷ୍ୟକରାଯାଉଛି। ୧୩ ବର୍ଷ ଧରି ମୁଁ ମଞ୍ଚ ନାଟକ ଦୁନିଆରେ ଅଭିନୟକରି ଆସିଛି। ବର୍ତ୍ତମାନ ମଞ୍ଚ ନାଟକରେ ଅଭିନୟ ଲାଗି ଅନେକ ଯୁବପିଢ଼ି ମନବଳଉଛନ୍ତି। କିନ୍ତୁ ଏଥିରେ ଅଭିନୟକରି ପେଟ ପୋଷିବା କଷ୍ଟସାଧ୍ୟ। କିନ୍ତୁ ରାଜ୍ୟ ସରକାରଙ୍କୁ ଅନୁରୋଧ ଯେଭଳି ଫିଲ୍ମ ଇଣ୍ଡଷ୍ଟ୍ରି ରହିଛି, ସେହିପରି ଏଠାରେ ଗୋଟିଏ ନାଟକ ଇଣ୍ଡଷ୍ଟ୍ରି କରନ୍ତୁ। ଆଉ ସଙ୍ଗୀତ ଏକାଡେମି ପୁରସ୍କାରପ୍ରାପ୍ତ କଳାକାରଙ୍କ ଅନୁଷ୍ଠାନରେ କାର୍ଯ୍ୟରତ କଳାକାରଙ୍କୁ କିଛି ପାରିଶ୍ରମିକ ମଧ୍ୟ ଦେବାର ବ୍ୟବସ୍ଥା କରନ୍ତୁ।

**-ଦେବୀ ପ୍ରସାଦ ଦାସ, ମଞ୍ଚ ଅଭିନେତା**

ରିପୋର୍ଟ: ସୌମ୍ୟରଞ୍ଜନ ରାଉତ

ଦେଶର ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସଫଳତାର ସହ କଳିଙ୍ଗ ଷ୍ଟାଡିୟମରେ ସମ୍ପନ୍ନ ହୋଇଛି। ଏଥିସହ ଭାରତ ଏବଂ ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ିହୋଇଛି ଏକ ନୂଆ ଅଧ୍ୟାୟ। ଦେଶର ପ୍ରଥମ ରାଜ୍ୟ ଭାବେ ଏକ ବିଶ୍ୱସ୍ତରୀୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରି ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଥିବା ଓଡ଼ିଶା ବଡ଼ ପ୍ରତିଯୋଗିତାକୁ ସଫଳ ଆୟୋଜନ ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛି...

# ନୂଆ ଅଧ୍ୟାୟ



ସ୍ୱାଧୀନ କୁମାର ମାଝୀ

**ଭା**ରତ ଏବଂ ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ିହୋଇଛି ଏକ ନୂଆ ଅଧ୍ୟାୟ। ଦେଶର ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସଫଳତାର ସହ କଳିଙ୍ଗ ଷ୍ଟାଡିୟମରେ ସମ୍ପନ୍ନ ହୋଇଛି। ଦେଶର ପ୍ରଥମ ରାଜ୍ୟ ଭାବେ ଏକ ବିଶ୍ୱସ୍ତରୀୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରି ଭାରତୀୟ କ୍ରୀଡ଼ାକ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ଓଡ଼ିଶା। ଫଳରେ ଦେଶର ଅଘୋଷିତ 'କ୍ରୀଡ଼ା ରାଜଧାନୀ' ଭାବେ ଓଡ଼ିଶାର ସ୍ଥିତି କ୍ରମେ ଦୃଢ଼ ହେବାରେ ଲାଗିଛି। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୨୪ ଓ ୨୫ ତାରିଖ ଦୁଇଦିନଧରି ଅନୁଷ୍ଠିତ ପ୍ରତିଯୋଗିତାର ମୋଟ୍ ୩୬ଟି ଇଭେଣ୍ଟରେ ୨୭୮ ଆଥ୍‌ଲେଟ୍ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୯୭ ମହିଳା ରହିଥିଲେ। ଓଡ଼ିଶାରୁ ମୋଟ୍ ୩୩ ଆଥ୍‌ଲେଟ୍ ଭାଗ ନେଇଥିବାବେଳେ ଏହା ମଧ୍ୟରେ ୧୩ ମହିଳା ଓ ୨୦ ପୁରୁଷ ସାମିଲ ଥିଲେ। ଦୁଇ ଦିନବିଶିଷ୍ଟ ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।

**ଛାପ ଛାଡ଼ିଲେ ଓଡ଼ିଶା ଆଥଲେଟ୍**

ଦେଶରେ ପ୍ରଥମଥରପାଇଁ ଅନୁଷ୍ଠିତ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଏକାଧିକ ରେକର୍ଡ ସୃଷ୍ଟି ହୋଇଥିବାବେଳେ ଓଡ଼ିଶା ଆଥଲେଟ୍‌ମାନେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ଓଡ଼ିଶାକୁ ୪ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୩ ବ୍ରୋଞ୍ଜ ସମେତ ମୋଟ ୧୪ଟି ପଦକ ମିଳିଛି। ସ୍ୱର୍ଣ୍ଣିମ ସଫଳତା ପାଇଥିବା ଆଥଲେଟ୍‌ମାନେ ହେଲେ ଓଁକାର ପ୍ରସାଦ ନନ୍ଦ, ସରୁନ ପାୟାସିଂ, ସ୍ୱାଧୀନ କୁମାର ମାଝି ଓ ଦୋଳମଣି ଚିରଗୁନ। ସେହିପରି ଲାଲୁ ପ୍ରସାଦ ଭୋଇ, ବାପି ହାଁସଦା, ସୁଖି ବାସ୍କେ, ଲକ୍ଷ୍ମୀପ୍ରିୟା କିଷାନ, ସବିତା ଟପ୍ପୋ, ମନୀଷା ମେରେଲ, ଅର୍ପିତା ପ୍ରିୟଦର୍ଶିନୀ ରୌପ୍ୟ ଏବଂ ଆର୍ଯ୍ୟନ ଏକ୍କା, ନରେସ ରୋହିଦାସ ଓ ସୁସ୍ମିତା ଟିଗା ବ୍ରୋଞ୍ଜ ପଦକ ତାଲିକାରେ ସାମିଲ ହୋଇଛନ୍ତି। ଓଡ଼ିଶାକୁ ରେସ୍ ଇଭେଣ୍ଟରେ ସର୍ବାଧିକ ୯ଟି, ଜମ୍ପ ଇଭେଣ୍ଟରେ ୪ଟି ଓ ଥ୍ରୋ ଇଭେଣ୍ଟରେ ଗୋଟିଏ ପଦକ ମିଳିଛି। ଘରୋଇ ପରିବେଶରେ ଇନ୍‌ଡୋରର ଭିନ୍ନ ବାତାବରଣର ଅନୁଭୂତି ନେଇଛନ୍ତି ରାଜ୍ୟ ଏବଂ ବାହାରର ଆଥଲେଟ୍। ଓଡ଼ିଶା ହାଇପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଥିବା ଅନିମେଶ କୁଜୁର ଏବଂ ଦୋଣ୍ଡାପତି ମୃତ୍ୟମ ଜୟରାମ ୬୦ ମିଟର ରେସ୍‌ପାଇଁ ଅଯୋଗ୍ୟ ବିବେଚିତ ହେବା ଯଦିଓ ଘରୋଇ ଦର୍ଶକଙ୍କଲାଗି ନୈରାଶ୍ୟ ଆଣିଥିଲା ତେବେ ଅନ୍ୟ ଆଥଲେଟ୍‌ମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ଦେଶର ପ୍ରତିଷ୍ଠିତ ଆଥଲେଟ୍‌ଙ୍କୁ ଟକ୍କର ଦେଇ ରାଜ୍ୟକୁ ଗର୍ବିତ କରିଥିଲେ।



ବରନିକା ଇଲାନଗୋଭାନ



ଅର୍ପିତା ପ୍ରିୟଦର୍ଶିନୀ

> "କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ ଏକ ଐତିହାସିକ ମୁହୂର୍ତ୍ତ। ଏଥି ସହିତ ଇନ୍‌ଡୋର ହଲ୍‌କୁ ନେଇ ଉଠୁଥିବା ସମସ୍ତ ପ୍ରଶ୍ନର ଅନ୍ତ ଘଟିଛି ଏବଂ ଏହି ଇଭେଣ୍ଟ ୨୦୨୮ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ମାର୍ଗ ପ୍ରଶସ୍ତ କରିଛି।"
>
> *-କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ*



ଓଁକାର ପ୍ରସାଦ ନନ୍ଦ



ସରୁନ୍ ପାୟାସିଂ



ଦୋଳମଣି ଚିରଗୁନ



## ପଦକ ବିଜୟୀ ଓଡ଼ିଶା ଆଥ୍‌ଲେଟ୍

| ଆଥଲେଟ୍ | ଇଭେଣ୍ଟ | ଟାଇମିଂ/ଦୂରତ୍ୱ |
|---|---|---|
| **ସ୍ୱର୍ଣ୍ଣ** | | |
| ସ୍ୱାଧୀନ କୁମାର ମାଝୀ | ପୁରୁଷ ହାଇଜମ୍ପ | ୨.୧୮ ମିଟର |
| ସରୁନ ପାୟାସିଂ | ପୁରୁଷ ଲଙ୍ଗଜମ୍ପ | ୭.୮୦ ମିଟର |
| ଦୋଳମଣି ଚିରଗୁନ | ପୁରୁଷ ୩୦୦୦ମି. ରେସ (୨୦ ବର୍ଷରୁ କମ୍) | ୮:୩୯.୧୩ ସେକେଣ୍ଡ |
| ଓଁକାର ପ୍ରସାଦ ନନ୍ଦ | ପୁରୁଷ ଶଟ୍‌ପୁଟ | ୧୭.୭୭ ମିଟର (୨୦ ବର୍ଷରୁ କମ୍) |
| **ରୌପ୍ୟ** | | |
| ଲାଲୁ ପ୍ରସାଦ ଭୋଇ | ପୁରୁଷ ୬୦ ମିଟର ରେସ୍ | ୬.୬୫ ସେକେଣ୍ଡ |
| ବାପି ହାଁସଦା | ପୁରୁଷ ୪୦୦ ମିଟର ରେସ୍ (୨୦ ବର୍ଷରୁ କମ୍) | ୪୯.୨୭ ସେକେଣ୍ଡ |
| ସୁଖି ବାସ୍କେ | ମହିଳା ୪୦୦ ମିଟର ରେସ୍ (୨୦ ବର୍ଷରୁ କମ୍) | ୫୫.୭୭ ସେକେଣ୍ଡ |
| ଲକ୍ଷ୍ମୀପ୍ରିୟା କିଷାନ | ମହିଳା ୮୦୦ ମିଟର ରେସ୍ | ୨:୧୩.୨୦ ସେକେଣ୍ଡ |
| ସବିତା ଟପ୍ପୋ | ମହିଳା ୬୦ ମିଟର ହର୍ଡଲ୍ସ | ୮.୪୦ ସେକେଣ୍ଡ |
| ମନୀଷା ମେରେଲ | ମହିଳା ଲଙ୍ଗଜମ୍ପ | ୬.୦୪ ମିଟର |
| ଅର୍ପିତା ପ୍ରିୟଦର୍ଶିନୀ | ମହିଳା ୪୦୦ ମିଟର ରେସ୍ (୨୦ ବର୍ଷରୁ କମ୍) | ୧:୦୦.୪୮ ସେକେଣ୍ଡ |
| **ବ୍ରୋଞ୍ଜ** | | |
| ଆର୍ଯ୍ୟନ ଏକ୍କା | ପୁରୁଷ ୪୦୦ ମିଟର ରେସ୍ | ୪୯.୮୬ ସେକେଣ୍ଡ |
| ନରେସ ରୋହିଦାସ | ପୁରୁଷ ଟ୍ରିପଲ ଜମ୍ପ | ୧୩.୯୨ ସେକେଣ୍ଡ |
| ସୁସ୍ମିତା ଟିଗା | ମହିଳା ୩୦୦୦ମି. ରେସ୍ | ୧୦:୨୨.୩୦ ସେକେଣ୍ଡ |

**ଚର୍ଚ୍ଚାରେ ମହିଳା ପୋଲଭଲ୍ଟ**

ଓଡ଼ିଶା ବାହାର ରାଜ୍ୟର ପ୍ରତିଯୋଗୀଙ୍କ ମଧ୍ୟରେ ସବୁଠାରୁ ଅଧିକ ଚର୍ଚ୍ଚିତ ରହିଥିଲେ ତାମିଲନାଡୁର ବରନିକା ଇଲାନଗୋଭାନ। ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ପୋଲଭଲ୍ଟରେ ସେ ଚମତ୍କାର ପ୍ରଦର୍ଶନ କରି ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିଲେ। ସେ ୪.୨୨ ମିଟର କ୍ଲିୟର କରି ଜାତୀୟ ରେକର୍ଡ ଭାଙ୍ଗିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୪.୨୫ ମିଟର କ୍ଲିୟର କରି ନିଜ ରେକର୍ଡରେ ଉନ୍ନତି ଆଣିବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରି ନ ଥିଲେ ମଧ୍ୟ ତାଙ୍କର ଏହି ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲା। ପୂର୍ବରୁ ୨୦୨୨ରେ ରୋଜି ମୀନା ପଲରାଜ ୪.୨୧ ମିଟର ସହ ରେକର୍ଡର ଅଧିକାରିଣୀ ଥିଲେ। ବରନିକା ୨୦୧୬ରୁ ମିଲବେର ବେରଟ୍ରାଣ୍ଡ ରସେଲଙ୍କଠାରୁ କୋଚିଂ ନେଇ ଆସୁଛନ୍ତି।



ନିର୍ମଳ କୁମାର ମିଶ୍ର

# ଆଇପିଏଲ୍ ରୋମାଞ୍ଚ

ମାର୍ଚ୍ଚ ୨୮ରୁ ଆରମ୍ଭ ହେବାକୁ ଯାଉଛି ଆଇପିଏଲ୍ ରୋମାଞ୍ଚ। ଏହି ବ୍ୟୟବହୁଳ ଟି୨୦ କ୍ରିକେଟ ଲିଗ୍‌ପାଇଁ କ୍ଷେତ୍ର ପ୍ରସ୍ତୁତ। ଉଷ୍ମତା କ୍ରମେ ବଢ଼ିବାରେ ଲାଗିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ...

**ଗୋ**ଟିଏ ଦିନପରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱର ସବୁଠାରୁ ଲୋକପ୍ରିୟ ପ୍ରଫେଶନାଲ ଟି୨୦ କ୍ରିକେଟ ଲିଗ୍ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍)। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ଭେନ୍ୟୁରେ ଏହି ମ୍ୟାଚଗୁଡ଼ିକ ଖେଳାଯିବ। ବେଙ୍ଗାଲୁରୁ, ମୁମ୍ବାଇ, ଗୁଆହାଟୀ, ଧର୍ମଶାଳା, ଜୟପୁର, ନ୍ୟୁ ଚଣ୍ଡିଗଡ, ଲକ୍ଷ୍ନୌ, କୋଲକାତା, ଚେନ୍ନାଇ, ଦିଲ୍ଲୀ, ଅହମଦାବାଦ, ହାଇଦ୍ରାବାଦରେ ମ୍ୟାଚ ଅନୁଷ୍ଠିତ ହେବ। ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ, କେରଳ ଓ ପୁଡୁଚେରିରେ ନିର୍ବାଚନ ପାଇଁ ଦୁଇଟି ପର୍ଯ୍ୟାୟରେ ଲିଗ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଇତିମଧ୍ୟରେ ବିସିସିଆଇ କାର୍ଯ୍ୟସୂଚୀ ଘୋଷଣା କରିଛି। ପ୍ରଥମ ମ୍ୟାଚ ୨୦୧୬ର ଟାଇଟଲ ବିଜେତା ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଅନୁଷ୍ଠିତ ହେବ। ଏହି ବ୍ୟୟ ବହୁଳ ଲିଗ୍‌ପାଇଁ କ୍ୟାପ୍ଟେନ୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ ଦଳର ଅଧିନାୟକ ଶୁବମନ ଗିଲ୍, ହାର୍ଦ୍ଦିକ ପାଣ୍ଡ୍ୟା, ଶ୍ରେୟସ ଆୟର, ରିଷଭ ପନ୍ତ, ରିୟାନ ପରାଗ, ଋତୁରାଜ ଗାଏକ୍ୱାଡ, ରଜତ ପଟିଦାର, ଇଶାନ କିଶନ, ଅକ୍ଷର ପଟେଲ ଓ ଅଜିଙ୍କ୍ୟ ରାହାନେ ଯୋଗ ଦେଇଥିଲେ। ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବିଭୀଷିକା, ଶେଷ ମୁହୂର୍ତ୍ତରେ ରାଜସ୍ଥାନ ରୟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ମାଲିକାନା ସ୍ୱତ୍ୱ ବିକ୍ରି, ବହୁ ନାମୀଦାମୀ ବିଦେଶୀ ଖେଳାଳିଙ୍କ ଆଘାତ ସମସ୍ୟା ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ଆଇପିଏଲ୍‌ର ୧୯ଶ ସଂସ୍କରଣ। ୧୦ଟି ଦଳ ମଧ୍ୟରେ ବଡ଼ ପରିବର୍ତ୍ତନ ହୋଇଥିବା ବେଳେ ଫୋକସ୍‌ରେ କିଛି ନୂଆ ଖେଳାଳି ରହିବେ। ଭାଗ ନେଇଥିବା ସମସ୍ତ ୧୦ଟି ଦଳର ଅଧିନାୟକ ଭାରତୀୟ ଖେଳାଳି ରହିଛନ୍ତି। ସନରାଇଜର୍ସ ହାଇଦ୍ରାବାଦର ଅଧିନାୟକ ରୂପେ ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସ ଏକ ମାତ୍ର ବିଦେଶୀ ଖେଳାଳି ରହିଥିଲେ। ମାତ୍ର ଆଘାତ ସମସ୍ୟା ପାଇଁ ତାଙ୍କ ଆସିବାରେ ବିଳମ୍ବ ହୋଇଥିବାରୁ ଇଶାନ କିଶାନଙ୍କୁ ଗୁରୁଦାୟିତ୍ୱ ମିଳିଛି।

ଇତି ମଧ୍ୟରେ ବିସିସିଆଇ ୨୦୨୬ ସଂସ୍କରଣ ପାଇଁ ୭ଟି ନୂଆ ନିୟମରେ ପରିବର୍ତ୍ତନ କରିଛି, ଯାହାକି ୨୦୨୫ ଆଇପିଏଲ୍ ସଂସ୍କରଣରେ ନ ଥିଲା। ଆଇପିଏଲ୍‌କୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଟିମ୍ ଏବଂ ଖେଳାଳିମାନଙ୍କ ଲାଗି କିଛି କଡା ନିୟମ କରାଯାଇଛି। ମ୍ୟାଚ ଦିନ ଅଭ୍ୟାସ କରିବା ପାଇଁ ଟିମଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ। ଦୁଇଟିରୁ ଅଧିକ ପ୍ରାକ୍ଟିସ ମ୍ୟାଚ ପାଇଁ ଅନୁମତି ମିଳିବ ନାହିଁ। ଏଥିପାଇଁ ବିସିସିଆଇର ସ୍ୱତନ୍ତ୍ର ଅନୁମତିର ଆବଶ୍ୟକତା ରହିଛି। ପ୍ରାକ୍ଟିସ ପାଇଁ ନେଟ୍‌ସକୁ ଦୁଇ ଦଳ ଏକସଙ୍ଗେ କରିପାରିବେନି। ପୁନର୍ବାର ହୋମ ଭେନ୍ୟୁରେ ଖେଳୁଥିବା ଟିମ୍ ପ୍ରଥମ ମ୍ୟାଚର ୪ଦିନ ପୂର୍ବରୁ ଟ୍ରେନିଂ ବନ୍ଦ ରଖିବେ। ପ୍ରତ୍ୟେକ ଟିମ୍‌ର ପ୍ରାକ୍ଟିସ ପାଇଁ ନୂଆ ପିଚ୍‌ର ବ୍ୟବହାର କରାଯିବ। ଏଲ୍‌ଇଡି ବୋର୍ଡ ପାଖରେ କୌଣସି ଖେଳାଳି ବସି ପାରିବେ ନାହିଁ। ପରିବାର ଓ ସମ୍ପର୍କୀୟମାନେ ଖେଳାଳିଙ୍କ ସହ ଯାତ୍ରା କରିପାରିବେ ନାହିଁ। ସେହିପରି ବିସିସିଆଇ ଦ୍ୱାରା ନିୟୋଜିତ ବସ୍‌ରେ ହୋଟେଲ ରୁମକୁ ଫେରିବା ବାଧ୍ୟତାମୂଳକ କରାଯାଇଛି। ଅନ୍ୟ ପକ୍ଷରେ ମ୍ୟାଚଗୁଡ଼ିକ ରାତ୍ରିରେ ଖେଳାଯାଉଥିବାରୁ ଦ୍ୱିତୀୟ ଇନିଂସରେ ବୋଲିଂ କରୁଥିବା ଟିମ୍‌ଗୁଡ଼ିକ ପାଇଁ ୧୦ଓଭର ପରେ ଅଧିନାୟକ ଚାହିଁଲେ ନୂଆ ବଲ୍ ବ୍ୟବହାର ପାଇଁ ଦୁଇ ଫିଲ୍ଡ ଅମ୍ପାୟରଙ୍କ ଅନୁମତି ନେଇ ପାରିବେ। କାକର ସମସ୍ୟା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ସ୍ପିନ ବୋଲରମାନଙ୍କ ସୁବିଧା ପାଇଁ ଏପରି ନିୟମ ପ୍ରଣୟନ କରାଯାଇଛି। ଭାଗ ନେଉଥିବା ୧୦ ଦଳର ଅଧିନାୟକ, ଟିମ୍ ମ୍ୟାନେଜମେଣ୍ଟ, ଫ୍ରାଞ୍ଚାଇଜ ମାଲିକମାନଙ୍କ ସହ ଆଲୋଚନା କରି ବୋଲରମାନେ ବୋଲିଂ ପୂର୍ବରୁ ବଲର ସାଇନିଂ ପାଇଁ ସାଲିଭା ବ୍ୟବହାର କରିପାରିବେ। ଗୋଟିଏ ମ୍ୟାଚ ସମାପ୍ତ ହେବା ପାଇଁ ୩ ଘଣ୍ଟା ୩୦ମିନିଟ୍ ସମୟ ଧାର୍ଯ୍ୟ କରାଯାଇଛି।

ଆବୁଧାବି ମିନି ଅକସନ୍‌ରୁ ଆରମ୍ଭ ହୋଇଥିଲା ଆଇପିଏଲ୍-୧୯ କାଉଣ୍ଟଡାଉନ୍। ମାର୍ଚ୍ଚ ୨୮ ତାରିଖରୁ ମେ ୩୧ ପର୍ଯ୍ୟନ୍ତ ଏହି ଲିଗ୍ ଅନୁଷ୍ଠିତ ହେବ। ୧୦ ଦଳ ମଧ୍ୟରେ ୭୪ଟି ମ୍ୟାଚ ଖେଳାଯିବ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଗତ ୨୦୨୫ ସଂସ୍କରଣର ଚାମ୍ପିୟନ ରହିଛି। ଏହା ଆର୍‌ସିବିର ପ୍ରଥମ ଆଇପିଏଲ୍ ଟାଇଟଲ ଥିଲା। ଫ୍ରାଞ୍ଚାଇଜମାନେ ସେମାନଙ୍କର ଖେଳାଳି ରିଟେନଶନ୍ ପ୍ରକ୍ରିୟା ନଭେମ୍ବର ୧୫ ତାରିଖ ସୁଦ୍ଧା ସରିଥିବା ବେଳେ ମିନି ଅକ୍ସନ୍ ପ୍ରକ୍ରିୟା ଡିସେମ୍ବର ୧୬ ତାରିଖରେ ୨ଟି ପର୍ଯ୍ୟାୟରେ ସମାପ୍ତ ହୋଇଥିଲା।

କୋଲକାତା ନାଇଟ ରାଇଡର୍ସ ୪୦ଜଣ ମାର୍କି ଖେଳାଳିଙ୍କ ମଧ୍ୟରୁ ଅଷ୍ଟ୍ରେଲିଆନ୍ ଅଲରାଉଣ୍ଡର କାମେରନ୍ ଗ୍ରୀନ୍‌ଙ୍କୁ ସର୍ବାଧିକ ୨୫.୨୦କୋଟିରେ କିଣି ଅନ୍ୟ ଫ୍ରାଞ୍ଚାଇଜଙ୍କୁ ଚକିତ କରିଥିଲା। ଅନ୍ୟ ପକ୍ଷରେ ନାଇଟ ରାଇଡର୍ସ ଶ୍ରୀଲଙ୍କାର ଦ୍ରୁତ ବୋଲର ମାଥିଶା ପାଥିରାଣାଙ୍କୁ ମଧ୍ୟ ୧୮କୋଟି ଟଙ୍କାରେ କିଣି ଟିମ୍ ପୁନର୍ଗଠନ କରିବା ପାଇଁ ପ୍ରୟାସ କରିଛି। ଚେନ୍ନାଇ ସୁପର କିଙ୍ଗ୍ସର ଫ୍ରାଞ୍ଚାଇଜ ଉପରେ ଅନ୍ୟମାନଙ୍କର ନଜର ରହିଥିଲା। ଚତୁର ରଣନୀତି ମାଧ୍ୟମରେ ଭାରତୀୟ ଯୁବ ଖେଳାଳିମାନଙ୍କୁ ନେଇ ଟିମ୍ ପୁନର୍ଗଠନ କରିଥିଲା ଚେନ୍ନାଇ। ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରିଥିବା ଉତ୍ତର ପ୍ରଦେଶ ଅଲରାଉଣ୍ଡର ପ୍ରଶାନ୍ତ ଭୀର ଏବଂ ରାଜସ୍ଥାନ ରଣଜୀ ଦଳର ଉଇକେଟ କିପର ବ୍ୟାଟର କାର୍ତ୍ତିକ ଶର୍ମାଙ୍କୁ ୧୪.୨୦କୋଟି ଲେଖାଏ ଟଙ୍କାରେ କିଣି ସାହସିକ ପଦକ୍ଷେପ ନେଇଥିଲା। ରବୀନ୍ଦ୍ର ଜାଡେଜାଙ୍କ ପରି ଅଲରାଉଣ୍ଡରଙ୍କୁ ଦଳରୁ ରିଲିଜ କରିଥିବାରୁ ଭବିଷ୍ୟତକୁ ଲକ୍ଷ୍ୟ ରଖି ଏପରି ପଦକ୍ଷେପ ନେଇଛି। ୨୦୨୨ରେ ଆଭେଶ ଖାନଙ୍କ ଅନ୍‌କ୍ୟାପଡ ରେକର୍ଡ ୧୦ କୋଟିକୁ ଏହି ଦୁଇ ଖେଳାଳି ଅତିକ୍ରମ କରିଛନ୍ତି।

ଦୁର୍ଭାଗ୍ୟର କଥା ଯେ ଦୁଇ ଓଡ଼ିଆ ଖେଳାଳି ରାଜେଶ ମହାନ୍ତି ଓ ସ୍ୱସ୍ତିକ ସାମଲ ଶେଷ ମୁହୂର୍ତ୍ତରେ ନିଲାମୀ ପ୍ରକ୍ରିୟାରେ ସାମିଲ ହୋଇଥିଲେ ମଧ୍ୟ ବିକ୍ରି ହେଲେନି। ସେମାନଙ୍କ ବେସ୍ ପ୍ରାଇସ ୩୦ଲକ୍ଷ ଥିଲା। ଓଡ଼ିଶା ତରଫରୁ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ। ତେଣୁ ଓଡ଼ିଆ ଖେଳାଳିଙ୍କୁ ଅଣଦେଖା ପୁନର୍ବାର କରାଯାଇଥିବା ପରିଲକ୍ଷିତ ହୋଇଛି। ପୂର୍ବରୁ ବିପ୍ଳବ ସାମନ୍ତରାୟ, ହଳଧର ଦାସ ଓ ଶୁଭ୍ରାଂଶୁ ସେନାପତି ଆଇପିଏଲ୍ ଅନୁଭୂତି ରଖିଛନ୍ତି।



କ୍ୟାପ୍ଟେନ୍ସ ମିଟ୍‌ରେ ଉପସ୍ଥିତ ୧୦ ଦଳର ଅଧିନାୟକ

## କୀର୍ତ୍ତି

**ମ**ର୍ସିଡିଜ୍ କିମି ଆଣ୍ଟୋନେଲି ଚାଇନାରେ
ଫର୍ମୁଲା ୱାନ ରେସ ଜିତି
ସେକେଣ୍ଡ ସର୍ବ କନିଷ୍ଠ ଡ୍ରାଇଭର ତାଙ୍କ
ପୋଲ୍ ପୋଜିଶନ୍ କୀର୍ତ୍ତି
କୀର୍ତ୍ତି ଦେଖେ ନାହିଁ ଜାତି
ହାମିଲଟନଙ୍କ ଉତ୍ତରାଧିକାରୀ
କେ କହେ ରସେଲ ସାଥୀ..(୧)



ଜାତୀୟ ପାରା ଅଥଲେଟିକ୍ସରେ ଜାନକୀ
ଓରାମ ପାଇକି ସୁନା
ପଦକ ମାଆଙ୍କୁ ଉତ୍ସର୍ଗ କରିଛି
ଇଏ ନୂଆ କୀର୍ତ୍ତି ସିନା
ଭୁବନେଶ୍ୱରକୁ ଅନା
ରାଜ୍ୟର ଏ ରାଜଧାନୀ ଭାରତରେ
କ୍ରୀଡା ପୃଷ୍ଠ ଭୂମି ମିନା... ୨

ବିସିସିଆଇର ନମନ ପୁରସ୍କାର
ପଚିଶ ମସିହା ଶ୍ରେଷ୍ଠ
ଶୁବମନ ଗିଲ୍ ଓ ସ୍ମୃତି ମନ୍ଧାନା
ପୁଣି ହୋଇଛନ୍ତି ବେଷ୍ଟ
ଖେଳ ଅବା ପଢ଼ ପାଠ
ନିଷ୍ଠା ଧ୍ୟାନ ଲୟ ରଖୁଥିଲେ ଲୋକ
ବଢ଼ିବାକୁ ଖୋଲେ ବାଟ...(୩)

-ସୁବାସ ଚନ୍ଦ୍ର ପ୍ରଧାନ

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ